# ସକାଳ
THE SAKALA

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-263 ◆BHUBANESWAR ◆SATURDAY ◆22 MARCH 2025 ◆PAGE-14 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୨୬୩ ◆ଭୁବନେଶ୍ୱର ◆ଶନିବାର ◆୨୨ ମାର୍ଚ୍ଚ ୨୦୨୫ ◆ପୃଷ୍ଠା-୧୪ ◆ଟ.୬.୦୦




## ଆଜିଠାରୁ ଆଇପିଏଲ୍ ମହାସମର

■ କୋଲକାତା, ୨୧।୩ (ସମିସ): ଶନିବାରଠାରୁ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ମହାସମର ଆରମ୍ଭ ହେବ। ପୂର୍ବପରି ୨ଟି ଗ୍ରୁପରେ ୧୦ଟି ଦଳ, ୧୩ଟି ଭେନ୍ୟୁରେ ୭୪ଟି ମ୍ୟାଚ ଖେଳିବେ। ପ୍ରତ୍ୟେକ ଦଳ ୧୪ଟି ଲେଖାଏଁ ମ୍ୟାଚ୍ ଖେଳିବେ ଓ ପ୍ରଥମ ୪ଟି ଦଳ ପ୍ଲେ ଅଫ୍‌କୁ ଯୋଗ୍ୟତା ଅର୍ଜନ କରିବେ। ଉଦ୍‌ଘାଟନୀ ମ୍ୟାଚ୍‌ରେ ଡିଫେଣ୍ଡିଂ ଚାମ୍ପିଅନ୍ କୋଲକାତା ନାଇଟ୍ ରାଇଡର୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ଇଡେନ ଗାର୍ଡେନ୍ସରେ ମୁକାବିଲା ହେବ। ୬୫ ଦିନ ଧରି ଏହି ମହାସମର ମେ' ୨୫ ତାରିଖରେ ଗ୍ରାଣ୍ଡ ଫାଇନାଲ ସହ ଶେଷହେବ।

ବିସ୍ତୃତ ବିବରଣୀ ଖେଳ ପୃଷ୍ଠାରେ..

# ଦରମା କାଟିବାରୁ ବସ୍ ଜାଳିଦେଲେ ଡ୍ରାଇଭର; ୪ ମୃତ

■ ମୁମ୍ବାଇ, ୨୧।୩ (ଏଜେନ୍ସି): ଅପମାନର ପ୍ରତିଶୋଧ ନେବା ପାଇଁ ମଣିଷ କେତେ ତଳକୁ ଖସିପାରେ ତାହାର ଜ୍ୱଳନ୍ତ ଉଦାହରଣ ପୁନେର ହିଞ୍ଜୱାଡି ଅଞ୍ଚଳରେ ଦେଖିବାକୁ ମିଳିଛି। ନିଜ ଦରମା କାଟିବାକୁ ନେଇ କ୍ଷୁବ୍ଧ ହୋଇଥିବା ଜଣେ ଡ୍ରାଇଭର ସେ କାମ କରୁଥିବା ଘରୋଇ କମ୍ପାନୀର ମିନି ବସ୍‌ରେ ନିଆଁ ଲଗାଇ ଦେଇଛି। ଏହି ଘଟଣାରେ ୪ ଜଣଙ୍କ ମୃତ୍ୟୁ ହୋଇଛି। ୬ ଜଣ ଆହତ ହୋଇଛନ୍ତି। ତେବେ ଡ୍ରାଇଭର ଯେଉଁ ଚାରି ଜଣଙ୍କୁ ମାରିବାକୁ ଚାହୁଁଥିଲେ ସେମାନେ ବର୍ତ୍ତି ଯାଇଛନ୍ତି। ବୁଧବାର ସକାଳେ ଏହି ଘଟଣା ଘଟିଥିଲା। ପ୍ରଥମେ ଡ୍ରାଇଭର ଜନାର୍ଦ୍ଦନ ହମ୍ବରଡେକର ଏହାକୁ ଦୁର୍ଘଟଣା ଦର୍ଶାଇବାକୁ ପ୍ରୟାସ କରିଥିଲା। ବସ୍‌ରେ ନିଆଁ ଲଗାଇ ନିଜେ ଡେଇଁ ପଡ଼ିଥିଲେ। ଜେରା ସମୟରେ ନାନା ବାହାନା କରିଥିଲେ। ମାତ୍ର ▶ପୃଷ୍ଠା-୭

### ଯାହାକୁ ମାରିବାକୁ ଚାହୁଁଥିଲେ ସେ ବଞ୍ଚିଗଲେ



### ରାଜ୍ୟ କ୍ୟାବିନେଟରେ ୧୦ ପ୍ରସ୍ତାବକୁ ଅନୁମୋଦନ

# ଓଡ଼ିଶାରେ 'ଆୟୁଷ୍ମାନ ଭାରତ'

- ଉପକୃତ ହେବେ ରାଜ୍ୟର ୩.୪୬ କୋଟି ହିତାଧିକାରୀ
- ୭୦ରୁ ଊର୍ଦ୍ଧ୍ୱ ବୟସ୍କଙ୍କ ପରିବାରକୁ ୫ ଲକ୍ଷ ଚିକିତ୍ସା ସୁବିଧା
- ଥଇଥାନ ହେବେ ମୃତ ସରକାରୀ କର୍ମଚାରୀଙ୍କ ଦାୟାଦ
- ନୂଆକରି ଗଠନ ହେବ ଓଡ଼ିଶା ରାଜ୍ୟ ରାଜପଥ ପ୍ରାଧିକରଣ
- ଘରବାରିବିହୀନ ଲୋକଙ୍କୁ ସରକାର ଦେବେ ମାଗଣା ଜମି

■ ଭୁବନେଶ୍ୱର, ୨୧।୩ (ସମିସ): ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନା ସମେତ ୭ଟି ବିଭାଗର ମୋଟ ୧୦ଟି ପ୍ରସ୍ତାବ ଉପରେ ମୋହର ମାରିଛି ରାଜ୍ୟ କ୍ୟାବିନେଟ୍। ୨୦ ତାରିଖରେ ଅନୁଷ୍ଠିତ ବୈଠକରେ ନିଆଯାଇଥିବା ନିଷ୍ପତ୍ତିଗୁଡ଼ିକ ସଂକ୍ରାନ୍ତରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ସୂଚନା ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାର ଜନସାଧାରଣଙ୍କ ପାଇଁ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାକୁ ମିଳିତ ଭାବେ ଲାଗୁ କରିବା ପାଇଁ ରାଜ୍ୟ ସରକାର ଜାତୀୟ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କ ସହ ବୁଝାମଣା ପତ୍ର ସ୍ୱାକ୍ଷର କରିଛନ୍ତି। ଏହି ନୂଆ ସମନ୍ୱିତ ଯୋଜନାରେ ପ୍ରାୟ ୧.୦୩ କୋଟି ପରିବାରର ୩.୪୬ କୋଟି ହିତାଧିକାରୀ ଉପକୃତ ହେବେ। ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କା ଓ ମହିଳା ସଦସ୍ୟମାନେ ଅତିରିକ୍ତ ୫ ଲକ୍ଷ ଟଙ୍କାର ଦେୟମୁକ୍ତ ଚିକିତ୍ସା ସୁବିଧା ପାଇବେ। ଏହାସହ ୭୦ ବର୍ଷ ବା ତଦୂର୍ଦ୍ଧ୍ୱ ବୟସ୍କଙ୍କ ପାଇଁ 'ଆୟୁଷ୍ମାନ ବୟୋ-ବନ୍ଦନା ଯୋଜନା' ଲାଗୁ କରାଯିବ। ଏହି ଯୋଜନାରେ ବୟସ୍କଙ୍କ ପରିବାରକୁ ବାର୍ଷିକ ୫ ଲକ୍ଷ ଟଙ୍କାର ଦେୟ ମୁକ୍ତ ଚିକିତ୍ସା ଯୋଗାଇ ଦିଆଯିବ। ଏହି ହିତାଧିକାରୀମାନେ ସାରା ଦେଶର ୨୯ ହଜାର ତାଲିକାଭୁକ୍ତ ଘରୋଇ ଏବଂ ସରକାରୀ ହସ୍ପିଟାଲରେ ଦେୟମୁକ୍ତ ଚିକିତ୍ସା ପାଇବେ। ଏଥିପାଇଁ ୫ ବର୍ଷ ଅର୍ଥାତ ୨୦୨୫-୨୬ ରୁ ୨୦୨୯-୩୦ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ୨୭ ହଜାର ୧୯ କୋଟି ୨୫ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ଅନୁମୋଦନ କରିଛନ୍ତି। ଅନୁରୂପ ଭାବରେ ଆୟୁଷ୍ମାନ ବୟୋ-ବନ୍ଦନା ଯୋଜନାରେ ୬ ଲକ୍ଷ ହିତାଧିକାରୀ ଏଥିରେ ସାମିଲ ହେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ରାଜ୍ୟ କ୍ୟାବିନେଟ ଓଡ଼ିଶା ବେସାମରିକ ସେବା (ଥଇଥାନ ସହାୟତା) ନିୟମ, ୨୦୨୦ ଲାଗୁ ନେଇ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ୨୦୨୦ରେ ଏହି ନିୟମ ଲାଗୁ ହେବା ତାରିଖ ପୂର୍ବରୁ ଥଇଥାନ ସହାୟତା ସମ୍ବନ୍ଧିତ ସମସ୍ତ ବିଚାରାଧୀନ ଆବେଦନ ୧୯୯୦ରେ ପ୍ରଚଳିତ ନିୟମ ଅନୁଯାୟୀ ବିଚାର କରାଯିବ। ୨୦୨୦ ମସିହା ନିୟମ ଲାଗୁହେବା ▶ପୃଷ୍ଠା-୭

### ଅକଳରେ ଦିଲ୍ଲୀ ହାଇକୋର୍ଟ ବିଚାରପତି

# ଜଷ୍ଟିସ ଯଶୋବନ୍ତ ବର୍ମାଙ୍କ ଘରୁ ୧୫ କୋଟି ଠାବ !



■ ନୂଆଦିଲ୍ଲୀ, ୨୧।୩ (ଏଜେନ୍ସି): ରାଜଧାନୀ ଦିଲ୍ଲୀରୁ ନ୍ୟାୟିକ ବ୍ୟବସ୍ଥାକୁ କଳଙ୍କିତ କଲା ଭଳି ଏକ ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଦିଲ୍ଲୀ ହାଇକୋର୍ଟର ଜଣେ ବିଚାରପତିଙ୍କ ଘରେ ନିଆଁ ଲିଭାଇବା ବେଳେ ୧୫ କୋଟି ଟଙ୍କା ଠାବ ଘଟଣାର ସତ୍ୟାସତ୍ୟକୁ ନେଇ ଏବେ ବି ରହସ୍ୟ ଲାଗିରହିଛି। ଯଶୋବନ୍ତ ବର୍ମା (୫୬)ଙ୍କ ଘରୁ ଏତେ ମାତ୍ରାରେ ଟଙ୍କା କେଉଁଠୁ ଆସିଲା ତା' ବିଷୟରେ ଏ ପର୍ଯ୍ୟନ୍ତ କୌଣସି ସୂତ୍ରରୁ ସଠିକ୍ ଖବର ମିଳିପାରି ନାହିଁ। ଅନ୍ୟପକ୍ଷରେ ତାଙ୍କ ବାସଭବନରେ କିପରି ନିଆଁ ଲାଗିଲା ସେ ନେଇ ଦିଲ୍ଲୀ ଅଗ୍ନିଶମ ବିଭାଗ ପକ୍ଷରୁ ମଧ୍ୟ କୌଣସି ସୂଚନା ଦିଆଯାଇନାହିଁ।

ତେବେ ଆଶ୍ଚର୍ଯ୍ୟର ବିଷୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ ନିଆଁ ଲିଭାଉଥିବା ସମୟରେ ଅଗ୍ନିଶମବାହିନୀ ବିପୁଳ ପରିମାଣର ଟଙ୍କା ଥିବା ଠାବ କରିଥିଲା। କିନ୍ତୁ ଦିଲ୍ଲୀ ଅଗ୍ନିଶମ ବିଭାଗ ମୁଖ୍ୟଙ୍କ ବୟାନ ଅନୁସାରେ ୧୫ ମିନିଟ୍ ମଧ୍ୟରେ ନିଆଁ ନିୟନ୍ତ୍ରଣ କରିବା ପରେ ସେମାନେ ପୁଲିସ୍‌କୁ ଖବର ଦେଇ ସ୍ଥାନ ଛାଡ଼ିଥିଲେ। ଏଣୁ ୧୫ କୋଟି ଟଙ୍କା ମିଳିବା ପ୍ରସଙ୍ଗରେ ଅଗ୍ନିଶମ ବାହିନୀ ପାଖରେ କୌଣସି ଖବର ନଥିବା ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଏହି ଘଟଣା ପରେ ଜଷ୍ଟିସ୍ ବର୍ମାଙ୍କୁ କଲେଜିୟମ୍‌ର ସୁପାରିଶ ଅନୁଯାୟୀ ଆଲ୍‌ହାବାଦ ହାଇକୋର୍ଟକୁ ବଦଳି କରାଯାଇଛି। ଗତ ସପ୍ତାହରେ ଏହି ଘଟଣା ଘଟିଥିବାବେଳେ ଆଜି ପର୍ଯ୍ୟନ୍ତ ମାମଲାକୁ ଚପାଇ ରଖା ଯାଇଥିଲା। ଶୁକ୍ରବାର ଏହାର ସୂଚନା ବାହାରକୁ ଆସିଥିଲା। ଏତେ ଟଙ୍କା ଜଣେ ବିଚାରପତିଙ୍କ ଘରକୁ କେମିତି ଆସିଲା ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ଗୃହ କମିଟି ଗଠନ ଦାବିରେ କଳା ପୋଷାକ ପିନ୍ଧି କଂଗ୍ରେସର ପ୍ରତିବାଦ

# ବିଧାନସଭାରେ ଘଣ୍ଟମାଡ଼, ବାଜିଲା ତୂରୀ

■ ଭୁବନେଶ୍ୱର, ୨୧।୩ (ସମିସ): ଗୁରୁବାର ବିଧାନସଭାରେ ସୁସୁରି ବଜାଇ ପ୍ରତିବାଦ କରିବା ପରେ ଶୁକ୍ରବାର କଂଗ୍ରେସ ଅଭିନବ ଉପାୟରେ ଦୋହରାଇଛି ଗୃହ କମିଟି ଗଠନ ଦାବି। ଆଜି ବାଚସ୍ପତିଙ୍କ ପୋଡିୟମ ତଳେ ଘଣ୍ଟ, ତୂରୀ, ବଂଶୀ ବଜାଇ କଂଗ୍ରେସ ସଦସ୍ୟ ପ୍ରବଳ ହଟ୍ଟଗୋଳ କରିଛନ୍ତି। ଫଳରେ ଆଜି ମଧ୍ୟ ପ୍ରଥମାର୍ଦ୍ଧରେ ବିଧାନସଭା ଆଦୌ ଚାଲି ପାରି ନାହିଁ। କଂଗ୍ରେସ ସହ ବିଜେଡି ସଦସ୍ୟମାନେ ମଧ୍ୟ ପ୍ରଶ୍ନକାଳରେ ଗୃହରେ ପ୍ରବଳ ହଟ୍ଟଗୋଳ କରିଥିଲେ। ଗୃହକୁ ଚାରିଟି ପର୍ଯ୍ୟାୟରେ ମୁଲତବୀ ରଖି ବାଚସ୍ପତି ସୁରମା ପାଢ଼ୀ ସର୍ବଦଳୀୟ ବୈଠକ ଡାକିଥିଲେ ହେଁ କୌଣସି ନିଷ୍କର୍ଷ ବାହାରି ନାହିଁ । ଫଳରେ ଅପରାହ୍ନରେ ମଧ୍ୟ ଗୃହ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି ଓ ଜଳସମ୍ପଦ ବିଭାଗର ଖର୍ଚ୍ଚଦାବିକୁ କଂଗ୍ରେସ ବର୍ଜନ କରିଛି।

ଆଜି ପ୍ରଶ୍ନକାଳ ଆରମ୍ଭ ହେବା ମାତ୍ରେ କଂଗ୍ରେସର ସମସ୍ତ ବିଧାୟକ କଳା ପୋଷାକ ପିନ୍ଧି ଗୃହର ମଧ୍ୟଭାଗକୁ ଆସି ପ୍ରବଳ ହଟ୍ଟଗୋଳ କରିଥିଲେ। ବିଧାନସଭା ଗୃହ କମିଟି ଦାବିରେ କିଛି ବିଧାୟକ ବାଚସ୍ପତିଙ୍କ ପୋଡିୟମ ତଳେ ଘଣ୍ଟା ବଜେଇ ଥିବା ବେଳେ ଆଉ କିଛି ବିଧାୟକ ତୂରୀ ଏବଂ ବଂଶୀ ଫୁଙ୍କିଥିଲେ। ନିଲମ୍ବନ ଅବଧି ସରିବା ପରେ ଆଜି ଗୃହକୁ ଫେରିଥିବା ବିଧାୟକ ତାରା ପ୍ରସାଦ ବାହିନୀପତି ବାଚସ୍ପତିଙ୍କ ପୋଡିୟମ ତଳେ ଘଣ୍ଟ ▶ପୃଷ୍ଠା-୭



- ଗୃହ କମିଟି ଗଠନ ନହେଲା ପର୍ଯ୍ୟନ୍ତ ଜାରି ରହିବ ପ୍ରତିବାଦ: କାଡାମ
- ବିରୋଧୀ ଦଳ ଓ ଗଣତନ୍ତ୍ରର କଣ୍ଠରୋଧ କରୁଛନ୍ତି ସରକାର: ବିଜେଡି

# ଜଷ୍ଟିସ୍ ହରିଶ ଟଣ୍ଡନ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି



■ କଟକ, ୨୧।୩ (ସମିସ): କଲିକତା ହାଇକୋର୍ଟର ବରିଷ୍ଠ ବିଚାରପତି ଜଷ୍ଟିସ୍ ହରିଶ ଟଣ୍ଡନଙ୍କୁ ଓଡ଼ିଶା ହାଇକୋର୍ଟର ନୂତନ ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ମିଳିଛି। ଜଷ୍ଟିସ୍ ଟଣ୍ଡନଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଏ ସଂକ୍ରାନ୍ତରେ ଆଜି କେନ୍ଦ୍ର ଆଇନ ମନ୍ତ୍ରାଳୟ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ଜାରି କରାଯାଇଛି।

ପ୍ରକାଶଥାଉକି, ଗତ ମାର୍ଚ୍ଚ ୬ ତାରିଖରେ ଜଷ୍ଟିସ୍ ଟଣ୍ଡନଙ୍କୁ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତ କରିବା ପାଇଁ ସୁପ୍ରିମକୋର୍ଟ କଲେଜିୟମ୍ ପକ୍ଷରୁ ସୁପାରିସ୍ କରାଯାଇଥିଲା। ଓଡ଼ିଶା ହାଇକୋର୍ଟର ୩୫ତମ ମୁଖ୍ୟ ବିଚାରପତି ହୋଇଛନ୍ତି ଜଷ୍ଟିସ୍ ଟଣ୍ଡନ। ୧୯୬୪ ମସିହା ନଭେମ୍ବର ୧୬ରେ ତାଙ୍କର ଜନ୍ମ। ୧୯୮୯ରେ କଲିକତା ବିଶ୍ୱବିଦ୍ୟାଳୟରୁ ସେ ଏଲଏଲବି ଡିଗ୍ରୀ ହାସଲ କରିଥିଲେ। ୧୯୮୯ ସେପ୍ଟେମ୍ବର ୨୬ରେ ଆଇନଜୀବୀ ଭାବେ ପଞ୍ଜୀକୃତ ହୋଇ ▶ପୃଷ୍ଠା-୭

### ରକ୍ତମୁଖା ଗଂଜେଇ ମାଫିଆ

# ପୁଲିସ୍‌କୁ ପଥରମାଡ଼, ଠେଙ୍ଗା ପାହାର

■ ପାରଳାଖେମୁଣ୍ଡି, ୨୧।୩ (ସମିସ): ରକ୍ତମୁଖା ଗଂଜେଇ ମାଫିଆ। ଧରପଗଡ଼ ବେଳେ ବାଟରେ ଗଛ ପକାଇ ପୁଲିସ୍ ଟିମ୍‌ର ବାଟ ଓଗାଳିବା ସହ ଘଣ୍ଟାଘଣ୍ଟା ଧରି ଅଟକ ରଖିଲେ। ସେତିକିରେ ରାଗ ଶାନ୍ତ ହେଲାନି ଯେ ପୁଲିସ୍ ଉପରକୁ ବଡ଼ବଡ଼ ପଥରମାଡ଼ କରିବା ସହ ଠେଙ୍ଗାରେ ପିଟିଲେ। ଏପରିକି, ପାଞ୍ଚ ପାଞ୍ଚଟି ପୁଲିସ୍ ଗାଡ଼ିକୁ ବାଡ଼େଇ ଚୂରମାର୍ କରିଦେଲେ। ଏଭଳି ଏକ ଘଟଣା ଘଟିଛି, ଗଜପତି ଜିଲ୍ଲା ମୋହନା ଥାନା ଅନ୍ତର୍ଗତ ଯୁବ ପଞ୍ଚାୟତ ପିଡ଼ିଆରୀ ଗ୍ରାମରେ। ଜଣେ କି ଦୁଇଜଣ ନୁହେଁ, ପୂରା ଗାଁଟା ଯାକ ଲୋକ ପୁଲିସ୍ ଟିମ୍ ଉପରକୁ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏଥିରେ ୨୬ରୁ ଊର୍ଦ୍ଧ୍ୱ ପୁଲିସ୍ ଲହୁଲୁହାଣ ହୋଇଛନ୍ତି। ▶ପୃଷ୍ଠା-୭



- ଛଡ଼ାଇନେଲେ ଜବତ ଗଂଜେଇ
- ଡିଏସ୍‌ପି, ଥାନା ଅଧିକାରୀଙ୍କ ସମେତ ୨୬ କର୍ମଚାରୀ ଆହତ






### ଷ୍ଟାଲିନଙ୍କ ସୀମା ପୁନଃନିର୍ଦ୍ଧାରଣ କ୍ରିୟାନୁଷ୍ଠାନ କମିଟି ବୈଠକ

# ଅମର ଓ ସଞ୍ଜୟଙ୍କୁ ପଠାଇଲେ ନବୀନ

■ ଭୁବନେଶ୍ୱର, ୨୧।୩ (ସମିସ): ଭାରତ ସରକାରଙ୍କ ସୀମା ପୁନଃନିର୍ଦ୍ଧାରଣ ନିଷ୍ପତ୍ତି ବିରୋଧରେ ଚେନ୍ନାଇ ଠାରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍ ଡାକିଥିବା ବୈଠକରେ ଯୋଗଦେବ ବିଜେଡି। ଦଳର ସଭାପତି ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଏହି ବୈଠକରେ ଯୋଗଦେବା ନିମନ୍ତେ ପୂର୍ବତନ ସାଂସଦ ଡ.ଅମର ପଟ୍ଟନାୟକ ଓ ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉଭୟ ନେତା ଆସନ୍ତାକାଲି ହେବାକୁଥିବା ବୈଠକରେ ଯୋଗ ଦେବାକୁ ଚେନ୍ନାଇରେ ପହଞ୍ଚିଛନ୍ତି। ଚେନ୍ନାଇ ବିମାନବନ୍ଦରେ ଡିଏମ୍‌କେ ସାଂସଦ ଦୟାନିଧି ମାରାନ ଓ ରାଜ୍ୟସଭା ସାଂସଦ କାନିମୋଝି ସୋମୁ ଉଭୟଙ୍କୁ ସ୍ୱାଗତ କରିଛନ୍ତି। ▶ପୃଷ୍ଠା-୭

# ବିଜେପିରେ 'କୋଶଳୀ' ଫାଟ



- କୋଶଳୀ ଭାଷାକୁ ରାଜ୍ୟଭାଷା ମାନ୍ୟତା ମିଳିବ ନାହିଁ: ସୂର୍ଯ୍ୟବଂଶୀ
- ନବୀନ ୨ଥର ପ୍ରସ୍ତାବ ଦେଇଥିଲେ, ମନ୍ତ୍ରୀ ଜାଣି ନ ଥିବେ: ଜୟ
- ସରକାର ମୋ' ମତକୁ ବ୍ୟକ୍ତିଗତ କହୁଛନ୍ତି, ଆଗକୁ ସାମୂହିକ ହେବ

■ ଭୁବନେଶ୍ୱର, ୨୧।୩ (ସମିସ): କୋଶଳୀ ଭାଷା ଓ ରାଜ୍ୟ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀକୁ ନେଇ ବିଜେପିରେ ସୃଷ୍ଟି ହୋଇଥିବା ଫାଟ ଜଳଜଳ ଦିଶିବା ଆରମ୍ଭ କରିଛି। ବିଧାନସଭାରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଦେଇଥିବା ଉତ୍ତରକୁ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ବିରୋଧ କରିଛନ୍ତି। କେବଳ ସେତିକି ନୁହେଁ ସେ କହିଥିବା କଥାକୁ ସରକାର ତାଙ୍କ ବ୍ୟକ୍ତିଗତ ମତ ବୋଲି କହିଥିବାରୁ ତାକୁ କଟାକ୍ଷ କରି ଆଗକୁ ଏହା ସାମୂହିକ ହେବ ବୋଲି ମଧ୍ୟ ପରୋକ୍ଷ ଚେତାବନୀ ଦେଇଛନ୍ତି। ପୂର୍ବରୁ ବନ୍ଦେ ଉତ୍କଳ ଜନନୀକୁ ନେଇ ବିବାଦୀୟ ବୟାନ ଦେଇଥିବା ପୂର୍ବତନ ବିରୋଧୀ ଦଳ ନେତା ତଥା ବିଜେପି ବରିଷ୍ଠ ବିଧାୟକ ଜୟ ନାରାୟଣ ମିଶ୍ରଙ୍କ ଏହି ଆଚରଣ ବିଜେପି ଓ ସରକାରଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି।

ବିଧାନସଭାରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କୋଶଳୀ ଭାଷାକୁ ରାଜ୍ୟ ଭାଷାର ମାନ୍ୟତା ଦେବା ପାଇଁ କୌଣସି ଯୋଜନା ଅଛି କି ବୋଲି ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସମ୍ବଲପୁରୀ-କୋଶଳୀ ଭାଷାକୁ ରାଜ୍ୟ ଭାଷାର ମାନ୍ୟତା ଦାବି ସଂକ୍ରାନ୍ତରେ କୌଣସି ପ୍ରସ୍ତାବ ସରକାରଙ୍କ ହସ୍ତଗତ ହୋଇନାହିଁ ବୋଲି ଉତ୍ତର ରଖିଥିଲେ। ମନ୍ତ୍ରୀଙ୍କ ଏହି ▶ପୃଷ୍ଠା-୭




ମାର୍ଚ୍ଚ ୨୨ ତାରିଖକୁ 'ବିଶ୍ୱ ଜଳ ଦିବସ' ଭାବେ ପାଳନ କରାଯାଉଛି। ଜଳ ସମସ୍ୟା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଓ ସମସ୍ୟାର ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରିବା ଲକ୍ଷ୍ୟ ନେଇ ୧୯୯୩ ମସିହାଠାରୁ ପ୍ରତିବର୍ଷ ଏହା ପାଳିତ ହୋଇଆସୁଛି। ବିଶ୍ୱର ପ୍ରତିଟି ମଣିଷଙ୍କୁ ସ୍ୱଚ୍ଛ ଏବଂ ସୁରକ୍ଷିତ ଜଳ ଉପଲବ୍ଧ କରାଇବା ସହ ଜଳ ସଂରକ୍ଷଣର ମହତ୍ତ୍ୱ ତଥା ଆବଶ୍ୟକତା ବିଷୟରେ ଜନସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ବିନା ଜଳରେ ଦୂବ ବି କଇଁଳିବା ସମ୍ଭବପର ନୁହେଁ । ଜଳ ଅଛି ମାନେ, ଜୀବନ ରହିଛି । କିନ୍ତୁ ଅନେକ ସମୟରେ ଜଳର ଅଯଥା ବ୍ୟବହାର, ଆଗାମୀ ପିଢ଼ି ପାଇଁ ସୃଷ୍ଟି କରିବାକୁ ଯାଉଛି ବିପଦ ।

ଜନସଂଖ୍ୟା ବୃଦ୍ଧି ଯୋଗୁଁ ସାରା ବିଶ୍ୱରେ ଏବେ ଜଳ ସଙ୍କଟ ଦେଖାଦେଲାଣି। ପାନୀୟ ଜଳର ଚାହିଦାକୁ ଦେଖିଲେ ୨୦୫୦ ବେଳକୁ ସାରା ବିଶ୍ୱରେ ଜଳ ସଙ୍କଟ ଏକ ପ୍ରମୁଖ ସମସ୍ୟା ଭାବେ ଉଭାହେବ। କଥାରେ ଅଛି 'ଜଳ ବିହୁନେ ସୃଷ୍ଟି ନାଶ। ଜଳ ବହୁଳେ ସୃଷ୍ଟି ନାଶ।' ଏହାର ମୂଳ ଉଦ୍ଦେଶ୍ୟ ହେଉଛି- ସାରା ବିଶ୍ୱ ପାଇଁ ଜଳ ସଂରକ୍ଷଣ କେତେ ଜରୁରୀ ସେନେଇ ସଚେତନ କରାଇବା। ଜୀବନର ପ୍ରତିଟି ମୁହୂର୍ତ୍ତ ପାଇଁ ଜଳ ଲୋଡ଼ା। ଶରୀରରେ ଯେତିକି ଜଳ ଅଛି, ତା'ର ପାଞ୍ଚଭାଗରୁ ଭାଗେ ଅର୍ଥାତ୍ ୨୦ ପ୍ରତିଶତ ହ୍ରାସ ପାଇଲେ ଜୀବନ ସଙ୍କଟାପନ୍ନ ହୋଇପଡ଼େ । ଏପରିକି ଜଣକର ମୃତ୍ୟୁ ବି ହୋଇପାରେ। ବିଶ୍ୱରେ ଜଳ ଅଭାବର ପ୍ରଧାନ କାରଣ ହେଉଛି ଜଳ ପ୍ରଦୂଷଣ। ଜଳ ପ୍ରଦୂଷଣ ଓ ଅପଚୟକୁ ନ ରୋକିଲେ ଜଳର ଅଭାବ ଦୂର କରିବାର କୌଣସି ଆଶା ନାହିଁ। ପ୍ରଥମ ଥର ପାଇଁ ୧୯୯୨ ମସିହାରେ ବ୍ରାଜିଲସ୍ଥିତ ରିଓ ଡି ଜେନେରିଓ ଠାରେ ମିଳିତ ଜାତିସଂଘ ଦ୍ୱାରା ଆୟୋଜିତ "ଜଳବାୟୁ ଓ ବିକାଶ ସମ୍ମିଳନୀ'ରେ ବିଶ୍ୱ ଜଳ ଦିବସ ପାଳନ କରାଯିବା ନିଷ୍ପତ୍ତି ନିଆଯାଇଥିଲା। ଏହି ଦିବସ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ସ୍ୱଚ୍ଛ ଏବଂ ସୁରକ୍ଷିତ ଜଳର ଉପାଦେୟତା ସଂପର୍କିତ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଶିବିର, ଶୋଭାଯାତ୍ରା, ଆଲୋଚନାଚକ୍ର ଆଦିର ଆୟୋଜନ କରାଯାଏ।

## ଆଜିର ଇତିହାସ

- ୧୮୮୮-ଇଂଲିଶ୍ ଫୁଟବଲ୍ ଲିଗ୍‌ର ସ୍ଥାପନା ହେଲା।
- ୧୯୨୩- ପ୍ରଥମ ଥର ଆଇସ୍ ହକି ମ୍ୟାଚ୍ ରେଡିଓରେ ପ୍ରସାରଣ ହେଲା।
- ୧୯୪୭- ଭାରତର ଶେଷ ଭାଇସ୍‌ରାୟ ଲର୍ଡ ମାଉଣ୍ଟବ୍ୟାଟେନ୍ ଭାରତରେ ପହଞ୍ଚିଲେ।
- ୧୯୬୪- କଲିକତାରେ ପ୍ରଥମ ଭିଣ୍ଟେଜ୍ କାର୍ ର୍‍ୟାଲିର ଆୟୋଜନ।
- ୧୯୬୯- ଭାରତୀୟ ପେଟ୍ରୋକେମିକାଲ୍ସ ନିଗମ ଲିମିଟେଡ୍‌ର ଉଦ୍‌ଘାଟନ।
- ୧୯୯୩- ପ୍ରଥମ ଥର ବିଶ୍ୱ ଜଳ ଦିବସ ପାଳନ କରାଗଲା।
- ୨୦୨୦- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କରୋନା ମହାମାରୀର ଭୟାବହତାକୁ ଦେଖି 'ଜନତା କର୍ଫ୍ୟୁ' ଲଗାଇବା ପାଇଁ ଘୋଷଣା କଲେ।

## ପୁଣି ଏକାଠି ଆସିବେ ଜନ୍-ଅକ୍ଷୟ



ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଅକ୍ଷୟ କୁମାର ଏବଂ ଜନ୍ ଅବ୍ରାହମ୍‌ଙ୍କ ଅଭିନୀତ ସିନେମା 'ଗରମ ମସଲା', 'ଦେଶୀ ବଏଜ୍', 'ହାଉସ୍‌ଫୁଲ-୨'କୁ ଦର୍ଶକୀୟ ଆଦୃତି ମିଳିଥିଲା। ଦୁହିଁଙ୍କ ଯୋଡ଼ିକୁ ଦର୍ଶକେ ବେଶ୍ ପସନ୍ଦ କରନ୍ତି। ଏହାରି ଭିତରେ ଜନ୍ ପୁଣି ଥରେ କମେଡି ସିନେମାରେ କାମ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ତାହା ପୁଣି ଅକ୍ଷୟଙ୍କ ସହିତ ବୋଲି ଜନ୍ କହିଛନ୍ତି। ଏହି କଥା ସାମ୍ନାକୁ ଆସିବା ପରେ ପୁଣି ଥରେ ଦୁହିଁଙ୍କୁ ପରଦା ଉପରେ ଏକାଠି ଦେଖିବା ପାଇଁ ଦର୍ଶକଙ୍କ ମଧ୍ୟରେ ଆଗ୍ରହ ବୃଦ୍ଧି ପାଇଛି। କମେଡି ସିନେମାରେ କାମ କରିବାର ସୁଯୋଗ ଖୋଜିବା ସହ ଜନ୍ ଫିଲ୍ମର କାହାଣୀ ଉପରେ ବି ଗୁରୁତ୍ୱ ଦେଉଛନ୍ତି। କେବଳ ସେତିକି ନୁହେଁ, ଜନ୍ ଏନେଇ ଅକ୍ଷୟଙ୍କ ସହିତ ଆଲୋଚନା ମଧ୍ୟ କରିଛନ୍ତି। କେବେ ଏହି ଯୋଡ଼ି ଏକାଠି ପରଦାକୁ ଫେରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

ଭିନ୍ନ ପରମ୍ପରା

## ଜନ୍ମଦିନରେ କେକ୍ ବଦଳରେ ଫଳକଟା



ସାଧାରଣତଃ ଲୋକେ ଜନ୍ମଦିନକୁ କେକ୍ କାଟି ପାଳନ କରିଥାନ୍ତି। କିନ୍ତୁ ଏପରି ଏକ ଗାଁ ରହିଛି, ଯେଉଁଠି ଲୋକେ ଜନ୍ମଦିନରେ କେକ୍ ବଦଳରେ ଫଳ କାଟି ପାଳନ କରିଥାନ୍ତି। ମଧ୍ୟପ୍ରଦେଶ ବୁର୍‌ହାନପୁର୍ ଖାମ୍‌ନୀ ଗ୍ରାମରେ ଏହି ପରମ୍ପରା ଦେଖିବାକୁ ମିଳିଥାଏ। ଏଠାରେ ବିଶେଷ କରି ବରିଷ୍ଠ ତଥା ବୟସ୍କ ଲୋକଙ୍କ ଜନ୍ମଦିନକୁ ଫଳକାଟି ପାଳନ କରାଯାଏ। ଦୀର୍ଘ ପାଞ୍ଚ ବର୍ଷ ଧରି ଗାଁରେ ଏହି ପରମ୍ପରା ପାଳିତ ହୋଇଆସୁଛି। ଏନେଇ ଗ୍ରାମବାସୀଙ୍କ କହିବା କଥା, ଗାଁରେ ଥିବା ବରିଷ୍ଠ ଲୋକଙ୍କ ଜନ୍ମଦିନରେ ଋତୁ ଅନୁଯାୟୀ ଯେଉଁ ଫଳ ଫଳିଥାଏ, ତାକୁ କାଟି ଜନ୍ମଦିନ ପାଳନ କରାଯାଏ। ଜନ୍ମଦିନରେ ଅଯଥା ଖର୍ଚ୍ଚକୁ ରୋକିବା ପାଇଁ ଏହା ଆରମ୍ଭ କାର୍ଯ୍ୟକ୍ରମ କରାଯାଇଛି।' ଦୀର୍ଘ ୫ ବର୍ଷ ମଧ୍ୟରେ ୫୦ରୁ ଅଧିକ ଲୋକଙ୍କ ଜନ୍ମଦିନ ପାଳିତ ହୋଇଛି। ସେହିପରି ଗାଁର ଜଣେ ବାସିନ୍ଦାଙ୍କ କହିବାନୁଯାୟୀ, କୃଷକମାନେ କ୍ଷେତରେ ଯେଉଁ ତରଭୁଜ, ଅମୃତଭଣ୍ଡା ଆଦି ଫଳ ଚାଷ କରନ୍ତି, ସେହି ଫଳକୁ କାଟି ଜନ୍ମଦିନ ପାଳନ କରାଯାଏ। ବର୍ତ୍ତମାନ ସମୟରେ ଗୋଟିଏ କେକ୍‌ର ମୂଲ୍ୟ ୫୦୦-୧୦୦୦ ଟଙ୍କା ମଧ୍ୟରେ ଆସୁଛି। କିନ୍ତୁ ଏହି ଫଳଗୁଡ଼ିକ ୩୦-୪୦ ଟଙ୍କା ମଧ୍ୟରେ ମିଳିଯାଏ। ଏହାକୁ ସବୁ ଲୋକେ ମିଳିମିଶି ଖାଇଥାନ୍ତି।

ଅଜବ ପ୍ରତିଯୋଗିତା

## ପାଟିରେ ଚେରି ମଞ୍ଜିକୁ ଫିଙ୍ଗାଯାଏ ଦୂରରୁ ଦୂର



ଖେଳ ମନୋରଞ୍ଜନ ସହ ମନ ଓ ଶରୀରକୁ ସୁସ୍ଥ ରଖେ। ଏହି ପରିପ୍ରେକ୍ଷୀରେ ଆମେରିକାରେ ଏକ ଅଜବ ପ୍ରତିଯୋଗିତା ଆୟୋଜନ କରାଯାଇଥାଏ, ଯାହାକି ବେଶ୍ କୌତୂହଳପୂର୍ଣ୍ଣ ହୋଇଥାଏ। ମିଶିଗନ୍‌ରେ ହେଉଥିବା ଏହି ପ୍ରତିଯୋଗିତାକୁ 'ଚେରୀ ପିଟ୍ ସ୍ପିଟିଂ ଚାମ୍ପିୟନସିପ୍' କୁହାଯାଇଥାଏ। ଏହି ପ୍ରତିଯୋଗିତା ପ୍ରତିବର୍ଷ ଜୁଲାଇ ମାସର ପ୍ରଥମ ଶନିବାରରେ ଆୟୋଜିତ ହୋଇଥାଏ। ୧୯୭୪ ମସିହାରେ ପ୍ରଥମ ଥର ପାଇଁ ଏହି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ହର୍ବ ଟେକ୍‌ମ୍ୟାନ୍ ନାମକ ଜଣେ ବ୍ୟକ୍ତି ଟ୍ରି-ମେନଡସ ଫ୍ରୁଟ୍ ଫାର୍ମର ମାଲିକ ଥିଲେ। ସେ ହିଁ ଏହି ଖେଳ ଆରମ୍ଭ କରିଥିଲେ। ଏହି ପ୍ରତିଯୋଗିତା ଧୀରେ ଧୀରେ ଅନ୍ତର୍ଜାତୀୟସ୍ତରକୁ ପହଞ୍ଚି ଥିଲା। ତେଣୁ ବିଭିନ୍ନ ଦେଶରୁ ଲୋକେ ଏହି ଖେଳରେ ସାମିଲ ହେବାକୁ ଏଠାକୁ ଆସନ୍ତି। ଏହି ଖେଳକୁ ଏବେ ଅଷ୍ଟ୍ରେଲିଆ, ଫ୍ରାନ୍ସ, ଜର୍ମାନୀ, କାନାଡା ଆଦି ଦେଶରେ ଖେଳାଯାଉଛି। ଏହି ଖେଳରେ ଜଣେ ପ୍ରତିଯୋଗୀଙ୍କୁ ଚିହ୍ନିତ କରାଯାଇଥିବା ସ୍ଥାନରୁ ତିନି ଥର ଚେରି ଖାଇ ଏହାର ମଞ୍ଜିକୁ ଦୂରକୁ ପକାଇବାକୁ ହୁଏ। ତେବେ ଏହି ଖେଳରେ ଯାହାର ମଞ୍ଜି ଯେତେ ଦୂର ଯାଏଁ ଯାଏ, ସେ ହିଁ ଏହି ଖେଳର ବିଜେତା ହୋଇଥାଏ। ମୁହଁରେ ଚେରି ମଞ୍ଜିକୁ ଦୂରକୁ ଫିଙ୍ଗିବାରେ ବ୍ରାୟନ୍ କ୍ରୌସେ ନାମକ ଜଣେ ବ୍ୟକ୍ତି ଗିନିଜ୍ ବିଶ୍ୱ ରେକର୍ଡ କରିଛନ୍ତି। ସେ ୨୦୦୪ ମସିହାରେ ୯୩ ଫୁଟ ୬.୫ ଇଞ୍ଚ ଦୂରକୁ ଚେରି ମଞ୍ଜି ପକାଇ ଏହି ରେକର୍ଡ କରିଥିଲେ।

## ୯ ବର୍ଷର ଟାଟୁ ଆର୍ଟିଷ୍ଟ

ଯେଉଁ କାମକୁ ବଡ଼ମାନେ କରନ୍ତି, ତାହା ଯଦି ଛୋଟ ପିଲାଟିଏ କରି ଦେଖାଏ, ଏହା ନିହାତି ଚମତ୍କାର। ଯାହା ଘଟିଛି ଥାଇଲାଣ୍ଡର ନପତ ମିତମାକୋର୍ଣ୍ଣଙ୍କ କ୍ଷେତ୍ରରେ।



। ନଅବର୍ଷର ଏହି ବାଳକ ଜଣକ ଟାଟୁ ଗନ୍‌ରେ ବେଶ୍ ଆକର୍ଷଣୀୟ ଟାଟୁ ଅଙ୍କନ କରିପାରୁଛନ୍ତି। ଅବଶ୍ୟ ବଡ଼ ମାନଙ୍କ ଭଳି ସେ ତାଙ୍କ ବାପାଙ୍କଠାରୁ ଟାଟୁ କରିବା କଳା ଶିଖିଛନ୍ତି। ସାମାଜିକ ଗଣମାଧ୍ୟମରେ ତାଙ୍କର ଭିଡିଓ ସେୟାର୍ ହେବା ପରେ ସେ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି। ଭିଡିଓରେ ଦେଖିବାକୁ ମିଳିଛି ଯେ, ନପତ ତାଙ୍କ କୁନି ହାତରେ ସର୍ଜିକାଲ ଗ୍ଲୋଭ୍‌ସ ପିନ୍ଧିଛନ୍ତି। ତା'ସହ ଟାଟୁ ଉପକରଣ ଧରିଛନ୍ତି। ହସହସ ମୁହଁରେ ସେ ଟାଟୁ ଗନ୍ ଧରି ଟାଟୁ କରୁଛନ୍ତି। ତାଙ୍କୁ ଦେଖିଲେ ଲାଗେ ସେ ତାଙ୍କର ଏହି କାମ ପ୍ରତି କେତେ ସମର୍ପିତ । ବିଶେଷ କଥାଟି ହେଲା, ଫୋନ୍ ବ୍ୟବହାରରୁ ନିଜକୁ ଦୂରେଇ ରଖିବା ପାଇଁ ସେ ଟାଟୁ ଅଙ୍କନ କରିବା ଆରମ୍ଭ କରିଥିଲେ। ସେଇଠୁ ତାଙ୍କ ବାପା ତାଙ୍କୁ ଏହାକୁ ଶିଖାଇଲେ। ଧୀରେ ଧୀରେ ତାଙ୍କର ଟାଟୁ ଅଙ୍କନ ପ୍ରତି ଆଗ୍ରହ ବୃଦ୍ଧି ପାଇଲା। ଏବେ ଏଥିରେ ସେ କ୍ୟାରିୟର କରିବାକୁ ମନସ୍ଥ କରିଛନ୍ତି। ବଡ଼ ହେଲେ ସେ ନିଜର ଏକ ଟାଟୁ ପାର୍ଲର ଖୋଲିବେ। ତାଙ୍କୁ ଆର୍ଟ ପସନ୍ଦ ଥିବାରୁ ସେ ଟାଟୁ ଅଙ୍କନ କରିବାକୁ ଭଲପାଉଥିବା କହିଛନ୍ତି। ଅନ୍ୟପକ୍ଷରେ ତାଙ୍କର ବ୍ୟାଙ୍କକ୍‌ରେ ଏକ ଛୋଟିଆ ବୁଥ୍ ଅଛି। ଯେଉଁଠି ସେ ଲୋକମାନଙ୍କ ଶରୀରରେ ଟାଟୁ ଅଙ୍କନ କରିଥାନ୍ତି।

## ୟୁଟ୍ୟୁବ୍‌ରୁ ଶିଖି ପହଞ୍ଚିଲେ ଏଭରେଷ୍ଟ ବେସ୍ କ୍ୟାମ୍ପ୍

କେରଳ କନ୍ନୌରର ବାସନ୍ତୀ ଚେରୁଭେଟ୍ଟିଲ ପ୍ରମାଣ କରି ଦେଖାଇଛନ୍ତି ଯେ ବୟସ କେବେ ବି ଦୁଃସାହସିକ କାର୍ଯ୍ୟ କରିବା ଦିଗରେ ବାଧା ସୃଷ୍ଟି କରି ନ ଥାଏ। ୫୯ ବର୍ଷୀୟା ବାସନ୍ତି ପେସାରେ ଜଣେ ଦରଜି ହୋଇଥିବା ବେଳେ ଏକାକୀ ସେ ଏଭରେଷ୍ଟ ବେସ୍ କ୍ୟାମ୍ପ୍ ସଫଳତାର ସହ ଆରୋହଣ କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଏ ଲାଗି ସେ ବିଧିବଦ୍ଧ ଭାବେ କାହାଠୁ ତାଲିମ ନେଇ ନାହାନ୍ତି। ଟ୍ରେକିଂର ସାଧାରଣ କୌଶଳ ଆଦି ବାବଦରେ ସେ ଚାରିମାସ ଧରି ୟୁଟ୍ୟୁବ୍ ଭିଡିଓ ଦେଖି ଶିଖିଛନ୍ତି। ଏହି ସମୟ ମଧ୍ୟରେ ସେ ଦିନକୁ ଚାରି ଘଣ୍ଟା ଚାଲିବା, ପ୍ରତ୍ୟେକ ଦିନ ବ୍ୟାୟାମ କରିବା, ଟ୍ରେକିଂ ଜୋତା ପିନ୍ଧିବା ଅଭ୍ୟାସ କରୁଥିଲେ। ଫେବୃଆରୀ ୧୫ରେ ବାସନ୍ତୀ ନେପାଳ ସୁରକେରୁ ଟେକ୍ରିଂ ଯାତ୍ରା ଆରମ୍ଭ କରିଥିଲେ ଏବଂ ଫେବୃଆରୀ ୨୩ରେ ସେ ଦକ୍ଷିଣ ବେସ୍ କ୍ୟାମ୍ପ୍‌ରେ ପହଞ୍ଚିଥିଲେ। ସେ ସଫଳତାର ସହ ନଅ ଦିନର ଯାତ୍ରାକୁ ପୂର୍ଣ୍ଣ କରିଥିଲେ। ଏଭରେଷ୍ଟ ବେସ୍ କ୍ୟାମ୍ପ୍‌ରେ ପହଞ୍ଚିବା ପରେ ସେ କେରଳର ପାରମ୍ପରିକ ଶାଢ଼ି ପିନ୍ଧି ହାତରେ ଜାତୀୟ ପତାକା ଧରି ଫଟୋ ଉଠାଇଥିଲେ। ତେବେ ସେ ପ୍ରଥମ ଥର ପାଇଁ ଏପରି କରି ନାହାନ୍ତି। ଗତବର୍ଷ ଥାଇଲାଣ୍ଡ ମଧ୍ୟ ସେ ଏକାକୀ ଯାଇଥିଲେ। ବାସନ୍ତୀ ନିଜ ସ୍ୱାମୀଙ୍କୁ ହରାଇଛନ୍ତି। ଟେଲରିଂ କାମରୁ ଯାହା ରୋଜଗାର କରନ୍ତି, ତାହାକୁ ସେ ନିଜ ଯାତ୍ରା ପାଇଁ ଖର୍ଚ୍ଚ କରୁଥିବା କହନ୍ତି। ସେ ଏବେ ଚୀନ୍‌ର ବିଶାଳ ପ୍ରାଚୀର ଆରୋହଣ ପାଇଁ ଲକ୍ଷ୍ୟ ରଖିଛନ୍ତି।



## ପାର୍କରେ ଜଗିଂ ଓ ଖେଳ ମନା

ସାଧାରଣତଃ ପାର୍କରେ ଲୋକେ ସକାଳେ ତଥା ସନ୍ଧ୍ୟାରେ ଜଗିଂ, ଏକ୍ସରସାଇଜ୍ ଆଦି କରିଥାନ୍ତି। ଆଉ ପିଲାମାନେ ଖେଳାଖେଳି କରିଥାନ୍ତି। ହେଲେ ବେଙ୍ଗାଲୁରୁର ଗୋଟିଏ ପାର୍କରେ ଏହାର ବିପରୀତ ଘଟଣା ଦେଖିବାକୁ ମିଳିଛି। ଯାହାକି ଚର୍ଚ୍ଚାର ପ୍ରସଙ୍ଗ ହୋଇଛି। ଏଠାକାର ଇନ୍ଦିରା ନଗରର ପାର୍କକୁ ନେଇ ଜଣେ ମହିଳା ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ ସେୟାର୍ କରିଛନ୍ତି। ଯେଉଁଥିରେ ପାର୍କର ଅଜବ ନିୟମ ବାବଦରେ ସେ ଅନ୍ୟମାନଙ୍କ ଦୃଷ୍ଟିଆକର୍ଷଣ କରିବାକୁ ପ୍ରୟାସ କରିଛନ୍ତି। ସହାନା ନାମ୍ନୀ ସମ୍ପୃକ୍ତ ମହିଳା ପାର୍କରେ ଲାଗିଥିବା ଏକ ବୋର୍ଡର ଫଟୋକୁ ସେୟାର୍ କରିଛନ୍ତି। ଏଥିରେ ଉଲ୍ଲେଖ ହୋଇଛି, ପାର୍କରେ ଜଗିଂ ତଥା ଖେଳାଖେଳି କରିବା ମନା। ଆଉ ଲୋକଙ୍କୁ କ୍ଲକ୍ ୱାଇଜ୍ ଚାଲିବାକୁ ପଡ଼ିବ। ପାର୍କର ଏହି ନିୟମ ସଂସ୍ପର୍ଶରେ ଆସିବା ପରେ ୱେଷ୍ଟର୍ଣ୍ଣ ପୋଷାକ ପିନ୍ଧିବାକୁ ମନା ମଧ୍ୟ କରାଯିବ ବୋଲି ସେ ପ୍ରଶ୍ନ କରିଛନ୍ତି। ଏପରିକି ପାର୍କକୁ ଆସୁଥିବା ଲୋକେ କ'ଣ କରିବେ ବୋଲି ସେ ଉତ୍‌କ୍ଷିପ୍ତ ହୋଇ ପ୍ରଶ୍ନ କରିଛନ୍ତି। ସେହିପରି ପାର୍କରେ ଏଭଳି ନିୟମ କାହିଁକି ଲାଗୁ କରାଯାଇଛି, ସେ ସମ୍ପର୍କରେ କିଛି ସ୍ପଷ୍ଟ କରାଯାଇ ନାହିଁ। ତେବେ ସହାନାଙ୍କ ଏହି ପୋଷ୍ଟରେ ଅନେକ ଲୋକ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି। ତା'ସହ ସମ୍ପୃକ୍ତ ମହିଳାଙ୍କ ସମର୍ଥନରେ ଅନେକ ଲୋକ ଆଗକୁ ଆସିଛନ୍ତି।




## ୨ ମିନିଟ୍ ନୁହେଁ, ୪୮ ସେକେଣ୍ଡରେ ପରଷାଯାଏ ମ୍ୟାଗି

ଇନଷ୍ଟାଣ୍ଟ ନୁଡଲ୍ସ ମ୍ୟାଗିରେ ଖାସ୍ କଥା ହେଉଛି, ଏହା ମାତ୍ର ୨ ମିନିଟ୍‌ରେ ପ୍ରସ୍ତୁତ ହୋଇଯାଏ। ତେଣୁ ଅଧିକାଂଶ ଏହାକୁ ଅତି ଉତ୍ସାହର ସହିତ ଖାଆନ୍ତି। ହେଲେ ଏମିତି ଏକ ରେଷ୍ଟୋରାଁ ରହିଛି ଯେଉଁଠି ମାତ୍ର ୪୮ ସେକେଣ୍ଡରେ ମ୍ୟାଗି ପ୍ରସ୍ତୁତ କରାଯାଇଥାଏ। ନୁଡଲ୍ ପ୍ରେମୀଙ୍କ ପାଇଁ ଏମିତି ଏକ ସୁବିଧା ପ୍ରଦାନ କରୁଛି ଚୀନ୍। ଚୀନ୍‌ର ଶେନଜେନ୍ ସହରରେ ଥିବା ଫ୍ୟୁଚର ନୁଡଲ୍ସ ରେଷ୍ଟୋରାଁରେ ଜଣେ ଅର୍ଡର ଦେବାର କ୍ଷଣିକ ମଧ୍ୟରେ ତାଙ୍କୁ ନୁଡଲ୍ ମିଳିଯାଇଥାଏ। ଏହି ନୁଡଲ୍ ଦୁଇ ମିନିଟ୍ ନୁହେଁ ବରଂ ୪୮ ସେକେଣ୍ଡରେ ତିଆରି ହୋଇଯାଇଥାଏ। ତେଣୁ ଅର୍ଡର ଦେବା ପରେ ଗ୍ରାହକଙ୍କୁ ଅଧିକ ସମୟ ଯାଏଁ ଅପେକ୍ଷା କରିବାକୁ ପଡ଼େନାହିଁ। ଏହି ଶପ୍‌ରେ ସ୍ୱୟଂଚାଳିତ ରୂପେ ନୁଡଲ୍ସ ତିଆରି ହୋଇଯାଇଥାଏ। ମାତ୍ର ୮ ବର୍ଗମିଟରରେ ନିର୍ମିତ ଏହି ଛୋଟିଆ ଦୋକାନ ମଧ୍ୟରେ ପାଖାପାଖି ୧୦ ପ୍ରକାର ସ୍ୱାଦିଷ୍ଟ ନୁଡଲ୍ସ ମିଳିଥାଏ। ଏହାର ମୂଲ୍ୟ ଭାରତୀୟ ମୁଦ୍ରାରେ ୧୨୨ ଟଙ୍କାରୁ ନେଇ ୨୫୦ ଟଙ୍କା ମଧ୍ୟରେ ହୋଇଥାଏ। ବିଶେଷ କଥା ହେଉଛି, ଏଠାରେ ଗ୍ରାହକ ଅର୍ଡର ବୁକ୍ କରି ଟଙ୍କା ପଇଠ କରିବା ପରେ ଏକ ଟ୍ରାନ୍ସପାରେଣ୍ଟ ୱିଣ୍ଡୋରେ ନୁଡଲ୍ସ ପ୍ରସ୍ତୁତ ହେଉଥିବା ଦେଖିପାରିବେ। ରୋବୋଟିକ୍ ତରିକାରେ ଅଟା ଏବଂ ପାଣି ମିଶ୍ରଣରେ ଗୋଲ କରିକି ଏହାକୁ ନୁଡଲ୍ସ ଆକାର ଦିଆଯାଏ। ଏସବୁ ମାତ୍ର ୮ ସେକେଣ୍ଡ ମଧ୍ୟରେ ହୋଇଯାଇଥାଏ। ଗରମ ପାଣିରେ ଅନ୍ୟାନ୍ୟ ସାମଗ୍ରୀ ସହ ମାତ୍ର ୪୦ ସେକେଣ୍ଡ ସମୟ ନେଇଥାଏ। ତେବେ ଗ୍ରାହକଙ୍କ ଅନୁସାରେ, ଏହା ଭଲଭାବେ ପ୍ରସ୍ତୁତ ହୋଇଥାଏ।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ଅତିଥି ଆସିବେ। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖା ଦେବ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଦୀର୍ଘଦିନର ସମସ୍ୟା ସମାଧାନ ହେବ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବ। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ। ଜୀବନସାଥୀଙ୍କୁ ସମୟ ଦେବେ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ବୈବାହିକ ଜୀବନ ମଜଭୁତ୍ ହେବ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

# ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ପରଲୋକ

କେନ୍ଦ୍ରାପଡ଼ା,୨୧।୩(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା, ଆଳି ବିଧାନସଭା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ୬୭ ବର୍ଷ ବୟସରେ ଆଜି ପରଲୋକ ହୋଇଯାଇଛି। ସେ କିଛି ଦିନ ଧରି ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ଶୁକ୍ରବାର ରାତି ପ୍ରାୟ ୮ଟାରେ ତାଙ୍କର ଦେହାନ୍ତ ହୋଇଯାଇଛି। ମୃତ୍ୟୁ ଖବର ପାଇ କଂଗ୍ରେସର ବରିଷ୍ଠ ନେତା, ବିଜେପି ନେତା ଓ ମନ୍ତ୍ରୀ, ବିଜେଡି ନେତା ହସ୍ପିଟାଲକୁ ଯାଇ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।


ଫାଇଲ ଫଟୋ

ସ୍ୱର୍ଗତ ଶର୍ମା ଜଣେ ଲଢୁଆ ତଥା ଟାଣୁଆ ନେତା ଭାବେ ସାରା ଜିଲ୍ଲାରେ ବେଶ ଖ୍ୟାତି ଅର୍ଜନ କରିଥିଲେ। ଛାତ୍ର ଜୀବନରୁ ରାଜନୀତି ଆରମ୍ଭ କରି ଜନତା ଦଳରେ ପ୍ରଥମେ ଯୋଗ ଦେଇଥିଲେ। ପରବର୍ତ୍ତୀ ସମୟରେ କଂଗ୍ରେସରେ ଯୋଗଦେଇ ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ହୋଇଥିଲେ। ପରେ ୨୦୧୪ରୁ ୨୦୧୯ ଯାଏ ଆଳି ବିଧାନସଭା କ୍ଷେତ୍ରର ବିଧାୟକ ଭାବେ ନିର୍ବାଚିତ ହୋଇ ନିର୍ବାଚନମଣ୍ଡଳୀର ବହୁବିଧ ବିକାଶ କରିଥିଲେ। ସେ ଦୀର୍ଘ ୧୦ ବର୍ଷ ଧରି କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ ସଭାପତି ଭାବେ ଦଳୀୟ ସଂଗଠନକୁ ସୁଦୃଢ଼ କରିଥିଲେ। ତାଙ୍କ ବିୟୋଗରେ ଜିଲ୍ଲାରେ ଗଭୀର ଶୋକ ପ୍ରକାଶ ପାଇଛି। ତାଙ୍କ ବିୟୋଗରେ କଂଗ୍ରେସ ଏକ ସଂଗ୍ରାମୀ ନେତାକୁ ହରାଇଲା ବୋଲି ବରିଷ୍ଠ କଂଗ୍ରେସ ନେତୃତ୍ୱ ଶୋକ ବାର୍ତ୍ତାରେ କହିଛନ୍ତି। କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ଆଳି ବିଧାୟକ ପ୍ରତାପ ଦେବ, ରାଜନଗର ବିଧାୟକ ଧ୍ରୁବ ସାହୁ, ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ମହାକାଳପଡା ବିଧାୟକ ଡ. ଦୁର୍ଗାପ୍ରସନ୍ନ ନାୟକ, ପୂର୍ବତନ ବିଧାୟକ ଡ. ସିପ୍ରା ମଲ୍ଲିକ, ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର, ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ତରାଇ, କଂଗ୍ରେସ ନେତା ପ୍ରଦୀପ କୁମାର ମହାନ୍ତି, ପ୍ରଫୁଲ୍ଲ ଦାସ, ଫକୀର ଖଟୁଆ, ପୂର୍ବତନ ନଗରପାଳ ମହମ୍ମଦ ଆକବର ଅଲ୍ଲୀ, ଅର୍ବାନ ବ୍ୟାଙ୍କ ସଭାପତି ଗୁରୁପ୍ରସାଦ ମହାନ୍ତି ପ୍ରମୁଖ ଶୋକବାର୍ତ୍ତାରେ କହିଛନ୍ତି ସ୍ୱର୍ଗତ ଶର୍ମା ଜଣେ ସଂଗ୍ରାମୀ ଜନନେତା ଥିଲେ।

■ ଟଙ୍କା ଦେଣନେଣକୁ ନେଇ ଗଣ୍ଡଗୋଳ

# ଠେଙ୍ଗାମାଡ଼ରେ ସାଙ୍ଗ ମୃତ

ଖପ୍ରାଖୋଲ,୨୧।୩(ସମିସ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ଥାନା ଧଣ୍ଡାମୁଣ୍ଡା ପଞ୍ଚାୟତ ବନ୍ଦେପଦର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଟଙ୍କା ନେଣଦେଣକୁ କେନ୍ଦ୍ର କରି ଜଣେ ସାଙ୍ଗର ଠେଙ୍ଗା ମାଡ଼ରେ ଅନ୍ୟ ଜଣେ ସାଙ୍ଗର ମୃତ୍ୟୁ ହୋଇଛି। ମୃତକ ହେଲେ, ଗ୍ରାମର ସୁଶୀଲ ସାହୁ। ସେହିପରି ଅନ୍ୟ ଜଣେ ଯୁବକ ବିକାଶ ସାହୁ ଗୁରୁତର ହୋଇଛନ୍ତି। ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ୬୨/୨୫ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହାସହ ଅଭିଯୁକ୍ତ ହେମାନନ୍ଦ ସାହୁ ଓରଫ୍ ପିଣ୍ଟୁକୁ ଗିରଫ କରି କୋର୍ଟଚାଲାଣ କରିଛି।

ସୂଚନାନୁସାରେ, ଗୁରୁବାର ରାତିରେ ସୁଶୀଲ ଓ ବିକାଶ ଟଙ୍କା ପୈଠ କରିବା ପାଇଁ ପୁତୁଲାମହୁଲ ଗ୍ରାମକୁ ଯାଇଥିଲେ। ଏହି ସମୟରେ ସୁଶୀଲଙ୍କ ସହ ହେମାନନ୍ଦଙ୍କ ଦେଖା ହୋଇଥିଲା। ଏହି ସମୟରେ ପୂର୍ବରୁ ଥିବା ଟଙ୍କା ଦେଣନେଣକୁ ନେଇ ଦୁହିଁଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ହେମାନନ୍ଦ ଏକ ଠେଙ୍ଗାରେ ସୁଶୀଲ ଓ ବିକାଶକୁ ଆକ୍ରମଣ କରିଥିଲା। ଘଟଣାସ୍ଥଳରେ ସୁଶୀଲର ମୃତ୍ୟୁ ହୋଇଯାଇଥିଲା।

# ଉତ୍ତର ଓଡ଼ିଶାରେ କାଳବୈଶାଖୀ ବର୍ଷା

## ରାଜ୍ୟର ବିଭିନ୍ନ ଜିଲ୍ଲାକୁ ଅରେଞ୍ଜ ଓ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର, ୨୧।୩(ସମିସ): ରାଜ୍ୟରେ କାଳବୈଶାଖୀ ପ୍ରଭାବରେ ବିଭିନ୍ନ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ କୁଆପଥର ବର୍ଷା ଲାଗି ରହିଛି। ବିଶେଷ ଭାବରେ ଉତ୍ତର ଓଡ଼ିଶାର ବିଭିନ୍ନ ଅଞ୍ଚଳ ଏଥିରେ ପ୍ରଭାବିତ ହୋଇଛି। ଗତ ୨୪ ଘଣ୍ଟା ମଧ୍ୟରେ ସର୍ବାଧିକ ବର୍ଷା ମୟୂରଭଞ୍ଜର ବାଙ୍ଗିରିପୋଷିରେ ୪୨.୮ ମିମି ରେକର୍ଡ ହୋଇଛି। ଏହାସହ ମୟୂରଭଞ୍ଜର କିଛି ସ୍ଥାନରେ କୁଆପଥର ବର୍ଷାରେ ଅନେକ କ୍ଷତିଗ୍ରସ୍ତ ହୋଇଛନ୍ତି। ଆସନ୍ତାକାଲିଠାରୁ ବିଜୁଳି ଘଡ଼ଘଡ଼ି ସହ କୁଆପଥର ବର୍ଷା ଓ ପବନ ପାଇଁ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ବିଭିନ୍ନ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ବିଜୁଳି ଘଡ଼ଘଡ଼ି ସହ କୁଆପଥର ବର୍ଷା ପାଇଁ ବରଗଡ଼, ସୁନ୍ଦରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଓ ଦେବଗଡ଼ ଆଦି ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ଅନୁରୂପ ଭାବରେ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି କେନ୍ଦ୍ରାପଡ଼ା, ଯାଜପୁର, ଢେଙ୍କାନାଳ, ଅନୁଗୋଳ, ବୌଦ୍ଧ, ସୋନପୁର, ବଲାଙ୍ଗୀର, ନୂଆପଡ଼ା, କନ୍ଧମାଳ, କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲାକୁ ମଧ୍ୟ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏସବୁ ଜିଲ୍ଲାରେ ପବନର ଘଣ୍ଟାପ୍ରତି ବେଗ ୪୦-୫୦ କିମି ରହିବ ନେଇ ପୂର୍ବାନୁମାନ କରାଯାଇଛି।

୨୨ ତାରିଖରେ ବର୍ଷାର ପରିମାଣ ଆହୁରି ବୃଦ୍ଧି ପାଇବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ଘଡ଼ଘଡ଼ି ବିଜୁଳି ସହ କୁଆପଥର ବର୍ଷା ପାଇଁ କେନ୍ଦ୍ରାପଡ଼ା, ଜଗତସିଂହପୁର, ଭଦ୍ରକ, ବାଲେଶ୍ୱର, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, କଟକ, ଢେଙ୍କାନାଳ, ଅନୁଗୋଳ ଓ ଦେବଗଡ଼ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି ହୋଇଛି। ଏସବୁ ଜିଲ୍ଲାରେ ପବନର ଘଣ୍ଟାପ୍ରତି ବେଗ ୫୦-୬୦ କିମି ରହିବ। ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ ବର୍ଷା ଏବଂ ବିଜୁଳି ଘଡ଼ଘଡ଼ିର ପ୍ରଭାବ ଅଧିକ ରହିବ। ସେହିପରି ୨୨ ତାରିଖରେ ନୂଆପଡ଼ା, ବଲାଙ୍ଗୀର, ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୋନପୁର, ବୌଦ୍ଧ, ନୟାଗଡ଼, କନ୍ଧମାଳ, ଖୋର୍ଦ୍ଧା, ପୁରୀ ଓ ଗଞ୍ଜାମ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ପବନର ବେଗ ଘଣ୍ଟାପ୍ରତି ୪୦ରୁ ୫୦ କିମି ରହିବ। ଯାହାକୁ ନେଇ ଏସବୁ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ସେହିପରି ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲାର ଗୋଟିଏରୁ ଦୁଇଟି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ଘଣ୍ଟାପ୍ରତି ପବନର ବେଗ ୪୦ରୁ ୫୦ କିମି ରହିବ। ଯାହାକୁ ନେଇ ଏସବୁ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ଏହାସହ ଅପରାହ୍ନ ବେଳକୁ ଓଡ଼ିଶାର ଏସବୁ ଜିଲ୍ଲାରେ ବର୍ଷା ହେବ।

୨୩ ତାରିଖ ବେଳକୁ ବର୍ଷାର ପରିଣାଣ ସାମାନ୍ୟ ହ୍ରାସ ପାଇବ। ମୟୂରଭଞ୍ଜ, କେନ୍ଦୁଝର, କଳାହାଣ୍ଡି, କନ୍ଧମାଳ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦାପଡ଼ା, କଟକ ଓ ଜଗତସିଂହପୁର ଜିଲ୍ଲାର କିଛି ସ୍ଥାନରେ ବିଜୁଳି ଘଡ଼ଘଡ଼ି ହେବାର ସମ୍ଭାବନା ରହିଛି। ଏସବୁ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୨୩ ତାରିଖ ଅପରାହ୍ନ ବେଳକୁ ମୟୂରଭଞ୍ଜ, କେନ୍ଦୁଝରଗଡ଼, କଳାହାଣ୍ଡି, କନ୍ଧାମାଳ ସହ ଉପକୂଳ ଅଞ୍ଚଳରେ ବର୍ଷା ହେବାର ସମ୍ଭାବନା ରହିଛି। ୨୪ ତାରିଖରେ ମଧ୍ୟ ମୁଖ୍ୟତଃ ଦକ୍ଷିଣ ଉପକୂଳବର୍ତ୍ତୀ ଜିଲ୍ଲା ଗୁଡ଼ିକରେ ଆପରାହ୍ନ ସମୟରେ ବର୍ଷା ହେବାର ସମ୍ଭାବନା ରହିଛି। ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ହେବାର ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। କାଳବୈଶାଖୀ ବର୍ଷା ପ୍ରଭାବରେ ୩ ଦିନ ମଧ୍ୟରେ ୩ରୁ ୫ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ହ୍ରାସ ପାଇବ। ପରେ ୨୫ ତାରିଖ ପରଠାରୁ ଧିରେ ଧିରେ ତାପମାତ୍ରା ବୃଦ୍ଧି ପାଇବ ବୋଲି କୁହାଯାଉଛି।

# ଗୋଆରେ ଓଡ଼ିଆ ଦାଦନ ଶ୍ରମିକଙ୍କୁ ହତ୍ୟା

ଦାରିଙ୍ଗବାଡ଼ି, ୨୧।୩(ସମିସ): ଗୋଆରେ ଜଣେ ଓଡ଼ିଆ ଦାଦନ ଶ୍ରମିକଙ୍କୁ ହତ୍ୟା କରାଯାଇଛି। ମୃତ ଯୁବକ ହେଲେ, କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ୍ ବ୍ରାହ୍ମଣୀଗାଁ ଥାନା ଗଦାପୁର ପଞ୍ଚାୟତ ପୁଟୁଡୁମାହା ଗ୍ରାମର ଅନିଲ ମୁଠାମାଝୀ। ଓଡ଼ିଶାରେ କାମ ନ ମିଳିବାରୁ ଅନିଲ ନିଜ ସ୍ତ୍ରୀଙ୍କୁ ଧରି ଗୋଆର ବେର୍ନା ଥାନା ଅଞ୍ଚଳର କୁକୁଡ଼ା ଫାର୍ମରେ କାମ କରୁଥିଲେ। ଅନିଲ ଓ ତାଙ୍କ ସ୍ତ୍ରୀଙ୍କ ସହ ଆଉ ୨ଜଣ ମଧ୍ୟ ସେଠାରେ କାମ କରୁଥିଲେ। ଗୁରୁବାର ଜଣେ ମହିଳା ଛୁଟିରେ ଥିବା ବେଳେ ଅନିଲ ଓ ତାଙ୍କ ସ୍ତ୍ରୀ ଏବଂ ପୁରୁଷ ବନ୍ଧୁ ଫାର୍ମରେ କାମ କରୁଥିଲେ। ତେବେ ହଠାତ୍ ୨ଜଣ ମୁଖାପିନ୍ଧା ଦୁର୍ବୃତ୍ତ ଫାର୍ମ ଭିତରକୁ ପଶି ଆସି ଜଣେ ଯୁବକଙ୍କୁ ଆକ୍ରମଣ କରିଥିଲେ। ଏହା ଦେଖି ଅନିଲ ବିରୋଧ କରିବାରୁ ଜଣେ ଦୁର୍ବୃତ୍ତ ଅନିଲଙ୍କ ଛାତିରେ ଛୁରି ଭୁସି ହତ୍ୟା କରିଥିଲା। ବେର୍ନା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ଏହି ଖବର ପ୍ରଚାରିତ ହେବା ପରେ କାନ୍ଦବୋବାଳିରେ ଅନିଲଙ୍କ ଗାଁ ଫାଟି ପଡ଼ିଛି। ମୃତ ପୁଅର ଶବର ଫେରିବା ବାଟକୁ ପରିବାରଲୋକ ଚାହିଁ ବସିଛନ୍ତି।

# ସ୍ୱାମୀ ଆଗରେ ଚାଲିଗଲା ସ୍ତ୍ରୀର ଜୀବନ

## ଶବ ରଖି ରାସ୍ତା ଅବରୋଧ

ସୁନ୍ଦରଗଡ଼,୨୧।୩(ସମିସ): ହେମଗିରି ଥାନା ଅଧୀନ ବାଙ୍କିବାହାଲ-ଟପରିଆ ରାସ୍ତାର କୁଲଡ଼ା ଖଣି କାର୍ଯ୍ୟାଳୟ ନିକଟରେ ଗୋଟିଏ ବଲେରୋ ଏକ ବାଇକ୍‌କୁ ପଛପଟୁ ଧକ୍କା ଦେବାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସ୍ୱାମୀ ଗୁରୁତର ହୋଇଛନ୍ତି। ମୃତ ମହିଳା ହେଲେ, କନ୍ଧାଧୁଡ଼ା ଗ୍ରାମର ରଘୁ କିସାନଙ୍କ ସ୍ତ୍ରୀ ଜିତେନ୍ଦ୍ରୀ କିସାନ। ସ୍ଥାନୀୟ ଲୋକେ ରଘୁଙ୍କୁ ଉଦ୍ଧାର କରି ହେମଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଛନ୍ତି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତେବେ ଏହି ଖବର ପ୍ରଚାରିତ ହେବା ପରେ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାରବର୍ଗଙ୍କ ସମେତ ଗ୍ରାମବାସୀ ଅପରାହ୍ଣ ପ୍ରାୟ ୫ଟାରେ ଜିତେନ୍ଦ୍ରୀଙ୍କ ଶବ ଘଟଣାସ୍ଥଳକୁ ଆଣି ରାସ୍ତା ଅବରୋଧ କରିଥିଲେ। ମୃତକଙ୍କ ପରିବାରଲୋକଙ୍କୁ ପୁଲିସ୍ ନ ଡକାଇ ଘଟଣାସ୍ଥଳରୁ କିପରି ଶବ ଜବତ କଲା ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ସେହିପରି ଉକ୍ତ ଦମ୍ପତିଙ୍କ ପରିବାରଲୋକଙ୍କୁ ଉପଯୁକ୍ତ କ୍ଷତିପୂରଣ ସହ ବିଭିନ୍ନ ଦାବିରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ପୁଲିସ୍ ଘଟଣାସ୍ଥଳରେ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରୁଛି। ତେବେ ସେମାନେ ନିଜ ଜିଦ୍‌ରେ ଅଟଳ ଥିବାରୁ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ଅଟକି ରହିଛି।

# ବିଦେଶୀଙ୍କୁ ସିମ୍ ବିକ୍ରି; ୨ ଗିରଫ

**୭୦ଟି ସିମ୍ ସହ ୨୨ଡଲାର ଜବତ**

ବ୍ରହ୍ମପୁର/ଛତ୍ରପୁର,୨୧।୩(ସମିସ): ଗୋପାଳପୁର ପୋର୍ଟକୁ ଜାହାଜରେ ଆସୁଥିବା ବିଦେଶୀଙ୍କୁ ବେଆଇନ ଭାବେ ଭାରତୀୟ ମୋବାଇଲ ସିମ ବିକ୍ରି କରୁଥିବା ଅଭିଯୋଗରେ ଶୁକ୍ରବାର ଆର୍ଯ୍ୟପଲ୍ଲୀ ସାମୁଦ୍ରିକ ଥାନା ପୁଲିସ କତୁରୁ ଗ୍ରାମର ଜି. ଶାମ୍ବାଙ୍କ ସମେତ ମୋବାଇଲ ଦୋକାନୀ ଏମ. କାମେୟାଙ୍କୁ ଗିରଫ କରିଛି। ଦୁହିଁଙ୍କଠାରୁ ବିଭିନ୍ନ କମ୍ପାନୀର ୭୦ଟି ସିମ୍ ଓ ଆମେରିକୀୟ ୨୨ଡଲାର ଜବତ ହୋଇଛି।

**ଅନ୍ୟ ଦେଶ ସହ ରହିଛି କି ଅଭିଯୁକ୍ତ ଶାମ୍ବାଙ୍କ ଲିଙ୍କ!**

**ଅପରାଧୀଙ୍କୁ ସିମ୍ ଯୋଗାଉଥିଲେ କି ଏ. କାମୟୋ**



ସୂଚନାଯୋଗ୍ୟ, ଦୁହେଁ ଏଭଳି ସିମ୍ ଯୋଗାଇ ମୋଟାଅଙ୍କର ଅର୍ଥ ରୋଜଗାର କରୁଥିବା ନେଇ ପୂର୍ବରୁ ଅଭିଯୋଗ ହୋଇଥିଲା। ଶୁକ୍ରବାର ବିଶେଷସୂତ୍ରରୁ ଖବର ପାଇ ପୁଲିସ୍ ଗୋପାଳପୁର ପୋର୍ଟକୁ ଜାହାଜରେ ଆସିଥିବା ବିଦେଶୀଙ୍କୁ ସିମ୍ କାର୍ଡ ବିକ୍ରି କରିବା ପୂର୍ବରୁ ଚଢ଼ଉ କରିଥିଲା। ଚଢ଼ଉ ସମୟରେ ଗୋପାଳପୁର ପୋର୍ଟରେ ଆଉଟସୋର୍ସିଂ ଭାବେ ଫୋରମ୍ୟାନ କାର୍ଯ୍ୟ କରୁଥିବା ଜି. ଶାମ୍ବାକୁ ପୁଲିସ ଗିରଫ କରିଥିଲା। ଶାମ୍ବା ନିକଟରୁ ୩୪ଟି ପ୍ରି ଆକ୍ଟିଭ ସିମ୍ ସହ ୨୨ଡଲାର ଟଙ୍କା ଜବତ କରିଥିଲା। ଏହାର ଖୋଳତାଡ଼ ଓ ଜେରା ପରେ ଉକ୍ତ ସିମ୍ ବିକ୍ରି କରୁଥିବା କତୁରୁ ଗ୍ରାମର ଏ. କାମେୟାଙ୍କ ଠାରୁ ଅଧିକ ୩୬ଟି ବିଭିନ୍ନ କମ୍ପାନୀର ସିମକୁ ଜବତ କରାଯାଇଥିବା ନେଇ ଛତ୍ରପୁର ଏସଡିପିଓ ଚନ୍ଦନ କୁମାର ଘଡେଇ ସୂଚନା ଦେଇଛନ୍ତି।

ତେବେ ସେମାନେ କେତେ ଦିନ ଧରି ଏହି ବେଆଇନ କାରବାରରେ ଲିପ୍ତ ଥିଲେ ଏବଂ ଏଥିରେ ଆଉ କାହାରି ସମ୍ପୃକ୍ତି ଅଛି କି ନାହିଁ, ଏଭଳି ବିଭିନ୍ନ ଦିଗକୁ ନେଇ ପୁଲିସର ତଦନ୍ତ ଜାରି ରହିଛି।

ଅନ୍ୟପକ୍ଷେ ଶାମ୍ବାଙ୍କ ନିକଟରୁ ଜବତ ହୋଇଥିବା ବିଦେଶୀ ଡଲାରକୁ ସେ କେଉଁଠାରେ ବଦଳାଉଥିଲେ, ବିଦେଶୀଙ୍କ ସହ ତାଙ୍କର କିଛି ଲିଙ୍କ ରହିଛି କି ନାହିଁ, ସେସବୁ ଦିଗକୁ ନେଇ ପୁଲିସ ତନାଘନା କରିବା ସହ ଗିରଫ ଶାମ୍ବାଙ୍କ ବ୍ୟାଙ୍କ ଷ୍ଟେଟମେଣ୍ଟର ତର୍ଜମା କରୁଛି। ପୁଲିସ କହିବା ଅନୁସାରେ ଜି. ଶାମ୍ବା ନିଜ ଗ୍ରାମର ଏମ. କାମେୟାଙ୍କଠାରୁ କମ୍ ଦାମରେ ସିମ କିଣି ପୋର୍ଟକୁ ଆସୁଥିବା ବିଦେଶୀଙ୍କୁ ଚଢ଼ା ମୂଲ୍ୟରେ ବିକ୍ରି କରୁଥିଲେ। ବିଦେଶୀ ନାଗରିକମାନେ ଡାଟା ବ୍ୟବହାର କରି ହ୍ୱାଟ୍ସଅପରେ ବାର୍ତ୍ତାଳାପ କରିବାର ସୁବିଧା ନେଉଥିଲେ। ପରେ ସେଗୁଡ଼ିକୁ ନଷ୍ଟ କରାଯାଉଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଚଢ଼ଉ ବେଳେ ଆର୍ଯ୍ୟପଲ୍ଲୀ ସାମୁଦ୍ରିକ ଥାନା ଅଧିକାରୀ ବିଦ୍ୟାଭାରତୀ ନାୟକ, ଚମାଖଣ୍ଡି ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲଙ୍କ ସମେତ ବହୁ ପୁଲିସ୍ କର୍ମଚାରୀ ସାମିଲ ଥିଲେ।

■ ଗତ ଦଶନ୍ଧିରେ ଛାତ୍ରଛାତ୍ରୀଙ୍କ ହୋଇଛି ଶୈକ୍ଷିକ ବିକାଶ

# ନବୀନ ସରକାରର ସଫଳତା ବଖାଣିଲେ ଗଣଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର, ୨୧।୩(ସମିସ): ଗତ ଏକ ଦଶନ୍ଧିରେ ବିଦ୍ୟାଳୟର ଶୈକ୍ଷିକ ବିକାଶ ହୋଇଛି। ପ୍ରାଥମିକ ଶିକ୍ଷାର ଅଗ୍ରଗତି ହେବା ସହ ଛାତ୍ରଛାତ୍ରୀଙ୍କ ଦକ୍ଷତା ବୃଦ୍ଧି ପାଇଛି। ଜାତୀୟ ହାର ତୁଳନାରେ ଓଡ଼ିଶାର ଛାତ୍ରଛାତ୍ରୀମାନେ ଉତ୍କୃଷ୍ଟ ପ୍ରଦର୍ଶନ କରିଛନ୍ତି। କେବଳ ଅଷ୍ଟମ ଶ୍ରେଣୀ ପିଲାଙ୍କ ହରଣ କରିବା ଦକ୍ଷତା କ୍ରମାଗତ ଭାବେ ୧୧ ପ୍ରତିଶତ ବଢ଼ିଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଶୁକ୍ରବାର ବିଧାନସଭାରେ ଏପରି ତଥ୍ୟ ଉପସ୍ଥାପନ କରିବା ପରେ ନବୀନ ପଟ୍ଟନାୟକ ସରକାର ସମୟରେ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ବିକାଶକୁ ସ୍ୱୀକାର କରିଛନ୍ତି।

ମନ୍ତ୍ରୀ ପ୍ରଦାନ କରିଥିବା ତଥ୍ୟ ଅନୁସାରେ ଅଷ୍ଟମ ଶ୍ରେଣୀର ପିଲାମାନେ ଫେଡ଼ାଣ ଓ ହରଣ କରିବାରେ ଜାତୀୟ ହାର ତୁଳନାରେ ଆଗରେ ରହିଛନ୍ତି। ୨୦୧୪ ମସିହାରେ ଓଡ଼ିଶାର ପ୍ରାୟ ୬୩.୪% ଅଷ୍ଟମ ଶ୍ରେଣୀ ପିଲା ଫେଡ଼ାଣ କରିପାରୁଥିଲେ। ୨୦୨୪ ବେଳକୁ ଏଥିରେ ପ୍ରାୟ ୬% ବୃଦ୍ଧି ଘଟିଛି ଓ ୬୯.୫% ପିଲା ଫେଡ଼ାଣ କରିପାରୁଛନ୍ତି। ଏହି ସମୟରେ ଜାତୀୟ ହାର ୬୮.୫% ଥିବାବେଳେ ରାଜ୍ୟର ଛାତ୍ରଛାତ୍ରୀମାନେ ଆଗରେ ରହିଛନ୍ତି। ସେହିପରି ୨୦୧୪ ମସିହାରେ ରାଜ୍ୟର ୩୭.୯% ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀ ହରଣ କରିପାରୁଥିଲେ। ୨୦୨୪ ବେଳକୁ ଆଉ ୧୧% ଅଧିକ ଅର୍ଥାତ ୪୮.୫% ଛାତ୍ରଛାତ୍ରୀ ହରଣ କରିପାରୁଛନ୍ତି। ଏହି କ୍ଷେତ୍ରରେ ଜାତୀୟ ହାର ୪୫.୫% ରହିଛି। ସେହିପରି ପଞ୍ଚମ ଶ୍ରେଣୀ ପିଲାଙ୍କ ଶୈକ୍ଷିକ ଦକ୍ଷତା କ୍ରମାଗତ ଭାବେ ବଢ଼ିଛି। ବେସରକାରୀ ବିଦ୍ୟାଳୟ ତୁଳନାରେ ସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ମଧ୍ୟ ଉତ୍କୃଷ୍ଟ ପ୍ରଦର୍ଶନ କରିଛନ୍ତି। ୨୦୨୨ରେ ୫୦.୪ ପ୍ରତିଶତ ପଞ୍ଚମ ଶ୍ରେଣୀ ପିଲା ଦ୍ୱିତୀୟ ଶ୍ରେଣୀ ଅନୁଚ୍ଛେଦ ପଢ଼ିପାରିଥିଲେ। ୨୦୨୪ରେ ଏହା ପ୍ରାୟ ୭ ପ୍ରତିଶତ ବୃଦ୍ଧି ପାଇ ୫୭.୨ ପ୍ରତିଶତରେ ପହଞ୍ଚିଛି। ହରଣ କରିପାରୁଥିବା ପିଲାଙ୍କ ହାର ୨୬.୧ ପ୍ରତିଶତରୁ ୨୯.୭ରେ ପହଞ୍ଚିଛି। ଅନୁରୂପ ଭାବେ ତୃତୀୟ ଶ୍ରେଣୀର ପିଲା ଯେଉଁମାନେ ଦ୍ୱିତୀୟ ଶ୍ରେଣୀ ଅନୁଚ୍ଛେଦ ପଢ଼ିପାରୁଛନ୍ତି, ସେମାନଙ୍କ ହାର ଜାତୀୟ ହାର ତୁଳନାରେ ୨୭.୧ ପ୍ରତିଶତ ଅଧିକ ରହିଛି।

**ଜାତୀୟ ହାର ତୁଳନାରେ ଓଡ଼ିଶାର ସରକାରୀ ସ୍କୁଲ ଛାତ୍ରଛାତ୍ରୀ ଅଧିକ ଦକ୍ଷ**

# ବିଧାନସଭା ସମ୍ମୁଖରେ ଗର୍ଜିଲା ଓଡ଼ିଶା ବିଦ୍ୟୁତ୍ ଉପଭୋକ୍ତା ମହାସଂଘ

ଭୁବନେଶ୍ୱର, ୨୧।୩(ସମିସ): ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପ୍ରସ୍ତାବ ପ୍ରତ୍ୟାହାର, ଜନ ବିରୋଧୀ ପ୍ରି-ପେଡ୍ ସ୍ମାର୍ଟ ମିଟର ସଂଯୋଗ ବନ୍ଦ, ବିଦ୍ୟୁତ୍ ଉପଭୋକ୍ତାଙ୍କୁ ମାସକୁ ୩୦୦ ୟୁନିଟ୍ ମାଗଣା ବିଜୁଳି, କୃଷି ଏବଂ ଆନୁସଙ୍ଗିକ କ୍ଷେତ୍ରକୁ ବିନାଶୁଳ୍କରେ ବିଦ୍ୟୁତ୍ ଯୋଗାଣ ଓ ବିଜୁଳି କମ୍ପାନୀର ଜୁଲମ ବନ୍ଦ ଦାବିରେ ଶୁକ୍ରବାର ବିଧାନସଭା ସମ୍ମୁଖରେ ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ସହ ବିଭିନ୍ନ ରାଜନୈତିକ ଦଳ କରିଛନ୍ତି ବିଶାଳ ବିକ୍ଷୋଭ। ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ଏକ ବଳକା ରାଜ୍ୟ ସତ୍ତ୍ୱେ ବିଦ୍ୟୁତ୍ ୟୁନିଟ୍ ପ୍ରତି ମୂଲ୍ୟ ଅନ୍ୟ ରାଜ୍ୟଠାରୁ ଅଧିକ ରଖାଯିବା, ନିରବଚ୍ଛିନ୍ନ ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣ କରା ନଯିବାକୁ ନେଇ ସଂଘ ସରକାରଙ୍କୁ କାଠଗଡ଼ାକୁ ଟାଣିଛି।



ଦାବି ପୂରଣ ନ ହେଲେ ତୀବ୍ର ହେବ ଆନ୍ଦୋଳନ

ସଂଘ ପକ୍ଷରୁ କୁହାଯାଇଛି ଯେ ରିଲାଏନ୍ସ ପାୱାରଠାରୁ ଆରମ୍ଭ କରି ଟାଟା ପାୱାର କମ୍ପାନୀ ପର୍ଯ୍ୟନ୍ତ ଓଡ଼ିଶାରୁ ବିଦ୍ୟୁତ୍ କ୍ଷେତ୍ରରେ ହଜାର ହଜାର କୋଟି ଟଙ୍କା କେବଳ ଲୁଣ୍ଠନ କରିଛନ୍ତି। ବିଦ୍ୟୁତ୍ ଉପଭୋକ୍ତାମାନେ ସମସ୍ତ କ୍ଷତିର ବୋଝକୁ ମୁଣ୍ଡାଇଛନ୍ତି। ଏବେ ପୁଣି ବଳ ପ୍ରୟୋଗ କରି ପ୍ରି-ପେଡ୍ ସ୍ମାର୍ଟ ମିଟର ସଂଯୋଗ କରିବା ପାଇଁ ଯୋଜନା ଚାଲିଛି। ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗଙ୍କ ପ୍ରସ୍ତାବ ଅନୁସାରେ ବିଦ୍ୟୁତ୍ ୟୁନିଟ୍ ପ୍ରତି ୯୧ ପଇସା ବୃଦ୍ଧି ପାଇଁ ଷଡ଼ଯନ୍ତ୍ର ହୋଇଛି। ଡବଲ ଇଞ୍ଜିନ ବିଜେପି ସରକାର ନିର୍ବାଚନ ସମୟରେ ପ୍ରତ୍ୟେକ ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ମାସକୁ ୩୦୦ ୟୁନିଟ୍ ମାଗଣା ବିଦ୍ୟୁତ୍ ଯୋଗାଣ ପ୍ରତିଶ୍ରୁତି ଦେଇଥିଲେ, ମାତ୍ର ତାହା କାର୍ଯ୍ୟକାରୀ କରାଯାଇ ନାହିଁ। କୃଷି ପ୍ରଧାନ ଗରିବ ରାଜ୍ୟ ଓଡ଼ିଶାରେ କୃଷି କ୍ଷେତ୍ର ପାଇଁ ମାଗଣାରେ ବିଦ୍ୟୁତ୍ ଯୋଗାଣ ହୋଇପାରୁ ନାହିଁ। ତେଣୁ ଏ ସମ୍ପର୍କରେ ସରକାର ଯଥାଯଥ ପଦକ୍ଷେପ ନ ନେଲେ ମହାସଂଘ ଜୋରଦାର ଆନ୍ଦୋଳନ କରିବ ବୋଲି କୁହାଯାଇଛି। ଆନ୍ଦୋଳନରେ ଉପଭୋକ୍ତା ମହାସଂଘର ଅଧ୍ୟକ୍ଷ ପଞ୍ଚାନନ କାନୁନ୍‌ଗୋ, ମହାସଂଘର ଆବାହକ ରବି ବେହେରା, ବାମପନ୍ଥୀ ନେତା ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ନାରାୟଣ ରେଡ୍ଡି, ପ୍ରଦୀପ୍ତ ନାୟକ, ମହେନ୍ଦ୍ର ପରିଡ଼ା ଏବଂ ଜ୍ୟୋତି ରଞ୍ଜନ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଜେପି ବ୍ୟତୀତ ସମସ୍ତ ବିରୋଧୀ ରାଜନୈତିକ ଦଳର ନେତୃବୃନ୍ଦ ଏହି ଆନ୍ଦୋଳନ ପ୍ରତି ସମର୍ଥନ ଜଣାଇଛନ୍ତି।

## ରାତାରାତି କୋଟିପତି ହେବାର ନିଶା

# ସରକାରୀ ଟଙ୍କାରେ କ୍ରିକେଟ୍ ବେଟିଂ; ପିଇଓ ଗିରଫ

ବ୍ରହ୍ମପୁର/ସାନଖେମୁଣ୍ଡି, ୨୧।୩ (ସମିସ): ରାତାରାତି କୋଟିପତି ହେବାର ସପ୍ନ ଜଣେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ)ଙ୍କୁ ଜେଲ୍ ମୁହଁ ଦେଖାଇଛି। ପଞ୍ଚାୟତର ୪୩ ଲକ୍ଷ ସରକାରୀ ଟଙ୍କା ହଡ଼ପ କରି କ୍ରିକେଟ୍ ବେଟିଂ କରିବା ଅଭିଯୋଗରେ ଭିଜିଲାନ୍ସ ଆଜି ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ, ସାନଖେମୁଣ୍ଡି ବ୍ଲକ ରାଧାଦେଇପୁର ପଞ୍ଚାୟତର ପିଇଓ କ୍ଷେତ୍ରମୋହନ ନାୟକ। ସରପଞ୍ଚଙ୍କ ଜାଲ ଦସ୍ତଖତରେ ସେ ଏହି ଟଙ୍କା ଉଠାଇବା ପରେ ଅନ୍‌ଲାଇନ୍ ଗେମିଂ ଓ ବେଟିଂ ଆପରେ ନିବେଶ କରୁଥିଲେ। ବ୍ରହ୍ମପୁର ଭିଜିଲାନ୍ସ ଏସପି ପ୍ରଦୀପ ପ୍ରଧାନ ଏହି ସୂଚନା ଦେଇଛନ୍ତି।

**ସରପଞ୍ଚଙ୍କ ଜାଲ୍ ଦସ୍ତଖତ କରି ହଡ଼ପ କରିଥିଲେ ୪୩ ଲକ୍ଷ**

ଶୁକ୍ରବାର ଅନୁଷ୍ଠିତ ସମ୍ବାଦିକ ସମ୍ମିଳନୀରେ ଏସ୍‌ପି ଶ୍ରୀ ପ୍ରଧାନ କହିଛନ୍ତି ଯେ ଦିଗପହଣ୍ଡି ଆକ୍ସିସ ବ୍ୟାଙ୍କ୍ ଏବଂ ପାଟପୁର କାନାରା ବ୍ୟାଙ୍କ ଶାଖାରେ ଥିବା ପଞ୍ଚାୟତ ପାଣ୍ଠି ଜମାଖାତାରୁ ରାଧାଦେଇପୁର ପଞ୍ଚାୟତର ସରପଞ୍ଚଙ୍କ ଜାଲ୍ ଦସ୍ତଖତରେ ପିଇଓ କ୍ଷେତ୍ରମୋହନ ୪୩ ଲକ୍ଷ ଟଙ୍କା ଉଠାଇଥିଲେ।



ଏନେଇ ସରପଞ୍ଚ ଡି. ରାକେଶ ପାତ୍ର ସାନଖେମୁଣ୍ଡି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜିତେନ୍ଦ୍ର କୁମାର ମିଶ୍ରଙ୍କ ନିକଟରେ ଅଭିଯୋଗ କରିଥିଲେ। ସରପଞ୍ଚଙ୍କ ଅଭିଯୋଗ ଭିତ୍ତିରେ ବିଡିଓ ଜିତେନ୍ଦ୍ର କୁମାର ମିଶ୍ର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ୭ଦିନିଆ କାରଣ ଦର୍ଶାଅ ନୋଟିସ୍ ଜାରି କରିବା ସହ ଏକ ଟିମ୍ ଘଟଣାର ତଦନ୍ତ ପାଇଁ ପଞ୍ଚାୟତକୁ ପଠାଇଥିଲେ। ତଦନ୍ତ ରିପୋର୍ଟ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କୁ ଅବଗତ କରାଇଥିଲେ। ସେହିପରି ଏହି ସରକାରୀ ଅର୍ଥ ଆତ୍ମସାତ୍ ବିଷୟରେ ବ୍ରହ୍ମପୁର ଭିଜିଲାନ୍ସକୁ ଜଣାଯିବା ପରେ ଭିଜିଲାନ୍ସର ଏକ ଟିମ୍ ସେହି ଅଞ୍ଚଳକୁ ଯାଇ ପିଇଓଙ୍କୁ ଉଠାଇ ଆଣିଥିଲା। ପଚରାଉଚରା ବେଳେ ସେ ସରକାରୀ ଅର୍ଥ ଉଠାଇବା ପରେ ତାହାକୁ ଗେମିଂ ଆପ୍‌ରେ ନିବେଶ କରିଥିବା ତଦନ୍ତରୁ ଜଣାପଡ଼ିଥିଲା।

କ୍ଷେତ୍ରମୋହନଙ୍କୁ କମ୍ ଦିନରେ କୋଟିପତି ହେବା ନିଶା ଘାରିଥିଲା। ସରକାରୀ ଚାକିରିକୁ ବର୍ଷେ ପୂରିନଥିଲେ ମଧ୍ୟ ମନରେ ଆଦୌ ଭୟ ନଥିଲା। କମ୍ ଦିନରେ କୋଟିପତି ହେବା ପାଇଁ ସରପଞ୍ଚଙ୍କ ନକଲି ଦସ୍ତଖତରେ ପଞ୍ଚାୟତ ସରକାରୀ ଟଙ୍କାକୁ ଉଠାଇ ଗେମିଂ ଆପ୍‌ରେ ଲଗାଇଥିଲେ। ଅନ୍ୟପଟେ ଅଧିକ ତଦନ୍ତ ପାଇଁ ସରପଞ୍ଚଙ୍କ ସମେତ ବ୍ଲକର କିଛି ଅଧିକାରୀଙ୍କୁ ମଧ୍ୟ ଭିଜିଲାନ୍ସ ଡାକିଥିବା ସୂଚନା ମିଳିଛି। ସେହିପରି, ପିଇଓ କ୍ଷେତ୍ର ମୋହନଙ୍କୁ ବଦଳି କରାଯାଇ ଆଉ ଜଣେ ପିଇଓଙ୍କ ନିଯୁକ୍ତି ପାଇଁ ବ୍ଲକ୍ ପକ୍ଷରୁ ଆଦେଶ ଦିଆଯାଇଛି।

## ବିଶ୍ୱବିଦ୍ୟାଳୟରେ ଦୁଇ-ତୃତୀୟାଂଶ ଅଧ୍ୟାପକ ପଦ ଖାଲି

# ୭୨ ପ୍ରତିଶତ ଅଣଶିକ୍ଷକ ପଦ ଫାଙ୍କା

ଭୁବନେଶ୍ୱର, ୨୧।୩(ସମିସ): ଭଗବାନଙ୍କ ଭରସାରେ ଚାଲିଛି ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ। ଦୁଇ-ତୃତୀୟାଂଶ ଅଧ୍ୟାପକ/ଅଧ୍ୟାପିକା ପଦ ଖାଲି ଥିବାବେଳେ ପ୍ରାୟ ୭୨ ପ୍ରତିଶତ ଅଣଶିକ୍ଷକ ପଦ ମଧ୍ୟ ଖାଲି ପଡ଼ିଛି। ରାଜ୍ୟର ୧୭ଟି ବିଶ୍ୱବିଦ୍ୟାଳୟରେ ୨୦୨୭ଟି ମଞ୍ଜୁରୀପ୍ରାପ୍ତ ଅଧ୍ୟାପକ ପଦ ରହିଛି। ତନ୍ମଧ୍ୟରୁ ମାତ୍ର ୬୭୪ ଟି ପଦରେ ଅଧ୍ୟାପକ/ଅଧ୍ୟାପିକା କାର୍ଯ୍ୟରତ ଥିବାବେଳେ ୧୩୫୩ ପଦ ଅର୍ଥାତ୍ ଦୁଇତୃତୀୟାଂଶ ପଦ ଖାଲି। ସେହିପରି ମୋଟ୍ ୨୮୭୯ଟି ମଞ୍ଜୁରୀପ୍ରାପ୍ତ ଅଣଶିକ୍ଷକ ପଦ ଥିବାବେଳେ ମାତ୍ର ୭୯୮ ଜଣ କାର୍ଯ୍ୟରତ ଥିବାବେଳେ ୨୦୮୧ ଅଣଶିକ୍ଷକ ପଦ ଖାଲି ରହିଛି। ବିଧାୟିକା ସୋଫିଆ ଫିର୍ଦ୍ଦୋଶଙ୍କ ପ୍ରଶ୍ନରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି ତଥ୍ୟ ରଖିଛନ୍ତି। ରାଜ୍ୟର ନାମକରା ଉତ୍କଳ ବିଶ୍ୱବିଦ୍ୟାଳୟରେ ୧୩୩ଟି ଅଧ୍ୟାପକ ପଦ ଖାଲି ପଡ଼ିଥିବାବେଳେ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ୧୬୧, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ୧୧୨, ରାଜେନ୍ଦ୍ର ବିଶବବିଦ୍ୟାଳୟରେ ୧୦୬, ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ୧୧୧ ପ୍ରଫେସର ପଦ ଖାଲି ପଡ଼ିଛି।

ସେହିପରି ଉତ୍କଳ ବିଶ୍ୱବିଦ୍ୟାଳୟରେ ୭୦୮ ଜଣ ଅଣଶିକ୍ଷକ ପଦ ଖାଲି ଥିବାବେଳେ ରେଭେନ୍ସାରେ ୧୯୫, ବ୍ରହ୍ମପୁରରେ ୧୮୨, ସମ୍ବଲପୁରରେ ୧୫୮ ପଦ ଖାଲି ରହିଛି। କେବଳ ଓଡ଼ିଆ ବିଶ୍ୱବିଦ୍ୟାଳୟକୁ ଛାଡ଼ି ଅନ୍ୟ ସମସ୍ତ ବିଶ୍ୱବିଦ୍ୟାଳୟରେ ୫୦ରୁ ଅଧିକ ପଦ ଖାଲି ପଡ଼ିଛି। ବିଶ୍ୱବିଦ୍ୟାଳୟ ସଂଶୋଧନ ନିୟମ ୨୦୨୦କୁ ନେଇ କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ଅଧୀନ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ସୁପ୍ରିମ୍‌କୋର୍ଟରେ ମାମଲା କରିଥିବାରୁ ନିଯୁକ୍ତି ହେଉନାହିଁ। ରାଜ୍ୟରେ ଡବଲ ଇଞ୍ଜିନ ସରକାର ଆସିଥିଲେ ମଧ୍ୟ କେନ୍ଦ୍ର ସରକାର ମାମଲାର ସମାଧାନ କରିବାକୁ ଆଗ୍ରହ ଦେଖାଉ ନଥିବା ବୁଦ୍ଧିଜୀବୀମାନେ ଅଭିଯୋଗ କରିଛନ୍ତି।

ରାଜ୍ୟ ସରକାର ଗତ ଡିସେମ୍ବର ୨ ତାରିଖରେ ବିଧାନସଭାରେ ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ୨୦୨୪ ଉପସ୍ଥାପିତ କରିବା ପାଇଁ କାର୍ଯ୍ୟସୂଚୀ ପ୍ରସ୍ତୁତ ହୋଇଥିଲା। ମାତ୍ର ଶେଷ ପର୍ଯ୍ୟାୟରେ ନିଜ ନିଷ୍ପତ୍ତିରୁ ଓହରି ଯାଇ ବିଲ୍ ଉପସ୍ଥାପନ କରି ନ ଥିଲେ। ଚଳିତ ବିଧାନସଭା ଅଧିବେସନରେ ମଧ୍ୟ ଏହି ବିଲ୍‌କୁ ସରକାର ଉପସ୍ଥାପିତ କରିନାହାନ୍ତି। ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ୨୦୨୪ କୁଆଡେ ଗଲା ଏବଂ ବିଶ୍ୱବିଦ୍ୟାଳୟରେ ଅଚଳାବସ୍ଥା କେବେ ଦୂର ହେବ ବୋଲି ଛାତ୍ରଛାତ୍ରୀ ଓ ଅଭିଭାବକମାନେ ପ୍ରଶ୍ନ କରିଛନ୍ତି।

### ଭିନ୍ନକ୍ଷମ ପ୍ରମାଣପତ୍ର ଶହେ ପ୍ରତିଶତରୁ କମି କମି ଯାଉଛି

# ୩୫୦୦ ଭତ୍ତା ଟଙ୍କା ପାଇବାରୁ ଅନୀତା ବଞ୍ଚିତ



OFFICE OF THE CHIEF DISTRICT MEDICAL OFFICER, KENDRAPARA
DISTRICT MEDICAL BOARD OF KENDRAPARA
DISABILITY CERTIFICATE

Signature of the candidate

ପଞ୍ଚୁପାଣ୍ଡବ,୨୧ ।୩(ସମିସ): ରାଜ୍ୟ ସରକାର ୮୦ ପ୍ରତିଶତ ବୃଦ୍ଧା,ବୃଦ୍ଧ, ଦିବ୍ୟାଙ୍ଗ ଏବଂ ଭିନ୍ନକ୍ଷମମାନଙ୍କୁ ମାସକୁ ତିନି ହଜାର ପାଞ୍ଚଶହ ଟଙ୍କା ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।ଏବେ ଏମାନଙ୍କୁ ଅଣଦେଖା ହେଉଥିବା ଅଭିଯୋଗ ହେଉଛି।ହିତାଧିକାରୀମାନଙ୍କୁ ୮୦ ପ୍ରତିଶତରୁ ଅଧିକ ହୋଇଥିଲେବି ପ୍ରଶାସନ ସେଥିପ୍ରତି ଦୃଷ୍ଟି ଦେଉ ନାହାନ୍ତି ଏବଂ କେତେକ ହିତାଧିକାରୀ ୧୨ ଶହ ଟଙ୍କା ପାଉଥିବା ବେଳେ ସେମାନଙ୍କୁ ବି ତିନି ହଜାର ପାଞ୍ଚଶହ ଟଙ୍କା ମିଳୁ ନ ଥିବା ଅଭିଯୋଗ ହେଉଛି। ସରକାରଙ୍କ କଥା ପାଣିର ଗାର ଭଳି ଏବଂ ପ୍ରଶାସନ ଅଧିକାରୀ ମାନଙ୍କର ଭତ୍ତା ହିତାଧିକାରୀ ମାନଙ୍କୁ ଅବହେଳା ଯୋଗୁଁ କେତେକ ହିତାଧିକାରୀ ବର୍ଦ୍ଧିତ ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି।ଏମିତି ଦେଖିବାକୁ ମିଳୁଛି ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ବଜାର ଗ୍ରାମରେ।ଏହି ଗ୍ରାମର ଅନୀତା ପ୍ରଧାନ ୨୦୦୭ ମସିହାରୁ ଶହେ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଥିଲେ ପରେ ୨୦୨୨ ମସିହାରେ ତାଙ୍କର ୫୮ ପ୍ରତିଶତକୁ ଖସିଗଲା।ଏବେ କିଛି ଦିନ ତଳେ ଡେରାବିଶ ବ୍ଲକରେ ଏହି ମାନଙ୍କ ପାଇଁ ଏକ ଶିବିର ଅନୁଷ୍ଠିତ ହୋଇଥିଲା ସେଥିରେ ଅନୀତା ଏ ବାବଦରେ ବ୍ଲକରେ ଜଣାଇ ଥିଲେ ସୁଦ୍ଧା କେହି



ସମସ୍ୟାକୁ ସମାଧାନ କଲେନାହିଁ। ଅନୀତା କଥାକହି ପାରୁନାହାନ୍ତି କି କାନରେ କିଛି ଶୁଣି ପାରୁ ନାହାନ୍ତି ବୋଲି ପରିବାର ଲୋକେ କହିଛନ୍ତି।ଆଗରୁ ୧୨ ଶହ ଟଙ୍କା ପାଉଥିବାବେଳେ ଏବେ ତିନି ମାସ ହେଲା ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏ ବାବଦରେ ପଞ୍ଚାୟତର ପିଇଓ ଗୋବିନ୍ଦ ଚନ୍ଦ୍ର ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି ତାଙ୍କର ଯାହାବି ସମସ୍ୟା ଅଛି ତଳୁ ସମାଧାନ କରାଯାଇ ଏକା ସଙ୍ଗରେ ଭତ୍ତା ଟଙ୍କା ପୈଠ କରାଯିବ।ଏହାର ତଦନ୍ତ କରାଯାଇ ଅନୀତାଙ୍କୁ ମେଡିକାଲ ପରୀକ୍ଷା କରାଇ ଯଥାଶୀଘ୍ର ବର୍ଦ୍ଧିତ ଭତ୍ତା ଯୋଗାଇ ଦେବାକୁ କେନ୍ଦ୍ରାପଡ଼ା ସିଡ଼ିଏମଙ୍କୁ ବୃଦ୍ଧିଜୀବୀ ମହଲରୁ ଅନୁରୋଧ କରାଯାଇଛି।

## ଗହୀରମଥାରୁ ଟ୍ରଲର ଜବତ, ୮ ମତ୍ସ୍ୟଜୀବୀ ଗିରଫ




ରାଜନଗର,୨୧।୩(ସମିସ): ଗହୀରମଥା ସାମୁଦ୍ରିକ ନିଷିଦ୍ଧ ଅଞ୍ଚଳରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନ ବିଭାଗର ପାଟ୍ରୋଲିଂ ଟିମ ଗୋଟିଏ ଟ୍ରଲର ଜବତ କରିବା ସହ ଏଥିରେ ଥିବା ୮ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି। ଫରେଷ୍ଟର ସୁରେଶ ଚନ୍ଦ୍ର ପୃଷ୍ଟିଙ୍କ ନେତୃତ୍ୱରେ ବନ ବିଭାଗର ପାଟ୍ରୋଲିଂ ଟିମ ଗହୀରମଥାର ଏକକୁଳା ନିକଟରେ ଆଲୋକଜ୍ୟୋତି ନାମକ ଟ୍ରଲରକୁ ଜବତ କରିଥିଲେ। ଜବତ ଟ୍ରଲରରୁ ୭ କ୍ୟୁଣ୍ଟାଲ ମାଛ, ୧ଟି ଜିପିଏସ,୩ଟି ଭିଏଚଏଫ,୧ଟି ଫିସଫାଇଣ୍ଡର ,୧୩ ଟି ଟ୍ରାଲିଂନେଟ ଓ ୧ଟି ମୋବାଇଲ ଜବତ କରାଯାଇଛି। ଟ୍ରଲର ଥିବା ମତ୍ସ୍ୟଜୀବୀମାନେ ହେଲେ ମୋହନ ହାଲଦାର,ରବିନ୍ଦ୍ର ମଣ୍ଡଳ,ଶକ୍ତିପଦ ମଣ୍ଡଳ,ସଂଜୟ ମାଇତି, ପବିତ୍ର ମଣ୍ଡଳ,ଶଙ୍କର ଗିରି, ଜୟଦେବ ଦାସ,ଆନନ୍ଦ ମାନା ପ୍ରମୁଖ ୮ ଜଣଙ୍କୁ ଗିରଫ କରାଯାଇ ବନ୍ୟ ପ୍ରାଣୀ ଆଇନ ୧୯୭୨ ରେ ମୋକଦମା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ନେଇ ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।ଗିରଫ ମତ୍ସ୍ୟଜୀବୀମାନେ କେନ୍ଦ୍ରାପଡା ଜିଲ୍ଲା ତାଳଚୁଆ ମେରାଇନ ଥାନା ଓ ରାଜନଗର ଥାନା ଅଞ୍ଚଳର ବୋଲି ଜଣାପଡିଛି।

## ଅଗ୍ନିପୀଡ଼ିତଙ୍କୁ ସହାୟତା

ପଞ୍ଚୁପାଣ୍ଡବ,୨୧ ।୩(ସମିସ):ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ବଜାର ଗ୍ରାମର ଅଗ୍ନି ବିପନ୍ନ ପରିବାରକୁ ଗୁରୁବାର ସମାଜସେବୀ ଅଜୟ କୁମାର ରାଉତ ସହାୟତା ପ୍ରଦାନ କରିଛନ୍ତି। ସୋମବାର ରାତିରେ ବଜାର ଗ୍ରାମର ହୃଷୀକେଶ ସେଠୀଙ୍କ ଦୁଇ ବଖରା ଚାଳଘର ଭସ୍ମୀଭୂତ ହୋଇଯାଇଥିଲା। ସେଠୀ ଜଣେ ଦିନ ମଜୁରିଆ ପରିବାରର ହୋଇଥିବାରୁ ତାଙ୍କର ଏ ଦୁଃଖଦ ଖବର 'ସକାଳ' ଖବର କାଗଜରେ ପ୍ରସାରିତ ହୋଇଥିଲା।ତା ପରେ ଶ୍ରୀ ରାଉତ ତାଙ୍କ ପରିବାରକୁ ଭେଟି ସହାୟତା ପ୍ରଦାନ କରିଥିଲେ।ଏ ସମୟରେ ସମାଜସେବୀଙ୍କ ସହ ପୂର୍ବତନ ସରପଞ୍ଚ ଅରକ୍ଷିତ ସାମଲ,ରଞ୍ଜନ ନାୟକ , କାଳନ୍ଦୀ ପରିଡ଼ା ଏବଂ ଗ୍ରାମବାସୀ ମାନେ ଉପସ୍ଥିତ ଥିଲେ।

## ଗୁଲୁଦିଆରେ ରାଧାକୃଷ୍ଣଙ୍କ ପୂଜା

ରାଜନଗର,୨୧।୩(ସମିସ): ରାଜନଗର ବ୍ଲକ୍ ମହିଷାସୁର ପଞ୍ଚାୟତ ଅନ୍ତର୍ଗତ ଗୁଲୁଦିଆ ଗ୍ରାମରେ ୫ଦିନ



ଧରି ଚାଲିଥିବା ରାଧାକୃଷ୍ଣଙ୍କ ପୂଜା ଆଜି ଉଦଯାପିତ ହୋଇଯାଇଛି। ଏ ଅବସରରେ କଳସ ଶୋଭାଯାତ୍ରା, ଗୋମାତା ପୂଜା ଓ ହରିହାଟ ପ୍ରଭୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ପ୍ରଭାତ ଶତପଥୀ ଓ କମଳାକାନ୍ତ ଦେବତାଙ୍କ ତତ୍ତ୍ୱାବଧାନରେ ସୂର୍ଯ୍ୟପୂଜା, ବେଦପାଠ ଓ ଠାକୁରଙ୍କ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। କର୍ତ୍ତା ଭାବେ ଅଭିରାମ ନାୟକ ସଂକଳ୍ପ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଗୁଲୁଦିଆ, ଚଣ୍ଡିଆପଲି ଗାଁର ସନାତନ ସ୍ୱାଇଁ, ପବିତ୍ର ଜେନା, ଅମର ଜେନା, ଅମରେନ୍ଦ୍ର ନାୟକ, ମହେଶ୍ୱର ନାୟକ, ଅକ୍ଷୟ ନାୟକ, ସନାତନ ନାୟକ, ଅଲେଖ ଚନ୍ଦ୍ର ପରିଡ଼ା, ମାନସ ବିଶ୍ୱାଳ, କାହ୍ନୁଚରଣ ନାୟକ, ଗଣେଶ୍ୱର ପ୍ରଧାନ, ନିତ୍ୟାନନ୍ଦ ସାହୁ, ମନୋଜ ମହାନ୍ତି, ମହେଶ୍ୱର ମହାନ୍ତି, ଅନିରୁଦ୍ଧ ପ୍ରଧାନ, ରଘୁନାଥ ବାରିକ, ମାନସ ମହାନ୍ତି, କାଳନ୍ଦୀ ନାୟକ, ଜୟରାମ ପରିଡ଼ା, ଜ୍ୟୋତିବ୍ରତ ନାୟକ, ରମାକାନ୍ତ ବିଶ୍ୱାଳ, ରଞ୍ଜନ ପ୍ରଧାନ, ଚିତ୍ତରଞ୍ଜନ ସାହୁଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

## ଆଇଆଇଟି ଜାମ ପରୀକ୍ଷାରେ ନିଭୃତିଙ୍କ କୃତିତ୍ୱ



ରାଜକନିକା,୨୧।୩(ସମିସ): ସାରା ଦେଶରେ ସଦ୍ୟ ପ୍ରକାଶିତ ଆଇଆଇଟି ଜାମ (ଜଏଣ୍ଟ ଆଡିମିଶନ ଟେଷ୍ଟ ଫର ମାଷ୍ଟର) ପରୀକ୍ଷାରେ ରାଜକନିକା ତରାସ (ଗଭାଡ଼ିଆ) ଗ୍ରାମର ଛାତ୍ରୀ ନିଭୃତି ନାୟକ କୃତିତ୍ୱ ହାସଲ କରିଛନ୍ତି। ନିଭୃତି ମେରିଟ ଲିଷ୍ଟର ୩୦୧୪ତମ ର୍ୟାଙ୍କରେ ରହିଛନ୍ତି। ପଦାର୍ଥ ବିଜ୍ଞାନରେ ରିସର୍ଚ୍ଚ କରିବାକୁ ଏହି ଜାମ ପରୀକ୍ଷା ଦେବାରେ ସେ ଖୁବ ଉତ୍ସାହୀ ଅଛନ୍ତି। ରାଜକନିକା ବ୍ଲକ ତରାସ ଗାଁର ପ୍ରାଥମିକ ବିଦ୍ୟାଳୟ, ତରାସ ନୋଡାଲ ହାଇସ୍କୁଲରୁ ମାଟ୍ରିକ ପରୀକ୍ଷାରେ ୪୨୦ ନମ୍ବର ରଖିଥିବା ନିଭୃତି ଟେଟ୍ରାହେଡେନ କଲେଜରେ +୨ ପଢିବା ପରେ ଏବେ କଟକର ସରସ୍ୱତୀ ସାଇନ୍ସ ଡିଗ୍ରୀ କଲେଜରେ ପଦାର୍ଥ ବିଜ୍ଞାନରେ +୩ର ଷଷ୍ଠ ସେମିଷ୍ଟାରରେ ପରୀକ୍ଷା ଦେଉଛନ୍ତି। ନିଭୃତିଙ୍କ ବାପା ନିତାଇ ରମଣ ନାୟକ ପେସାରେ ଶିକ୍ଷକ ଥିବାବେଳେ ମାଆ ରଶ୍ମିରେଖା ସାମଲ ଗୃହିଣୀ ଅଛନ୍ତି। ନିଭୃତିଙ୍କ ବଡ଼ଭଉଣୀ ନିକିତା ନାୟକ ଏବେ ଏକ ଘରୋଇ କଲେଜରେ ରସାୟନ ବିଜ୍ଞାନର ଅଧ୍ୟାପିକା ଭାବେ ଅବସ୍ଥାପିତ ଅଛନ୍ତି।

### ଦୁବାଇରୁ ଗାଁକୁ ଫେରିଲା ରାଜେଶଙ୍କ ମୃତଦେହ

## ଆତ୍ମହତ୍ୟା ପୂର୍ବରୁ ଘରକୁ ପଠାଇଥିଲେ ଅଡିଓ ମେସେଜ

ରାଜନଗର, ୨୧।୩(ସମିସ): ରାଜନଗର ବ୍ଲକ ଗୁପ୍ତି ପଚାୟତ କାନଫୁଲିଆ ଗ୍ରାମର ଦିବାକର ପରିଡାଙ୍କ ସାନପୁଅ ରାଜେଶ କୁମାର ପରିଡା (୩୩ ) ଦୁବାଇରେ ଦାଦନ କରୁଥିବା ବେଳେ ଆତ୍ମହତ୍ୟା କରିଥିଲେ । ଆତ୍ମହତ୍ୟାର ୧୩ ଦିନ ପରେ ଆଜି ସନ୍ଧ୍ୟାରେ ରାଜେଶଙ୍କ ମରଶରୀର ଗାଁରେ ପହଞ୍ଚିଛି । ପରିବାର ଲୋକେ ସୁଦୂର ଦୁବାଇରୁ ଶବ ଫେରାଇ ଆଣିବା ପାଇଁ ମୁଖ୍ୟମନ୍ତ୍ରୀ , ଜିଲ୍ଲା ପ୍ରଶାସନ ଓ ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ନିବେଦନ କରିଥିଲେ ।ସାଂସଦଙ୍କ ଉଦ୍ୟମ ଫଳରେ ଦୁବାଇରୁ ଦିଲ୍ଲୀ , ଦିଲ୍ଲୀରୁ ଭୁବନେଶ୍ୱର ଫ୍ଲାଇଟ ଯୋଗେ ମରଶରୀର ଆସି ପହଞ୍ଚିବା ପରେ ଭୁବନେଶ୍ୱର ବିମାନ ବନ୍ଦରରୁ ଆମ୍ବୁଲାନ୍ସ ଯୋଗେ ଗାଁକୁ ମରଶରୀର ଫେରିଛି ।ଗାଁରେ ମରଶରୀର ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।ଗାଁ ଶ୍ମଶାନରେ ଶେଷ କୃତ୍ୟ ସମ୍ପନ୍ନ ହୋଇଛି ।ଗାଁରେ ଶୋକାକୁଳ ପରିବେଶରେ ଶେଷକୃତ ସମ୍ପନ୍ନ ହୋଇଥିଲେ ମଧ ମୃତ ଯୁବକ



ରାଜେଶ ମୃତ୍ୟୁ ପୂର୍ବରୁ ପଠାଇଥିବା ଅଡିଓ ମେସେଜ ସମସ୍ତଙ୍କୁ କନ୍ଦାଇ ଦେଇଛି । ଭାଇ ନମସ୍କାର , ବୋଉ ବାପାଙ୍କୁ ନମସ୍କାର , ଭାଇ ଭାଉଜ ସମସ୍ତଙ୍କୁ ନମସ୍କାର ।ମୁଁ ଆତ୍ମହତ୍ୟା କରିଦେଉଛି , ମୋତେ ଆଉ ଭଲ ଲାଗୁନି । ସମସ୍ତେ ଖୁସିରେ ରୁହ , ଏଥିରେ କାହାରି କିଛି ଦୋଷ ନହିଁ । ଆଜି ମୁଁ ମରୁଛି , କେଉଁଠି ମରୁଛି ,ମୋ ଶବ ପାଇବ ନାହିଁ । କେହି ମନଦୁଃଖ କରିବନି , ଦୁଇ ଦିନ ହେଲା କ୍ୟାମ୍ପ ଛାଡି ଦେଇଛି ।ଖାଇବା ପିଇବା ନାହି, ମୋ ଆତ୍ମାକୁ ବାଧି ଯାଇଛି ।ସବୁ ଦୁନିଆରେ ରହିବ , ମୁଁ ଯାଉଛି । ରାଜେଶ ମୃତ୍ୟୁ ପୂର୍ବରୁ ପଠାଇଥିବା ୧ ମିନିଟ ୭ ସେକେଣ୍ଡର ଦୁଇଟି ଅଡିଓ ମେସେଜ ପରିବାର ଓ ଗ୍ରାମବାସୀଙ୍କୁ ଶୋକ ସାଗରରେ ଭସାଇ ଦେଇଛି । ରାଜେଶ ଅବିବାହିତ ଥିଲେ ।୨୦୨୩ ନଭେମ୍ବରରେ ଦୁବାଇ ଯାଇଥିଲେ ଦାଦନ ଖଟିବାକୁ । ମାର୍ଚ୍ଚ ମାସ ୫ ତାରିଖ ଠାରୁ ସେ କାମ କରୁଥିବା କମ୍ପାନର କ୍ୟାମ୍ପସରୁ ନିଖୋଜ ହୋଇଯାଇଥିଲେ। ସେ ରହୁଥିବା କ୍ୟାମ୍ପସ ମଧ୍ୟରେ ସ୍ଥାନୀୟ ପ୍ରବାସୀମାନେ ଖୋଜାଖୋଜି କରିଥିଲେ ମଧ୍ୟ ପାଇନଥିଲେ। ପରେ ସେମାନେ ଖବର ପାଇଥିଲେ ଦୁବାଇର ଦେଇରା ଥାନାରେ ତାର ଶବ ରହିଛି। ଏ ଘଟଣା ଜାଣିବା ପରେ ଓଡିଆ ଯୁବକମାନେ ପରିବାର ଲୋକଙ୍କୁ ଖବର ଦେଇଥିଲେ।

## ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା



ପଟ୍ଟାମୁଣ୍ଡାଇ,୨୧।୩(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବରିଷ୍ଠ ସମାଜସେବୀ ଦିବଙ୍ଗତା ଡା. ସୁଚାରୁହାସିନୀ ପାତ୍ରଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ପଟ୍ଟାମୁଣ୍ଡାଇ ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳଙ୍କ ପୌରହିତ୍ୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ଡ. କେଲୁ ଚରଣ ସ୍ୱାଇଁ, ପ୍ରଫେସର କୈଳାଶ ଚନ୍ଦ୍ର ପାତ୍ର, ସମ୍ପାଦକ ପ୍ରଫେସର ଭରତ ଚନ୍ଦ୍ର ପାତ୍ର, କାର୍ଯ୍ୟକାରୀ ସଭାପତି କସ୍ତୁରି ଚରଣ ସ୍ୱାଇଁ, ଯୁଗ୍ମ ସମ୍ପାଦକ ବିଜୟ କୁମାର ସାହୁ, କୋଷାଧ୍ୟକ୍ଷ ଚର୍ତୁର୍ଭୁଜ ରାଉଳ, ପ୍ରଫେସର ପରୀକ୍ଷିତ ପାତ୍ର, ନାଟ୍ୟକାର ପ୍ରଫେସର ଗୋଲେଖ ଚନ୍ଦ୍ର ମହାରଣା, ପ୍ରଫେସର ଡ. ନରହରି ଲେଙ୍କା, ପଣ୍ଡିତ ତ୍ରୈଲୋକ୍ୟ ପ୍ରସାଦ ମିଶ୍ର, ଶିକ୍ଷାବିତ ଶଚିନନ୍ଦନ ଦାସ, ଇଓ. ତ୍ରିଲୋଚନ ସୁତାର, ଇଓ ତପନ କୁମାର ପାତ୍ର,ପ୍ରାକ୍ତନ ବିଇଓ ବିଜୟ କୁମାର ରାଉତ, ପ୍ରଦୀପ କୁମାର ରଥ,ଶିକ୍ଷାବିତ ପ୍ରମୋଦ କୁମାର ନାୟକ, ପ୍ରାବନ୍ଧିକ ପ୍ରଦୀପ ନାୟକ, ନନ୍ଦ କିଶୋର ମହାରଣା, ସୁଶାନ୍ତ ଦାଶ, ବ୍ରଜ କିଶୋର ପଣ୍ଡା କହ୍ନାଇ ପରିଡା, ସଞ୍ଜୟ ବର୍ମା, ପ୍ରଫୁଲ ପ୍ରଧାନ, ଗର୍ନ୍ଧବ ଲେଙ୍କା , ପ୍ରମୋଦ ସାହୁ ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇ ଦିବଙ୍ଗତା ଡାସୁଚାରୁ ହାସିନୀ ପାତ୍ରଙ୍କର ପଟ୍ଟାମୁଣ୍ଡାଇ ବିକାଶ କ୍ଷେତ୍ରରେ ଭୂମିକା, ନିଃସ୍ୱାର୍ଥପର ରୋଗୀସେବା ସର୍ବୋପରି ସ୍ନେହଶୀଳା ମହିୟସୀ ମହିଳା ଭାବେ ଲୋକପ୍ରିୟତା ସମ୍ପର୍କରେ ଆଲୋକପାତ କରିବା ସହିତ ତାଙ୍କ ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସଭା ଆରମ୍ଭରେ ଦିବଙ୍ଗତାଙ୍କ ଆତ୍ମାର ସଦଗତି ନିମନ୍ତେ ୧ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା ।ଶେଷରେ ପ୍ରମୋଦ କୁମାର ସାହୁ ଧନ୍ୟବାଦ ଦେଇଥିଲେ ।

## ଛୋଟିରେ ବାଦିପାଲା ମହୋତ୍ସବ

ଡେରାବିଶ, ୨୧।୩(ସମିସ): ଡେରାବିଶ ବ୍ଲକ ଅନ୍ତର୍ଗତ ଛୋଟି ପଞ୍ଚାୟତରେ ପଞ୍ଚୁଦୋଳ ଅବସରରେ ଚାରିଦିନ ବ୍ୟାପୀ ବାଦିପାଲା ଅନୁଷ୍ଠିତ ହେଉଛି। ୭୦ବର୍ଷ ପୁରାତନ ଛୋଟି ପାଲାମଣ୍ଡପରେ ପ୍ରତି ବର୍ଷ ପରି ଓଡିଆ ସାହିତ୍ୟ, ସଂସ୍କୃତି ସଙ୍ଗୀତର ମୂର୍ଚ୍ଛନାରେ



ଓଡିଶାର ଲବ୍ଧପ୍ରତିଷ୍ଠିତ ପାଲା ଗାୟକଙ୍କ ଉପସ୍ଥିତିରେ ବାଦିପାଲା ଅନୁଷ୍ଠିତ ହେଉଅଛି। ଏହି ବାଦିପାଲାରେ ସୁଦୂର ପୁରୀ ଜିଲ୍ଲାର ଗାୟକ; ଗାୟକ ବିଶାରଦ ସଚ୍ଚିଦାନନ୍ଦ ଦାଶ ଏବଂ ସାଥୀଙ୍କ ପ୍ରାଚୀନ ଓଡିଆ ସାହିତ୍ୟ ଚର୍ଚ୍ଚା ଏବଂ ବାଲେଶ୍ୱର ଜିଲ୍ଲାର ଗାୟକ; ଗାୟକ କୁଳଚନ୍ଦ୍ରମା ଚନ୍ଦ୍ରଶେଖର ପାଢୀ ଏବଂ ସାଥୀଙ୍କ ଛାନ୍ଦ ଚମ୍ପୁ ସଂସ୍କୃତ ଶ୍ଳୋକର ଝଙ୍କାର ଓଡିଆପଣିଆକୁ ମନେପକେଇ ଦେଇଥିଲା। ସ୍ଥାନୀୟ ଅଞ୍ଚଳର କଳା ପ୍ରେମୀ, ସାହିତ୍ୟ ସାଧକ ମାନଙ୍କ ନିରନ୍ତର ଉଦ୍ୟମ ତଥା ପାଲା କମିଟିର କର୍ମକର୍ତ୍ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠାନକୁ ଆଗକୁ ଆଗକୁ ଗତିଶୀଳ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା କମିଟିର ସଭାପତି ବାବାଜୀ ଚରଣ ସାହୁ କୁହନ୍ତି ଏହି ବାଦପାଲା ମଣ୍ଡପ ଅନେକ ଲବ୍ଧପ୍ରତିଷ୍ଠିତ ପାଲା ଗାୟକଙ୍କ ଏନ୍ତୁଡିଶାଳ କହିଲେ ଅତ୍ୟୁକ୍ତି ହେବ ନାହିଁ କାରଣ କେନ୍ଦ୍ରାପଡାର ଅନନ୍ୟ ପୁରାତନ ଛୋଟି ପାଲା ମଣ୍ଡପ ଓଡିଶାର କୋଣ ଅନୁକୋଣରେ ଥିବା ଅନେକ ପୁରସ୍କାରପ୍ରାପ୍ତ ଆଗଧାଡିର ପାଲା ଗାୟକ ମାନଙ୍କୁ ପ୍ରତିବର୍ଷ ସାହିତ୍ୟ ଚର୍ଚ୍ଚା କରେଇବାରେ ସୁଯୋଗ ଦେଇଥାଏ। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଗାୟକ ଲକ୍ଷ୍ମୀଧର ରାଉତଙ୍କ ପାଲା ଏହି ମଣ୍ଡପରୁ ଆରମ୍ଭ ହେଇଥିଲା।ପେଟ୍ରୋମାକ୍ସ ଲାଇଟରେ ପାଲା ଆରମ୍ଭ ହେଇଥିବା ଏହି ମଣ୍ଡପ ଆଜି ପୂର୍ବବତ୍ ଦର୍ଶକଙ୍କୁ ବାନ୍ଧିରଖିଛି। ଉଦ୍ୟୋକ୍ତା ମଧ୍ୟରେ ଅଶୋକ କୁମାର ଜେନା, ବିଜୟ କୁମାର ନାୟକ, କିଶୋର ଚନ୍ଦ୍ର ମଳିକ, ଅକ୍ଷୟ କୁମାର ମଳିକ, ବାସୁଦେବ ମହାନ୍ତି, ନାରାୟଣ ଚନ୍ଦ୍ର ବଳ, ଅରକ୍ଷିତ ମଳିକ, ଭାଗବତ ମଳିକ ପ୍ରମୁଖ ବିଭିନ୍ନ ଦାୟିତ୍ୱ ନେଇ ଅନୁଷ୍ଠାନର ପରିଚାଳନାରେ ଅଛନ୍ତି।

## ୨ ଚୋରା କୋଇଲା ବୋଝେଇ ପିକଅପ୍ ଜବତ

ରାଜକନିକା,୨୧।୩ (ସମିସ): ଚୋରା ଅଷ୍ଟ୍ରେଲିଆ କୋଇଲାର ହବ ପାଲଟିଛି ରାଜକନିକା। ରାଜକନିକା ବାଟ ଦେଇ ଦୈନିକ ବେଧଡକ ଭାବେ ଚାଲୁଛି ଚୋରା କୋଇଲା ଚାଲାଣ। ଭଦ୍ରକ ଧାମରା



ଅଞ୍ଚଳରୁ ପ୍ରାୟ ୫୦ରୁ ୬୦ଟି ପିକଅପ୍ ଭ୍ୟାନରେ କେନ୍ଦ୍ରାପଡା ଜିଲ୍ଲା ରାଜକନିକା ବାଟ ଦେଇ ଚୋରା କୋଇଲା ଗାଡି ପାର ହେଉଛି। ପୁଲିସକୁ ଚକମା ଦେଇ ଚୋରା କୋଇଲା ମାଫିଆମାନେ ଖୁଲମଖୁଲା ଗାଡିଗୁଡିକୁ ରାଜକନିକାରୁ ପାସ୍ କରାଉଥିବା ବେଳେ, ପୁଲିସ କାଁ ଭାଁ ଗାଡି ଧରି ମାମଲା ରୁଜୁ କରି ଦାୟିତ୍ୱ ସାରିଦେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଏଥିରେ ଚୋରା କୋଇଲା ମାଫିଆ ମାନେ ହେଉଛନ୍ତି ମାଲାମାଲ। ତେବେ ଗତକାଲି ଗୁରୁବାର ମଧ୍ୟରାତ୍ରିରେ ରାଜକନିକା ଥାନା ଅଧିନ କାଳିସିପଡା ଗାଁ ନିକଟରେ ଚୋରା କୋଇଲା ବୋଝେଇ ପିକଅପ୍ ଭ୍ୟାନ ଗାଡି ନଂ ଓଡି ୦୫ ବିଟି ୪୯୫୮ ଓ ଅନ୍ୟ ଏକ ଗାଡି ନଂ ଓଡି ୨୨ ଏକ୍ସ ୦୬୭୮ ଦୁଇଟି ଗାଡିକୁ ସ୍ଥାନୀୟ ଲୋକେ କାବୁ କରି ପୁଲିସକୁ ଖବର ଦେଇଥିଲେ। ଖବରପାଇ ରାଜକନିକା ଥାନା ଅଧିକାରୀଙ୍କ ସମେତ ଏକ ଟିମ୍ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ୨ଟିକୁ ଜବତକରି ଥାନାକୁ ଆଣିଥିଲେ। ତେବେ ଏହି ୨ଟି ପିକଅପ୍ ଭ୍ୟାନରୁ ପ୍ରାୟ ୮୦ରୁ ୧ଶହ ବସ୍ତା ଅଷ୍ଟ୍ରେଲିଆ ଚୋରା କୋଇଲା ଜବତ ହୋଇଥିବା ଜଣାପଡିଛି। ଯାହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ବୋଲି ଅନୁମାନ କରାଯାଉଛି। ଦ୍ୱିତୀୟ ଗାଡିର ଡ୍ରାଇଭର ଓ ହେଲପର ଫେରାର ହୋଇଯାଇଥିବା ବେଳେ, ରାଜକନିକା ଥାନାରେ ଦୁଇଟି ପୃଥକ ପୃଥକ କେସ୍ ନଂ: ୧୭୭/୨୫ ଓ ୧୭୮/୨୫ ରେ ମାମଲା ରୁଜୁକରି କୋର୍ଟ ଚାଲାଣ କରାଯାଇଥିବା ଭାରପ୍ରାପ୍ତ ଥାନା ଅଧିକାରୀ ସଞ୍ଜୟ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

# ଇତିହାସ ପାଲଟିବ ଚାଳଘର

ରାଜକନିକା,୨୧ ।୩(ସମିସ): ଚାଳଘର ଆଗକୁ ଇତିହାସ ପାଲଟିବ।ଖୋଜିଲେ ମିଳିବନି ଏହି ପୁରାତନ ଯୁଗର ପାରମ୍ପାରିକ ବାସଗୃହକୁ।ମଫସଲରେ କେବଳ ହାତ ଗଣତି ଦେଖିବାକୁ ମିଳୁଥିବା ବିଲୁପ୍ତପ୍ରାୟ ଏହି ଚାଳଘରରରୂପ ବଦଳିବାକୁ ଯାଉଛି।ହୁଏତ ଆଗାମୀ ପୀଢି ପଢା ବହି ଆଉ ଇଣ୍ଟରନେଟରେ ଏହାର ଛବି ଦେଖି ଏହା ଉପରେ ତର୍ଜମା କରିବେ ସିନା ବାସ୍ତବତା ପରଖି ପାରିବେ ନାହିଁ ବୋଲି ଆଜିଠୁ ଜଳ ଜଳ ଦିଶିଲାଣି।ସୂଚନା ଅନୁସାରେ ଚାଳଘର ଏବେ ଆଶାତୀତ ଭାବେ ଲୋପ ପାଇବାକୁ ବସିଛି। ତା ସ୍ଥାନରେ ସୁନ୍ଦର ପକ୍କାଘରମାନ ଗଢି ଉଠିଲାଣି।ଆଧୁନିକ ପରିପାଟୀରେ ସୁସଜ୍ଜିତ ପକ୍କାଘର ଜୀବନଶୈଳୀର ମୁଖ୍ୟ ପ୍ରାସଙ୍ଗିକତା ବହନ କଲାଣି।ଏଥିପାଇଁ ଗ୍ରାମାଞ୍ଚଳରେ ଚାଳଘର ଅଲୋଡା ହୋଇ ପଡିଛି। କେବଳ ହାତ ଗଣତି ଚାଳଘର ହିଁ ଗାଁର ଶୋଭା ବଢାଉଛି ସିନା ହେଲେ ତାହା ପୁଣି ନୈରାଶ୍ୟଜନକ ଭାବେ ଦୃଷ୍ଟିଗୋଚର ହେଉଛି।ଚାଳ ଘର ଲୁପ୍ତ ହେବାର କାରଣ ମଧ୍ୟରେ ଆଧୁନିକ ଜୀବନଶୈଳୀର ପରିବର୍ତ୍ତନ ଆଉ ମାନସିକତାର ପରବର୍ତ୍ତନ ହିଁ ମୁଖ୍ୟ କାରଣ ବୋଲି ବହୁ ପୁରୁଖା ନାଗରିକ ମତ ଦିଅନ୍ତି।ଅପରପକ୍ଷେ ଚାଳଘରଆଜିକାଲି ପ୍ରାକୃତିକ ବିପର୍ଯ୍ୟୟ ବନ୍ୟା,ବାତ୍ୟାକୁ ସହନ କରୁ ନଥିବାରୁ ଧନଜୀବନ ସୁରକ୍ଷା ପାଇଁ ପକ୍କାଘରର ଆବଶ୍ୟକତା ଢେରଅଛି ବୋଲି ମଧ୍ୟ ମତ ପ୍ରକାଶ ପାଉଛି। ଏମିତିକି ପ୍ରତିବର୍ଷ କିନ୍ତୁ ଚାଳଘର ଛପର ହେବାର ନିୟମ ରହିଛି। ବର୍ଷକର କାମ ଗୋଟିଏ ଦିନରେ ସାରିବାକୁ ହୋଇଥାଏ। ଏଥିପାଇଁ ଛଣ ,ବାଉଁଶ, ବତା ଆଉ ଘର ଛାଆଳିଙ୍କ ଆବଶ୍ୟକତା ରହିଛି। ଗୋଟେ ପଟେ ଧାନଅମଳ ପରେ ଛଣକୁଟାକୁ ଚାଷୀ ଜମିରେ ଫୋପାଡି ଦେବା ବେଳେ ଛଣ ଆଉ ମିଳୁନି। ଯାହା ଫଳରେ ଛଣର ଦର ଆକାଶଛୁଁଆ ହେଉଛି।ବାଉଁଶର ଦାମ ବି ବଢି ବଢି ଚାଲୁଥିବା ବେଳେଘର ଛପର ନିମନ୍ତେ ଲାଗୁଥିବା ମଜୁରୀ ଉପର ମୁହାଁ। ଥରକେ ଘର ଛପର କଲେ ଦଶରୁ ପନ୍ଦର ହଜାର ଟଙ୍କା ଲାଗୁଥିବାରୁ ଚାଳଘର ଛପର କରିବା ଭାରି ବାଧୁଛି।ଏଥିପାଇଁ ଗାଁର ଗରିବ ଲୋକଟିଏ କିଛି ଟଙ୍କା ସଞ୍ଚୟ କରି ପକ୍କା ଘରଟିଏ ନିର୍ମାଣ କରିବାକୁ ମନ ବଳାଉଛି।ଏହା ସହିତ ସରକାରୀ ଭାବେ ମଧ ଚାଳଛପର ଥିବା ଘର ମାଲିକଙ୍କୁ ଆର୍ଥିକ ରାଶି ଦେଉ ଥିବାରୁ ପକ୍କାଘର କରିବା ସହଜ ହେଇ ପାରୁଛି।ଗାଁ ଗାଁ ରେ ଏବେ ଚାଳଛପରଘର ସଂଖ୍ୟା କମି କମି ଗଲାଣି।କେଉଁଠି କେମିତି ଘର ଖଣ୍ଡେ ଦେଖି ବାକୁ ମିଳୁଥିଲେ ବି ତାହା ବଖୁରୀଏ ଅଥବା ଦି ବଖରା।ଏଭଳିସ୍ଥିତି ଲାଗି ରହିଲେ ଖୁବ୍ କମ ଦିନରେ ଚାଳଘର ଲୋପ ପାଇଯିବ।ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଗୋଟେ ପକ୍ଷରେ ଚାଳଘର ଗାଁରେ ସିନା ଲୋପ ପାଇ ଯାଉଛି ହେଲେ ସହରର ବିଭିନ୍ନ ହୋଟେଲ,ରିସର୍ଟ ଆଉ ପ୍ରଦର୍ଶନୀରେ କିନ୍ତୁ ଚାଳଘରର ଅବିକଳ କୁଟୀରମାନ ନିର୍ମାଣ କରାଯାଉଛି।ଯାହାକି ସହର ଚାକଚକ୍ୟ ଭିତରେ ପୁରାତନ ଏହି ବାସଗୃହକୁ ପ୍ରଦର୍ଶିତ କରା ଯାଉଛି।ଅତୀତ ହେବାକୁ ଥିବା ଚାଳଘରକୁ ହୁଏତ ଖୋଜିଲେ ଆଉ ମିଳିପାରିବ ନାହିଁ।କେବଳ ପାଠବହିରେ ଏହାର ଛବି ଦେଖିବାକୁ ମିଳିବ। ବର୍ଷିୟାନ ସମାଜସେବୀ ଦୁର୍ଯ୍ୟୋଧନ ଭୂୟାଁଙ୍କ ମତରେ ପିଲାଦିନେ ଚାଳଘର ଚାଟଶାଳୀରେ ପାଠପଢିଥିଲୁ।ଚାଳଘରର ଥଣ୍ଡା ଶୀତଳ ପରିବେଶରେ ଜୀବନ ଜିଉଥିଲୁ।ଏବେ କିନ୍ତୁ ପକ୍କାଘର ସିନା ସୁନ୍ଦର ଲାଗୁଛି।ହେଲେ ଶୀତଳତା ପ୍ରଦାନ କରି ପାରୁନି।ଏଥିପାଇଁ ପୁରାତନ ଏହି ବାସଗୃହରୁ ସୁରକ୍ଷା ନିମନ୍ତେ ଜନଆନ୍ଦୋଳନର ଆବଶ୍ୟକତା ରହିଛି।

## ଦୁର୍ଘଟଣାରେ ବ୍ୟବସାୟୀଙ୍କ ମୃତ୍ୟୁ

ଡେରାବିଶ,୨୧।୩ (ସମିସ): ଡେରାବିଶ ଥାନା ଅଧୀନ କଟକ-ଚାନ୍ଦବାଲି ରାଜରାସ୍ତାର ଖମୋଳ ଛକ ନିକଟରେ ଗତକାଲି ରାତିରେ ଏକ ସଡ଼କ ଦୁର୍ଘଟଣାରେ ଖମୋଳ ପଞ୍ଚାୟତ ଅନ୍ତର୍ଗତ ଜହ୍ନିମୂଳ ଗ୍ରାମର ଧିରେନ କୁମାର ବରାଳ (୫୫) ଙ୍କର ମୃତ୍ୟୁ ହୋଇଯାଇଛି। ସ୍ଥାନୀୟ ଚଣ୍ଡିବଜାରରେ ବ୍ୟବସାୟ କରୁଥିବା ଶ୍ରୀ ବରାଳ ଗତକାଲି ତାଙ୍କ ଶାଶୁଙ୍କୁ ମାହାଙ୍ଗା ବ୍ଲକ ଅନ୍ତର୍ଗତ କୁରୁଜଙ୍ଗାରେ ଛାଡ଼ି ଘରକୁ ଫେରୁଥିବା ସମୟରେ ଖମୋଳ ଛକ ପରେ ପଛରୁ ଏକ ଆଇଚର (ଓଡ଼ି-୨୯-କେ-୭୭୭୧) ତାଙ୍କୁ ଧକ୍କା ଦେବା ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଦୁର୍ଘଟଣା ଘଟାଇବା ଗାଡ଼ିଟିକୁ ଛାଡ଼ି ଘଟଣା ସ୍ଥଳରୁ ଡ୍ରାଇଭର ଜଣକ ଫେରାର ହୋଇଯାଇଥିଲା। ଖବର ପାଇ ଡେରାବିଶ ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଜବତ କରିବା ସହ ମୃତକ ଧିରେନଙ୍କ ଶବକୁ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ତେବେ ଗତକାଲି ରାତିରେ ବ୍ୟବଚ୍ଛେଦ ହୋଇନଥିବା ବେଳେ ଆଜି ସକାଳରେ ବ୍ୟବଚ୍ଛେଦ କରାଯାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ଏ ସମ୍ପର୍କରେ ପୁଲିସ୍ କେଶ୍ ରୁଜୁ କରିବା ସହ ଘଟଣାର ତଦନ୍ତ ଜାରି ରଖିଛି।



ଇଦ-ଉଲ-ଫିତର, ଶ୍ରୀରାମ ନବମୀ ଓ ହନୁମାନ ଜୟନ୍ତୀ ପାଇଁ ଡିଜିପିଙ୍କ ସୁରକ୍ଷା ସମୀକ୍ଷା

# ସୋସିଆଲ ମିଡିଆ ଗୁଜବ ଉପରେ ନଜର ରଖ

**କଟକ, ୨୧।୩ (ସମିସ):** ଆସନ୍ତା ୩୧ ତାରିଖରେ ଇଦ-ଉଲ-ଫିତର, ଏପ୍ରିଲ ୬ ତାରିଖରେ ଶ୍ରୀରାମ ନବମୀ ଏବଂ ଏପ୍ରିଲ ୧୪ ତାରିଖରେ ହନୁମାନ ଜୟନ୍ତୀ ଓ ମହାବିଷୁବ ସଂକ୍ରାନ୍ତି ପାଳନ ହେବ। ଏହି ସମସ୍ତ ପର୍ବରେ ଶାନ୍ତିଶୃଙ୍ଖଳା ସୁନିଶ୍ଚିତ ପାଇଁ ଆଜି ଡିଜିପି ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ରାଜ୍ୟ ପୁଲିସ୍ ମୁଖ୍ୟ କାର୍ଯ୍ୟାଳୟଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଭାସୀ ମାଧ୍ୟମରେ ଅନୁଷ୍ଠିତ ଏହି ବୈଠକରେ ଡିଜିପି ଶ୍ରୀ ଖୁରାନିଆ ସୋସିଆଲ ମିଡିଆରେ ପ୍ରଚାରିତ ହେଉଥିବା ଗୁଜବ ଓ ଆପତ୍ତିଜନକ ମନ୍ତବ୍ୟ ଉପରେ ନଜର ରଖିବାକୁ ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିନିମନ୍ତେ ଜିଲ୍ଲାଗୁଡ଼ିକରେ କାର୍ଯ୍ୟ କରୁଥିବା ସାଇବର୍ ସେଲ୍ ଦ୍ୱାରା ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟଫର୍ମ ଉପରେ ୨୪ଘଣ୍ଟିଆ ପାଟ୍ରୋଲିଂ କରିବାକୁ କୁହାଯାଇଛି। ସେହିପରି ରାଜ୍ୟ କ୍ରାଇମବ୍ରାଞ୍ଚ ଏନେଇ ଏକ ସ୍ୱତନ୍ତ୍ର କର୍ମଶାଳା ଆୟୋଜନ କରି ପୁଲିସ୍ ଅଧିକାରୀ ଏବଂ କର୍ମଚାରୀଙ୍କୁ ସଚେତନ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି।




ସେହିପରି ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ପାଟ୍ରୋଲିଂ, କଡ଼ାକଡ଼ି ଚେକିଂ, ଶୋଭାଯାତ୍ରା ଉପରେ କଟକଣା, ସହରର ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ସିସିଟିଭି ଲଗାଇବା, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ସିସିଟିଭି କ୍ୟାମେରା ସ୍ଥାପନ, ଗୁଇନ୍ଦା ସୂଚନା ସଂଗ୍ରହ, ଶାନ୍ତି କମିଟି ଗଠନ ସହ ବିଭିନ୍ନ ଗୋଷ୍ଠୀମାନଙ୍କ ସହ ବୈଠକ, ସ୍ଥାନୀୟ ଲୋକପ୍ରତିନିଧିମାନଙ୍କ ସହ ସୁସମ୍ପର୍କ ସ୍ଥାପନ, ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ଗୁଜବକାରୀଙ୍କୁ ଚିହ୍ନଟ, ପଦଯାତ୍ରା ଏବଂ ବାଇକ ରାଲି ସମୟରେ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ସବୁ ଜିଲ୍ଲାର ଏସ୍‌ପିଙ୍କୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ଯେକୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହେବାକୁ ସଦାସର୍ବଦା ପ୍ରସ୍ତୁତ ରହିବାକୁ କୁହାଯାଇଛି।

**ଶୋଭାଯାତ୍ରା ବେଳେ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ପାଇଁ ନିର୍ଦ୍ଦେଶ**

ଏହି ବୈଠକରେ ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମବ୍ରାଞ୍ଚ) ବିନୟତୋଷ ମିଶ୍ର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର ପ୍ରିୟଦର୍ଶୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏଚ୍‌ଆରପିସି) ଯତୀନ୍ଦ୍ର କୋୟଲ, ଡିଆଇଜିପି (ପ୍ରୋଭିଜନିଂ) ଚରଣ ସିଂ ମୀନା, ଡିଆଇଜିପି (ପର୍ସୋନେଲ) ଯୁଗଳ କିଶୋର କୁମାର ବନୋଥ, ଡିସିପି (କଟକ) ଖିଲାରୀ ଋଷିକେଶ ଦ୍ୟାନଦେଓଙ୍କ ସମେତ ବହୁ ବରିଷ୍ଠ ପୁଲିସ୍ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

■ ସୀମାନ୍ତରେ ମାଓ କ୍ୟାମ୍ପ ଠାବ

## ନଗଦ ୮ ଲକ୍ଷ ଟଙ୍କା ସମେତ ବିପୁଳ ବିସ୍ଫୋରକ ଜବତ



**ନୂଆପଡ଼ା, ୨୧।୩(ସମିସ):** ଓଡ଼ିଶା-ଛତିଶଗଡ଼ ସୀମାରେ ଏକ ମାଓ କ୍ୟାମ୍ପ ଠାବ କରାଯିବା ସହ ସେଠାରୁ ନଗଦ ୮ ଲକ୍ଷ ଟଙ୍କା ସହ ବିପୁଳ ପରିମାଣର ବିସ୍ଫୋରକ ଜବତ ହୋଇଛି। ନୂଆପଡ଼ା-ଛତିଶଗଡ଼ ଗରିଆବନ୍ଧ ଜିଲ୍ଲା ସୀମାର ମୈନପୁର ଥାନା ପଣ୍ଡରିପାଣି ଗାଁ ନିକଟ ପାହାଡ଼ରେ ଏକ ମାଓ କ୍ୟାମ୍ପ ଥିବା ଛତିଶଗଡ଼ ପୁଲିସ୍ ସୂଚନା ପାଇଥିଲା। ପରେ ଛତିଶଗଡ଼ ପୁଲିସ୍‌ର ଏସଟିଏଫ୍, କୋବ୍ରା, ସିଆରପିଏଫ୍ ପକ୍ଷରୁ ମିଳିତ କମ୍ବିଂ ଅପରେସନ୍ କରାଯାଇଥିଲା। ଏହି ସମୟରେ ପଣ୍ଡରିପାଣି ଗାଁ ନିକଟରୁ ଏକ ମାଓ କ୍ୟାମ୍ପରୁ ନଗଦ ୮ ଲକ୍ଷ ଟଙ୍କା ସହ ୧୩ଗୋଟି ଜିଲୋଟିନ, ମାଓ ବ୍ୟାନର୍, ଡାଏରୀ, ମାଓ ସାହିତ୍ୟ ଆଦି ଜବତ କରାଯାଇଛି। ଏହା ଧମତରୀ - ଗରିଆବନ୍ଧ - ନୂଆପଡ଼ା ମାଓ ଡିଭିଜନର ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ଗରିଆବନ୍ଧ ଏସପି ନିଖିଲ କୁମାର ରଖେଚା ସୂଚନା ଦେଇଛନ୍ତି।

# ପୁଣି ପଶ୍ଚିମବଙ୍ଗର ଦାଦାଗିରି

ଓଡ଼ିଶାରେ ପଶି ରାସ୍ତା ନିର୍ମାଣ ● ଗ୍ରାମବାସୀଙ୍କ ବିରୋଧ ପରେ ଅଟକିଲା କାମ





**ବାଲେଶ୍ୱର(ଉତ୍ତର), ୨୧।୩(ସମିସ):** ଓଡ଼ିଶା ସରକାରଙ୍କ ନିଷ୍କ୍ରିୟତା ଯୋଗୁଁ ପଶ୍ଚିମବଙ୍ଗ ସରକାର କ୍ରମଶଃ ଓଡ଼ିଶା ସୀମା ଭିତରକୁ ପଶି ଜାଗା ଦଖଲ କରିବାରେ ଲାଗିଛି। କିଛି ଦିନ ତଳେ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍ ସାହାବାଜିପୁରଠାରେ ସୀମାଠାରୁ ୧୦୦ ମିଟର ଭିତରକୁ ପଶି ସିମେଣ୍ଟ ଖୁଣ୍ଟ ପୋତିଥିଲା ବେଳେ ପୁଣି ଗତ ଗୁରୁବାର ଏହି ବ୍ଲକ କମର୍ଦ୍ଦା ପଞ୍ଚାୟତ ସଗଡ଼ା ସାହି ଗ୍ରାମରେ ସୀମା ଭିତରକୁ ପଶି ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛି। ତେବେ ଗ୍ରାମବାସୀଙ୍କ ବିରୋଧ ପ୍ରବଳ ବିରୋଧ ଯୋଗୁଁ ସେମାନେ କାର୍ଯ୍ୟବନ୍ଦ କରିଛନ୍ତି। ଆଜି ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସଙ୍କ ହସ୍ତକ୍ଷେପ ଫଳରେ ଭୋଗରାଇ ଅତିରିକ୍ତ ତହସିଲଦାର ଏବଂ କମର୍ଦ୍ଦା ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ବାରମ୍ବାର ଏଭଳି ପଶ୍ଚିମବଙ୍ଗ ପ୍ରଶାସନ ଓଡ଼ିଶା ସୀମା ଡେଇଁ ମୂଲ୍ୟବାନ ଜମିକୁ ନିଜ ଦଖଲକୁ ନେବାକୁ ଚେଷ୍ଟା କରୁଥିଲା ବେଳେ ରାଜ୍ୟ ସରକାର ନିଦାବିଷ୍ଟ ପାଲଟିଥିବା ଅଭିଯୋଗ ହୋଇଛି।

**ବିଧାୟକଙ୍କ ହସ୍ତକ୍ଷେପ; ସ୍ଥିତି ଅନୁଧ୍ୟାନ କଲା ପ୍ରଶାସନ**

ସୂଚନାଯୋଗ୍ୟ, ଏହି ବ୍ଲକ୍ ଅଧୀନ କସବା କମର୍ଦ୍ଦା ପଞ୍ଚାୟତ ଅନ୍ତର୍ଗତ ଓଡ଼ିଶାର ସୀମାନ୍ତ ଗାଁ ଶଗଡ଼ାସାହିରୁ ପଶ୍ଚିମବଙ୍ଗକୁ ସଂଯୋଗ କରୁଥିବା ରାସ୍ତାର ୫୦୦ ମିଟର ପର୍ଯ୍ୟନ୍ତ ବଙ୍ଗ ପ୍ରଶାସନ ଜବରଦସ୍ତ ପଶି ଆସି ରାସ୍ତା ନିର୍ମାଣ କରୁଛି। ୮ ମାସ ତଳେ ଭୋଗରାଇ ପଞ୍ଚାୟତ ସମିତି ପକ୍ଷରୁ ସରକାରୀ ଅନୁଦାନରେ ଉକ୍ତ ରାସ୍ତାର ପ୍ରଥମାଂଶରୁ ୮୦ ଫୁଟ୍ ପର୍ଯ୍ୟନ୍ତ କଂକ୍ରିଟ୍ ରାସ୍ତା ନିର୍ମାଣ ହୋଇଥିଲା। ଅବଶିଷ୍ଟ ପଶ୍ଚିମବଙ୍ଗ ମୋହନପୁର ବ୍ଲକ ବିଲମାଧିଆ ଗାଁ ସୀମାକୁ ସଂଯୋଗ କରୁଥିବା ପ୍ରାୟ ୪ଶହ ମିଟର ରାସ୍ତା ଶୋଚନୀୟ ଅବସ୍ଥାରେ ରହିଥିଲା। ଏହାର ସୁଯୋଗ ନେଇ ପଶ୍ଚିମବଙ୍ଗ ପ୍ରଶାସନ ବିଲମାଧିଆ ଗାଁ ସୀମାରୁ ଜେସିବି ଲଗାଇ ଓଡ଼ିଶାର ୪ଶହ ମିଟର ରାସ୍ତା ସହ ୮ ମାସ ତଳେ ପଞ୍ଚାୟତ ସମିତି ପକ୍ଷରୁ ନିର୍ମାଣ ହୋଇଥିବା ନୂତନ କଂକ୍ରିଟ ରାସ୍ତାକୁ ଭାଙ୍ଗି ନୂଆ ରାସ୍ତା ନିର୍ମାଣ କରୁଥିବା ଦେଖି ସ୍ଥାନୀୟ ଗାଁ ଲୋକେ ବିରୋଧ କରିଥିଲେ। ଏଭଳି ସ୍ଥିତିରେ ବର୍ତ୍ତମାନ ଓଡ଼ିଶା ସୀମା ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କିନ୍ତୁ ଏନେଇ ରାଜ୍ୟ ସରକାର ଯେତିକି ତତ୍ପର ହେବା କଥା, ସେତିକି ହେଉନାହାନ୍ତି ବୋଲି ଲୋକେ ଅଭିଯୋଗ କରିଛନ୍ତି। ସ୍ଥାନୀୟ ପ୍ରଶାସନ ତୁରନ୍ତ ପୁଣି ସୀମା ଚିହ୍ନଟ କରି ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

ଶ୍ରୀମନ୍ଦିର ପ୍ରଶାସନର ରଥଯାତ୍ରା ପ୍ରସ୍ତୁତି ବୈଠକ

## ମହଜୁଦ୍ ଅଛି ବାସୁଙ୍ଗା ପାଟ, ଚନ୍ଦନ

**ପୁରୀ,୨୧।୩(ସମିସ):** ଆସନ୍ତା ଜୁନ୍ ୨୭ତାରିଖରେ ରଥଯାତ୍ରା। ଏଥିପାଇଁ ଆରମ୍ଭ ହୋଇଗଲାଣି ପ୍ରଶାସନିକ ପ୍ରସ୍ତୁତି। ରଥଯାତ୍ରା କିପରି ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବ, ସେଥିଲାଗି ପୁଲିସ୍ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଥିବା ବେଳେ ଶ୍ରୀମନ୍ଦିର ପ୍ରଶାସନ ମଧ୍ୟ ତା'ର ପ୍ରକ୍ରିୟା ଆରମ୍ଭ କଲାଣି। ବିଶେଷକରି ତିନିରଥ ନିର୍ମାଣ ଏବଂ ରଥଯାତ୍ରା ପାଇଁ ଆବଶ୍ୟକ ସାମଗ୍ରୀ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶୁକ୍ରବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ମନ୍ଦିର କାର୍ଯ୍ୟାଳୟରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରଥଯାତ୍ରା ସଂକ୍ରାନ୍ତୀୟ ବିଭିନ୍ନ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରାଯାଇଥିଲା।

ରଥକାଠ, ବାସୁଙ୍ଗା ପାଟ, ଚନ୍ଦନ ଏବଂ କତା ଦଉଡ଼ି କିଭଳି ଭାବେ ସଠିକ୍ ଭାବେ ଧାର୍ଯ୍ୟ ସମୟ ମଧ୍ୟରେ ଉପଲବ୍ଧ ହେବ; ତା' ଉପରେ ଆଲୋଚନା କରାଯାଇଥିଲା। ଦାୟିତ୍ୱରେ ଥିବା ଅଧିକାରୀମାନେ ଏ ସମ୍ପର୍କରେ ସୂଚନା ଦେଇଥିଲେ। କତା ନିଗମ ରଥ ଦଉଡ଼ି ଠିକଣା ସମୟରେ ଯୋଗାଇଦେବ ବୋଲି ପ୍ରତିଶ୍ରୁତି ଦେଇଥିବା ବେଳେ ବାସୁଙ୍ଗା ପାଟ ଚଳିତବର୍ଷ ପାଇଁ ମହଜୁଦ ରହିଛି। ଏହାବ୍ୟତୀତ ଆହୁରି ବାସୁଙ୍ଗାପାଟ ଖୁବ୍‌ଶୀଘ୍ର ନୂଆପାଟଣାରୁ ଅଣାଯିବ। ସେହିପରି ଚନ୍ଦନକାଠ ମହଜୁଦ୍ ରହିଛି। ରଥଯାତ୍ରା ପୂର୍ବରୁ ଠିକ୍ ସମୟରେ ଆବଶ୍ୟକ ପରିମାଣର ରଥକାଠ ପହଞ୍ଚିଯିବ। ଏନେଇ ବନ ବିଭାଗ ସହ ଆଲୋଚନା କରାଯାଇଛି ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ। ଶ୍ରୀରାମ ନବମୀରେ ରଥକାଠ ଚିରଟ ହେବା ସହ ପବିତ୍ର ଅକ୍ଷୟ ତୃତୀୟା ତିଥିରେ ରଥ ନିର୍ମାଣ ଅନୁକୂଳ ହେବ। ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ ହେବା ପରେ ଆଇନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ରଥଯାତ୍ରା ସମନ୍ୱୟ ବୈଠକ ଅନୁଷ୍ଠିତ ହେବ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ।

■ କତା ନିଗମ ଯୋଗାଇଦେବ ରଥ ଦଉଡ଼ି
■ ଠିକ୍ ସମୟରେ ଆବଶ୍ୟକ ରଥକାଠ ପହଞ୍ଚିବ

## ଗାର୍ଡୱାଲ୍‌ରେ ପିଟି ହେଲା ସ୍କୁଟି; ୨ ମୃତ

**ଜି.ଉଦୟଗିରି, ୨୧।୩(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ଲକ୍ କଳିଙ୍ଗା ପଞ୍ଚାୟତ ଅନ୍ତର୍ଗତ ରାଇପଦା ଛକ ନିକଟରେ ଆଜି ଏକ ଦୁର୍ଘଟଣାରେ ୨ଜଣ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, ବଳଦଗୁଡ଼ାର ସୁବାସ ନାୟକ ଓ ଦୁଗୁଡ଼ିପାରି ଗାଁର ବାପିଚନ୍ଦ୍ର ସାହୁ। ସେହିପରି ଏହି ଦୁର୍ଘଟଣାରେ ଅନ୍ୟ ୨ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ, ସଂଜିତ କୁମାର ପ୍ରଧାନ ଓ ମନିଷ ସାହୁ(୧୦) ସାହୁ।



ସୂଚନାନୁଯାୟୀ, ୪ଜଣ ଯାକ ଏକ ସ୍କୁଟିରେ କଳିଙ୍ଗାଠାରୁ ଜି.ଉଦୟଗିରି ଆସୁଥିଲେ। ରାଇପଦା ଛକ ନିକଟରେ ସ୍କୁଟିଟି ଭାରସାମ୍ୟ ହରାଇ ପୋଲର ଗାର୍ଡୱାଲରେ ପିଟି ହୋଇଯିବାରୁ ସମସ୍ତେ ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ସେମାନଙ୍କୁ ଏକ ଡାଲା ଅଟୋରେ ଜି. ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ସୁବାସ ଏବଂ ବାପିଙ୍କୁ ମୃତ ଘୋଷଣା କରଥିଲେ। ସଞ୍ଜିତ ଏବେ ଚିକିତ୍ସାଧୀନ ଥିବା ବେଳେ ମନୀଷଙ୍କୁ ପ୍ରାଥମିକ ଚିକିତ୍ସା ପରେ ଘରକୁ ପଠାଇ ଦିଆଯାଇଛି। ପୁଲିସ୍ ଏସ୍.ଆଇ କାମରାଜ ରେଢ୍ଡୀ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି। ଶନିବାର ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କ ମୃତଦେହ ହସ୍ତାନ୍ତର କରାଯିବ ବୋଲି ପୁଲିସ୍ କହିଛି।

# ଦେଢ଼ ବର୍ଷର ଛୁଆକୁ ମାରି ଫିଙ୍ଗିଦେଲେ!



୧୧ ଦିନ ପରେ ବୁଦାମୂଳରୁ ଶବ ଉଦ୍ଧାର
ଘରଠାରୁ ୬ଶହ ମିଟର ଦୂରରେ ଠାବ ହେଲା ମୃତଦେହ
ସନ୍ଧାନୀ କୁକୁର, ପୁଲିସ ସନ୍ଧାନ ପାଇନଥିଲା; ଶବ ଆସିଲା କୁଆଡୁ

**କଲ୍ୟାଣସିଂହପୁର, ୨୧।୩ (ସମିସ):** ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ସଦର ପଞ୍ଚାୟତ ୧୫ନମ୍ବର ୱାର୍ଡ ଘାଗୁଡ଼ିମାଳ ଗ୍ରାମର ଅଜିତ ନାଗବଂଶଙ୍କ ନିଖୋଜ ଦେଢ଼ବର୍ଷ ପୁଅ ନିଲେଶର ମୃତଦେହ ୧୧ ଦିନ ପରେ ଶୁକ୍ରବାର ଠାବ ହୋଇଛି। ଆଜି ସକାଳେ ଅଜିତ୍ ଓ ଗ୍ରାମର କିଛି ଲୋକ ଘାଗୁଡ଼ିମାଳ ନାଳ ମଶାଣି ତୁଠକୁ ଶୌଚ ପାଇଁ ଯାଇଥିବା ବେଳେ ଏକ ବୁଦାମୂଳରୁ ଦୁର୍ଗନ୍ଧ ଆସିଥିଲା। ସେଠାକୁ ଯାଇ ଦେଖିବା ବେଳକୁ ନିଲେଶର ମୃତଦେହ ପଡ଼ିଥିଲା। ମୃତଦେହ ଉଦ୍ଧାର ହୋଇଥିବା ସ୍ଥାନରୁ ନିଲେଶର ଘର ୫ଶହରୁ ୬ଶହ ମିଟର ଦୂର ହେବ। ତେବେ ଦେଢ଼ ବର୍ଷର ଶିଶୁଟି ଏତେ ବାଟ କିପରି ଆସିଲା ଓ ଖାଲ ମଧ୍ୟରେ ପଡ଼ିଲା, ତାହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଅପରପକ୍ଷେ, କିଛି ଦିନ ତଳେ ଉକ୍ତ ସ୍ଥାନରେ ସନ୍ଧାନୀ କୁକୁର, ପୁଲିସ୍, ଯବାନ ଓ ଗ୍ରାମବାସୀ ବହୁବାର ଖୋଜାଖୋଜି କରିଥିଲେ ମଧ୍ୟ ଶବ ମିଳି ନଥିଲା। କିନ୍ତୁ ଆଜି ଶବ ଠାବ ହେବା, ସନ୍ଦେହକୁ ଅଧିକ ଘନୀଭୂତ କରୁଛି। ତେଣୁ କେହି ଦୁର୍ବୃତ୍ତ ଶିଶୁଟିକୁ ହତ୍ୟା କରିବା ପରେ ପ୍ରମାଣ ଲୁଚାଇବା ପାଇଁ ଏପରି କରିଥାଇପାରେ ବୋଲି କୁହାଯାଉଛି।

ଏନେଇ ଥାନା ଅଧିକାରୀ ନୀଳକଣ୍ଠ ବେହେରାଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ ମୃତଦେହକୁ ଫୋରେନସିକ୍ ଯାଞ୍ଚ ପାଇଁ ପଠାଯାଇଛି। ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବ। ଏବେ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରହିଛି ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ୧୧ତାରିଖ ସନ୍ଧ୍ୟାରେ ନିଲେଶ ନିଖୋଜ ହୋଇଥିବା ବେଳେ ବୁଧବାର ସକାଳୁ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ସ୍ଥାନୀୟ ପୁଲିସ୍ ଘାଗୁଡିମାଳ ଯାଇ ତଦନ୍ତ କରିଥିଲେ। ସେହିଦିନ ସନ୍ଧ୍ୟାରେ ଏସ୍‌ଡିପିଓ ଆସି ତଦନ୍ତ କରିଥିଲେ। ଏହାପରେ ସନ୍ଧାନୀ କୁକୁର ଆଣି ଆଖପାଖରେ ଓ ସମ୍ପୃକ୍ତ ନାଳ ନିକଟରେ ଖୋଜାଖୋଜି କରିଥିଲେ ମଧ୍ୟ ଶିଶୁର କୌଣସି ସନ୍ଧାନ ମିଳିନଥିଲା। ଏହାପରେ ଯବାନ ଓ ପୁଲିସ ସହ ଗ୍ରାମବାସୀ ମିଶି ପାଖ ପାହାଡ଼, ନାଳ, ଗୁଡ଼ିଆ, ବଣ ଜଙ୍ଗଲ ସବୁ ଖୋଜାଖୋଜି କରିଥିଲେ ସୁଦ୍ଧା କୌଣସି ସନ୍ଧାନ ପାଇନଥିଲେ। ଏହାପରେ ଶିଶୁକୁ କେହି ଅପହରଣ କରି ନେଇଥିବା ଗ୍ରାମବାସୀ ସନ୍ଦେହ କରିଥିଲେ। ମାତ୍ର ଏବେ ଶବ ମିଳିବା ପରେ ଶବ ମିଳିବା ପରେ ଘଟଣା ରହସ୍ୟାବୃତ୍ତ ହୋଇପଡ଼ିଛି। ପୁଲିସ୍ ସବୁ ଦିଗକୁ ନେଇ ତଦନ୍ତ କରି ଏହାର ସତ୍ୟାସତ୍ୟ ଉନ୍ମୋଚନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ବଜ୍ରପାତରେ ଯୁବକ ମୃତ

**ଖଇରା, ୨୧।୩ (ସମିସ):** ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ୍‌ରେ ଆଜି ବଜ୍ରପାତରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ, ଖଇରା ବ୍ଲକ ତରାଙ୍ଗ ଗ୍ରାମର ଦିବ୍ୟାଂଶୁ ସେଠୀ। ସୂଚନାନୁଯାୟୀ, ଦିବ୍ୟାଂଶୁ ସମ୍ପର୍କୀୟଙ୍କ ଘର ଖଇରା ବ୍ଲକ୍ କୃଷ୍ଣଦାସପୁର ଯାଇଥିଲେ। ଆଜି ସଂଧ୍ୟାରେ ସେ ଏକ ସ୍କୁଟିରେ ନିଜ ଘର ତରାଙ୍ଗ ଫେରୁଥିବା ବେଳେ ଚକ୍ରଧରପୁର ଛକ ନିକଟରେ ଏହି ଅଘଟଣ ଘଟିଥିଲା। କାଳବୈଶାଖୀଜନିତ ବଜ୍ରପାତ ହେବାରୁ ସେ ସେଠାରେ ଟଳି ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ଖଇରା ମେଡିକାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଘର ଆଗରେ ଠିଆ ହୋଇଥିଲେ...

## ପଛରୁ ଆସି ଦଳିଦେଲା ଦନ୍ତା

**ଜଳେଶ୍ୱର ବ୍ଲକ/ନାମ୍ପୋ,୨୧।୩ (ସମିସ):** ଘର ଆଗରେ ଛିଡ଼ା ହୋଇଥିବା ବେଳେ ପଛରୁ ଆସି ଯୁବକଙ୍କୁ ଦଳିଦେଲା ଦନ୍ତା। ଜଳେଶ୍ୱର ବ୍ଲକ୍ ଅନ୍ତର୍ଗତ ସୁଗୋ ପଞ୍ଚାୟତର ବାଣୀଦା ଗ୍ରାମରେ ଶୁକ୍ରବାର ଭୋର୍‌ରେ ଏହି ଘଟଣା ଘଟିଛି। ମୃତକ ହେଲେ, ବାଣୀଦା ଗ୍ରାମର ସୂର୍ଯ୍ୟକାନ୍ତ ବାରିକ (୩୭)।

ସୂଚନାନୁଯାୟୀ, ରାଇବଣିଆ ଅଞ୍ଚଳରେ ଗତ କିଛି ଦିନ ହେଲା ହାତୀ ଉପଦ୍ରବ ଲାଗି ରହିଛି। ଗତକାଲି ଏକ ଦନ୍ତାହାତୀ ଗୋଠଛଡ଼ା ହୋଇ ସୁବର୍ଣ୍ଣରେଖା ନଦୀ ପାର୍ ହୋଇ ସୁଗୋ ପଞ୍ଚାୟତ ବାଣୀଦା ଗ୍ରାମରେ ପହଞ୍ଚିଥିଲା। ଆଜି ଭୋର୍‌ରେ ଗ୍ରାମର ସୂର୍ଯ୍ୟକାନ୍ତ ତାଙ୍କ ଘର ଆଗରେ ଛିଡ଼ା ହୋଇଥିବା ବେଳେ ହଠାତ୍ ହାତୀଟି ଆସି ତାଙ୍କୁ ଆକ୍ରମଣ କରିଥିଲା। ଶୁଣ୍ଢରେ ଟେକି କଚାଡ଼ି ଦେବା ପରେ ପାଦରେ ଦଳି ଦେଇଥିଲା। ସ୍ଥାନୀୟ ଲୋକଙ୍କ ହୋହଲ୍ଲା ଶୁଣି ହାତୀଟି ସେଠାରୁ ପଳାଇଥିଲା। ଗୁରୁତର ସୂର୍ଯ୍ୟକାନ୍ତଙ୍କୁ ପ୍ରଥମେ ଜଳେଶ୍ୱର ଓ ପରେ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଅପରପକ୍ଷେ, ଶେଷ ଖବର ଲେଖା ହେବା ବେଳକୁ ହାତୀଟି ବାଣୀଦା ଗ୍ରାମରେ ଘୂରି ବୁଲୁଛି। ତାକୁ ଘଉଡ଼ାଇବା ପାଇଁ ଜଳେଶ୍ୱର ବନ ବିଭାଗ ଉଦ୍ୟମ ଚଳାଇଛି।

# ମହିଳାଙ୍କ ପାଇଁ ପ୍ରେରଣା 'ଭଗବତୀ'

**ଗାଁ ମହିଳାଙ୍କୁ ସଶକ୍ତୀକରଣ ପଛର ନାୟିକା**

**ଭୁବନେଶ୍ୱର, ୨୧।୩ (ସମିସ):** 'ସମାଜସେବା' ଓ 'ମାନବକଲ୍ୟାଣ' ମନୋବୃତ୍ତି ଈଶ୍ୱରଦତ୍ତ ଓ ଜନ୍ମଗତ। ଏଥିପାଇଁ ରାଜନେତା କିମ୍ବା ସଂସାରତ୍ୟାଗୀ ସାଧୁ ସନ୍ଥ ହେବାର ଆବଶ୍ୟକ ନାହିଁ। ସମାଜରେ ବସବାସ କରି ଲୋକଙ୍କ ସହ ନିକଟତର ହେଲେ ଯାଇ ବାସ୍ତବ ସମସ୍ୟା ହୃଦୟଙ୍ଗମ କରିହୁଏ ଏବଂ ସେଥିରୁ ଆବିଷ୍କୃତ ହୁଏ ସମାଧାନର ବାଟ। ସେଭଳି ଜଣେ ସମର୍ପିତ ଓ ଆତ୍ମପ୍ରେରିତ ଆଲୋକବର୍ତ୍ତିକା ହେଉଛନ୍ତି ଭଗବତୀ ମାଝୀ। ସେ କୌଣସି ଧନାଢ଼୍ୟ ପରିବାରରେ ଜନ୍ମ ନେଇନାହାନ୍ତି କି ସମାଜଶାସ୍ତ୍ର ପଢ଼ିନାହାନ୍ତି। ସ୍ୱତଃସ୍ଫୂର୍ତ୍ତ ଭାବେ ମାନବିକ ଆବେଦନ ତାଙ୍କୁ ସମାଜସେବାରେ ବ୍ରତୀ କରାଇଛି। କୋଭିଡ୍ ସମୟରୁ ଜନସ୍ୱାସ୍ଥ୍ୟ ସଚେତନତାରୁ ଆରମ୍ଭ ହୋଇଥିବା ତାଙ୍କର ସମାଜସେବାର ବ୍ରତ ପରବର୍ତ୍ତୀ ସମୟରେ ସାକ୍ଷରତା, ମହିଳା ସଶକ୍ତୀକରଣ, ସ୍ୱାସ୍ଥ୍ୟ ଚେତନା ଦିଗକୁ ସମ୍ପ୍ରସାରିତ ହୋଇଛି।



କୋରାପୁଟ ଜିଲ୍ଲା ବୈପାରୀଗୁଡ଼ା ବ୍ଲକ୍ ଅଧୀନ କୋଲର୍ ପଞ୍ଚାୟତ ରାମପୁର ଗ୍ରାମର ପଦ୍‌ଲାମ ମାଝୀଙ୍କ ଝିଅ ଭଗବତୀ ସହିଦ୍ ଲକ୍ଷ୍ମଣନାୟକ ଡିଗ୍ରୀ ମହାବିଦ୍ୟାଳୟରୁ +୩ ପାସ୍ କରି ବର୍ତ୍ତମାନ ନିଜ ଅଞ୍ଚଳରେ ସମାଜସେବା ଓ ବିଭିନ୍ନ ସାମାଜିକ କାର୍ଯ୍ୟ କରି ସମସ୍ତଙ୍କ ଆଦରଣୀୟ ହୋଇପାରିଛନ୍ତି।

ସ୍ନାତକ ହାସଲ କରିବାରେ ନିଜ ଗାଁର ସେ ଏକମାତ୍ର ଝିଅ। ବାପା ପଦଲାମ ବୃତ୍ତିରେ ଜଣେ କୃଷକ। ୪ ଝିଅ ଓ ପତ୍ନୀଙ୍କ ଭରଣପୋଷଣ ଦାୟିତ୍ୱ ତାଙ୍କ ମୁଣ୍ଡରେ। ତୁଳସୀ ଦୁଇପତ୍ରରୁ ବାସିଲା ଭଳି ଭଗବତୀ ନିଜ କାର୍ଯ୍ୟ ଦ୍ୱାରା ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। କୋଭିଡ୍ ମହାମାରୀ ବେଳେ ଲୋକମାନେ ଘରୁ ବାହାରୁ ନଥିବା ବେଳେ ସେ ଘରକୁ ଘର ବୁଲି ଲୋକଙ୍କୁ ନିକଟରେ ସେବା ପହଞ୍ଚାଇଥିଲେ।

ଗାଁକୁ ରାସ୍ତା ତିଆରି କରିବାକୁ ସେ ଅନେକ ପ୍ରୟାସ ମଧ୍ୟ କରିଥିଲେ ଭଗବତୀ। ଏଥିପାଇଁ ସେ ସିୱାଇଏସ୍‌ଡିର କର୍ମୀମାନଙ୍କ ସହ ଆଲୋଚନା କରିବା ସହ ମୁଣ୍ଡାଗୁଡ଼ାଠାରେ ଆୟୋଜିତ ଏକ ଗୋଷ୍ଠୀ ଶିକ୍ଷଣ କାର୍ଯ୍ୟକ୍ରମରେ ପ୍ରଶିକ୍ଷଣ ସୁଯୋଗ ପାଇଥିଲେ। ବିଶେଷକରି କୃଷିକାର୍ଯ୍ୟର ଆଧୁନିକରଣ, ଜୈବିକ ଖତ ପ୍ରସ୍ତୁତ, ଛତୁ ଚାଷ, ନର୍ସରୀ, କଦଳୀ, ଫୁଲ ଚାଷ ଆଦି ଉପରେ ପ୍ରଶିକ୍ଷଣ ନେଇ ନିଜ ଗ୍ରାମରେ ଲୋକମାନଙ୍କୁ କୃଷି କ୍ଷେତ୍ରରେ ସହଯୋଗ କରୁଛନ୍ତି। କେବଳ ସେତିକି ନୁହେଁ ତୃଣମୂଳସ୍ତରରୁ ନିଜକୁ ସଙ୍ଗଠିତ କରି ନିଜ ଅଞ୍ଚଳର ସମସ୍ୟାକୁ ପ୍ରଶାସନିକ ସ୍ତରରେ ସମାଧାନ କରୁଛନ୍ତି। ବାର୍ଦ୍ଧକ୍ୟ ଭତ୍ତା, ଜନ୍ମ-ମୃତ୍ୟୁ ପଞ୍ଜୀକରଣ, ଗାଁ କଲ୍ୟାଣ ସମିତି, ମାତୃ କମିଟି, ଜଙ୍ଗଲ ସୁରକ୍ଷା କମିଟି, ଆଧାର ସଂଶୋଧନ, ରାସନ୍ କାର୍ଡ ସ୍ୱାକ୍ଷରତା ହାର ବୃଦ୍ଧି ସହିତ ଏସଏଚ୍‌ଜିଙ୍କ ଋଣକୁ ସଠିକ୍ ଭାବେ ଚାଷ କାର୍ଯ୍ୟରେ ଉପଯୋଗ କରି ସ୍ଥାନୀୟ ମହିଳାଙ୍କୁ ସ୍ୱାବଲମ୍ବୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଏହାସହ ନିଜ ଗାଁରେ ନିୟମିତ ଗ୍ରାମସଭା ଓ ପଲ୍ଲୀସଭା ମଧ୍ୟ ଆୟୋଜନ ସହ ଗାଁର ୭୫ ପ୍ରତିଶତ ଲୋକଙ୍କୁ ସ୍ୱାକ୍ଷର କରିବାରେ ମଧ୍ୟ ସେ ସଫଳ ହୋଇଛନ୍ତି। ବର୍ତ୍ତମାନ ଧାନ, ମାଣ୍ଡିଆ, ହଳଦୀଗୁଣ୍ଡ, ଆମ୍ବସଢ଼ା ଆଦି ଖୋଲା ବଜାରରେ ବିକ୍ରିପାଇଁ ଗାଁ ଲୋକମାନଙ୍କ ପଥପ୍ରଦର୍ଶକ ସାଜିଛନ୍ତି।

ଭଗବତୀ କହିଛନ୍ତି ଯେ ଦୃଢ଼ ଇଚ୍ଛାଶକ୍ତି, ଆତ୍ମବିଶ୍ୱାସ ଓ ସଠିକ୍ ମଞ୍ଚ ମିଳିଲେ ସବୁ ଅସମ୍ଭବ ସମ୍ଭବ ହୋଇପାରିବ ବୋଲି ସେ କହିଛନ୍ତି। ସିୱାଇଏସ୍‌ଡିର ୪୩ତମ ବାର୍ଷିକ ଉତ୍ସବ ଅବସରରେ ଆୟୋଜିତ 'କମ୍ୟୁନିଟି ୟୁଥ୍ ଲିଡରସିପ୍ ସମିଟ୍' କାର୍ଯ୍ୟକ୍ରମରେ ଯୋଗଦେଇ ନିଜ କାର୍ଯ୍ୟ ପାଇଁ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ଭଗବତୀ।

# ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳୁଛନ୍ତି ଘରୋଇ କଲେଜ

ତାଳଚେରସଦର, ୨୧ ।୩(ସମିସ)



ଅନୁଗୋଳସ୍ଥିତ ପଞ୍ଚମହଲା ଆଦର୍ଶ ଇଞ୍ଜିନିୟରିଂ କଲେଜରେ ତାଳଚେର ଟାଉନ ୪ ନମ୍ବର ୱାର୍ଡ ବିରାଦରପଡ଼ାର ଚନ୍ଦନ ଦଳେଇଙ୍କ ସ୍ତ୍ରୀ ଆୟୁଷୀ ଦାସ କର୍ମଚାରୀ ଭାବେ କାର୍ଯ୍ୟ କରନ୍ତି । ସେ ଗତ କିଛିବର୍ଷ ହେବ ଛାତ୍ରଛାତ୍ରୀଙ୍କ ନିକଟରୁ ମୋଟା ଅଙ୍କର ଟଙ୍କାନେଇ କଲେଜରେ ପୈଠ କରୁ ନ ଥିବାରୁ ଛାତ୍ରଛାତ୍ରୀମାନେ ଏବେ ପରୀକ୍ଷାରୁ ବଞ୍ଚିତ ହୋଇଛନ୍ତି । ଏ ନେଇ ଅଭିଭାବକମାନେ ଥାନା ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଛନ୍ତି ।

ସୂଚନା ମୁତାବକ, ତାଳଚେର ଟାଉନ ଅଞ୍ଚଳର ମହମ୍ମଦ ଅମାନ, ସାହିଲ ମହାପାତ୍ର ଓ ରୁଦ୍ରନାରାଣ ସାହୁ କଲେଜ କର୍ମଚାରୀ ଦାସଙ୍କ ଜରିଆରେ ଉକ୍ତ କଲେଜରେ ନାମଲେଖାଇ ପାଠ ପଢୁଥିଲେ । କଲେଜ ଫିଁ' ବାବଦ ଦାସ ଅହମ୍ମଦ ଅମାନଙ୍କ ପାଖରୁ ଫୋନ୍ ପେ' ମାଧ୍ୟମରେ ୧ ଲକ୍ଷ ୭ ହଜାର ୭୦୯ ଟଙ୍କା, ସାହିଲ ମହାପାତ୍ରଙ୍କ ପାଖରୁ କିସ୍ତି ଆକରରେ ୩ ବର୍ଷରେ ୪୫ ହଜାର ଟଙ୍କା ଏବଂ ରୁଦ୍ରନାରାୟଣ ସାହୁଙ୍କ ପାଖରୁ ନଗଦ ୬୫ ହଜାର ଟଙ୍କା, ଫୋନ୍ ପେ' ଯୋଗେ ୧୦ ହଜାର ଟଙ୍କା ମୋଟ ୭୫ ହଜାର ଟଙ୍କା ନେଇଥିଲେ । ଏହି ଛାତ୍ରମାନେ ୫ଟି ସିମେଷ୍ଟର ଦେଇଥିଲେ । କିନ୍ତୁ ୬ଷ୍ଠ ସିମେଷ୍ଟର ଦେବାକୁ କଲେଜ କର୍ତ୍ତୃପକ୍ଷ ମନା କରିଦେଇଥିଲେ । ସାର୍ଟିଫିକେଟ୍ ମିଳବନି ବୋଲି କହିଥିଲେ । ଏ ସମ୍ପର୍କରେ ସମ୍ପୃକ୍ତ ଛାତ୍ରମାନେ କଲେଜ ଅଧ୍ୟକ୍ଷଙ୍କୁ ପଚାରିବାରୁ, ସେମାନଙ୍କ କଲେଜ ଫିଁ' ପୈଠ ହୋଇନାହିଁ ବୋଲି କହିଥିଲେ । ଏଥିସହ ଏପରି ୨୫ରୁ ୩୦ଜଣ ଛାତ୍ରଛାତ୍ରୀଙ୍କଠାରୁ ଟଙ୍କା ଆଣି ଦାସ କଲେଜରେ ପୈଠ କରି ନ ଥିବା ଅଧ୍ୟକ୍ଷ ସ୍ପଷ୍ଟ କରିଥିଲେ । ଏହି ଅଭିଯୋଗ ପାଇବା ପରେ ତାଙ୍କୁ ଚାକିରିରୁ ବିତାଡ଼ିତ କରିଥିବା କହିଥିଲେ । ତେବେ ସାମାନ୍ୟ କେଇଟଙ୍କା ପାଇଁ ପିଲାଙ୍କ ଭବିଷ୍ୟତ ସହିତ ଖେଳ ଖେଳିବା କେତେଦୂର ଯୁକ୍ତିଯୁକ୍ତ ବୋଲି ପ୍ରଶ୍ନ ଉଠିଛି । ଅଭିଯୋଗ ପାଇବା ପରେ ତାଳଚେର ଥାନା ପୁଲିସ ତଦନ୍ତ ଆରମ୍ଭ କରିଥିବା ଏହି ଛାତ୍ରମାନେ ପ୍ରକାଶ କରିଛନ୍ତି ।

# ଅନୁଗୋଳରେ ସେକ୍ସ ରାକେଟ୍

■ ଯୁବତୀ ଉଦ୍ଧାର, ୩ ଯୁବକ ଅଟକ



ଅନୁଗୋଳ, ୨୧ ।୩(ସମିସ): ଅନୁଗୋଳ ପୁଲିସ ସ୍ଥାନୀୟ ଦୁର୍ଗାବିହାର ଅଞ୍ଚଳରେ ସେକ୍ସ ରାକେଟ୍ ଠାବ କରିଛି । ଏଠାରୁ ଜଣେ ଯୁବତୀଙ୍କୁ ପୁଲିସ ଉଦ୍ଧାର କରିଥିବା ବେଳେ ୩ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି । ସୂଚନା ଅନୁସାରେ, ଝାଡ଼ଖଣ୍ଡର ଜଣେ ୨୬ ବର୍ଷୀୟ ଯୁବତୀଙ୍କୁ ଅନୁଗୋଳର ସୁଧୀର ନାମକ ଜଣେ ବ୍ୟକ୍ତି ଆଣି ତାଙ୍କ ଘରେ ରଖିଥିଲେ । ଗୁରୁବାର ରାତିରେ ସମ୍ପୃକ୍ତ ଯୁବତୀଙ୍କ ପାଖକୁ ସୁଧୀର ୬ ଯୁବକଙ୍କୁ ପଠାଇବା ସହ ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରିଥିଲେ । ପରେ ସୁଧୀର ନିଜେ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ଚାହିଁଥିଲେ । କିନ୍ତୁ ଯୁବତୀ ଜଣଙ୍କ ଟଙ୍କା ମାଗିବାରୁ ସେମାନଙ୍କ ଭିତରେ ବିବାଦ ଆରମ୍ଭ ହୋଇଥିଲା । ଏହି ସମୟରେ ସୁଧୀର ତାଙ୍କୁ ଠେଲିଦେବାରୁ ଯୁବତୀ ତଳେ ପଡ଼ି ଆହତ ହୋଇଥିଲେ । ପରେ ଯୁବତୀଜଣଙ୍କ ସେଠାରୁ ଚାଲି ଯାଇ ନିକଟସ୍ଥ ଏକ ଘରେ ଆଶ୍ରୟ ନେଇଥିଲେ । ଏ ନେଇ ଶୁକ୍ରବାର ସେ ଅନୁଗୋଳ ଥାନାରେ ଅଭିଯୋଗ କରିଥିଲେ । ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।

■ ଲକ୍ଷ୍ମୀ ବସ୍ ସେବାରେ ପାତରଅନ୍ତର ନୀତି

# ତୁରନ୍ତ ସେବା ଯୋଗାଇବାକୁ ଦାବି




ହିନ୍ଦୋଳ, ୨୧ ।୩(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ଅନ୍ତର୍ଗତ ୩୫ ପଞ୍ଚାୟତର ଜନସାଧାରଣଙ୍କ ପାଇ କେତୋଟି ନିର୍ଦ୍ଦିଷ୍ଟ ଲକ୍ଷ୍ମୀ ବସ୍ ଚଳାଚଳ କରୁଛି । ବ୍ଲକରୁ ଗୁଳେହି-ନିମବାହାଳି ରାସ୍ତା ଦେଇ ଗାଲପଡ଼ା ପଞ୍ଚାୟତକୁ ଯାଉଥିବା ବସ୍ ଗାଲପଡ଼ାରୁ ହିନ୍ଦୋଳ ଫେରୁଥିବା ଯୋଗୁଁ ନିମବାହାଳି, ଝାରବନ୍ଧ, ଭାନୁପଡ଼ା, ଚିଟିପଡ଼ା ଆଦି ୪ ଗ୍ରାମର ଲୋକେ ଏହି ସେବାରୁ ବଞ୍ଚିତ ହେଉଛନ୍ତି । ଗାଲପଡ଼ାରୁ ନିମବାହାଳି ପର୍ଯ୍ୟନ୍ତ ଆଉ ୩ କିଲୋମିଟର ବସ୍ ଆସିଲେ ୪ ଗାଁର ଜନସାଧାରଣ ଉପକୃତ ହେବେ ବୋଲି ବିଗତ ଦିନରେ ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ ଜନଶୁଣାଣି ଶିବିରରେ ଦାବି କରାଯାଇଥିଲା । ଦାବି ମୁତାବକ କିଛିଦିନ ତଳେ ପରୀକ୍ଷା ମୂଳକ ଭାବେ ବସ୍ ନିମବାହାଳି ପର୍ଯ୍ୟନ୍ତ ଗୋଟିଏ ଦିନ ୩ଥର ଯାତାୟାତ କରିଥିଲା । ଫଳରେ ଲୋକଙ୍କ ମଧ୍ୟରେ ଉଲ୍ଲାସ ଦେଖାଯାଇଥିଲା । ତେବେ ୧୫ ଦିନ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ବସ୍ ଚଳାଚଳ କରୁନାହିଁ । ଦାୟିତ୍ୱରେ ଥିବା ସୁପର୍‌ଭାଇଜର୍‌ଙ୍କୁ ଯୋଗାଯୋଗ କଲେ ଲେଖା ଦିଆ ଯାଇଛି ଆର୍‌ଟିଓରୁ ସମୟ ସାରଣୀ ଆସିଲେ ଚାଲିବ, ନଚେତ୍ ଜିଲ୍ଲାପାଳଙ୍କୁ କୁହନ୍ତୁ କହି ଏଡ଼ାଇ ଦେଉଛନ୍ତି । ତୁରନ୍ତ ନିମବାହାଳି ପର୍ଯ୍ୟନ୍ତ ଏହି ବସସେବା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି ।

# ଟାଙ୍ଗିଆ ଚୋଟରେ ଜଣେ ମୃତ

କାମାକ୍ଷାନଗର, ୨୧ ।୩(ସମିସ): କାମାକ୍ଷାନଗର ଥାନା ବଡ଼ସୁଆଁଳ ପଞ୍ଚାୟତ କନ୍ଧବୋଲ ଗାଁରେ ଟଙ୍ଗିଆ ଚୋଟରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ଗାଁର ବିମ୍ବାଧର ନାୟକ । ସୂଚନା ଅନୁସାରେ ବିମ୍ବାଧର ଦିନ ମଜୁରିଆ ଭାବେ କାମ ସାରି ସନ୍ଧ୍ୟାରେ ଘରକୁ ଫେରି ଘର ସାମ୍ନାରେ ଠିଆ ହୋଇଥିଲେ । ଏହି ସମୟରେ ସେହି ଗାଁର ଗଙ୍ଗାଧର ପ୍ରଧାନ ତାଙ୍କୁ ଏକ ଟାଙ୍ଗିଆରେ ହାଣିଦେଇଥିଲେ । ଘଟଣାସ୍ଥଳରେ ବିମ୍ବାଧରଙ୍କ ମୃତ୍ୟୁ ହୋଇଥିଲା । ପୂର୍ବରୁ ଘର କାମ ପାଇଁ ଗଙ୍ଗାଧର ବିମ୍ବାଧରଙ୍କଠାରୁ ଚିପ୍ସ ଆଣିଥିବା ବେଳେ ଏହାର ଟଙ୍କା ନେଣଦେଣକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା । ସେହି ରାଗରେ ଗଙ୍ଗାଧର ବିମ୍ବାଧରଙ୍କୁ ଟାଙ୍ଗିଆରେ ହାଣିଦେଇଥିବା ମୃତକଙ୍କ ସ୍ତ୍ରୀ ଅଭିଯୋଗ କରିଛନ୍ତି । ପୁଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି ।

# ଟଙ୍କା ହଡ଼ପକରି ସରପଞ୍ଚ ଗିରଫ

ପରଜଙ୍ଗ, ୨୧ ।୩(ସମିସ): ପଞ୍ଚାୟତର ସିଏଫାସୀ ଫଣ୍ଡ ଟଙ୍କା ହଡ଼ପ ଅଭିଯୋଗରେ ପରଜଙ୍ଗ ବ୍ଲକ କଙ୍କିଳି ପଞ୍ଚାୟତର ସରପଞ୍ଚ ମକରଚାନ୍ଦ ସାହୁଙ୍କୁ ପରଜଙ୍ଗ ଥାନା ପୁଲିସ ଗିରଫ କରିଛି । ସରପଞ୍ଚ ୭ଟି ଚେକରେ ୩୦ଲକ୍ଷ ଟଙ୍କା ଚଲୁ କରିଦେଇଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରତାପ



ଚନ୍ଦ୍ର ସାମଲ ଅଭିଯୋଗ କରିଥିଲେ । ଏ ନେଇ ବିଡିଓ ସୌଭାଗ୍ୟ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଏକ ଟିମ ତଦନ୍ତ କରିଥିଲା । ବିନା କାମରେ, ବିନା ଦସ୍ତାବିଜରେ ମନଇଚ୍ଛା ଟଙ୍କା ଉଠାଇବା ଏବଂ ଏ ନେଇ ନିର୍ବାହୀ ଅଧିକାରୀଙ୍କୁ କୌଣସି ତଥ୍ୟ କିମ୍ବା ହିସାବ ନ ଦେବା ନେଇ ସନ୍ଦେହ ସୃଷ୍ଟି ହୋଇଥିଲା । ନିର୍ବାହୀ ଅଧିକାରୀ ସାମଲ ଏ ନେଇ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । କାମାକ୍ଷାନଗର ମୁଣ୍ଡିଦେଉଳି ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଶାଖାରୁ ସମ୍ପୂର୍ଣ୍ଣ ବିବରଣୀ ମିଳିଥିଲା । ତନାଘନା ପରେ ସରପଞ୍ଚଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଗୁରୁବାର ଏ ନେଇ ବିଡିଓ ପରଜଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ତାଙ୍କୁ ଅଟକ ରଖି ପଚରାଉଚରା କରିଥିଲା । ସରପଞ୍ଚ ସବୁକଥା ସ୍ୱୀକାର କରିଥିଲେ । ଶୁକ୍ରବାର ତାଙ୍କ ବିରୋଧରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିବାର ଏଏସଆଇ ରମେଶ ଚନ୍ଦ୍ର ସ୍ୱାଇଁ ସୂଚନା ଦେଇଛନ୍ତି । ତୁରନ୍ତ ତାଙ୍କୁ ପଦବୀରୁ ବହିଷ୍କାର କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ଦେବେନ୍ଦ୍ର ପ୍ରଧାନଙ୍କ ବିୟୋଗରେ ଶୋକ

କଣିହାଁ, ୨୧ ।୩(ସମିସ): କଣିହାଁ ମାଟିର ସୁଯୋଗ୍ୟ ସନ୍ତାନ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡା. ଦେବେନ୍ଦ୍ର ପ୍ରଧାନଙ୍କ ବିୟୋଗରେ କଣିହାଁ ବ୍ଲକର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇଛି । କଣିହାଁ ପ୍ରେସ କ୍ଲବ, କଣିହାଁ ପଞ୍ଚାୟତ ସମିତି, ପିଏମ ଉଚ୍ଚବିଦ୍ୟାଳୟ ଆଲୁମ୍‌ନି କମିଟି ପକ୍ଷରୁ ଶୋକସଭା କରଯାଇଛି । କଣିହାଁ ପ୍ରେସ କ୍ଲବ ପକ୍ଷରୁ ବୁଧବାର ପୂର୍ବାହ୍ନରେ କ୍ଲବ ସଭାପତି ଭୁପେନ ଗଡ଼ନାୟକଙ୍କ ଅଧ୍ୟକ୍ଷତାରେ ଶୋକସଭା ଆୟୋଜିତ ହୋଇଥିଲା । ଏହି ଅବସରରେ ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । କ୍ଲବର ସମସ୍ତ ସଦସ୍ୟ



ତାଙ୍କ ସ୍ମୃତିଚାରଣ କରିଥିଲେ । କ୍ଲବ ସାଧାରଣ ସମ୍ପାଦକ ରଞ୍ଜନ କୁମାର ମିଶ୍ର, ସାମ୍ବାଦିକ ଜ୍ୟୋତିରଞ୍ଜନ ଧର, କଷ୍ଟୁଚରଣ ସାମଲ, ଟୁନା ସାହୁ, ଅଲେଖ ଭୁତିଆ, ନୀଳକଣ୍ଠ ବେହେରା, ଜିତେନ ମିଶ୍ର, ନିରୋଜ ପ୍ରଧାନ, ଯୁଗଳ ସାହୁ, ସୀମାଞ୍ଚଳ ସାବତ, ନିର୍ମଳ ସାହୁ, ନିଶାକର ବିଶ୍ୱାଳ, ଦେବେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

କଣିହାଁ ପଞ୍ଚାୟତ ସମିତି ପକ୍ଷରୁ ସମିତି ସଭାଗୃହରେ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଶୋକସଭା ଅନୁଷ୍ଠିତ ହୋଇଛି । ଏଥିରେ ବ୍ଲକ ବିଜେଡି ସଭାପତି କୈଳାସ ଚନ୍ଦ୍ର ସାହୁ, ପଞ୍ଚାୟତ ସମିତି ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, ସମାଜସେବୀ ଦେବେନ୍ଦ୍ର ବାରିକଙ୍କ ସମେତ ସରପଞ୍ଚ, ସମିତି ସଭ୍ୟ, ବ୍ଲକ କର୍ମଚାରୀ ପ୍ରମୁଖ ଯୋଗଦେଇ ଡା. ପ୍ରଧାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ସ୍ମୃତିଚାରଣ କରିଥିଲେ । କଣିହାଁ ପବିତ୍ର ମୋହନ ଉଚ୍ଚ ବିଦ୍ୟାଳୟ ଆଲୁମ୍‌ନି କମିଟି ପକ୍ଷରୁ ବିଦ୍ୟାଳୟ ପରିସରରେ ଶୋକସଭା ଅନୁଷ୍ଠିତ ହୋଇଛି । ପ୍ରଧାନଶିକ୍ଷକ ସିଦ୍ଧି ପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୋକସଭାରେ ଆଲୁମ୍‌ନି କମିଟି କାର୍ଯ୍ୟକାରୀ ସଭାପତି ସୁକାନ୍ତ ପ୍ରଧାନ, ସମ୍ପାଦକ ଭୂପେନ ଗଡ଼ନାୟକ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ । ସୂଚନା ଯୋଗ୍ୟ, ଡା. ପ୍ରଧାନ ଆଲୁମ୍‌ନି କମିଟି ସଭାପତି ଦାୟିତ୍ୱ ତୁଲାଉଥିଲେ ।

**ଢେଙ୍କାନାଳ:** ଦେବେନ୍ଦ୍ରଙ୍କ ବିୟୋଗରେ ଆସନ୍ତା ୨୩ ତାରିଖ ପୂର୍ବାହ୍ନ ସାଢ଼େ ୧୦ଟାରେ ଢେଙ୍କାନାଳ ଜିଲ୍ଲା ପୁରୁଣା ଜିଲ୍ଲାପରିଷଦ କକ୍ଷରେ ନାଗରିକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହେବ । ଏନେଇ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଗୁରୁବାର ଅପରାହ୍ନରେ ବିଜେପି ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି ।



ଜିଲ୍ଲା ସଭାପତି ରାସବିହାରୀ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ପୂର୍ବତନ ଜିଲ୍ଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ବରିଷ୍ଠ ନେତା ରାମଚନ୍ଦ୍ର ପାତ୍ର, ନବକିଶୋର ଗୁରୁ, ମାତୃପ୍ରସାଦ ନନ୍ଦ, ସୁନୀଲ ଶର୍ମା, ହିନ୍ଦୋଳ ବ୍ଲକ ଉପାଧ୍ୟକ୍ଷ ବରୁଣ କୁମାର ସର, ସୁଶାନ୍ତ ପତି, ଧୃବଚରଣ ସ୍ୱାଇଁ, ବିକାଶ ସାହୁ, ସନ୍ତୋଷ ରାଉତ, ରୁଦ୍ରନାରାୟଣ ତ୍ରିପାଠୀ, ଦୀପକ ପଟ୍ଟନାୟକ, ସତ୍ୟନାରାୟଣ ଭୂୟାଁ, ନିରୋଦ ସାହୁ, ଦୁଷ୍ମନ୍ତ ବେହେରା ଓ ଅଭୟ ଲେଙ୍କା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବିଷ୍ଣୁପ୍ରସାଦ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ ।

## ଯାଦବ ମହାସଭା ପକ୍ଷରୁ ସାତଦୋଳ ଉତ୍ସବ

# ଲଉଡ଼ି ଖେଳ, ବାଜା ଓ ରୋଷଣିରେ ଦୁଲୁକିଲା ସହର



ଢେଙ୍କାନାଳ, ୨୧ ।୩(ସମିସ): ସ୍ଥାନୀୟ ଯଦୁପତି ବିହାର ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଜିଲ୍ଲା ଯାଦବ ମହାସଭା ପକ୍ଷରୁ ସାତଦୋଳ ଉତ୍ସବ ପାଳିତ ହୋଇଛି । ସ୍ଥାନୀୟ ଜୟଗୋପାଳ ସାହିସ୍ଥିତ ରାଧାକୃଷ୍ଣ ମନ୍ଦିରରୁ ରାଧାକୃଷ୍ଣ ବିମାନ ସହ ଯାଦବମାନଙ୍କ ବିରାଟ ଲଉଡ଼ି ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା । ଢେଙ୍କାନାଳର ଆରାଧ୍ୟ ଦେବ ଶ୍ରୀ ଶ୍ରୀ ବଳରାମଜୀଉଙ୍କ ମନ୍ଦିର ପରିକ୍ରମା ପରେ ଜୁବୁଲି ଟାଉନସ୍ଥିତ ଯଦୁପତି ବିହାର ରାଧାକୃଷ୍ଣ ମନ୍ଦିରରେ ଶୋଭଯାତ୍ରା ପହଞ୍ଚିଥିଲା । ଲଉଡ଼ି ଖେଳ, ବାଜା, ରୋଷଣିରେ ଢେଙ୍କାନାଳ ସହର କମ୍ପି ଉଠିଥିଲା । ଲଉଡ଼ି ଖେଳରେ ଯଥାକ୍ରମେ କରମୂଳ (ଖ), ଜଙ୍ଗିରା, ଝାଙ୍ଗରପଦା, କରମୂଳ (କ), କାଙ୍କଡ଼ପାଳ (ଖ), ଗହମଖୁଣ୍ଟି, କାଇମାଟି, ରାମପଡ଼ା, କନ୍ଧପଡ଼ା, କାଙ୍କଡ଼ପାଳ (କ) ଆଦି ଗ୍ରାମର ୧୦ଟି ଦଳ ଅଂଶଗ୍ରହଣ କରିଥିଲେ । ରାତି ୯ଟାରେ ଯଦୁପତି ବିହାର ପ୍ରାଙ୍ଗଣରେ ଆୟୋଜିତ ଲଉଡ଼ି ଖେଳରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଲଉଡ଼ିଦଳ ଯୋଗଦେଇ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ କଳାକୌଶଳ ପ୍ରଦର୍ଶନ କରିଥିଲେ । ଜିଲ୍ଲା ଯାଦବ ମହାସଭା ସଭାପତି ପ୍ରମୋଦ କୁମାର ବେହେରା, ସମ୍ପାଦକ ସଚିନ ଦାସ, ଲଉଡ଼ି ଯାତ୍ରା କମିଟି ସଭାପତି ବିଜୟ କୁମାର ବେହେରା, ଦେବୀପ୍ରସାଦ ଭୁତିଆ, ବିଷ୍ଣୁପ୍ରସାଦ ବେହେରା, ପବନା ମହାଖୁଡ଼, ଅକ୍ଷୟ କୁମାର ଭୋଇ, ସୁବ୍ରତ ବେହେରା, ଗଙ୍ଗାଧର ରାଉତ, ପ୍ରଶାନ୍ତ ଭୁତିଆ, ଜ୍ଞାନରଞ୍ଜନ ଭୁତିଆ, ସନାତନ ବେହେରା, ପ୍ରଭାତ ବେହେରା, ସବ୍ୟସାଚୀ ମହାକୁଡ଼ ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା ।

# ପୂର୍ବତନ ଅଧ୍ୟକ୍ଷଙ୍କ ବିୟୋଗରେ ଶୋକ

ଗଁଦିଆ, ୨୧ ।୩(ସମିସ): ଗଁଦିଆ ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ନାରାୟଣ ସାହୁଙ୍କ ବିୟୋଗରେ ଶୋକ ପ୍ରକାଶ ପାଇଛି । ପୂର୍ବତନ ବିଧାୟକ ନବୀନ ନନ୍ଦ, ପୂର୍ବତନ ଗଁଦିଆ ବ୍ଲକ ଅଧ୍ୟକ୍ଷ ମଳୟ କୁମାର ସିଂହ, ଅକ୍ଷୟ କୁମାର ମହାନ୍ତି, ଗୀତାଞ୍ଜଳି ଭୂୟାଁ, ବ୍ଲକ ବିଜେଡି ସଭାପତି ବିଶ୍ୱନାଥ ଜେନା, ପୂର୍ବତନ ଗଁଦିଆ ସରପଞ୍ଚ ମଙ୍ଗରାଜ ବାରିକି, ପୋରହଖୋଜ ସରପଞ୍ଚ ରତିକାନ୍ତ ସାହୁ, ସାଂସଦଙ୍କ ବ୍ଲକ ପ୍ରତିନିଧି ଲଳିତ କୁମାର ଦାସ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସଜଲେନ୍ଦ୍ର ଜେନା, ପ୍ରଦୀପ କୁମାର ଦାସ,



ନାରାୟଣଙ୍କ ସାନଭାଇ ତଥା ପୂର୍ବତନ ସରପଞ୍ଚ ତାପସ କୁମାର ସାହୁ, ପ୍ରଦୀପ୍ତ କୁମାର ଭୂୟାଁଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ରହି ତାଙ୍କ ଶେଷ ଦର୍ଶନ କରିଥିଲେ । ୧୯୯୭ ମସିହାରେ ସେ ଗଁଦିଆ ପଞ୍ଚାୟତ ସମିତି ଅଧ୍ୟକ୍ଷ ନିର୍ବାଚିତ ହୋଇଥିଲେ । ସେ ବ୍ଲକର ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଶ୍ରୀଧର ସାହୁଙ୍କ ପୁଅ ଅଟନ୍ତି । ଶୁକ୍ରବାର ସକାଳେ ନିଜ ବାସଭବନ ଜାରକାଠାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ତାଙ୍କ ପାର୍ଥିବ ଶରୀରକୁ ଜନ୍ମସ୍ଥାନ ନିହଳପ୍ରସାଦକୁ ଅଣାଯାଇଥିଲା ଅନ୍ତିମ ସଂସ୍କାର କରାଯାଇଥିଲା ।

# ଗୋ-ଚାଲାଣ: ଗାଡ଼ି ଜବତ, ଡ୍ରାଇଭର ଅଟକ

କାମାକ୍ଷାନଗର, ୨୧ ।୩(ସମିସ): ଗୋ-ଚାଲାଣ ହେଉଥିବା ବେଳେ କାମାକ୍ଷାନଗର ଥାନା ପୁଲିସ ଟାଟା ଏସିଇ ଗାଡ଼ି ଜବତ କରିବା ସହ ୪ ଗୋରୁ ଉଦ୍ଧାର କରିଛି । ଏହା ସହ ଡ୍ରାଇଭରକୁ ଅଟକ ରଖିଛି ପୁଲିସ । କାମାକ୍ଷାନଗର ଥାନା ଖଟଖୁରା ଗାଁ ନିକଟରେ ଥିବା ରେଙ୍ଗାଳି ବାମକେନାଲ ରାସ୍ତାରେ ଗୋ-ଚାଲାଣ ହେଉଥିବା ଖବର ପାଇ ପୁଲିସ ଚଢ଼ଉ କରିଥିଲା । ଟାଟା ଏସିଇ ଗାଡ଼ିରେ ୪ ଗୋରୁ ବୋଝେଇ ହୋଇ ଭୁବନ ଅଞ୍ଚଳରୁ କାମାକ୍ଷାନଗର ଆସୁଥିବା ବେଳେ ପୁଲିସ ଖଟଖୁରା ନିକଟରେ ଗାଡ଼ି ଜବତ କରିଥିଲା । ଏ ସମ୍ପର୍କରେ ଡ୍ରାଇଭରଙ୍କୁ ପଚରାଉଚରା କରାଯାଇଥିଲେ ମଧ୍ୟ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ । ଫଳରେ ପୁଲିସ ଗାଡ଼ି ସହ ଗୋରୁଙ୍କୁ ଥାନାକୁ ଆଣିଥିବା ବେଳେ ଡ୍ରାଇଭରଙ୍କୁ ଅଟକ ରଖି ତଦନ୍ତ ଚଳାଇଛି ।

# ମହମବତି ଜାଳି ଅଭିନବ ପ୍ରତିବାଦ

● ଜଳୁନି କିଶୋରନଗର କଲେଜ ଛକ ହାଇମାଷ୍ଟ ଲାଇଟ୍

● ଜିଲ୍ଲାପାଳଙ୍କୁ ୩ ଥର ଅଭିଯୋଗ ପରେ ବି ଫଳ ଶୂନ

କିଶୋରନଗର, ୨୧ ।୩(ସମିସ): କିଶୋରନଗର କଲେଜ ଛକରେ ଜିଲ୍ଲା ଓ ବ୍ଲକ ପ୍ରଶାସନ ସହଯୋଗରେ ଲାଗିଥିବା ହାଇମାଷ୍ଟ ଲାଇଟ୍ ଦୀର୍ଘମାସ ହେବ ଅଚଳ ହୋଇପଡ଼ିଛି । ଏହାକୁ ସଜାଡ଼ିବାକୁ କିଶୋରନଗର କଲେଜ ଛକ ଲକ୍ଷ୍ମୀପୂଜା କମିଟି ଓ ଅଞ୍ଚଳବାସୀ କିଶୋରନଗର ବ୍ଲକରେ ଅନୁଷ୍ଠିତ ଜନଶୁଣାଣି କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ ସୁଦ୍ଧା ଆଜି ଯାଏଁ କୌଣସି ପଦକ୍ଷେପ ନିଆଯାଇ ନାହିଁ । ଶୁକ୍ରବାର କିଶୋରନଗର ନାଗରିକ ମଞ୍ଚ ପକ୍ଷରୁ ମହମବତି ଜାଳି ଅଭିନବ ପ୍ରତିବାଦ କରାଯାଇଛି । ତୁରନ୍ତ ଏହାକୁ ସଚଳ କରିବାକୁ ଦାବି କରାଯାଇଛି ।



## ବିଶ୍ୱ ଜଳ ଦିବସ-୨୦୨୫

# ଜଳ ଭବିଷ୍ୟତକୁ ସୁରକ୍ଷିତ ରଖିବାଠୁ ଏକଜୁଟ ହେବା ଜରୁରୀ

ତାଳଚେର ସଦର, ୨୧ ।୩(ସମିସ)



ସମଗ୍ର ବିଶ୍ୱରେ ଶନିବାର ବିଶ୍ୱ ଜଳ ଦିବସ-୨୦୨୫ ପାଳନ ହେବାକୁ ଥିବାବେଳେ 'ହିମପ୍ରବାହ ସଂରକ୍ଷଣ'ର ବିଷୟବସ୍ତୁ ଉପରମୁଣ୍ଡ ଜଳଉତ୍ସ ଏବଂ ନିମ୍ନସ୍ତର ଜଳ ନିରାପତ୍ତା ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଯୋଗାଯୋଗକୁ ଆଲୋକିତ କରେ । ହିମାଳୟରେ ବରଫ ତରଳିବା ଓଡ଼ିଶାର ଉପକୂଳ ତଥା ଶିଳ୍ପ ଦୃଶ୍ୟଠାରୁ ବହୁ ଦୂରରେ ଥିବା ପରି ମନେହୁଏ । ବିଶ୍ୱ ଜଳ ପ୍ରଣାଳୀର ଆନ୍ତଃ ସଂଯୋଗ ଅର୍ଥ ହେଉଛି ଜଳବାୟୁ ପରିବର୍ତ୍ତନ ଦ୍ୱାରା ସୃଷ୍ଟି ହୋଇଥିବା ସମୁଦ୍ର ପତ୍ତନ ବୃଦ୍ଧି ଏବଂ ଭୂତଳ ଜଳସ୍ତର ହ୍ରାସ-ଚ୍ୟାଲେଞ୍ଜରେ ଓଡ଼ିଶା ପୂର୍ବରୁ ମୁକାବିଲା କରୁଛି । ଲୁଣିଆ ଜଳ ଅନୁପ୍ରବେଶଠାରୁ ଆରମ୍ଭ କରି ଅପ୍ରତ୍ୟାଶିତ ବର୍ଷା ପାଇଁ ରାଜ୍ୟର ଜନସମ୍ପ୍ରଦାୟ ଜଳ ସୁରକ୍ଷାକୁ ନେଇ ଚିନ୍ତାର ସମ୍ମୁଖୀନ ହେଉଛନ୍ତି । ଏଣୁ ଓଡ଼ିଶାରେ ଜଳ ଭବିଷ୍ୟତକୁ ସୁରକ୍ଷିତ ରଖିବାକୁ ସମସ୍ତେ ଏକଜୁଟ ହେବା ଜରୁରୀ ହୋଇପଡ଼ିଛି ।

### ● ଆଧୁନିକ ଉଦ୍ଭାବନ ସହ ପାରମ୍ପରିକ ଜଳଜ୍ଞାନକୁ ପୁନର୍ଜୀବିତ କରିବା

ପାରମ୍ପରିକ ପୋଖରୀ ପୁନରୁଦ୍ଧାର ଏବଂ ଜଳସମ୍ପଦ ପରିଚାଳନା ଭଳି ସ୍ୱଦେଶୀ ଜଳ ସଂରକ୍ଷଣ କୌଶଳ ଓଡ଼ିଶାର ଏକ ଦୀର୍ଘ ଇତିହାସ ରହିଛି । ଜଳ ଅଭାବକୁ ଦୂର କରିବା ଏବଂ ସୁଗମତାକୁ ସୁଦୃଢ଼ କରିବା ପାଇଁ ଆଜି ଆଧୁନିକ ହସ୍ତକ୍ଷେପ ସହିତ ଏହି ପୁରୁଣା ଅଭ୍ୟାସଗୁଡ଼ିକ ପୁନର୍ଜୀବିତ ହେଉଛି । ଝାରସୁଗୁଡ଼ା ଜିଲ୍ଲାରେ କୃଷକମାନେ ଜୀବିକା ସମୃଦ୍ଧି ପ୍ରକଳ୍ପ ମାଧ୍ୟମରେ ନିରନ୍ତର କୃଷି କାର୍ଯ୍ୟ କରୁଛନ୍ତି । ସୌରଚାଳିତ ବୋର୍‌ୱେଲ ଏବଂ ମାଇକ୍ରୋ ଜଳସେଚନ କୌଶଳ ବ୍ୟବହାର କରି ଏହି ପ୍ରକଳ୍ପ ୩୦ ଏକର ଜମିରେ ଚାଷ ପାଇଁ ନିରନ୍ତର ଜଳ ଯୋଗାଣ ସୁନିଶ୍ଚିତ କରିଛି । ଚାଉଳ ଇଣ୍ଟେନ୍ସିଫିକେସନ୍ (ଏସ୍‌ଆର୍‌ଆଇ) ଚାଷ ପ୍ରଣାଳୀ ଗ୍ରହଣ କରୁଥିବା କୃଷକମାନେ ଉତ୍ପାଦନରେ ୪୫ ପ୍ରତିଶତ ବୃଦ୍ଧି ଏବଂ ଖର୍ଚ୍ଚରେ ୨୦ ପ୍ରତିଶତ ହ୍ରାସ ହୋଇଥିବା ରିପୋର୍ଟ କରିଛନ୍ତି, ଯାହା ଉଦ୍ୟୋଗ ଦ୍ୱାରା ଚାଷ ଅଧିକ ପ୍ରଭାବଶାଳୀ ଏବଂ ଜଳବାୟୁ ପରିବର୍ତ୍ତନ ପାଇଁ ସ୍ଥିର ହୋଇପାରିବ ।

### ● ଲାଇଫ୍ ଲାଇନ୍ ଭାବେ ଜଳ: ଜନସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା ବୃଦ୍ଧି

ବିଶୁଦ୍ଧ ପାନୀୟ ଜଳ ଏବଂ ଉନ୍ନତ ପରିମଳ ବ୍ୟବସ୍ଥା ଓଡ଼ିଶାର ଅନେକ ଅଞ୍ଚଳରେ ବିଶେଷ କରି ଉପକୂଳ ତଥା ଆଦିବାସୀ ଅଞ୍ଚଳରେ ଏକ ପ୍ରମୁଖ ଆହ୍ୱାନ ହୋଇ ରହିଛି । ଏହାକୁ ଚିହ୍ନି ଚାହିଦା ଏବଂ ଯୋଗାଣ ମଧ୍ୟରେ ବ୍ୟବଧାନ ଦୂର କରିବାକୁ ଅନେକ ପଦକ୍ଷେପ କାର୍ଯ୍ୟ କରୁଛି । ଥୋଥୁକୁଡ଼ି, ଯେଉଁଠାରେ ସମୁଦ୍ର ଜଳର ଅନୁପ୍ରବେଶ ଏବଂ ଅଧିକ ଲୁଣିଆ ସ୍ତର ଜଳର ଗୁଣବତ୍ତା ପ୍ରତି ବିପଦ ସୃଷ୍ଟି କରେ, ତାମିର ସୁରଭି ଯୋଜନା ଦ୍ୱାରା ୨୩୦୦ରୁ ଅଧିକ ପରିବାର ପାଇଁ ବାର୍ଷିକ ୩.୪ ନିୟୁତ ଗ୍ୟାଲନ୍ ବିଶୁଦ୍ଧ ଜଳ ଉପଲବ୍ଧ ହେବା ନିଶ୍ଚିତ ହୋଇଛି । ଜଳ ବଣ୍ଟନ ପାଇଁ କ୍ୟୁଆର୍ କୋଡ୍ କାର୍ଡ ବ୍ୟବହାର କରି ସିଷ୍ଟମ୍ ପାନୀୟ ଜଳର ସ୍ୱଚ୍ଛତା ଏବଂ ସମାନ ସୁବିଧା ସୁନିଶ୍ଚିତ କରେ ।

### ● ଭୂତଳ ଜଳ ରିଚାର୍ଜ ଏବଂ ବଡ଼ ଆକାରର ସଂରକ୍ଷଣ

ଓଡ଼ିଶାର ଔଦ୍ୟୋଗିକ ଶିଳ୍ପାଞ୍ଚଳଗୁଡ଼ିକ, ବିଶେଷକରି ଲାଞ୍ଜିଗଡ଼ ଏବଂ ଝାରସୁଗୁଡ଼ା ବିସ୍ତୃତ ଔଦ୍ୟୋଗିକ କାର୍ଯ୍ୟକଳାପ ଯୋଗୁଁ ଭୂତଳ ଜଳ ନିଷ୍କାସନର ସମ୍ମୁଖୀନ ହୋଇଛି । ବୃହତ ସଂରକ୍ଷଣ ପ୍ରୟାସ ବର୍ତ୍ତମାନ ଏହି ଧାରାକୁ ଓଲଟପାଲଟ କରି ସ୍ଥାନୀୟ ଜଳ ପୁନରୁଦ୍ଧାର କରୁଛି । ଲାଞ୍ଜିଗଡ଼ରେ ଏକ ସମନ୍ୱିତ ଜଳସେଚନ ପ୍ରକଳ୍ପ ସମ୍ପ୍ରଦାୟର ଜଳ ସଂରକ୍ଷଣକୁ ୩୪.୫ ଲକ୍ଷ ଘନମିଟର ବୃଦ୍ଧି କରିବାକୁ ସ୍ଥିର ହୋଇଛି, ଯାହା ଉଭୟ ଜଳସେଚନ ଏବଂ ଘରର ଆବଶ୍ୟକତା ପାଇଁ ନିର୍ଭରଯୋଗ୍ୟ ଯୋଗାଣ ନିଶ୍ଚିତ କରେ । ଏହି ପଦକ୍ଷେପ କୃଷକମାନଙ୍କୁ ବହୁ ଫସଲ ପ୍ରଣାଳୀରେ ପରିବର୍ତ୍ତନ, ଖାଦ୍ୟ ନିରାପତ୍ତା ଏବଂ ଆର୍ଥିକ ସ୍ଥିରତାକୁ ଉନ୍ନତ କରିବାରେ ସାହାଯ୍ୟ କରୁଛି ।

# ସମ୍ପାଦକୀୟ



ଭିନ୍ନ ଭିନ୍ନ ଭାଷାରେ ଲେଖାଯାଇଥିଲେ ମଧ୍ୟ ଭାରତୀୟ ସାହିତ୍ୟର ପରିଚୟ ଗୋଟିଏ।
- ଡ. ଏସ୍ ରାଧାକ୍ରିଷ୍ଣନ୍

ସକାଳ
THE SAKALA

## ସୁନିତାଙ୍କ ଜୟଯାତ୍ରା

ଦୀର୍ଘ ୯ମାସ ଧରି ମହାକାଶରେ ଅଟକି ରହିଥିବା ଭାରତୀୟ ବଂଶୋଦ୍ଭବ ଆମେରିକୀୟ ମହାକାଶଚାରୀ ସୁନିତା ୱିଲିୟମ ଓ ତାଙ୍କ ସାଥୀ ବୁଚ୍ ୱିଲମୋରଙ୍କ ପ୍ରତ୍ୟାବର୍ତ୍ତନ ଘେନି ଲାଗି ରହିଥିବା ଉତ୍କଣ୍ଠାର ଅବସାନ ଘଟିଛି। ସେମାନଙ୍କ ଏହି ସୁଦୀର୍ଘ ରହଣି ପଛରେ ଯାହାବି କାରଣ ଥାଉନା କାହିଁକି ସେମାନଙ୍କ ନିରାପଦ ଅବତରଣ ସମଗ୍ର ବିଶ୍ୱରେ କେବଳ ଆନନ୍ଦ ଖେଳାଇ ଦେଇନି, ବ୍ୟବସ୍ଥା ପ୍ରତି ପୁଣି ଥରେ ଆସ୍ଥା ଓ ବିଶ୍ୱାସ ସୃଷ୍ଟି କରିଛି। ଆନ୍ତର୍ଜାତିକ ମହାକାଶ କେନ୍ଦ୍ରରୁ ପୃଥିବୀ ପୃଷ୍ଠକୁ ଏହି ୧୭ ଘଣ୍ଟାର ଯାତ୍ରା ଥିଲା ବେଶ ଆହ୍ୱାନପୂର୍ଣ୍ଣ। ଭାରତୀୟ ସମୟ ମାର୍ଚ୍ଚ ୧୯ ତାରିଖ ପ୍ରତ୍ୟୁଷ ୩ଟା ୨୭ ମିନିଟ୍‌ରେ ସୁନିତା ଓ ବୁଚ୍‌ଙ୍କୁ ନେଇ ଆସୁଥିବା ଡ୍ରାଗନ କ୍ୟାପସୁଲ ଆମେରିକାର ଫ୍ଲୋରିଡ଼ା ଉପକୂଳ ସମୁଦ୍ରରେ ଅବତରଣ କରିଥିଲା। ସେମାନଙ୍କୁ ନାସାର ଉଦ୍ଧାରକାରୀଦଳ କ୍ୟାପସୁଲରୁ ବାହାରକୁ ଆଣିଥିଲେ। ଏହି ଉଲ୍ଲସିତ ମୁହୂର୍ତ୍ତରେ ସମୁଦ୍ରରେ କିଛି ଡଲଫିନ୍‌ଙ୍କ ଉପସ୍ଥିତି ପରିବେଶକୁ ଅଧିକ ରୋମାଞ୍ଚିତ କରିଥିଲା। ଭାରତ ସହ କ୍ରମାଗତ ସମ୍ପର୍କରେ ଥିବାରୁ ଏବଂ ସୁନିତାଙ୍କ ପୃଥିବୀ ପ୍ରତ୍ୟାବର୍ତ୍ତନ କ୍ଷେତ୍ରରେ ଲାଗି ରହିଥିବା ଅନିଶ୍ଚିତତାର ଅବସାନ ଘଟିଥିବାରୁ ସମଗ୍ର ଦେଶରେ ଅପୂର୍ବ ଉତ୍ସାହ ଓ ଉଦ୍ଦୀପନା ସୃଷ୍ଟି ହୋଇଛି।

ମହାକାଶ କେନ୍ଦ୍ରରୁ ଭୂପୃଷ୍ଠକୁ ଏହି ୧୭ ଘଣ୍ଟାର ଯାତ୍ରା ଯେ ସମ୍ପୂର୍ଣ୍ଣ ନିରାପଦ ଓ ଚିନ୍ତାଶୂନ୍ୟ ଥିଲା ଏକଥା ନୁହେଁ। ମହାକାଶଚାରୀଙ୍କୁ ନେଇ ଆସୁଥିବା ସ୍ପେସ୍ ଏକ୍ସ ଡ୍ରାଗନ କ୍ୟାପସୁଲ ପୃଥିବୀର ବାୟୁମଣ୍ଡଳରେ ପ୍ରବେଶ କରିବା ପରେ ପରେ ଏହାର ତାପମାତ୍ରା ୧୯୦୦ ଡିଗ୍ରୀ ସେଲସିୟସରୁ ଅଧିକ ହୋଇଯାଇଥିଲା। ଏକଥା ସତ ଯେ ଏହି ଉଚ୍ଚ ତାପର ପ୍ରଭାବ ସୀମିତ ସମୟ ସକାଶେ ଅନୁଭୂତ ହୋଇଥାଏ ଏବଂ ସମ୍ପୃକ୍ତ ଯାନ ମଧ୍ୟ ତାହାକୁ ପ୍ରତିରୋଧ କରିବାର କ୍ଷମତା ରହିଛି। କିନ୍ତୁ ଏହି ସମୟରେ ୭ ମିନିଟ୍ ପାଇଁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯିବା ଭୂପୃଷ୍ଠ ନିୟନ୍ତ୍ରଣ ଦାୟିତ୍ୱରେ ଥିବା ନାସା ବୈଜ୍ଞାନିକଙ୍କୁ ବ୍ୟତିବ୍ୟସ୍ତ କରି ଦେଇଥିଲା। ପୃଥିବୀର ବାୟୁମଣ୍ଡଳରେ ପ୍ରବେଶ କରୁଥିବା ମହାକାଶଯାନର ବର୍ଦ୍ଧିତ ତାପମାତ୍ରା ବେଳେ ବେଳେ ନିୟନ୍ତ୍ରଣ ସୀମା ଅତିକ୍ରମ କରିଗଲେ ଧ୍ୱଂସ ହୋଇଯିବା ଭଳି ବିପଦର ସମ୍ମୁଖୀନ ହୋଇପାରେ। ଏଭଳି ଏକ ସଂକଟଜନକ ପରିସ୍ଥିତିରେ ଯୋଗାଯୋଗ ବିଚ୍ଛିନ୍ନ ବୈଜ୍ଞାନିକଙ୍କ ମହଲରେ ଆତଙ୍କ ସୃଷ୍ଟି କରିବା ସ୍ୱାଭାବିକ। ସେ ଯାହାହେଉ ପରିସ୍ଥିତିରେ ସ୍ୱାଭାବିକତା ଫେରିଥିଲା ଏବଂ ମହାକାଶଚାରୀ ନିରାପଦରେ ଅବତରଣ କଲେ। ମହାକାଶ ଗବେଷଣା ଓ ମହାକାଶଚାରୀଙ୍କ ଅନୁଭୂତି ଏ କ୍ଷେତ୍ରରେ ସଫଳତାର ନିଶ୍ଚୟ ଏକ ଫର୍ଦ୍ଦ ଯୋଡ଼ିବ।

ଏକଥା ସତ ଯେ ଆମେରିକାରେ ନିର୍ବାଚନ ରାଜନୀତିରେ ମହାକାଶଚାରୀଙ୍କ ପ୍ରତ୍ୟାବର୍ତ୍ତନ ଏକ ପ୍ରସଙ୍ଗ ହୋଇଥିଲା। ସ୍ପେସ ଏକ୍ସର ମାଲିକ ତଥା ସିଇଓ ଏଲନ୍ ମସ୍କ ଓ ପୂର୍ବତନ ରାଷ୍ଟ୍ରପତି ବାଇଡେନ୍‌ଙ୍କ ସହ ରାଜନୈତିକ ଦୃଷ୍ଟିକୋଣରୁ ମନାନ୍ତର ରହିବା ସ୍ୱାଭାବିକ। କିନ୍ତୁ ଏ କ୍ଷେତ୍ରରେ ଉଦ୍ଦେଶ୍ୟପୂର୍ଣ୍ଣ ବିଳମ୍ବ ଘଟିବା ନିଶ୍ଚୟ ଏକ ଅସ୍ୱାଭାବିକ ନିଷ୍ପତ୍ତି। ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିବା ପରେ ଜାନୁଆରୀ ୨୮ରେ ଦୁଇ ମହାକାଶଚାରୀଙ୍କୁ ଯଥାଶୀଘ୍ର ଉଦ୍ଧାର କରିବା ସକାଶେ ମସ୍କଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସୂଚନାଯୋଗ୍ୟ ଯେ ନାସା ପକ୍ଷରୁ ସ୍ପଷ୍ଟ କରି ଦିଆଯାଇଥିଲା ଯେ ଏହି ମହାକାଶଚାରୀ ମହାକାଶ କେନ୍ଦ୍ରରେ ଫସି ନାହାନ୍ତି। ସେମାନେ ନିରାପଦ ଓ ସୁସ୍ଥରେ ଅଛନ୍ତି। ଏହି ସଫଳତା ପରେ ଟ୍ରମ୍ପ ସମସ୍ତଙ୍କୁ ଧନ୍ୟବାଦ ଦେବା ସହ ସେ ଦେଇଥିବା ପ୍ରତିଶ୍ରୁତି ପୂରଣ କରିଥିବା କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ସୁନିତାଙ୍କ ଅଦମ୍ୟ ସାହସର ଉଚ୍ଚପ୍ରଶଂସା କରିଛନ୍ତି।

ଏହି ସଫଳତା ପାଇଁ ଏଲନ୍ ମସ୍କ ବେଶ ଉତ୍ସାହିତ ହୋଇପଡ଼ିଛନ୍ତି। ସେ ମଙ୍ଗଳଗ୍ରହକୁ ମାନବଯାତ୍ରା ନେଇ ଆଶାବାଦୀ। ତାଙ୍କ ମାଲିକାନାରେ ପରିଚାଳିତ ସ୍ପେସ ଏକ୍ସ ଏ ଦିଗରେ ଖୁବ୍‌ଶୀଘ୍ର କାର୍ଯ୍ୟାରମ୍ଭ କରିବ। ସେ ଏକ ସାକ୍ଷାତକାରରେ କହିଛନ୍ତି, ଆସନ୍ତା ୨୦/୩୦ ବର୍ଷ ମଧ୍ୟରେ ମଙ୍ଗଳଗ୍ରହକୁ ମହାକାଶଚାରୀ ପ୍ରେରଣ ସମ୍ଭବପର ହେବ। ନାସା ସହ ଘରୋଇ କମ୍ପାନୀ ସ୍ପେସଏକ୍ସର ମଙ୍ଗଳ ଅଭିଯାନ ସହଯୋଗିତାର ଉଚ୍ଚ ପ୍ରଶଂସା କରିଛନ୍ତି ଇସ୍ରୋର ଅଧ୍ୟକ୍ଷ ଭି ନାରାୟଣନ। ତେଣୁ ଆଗାମୀ ଦିନରେ ପିପିପି ମୋଡ୍‌ରେ ଘରୋଇ ସଂସ୍ଥା ସହ ଇସ୍ରୋର ସହଭାଗିତା ସମ୍ଭାବନାର ସୂଚନା ତାଙ୍କ ପ୍ରତିକ୍ରିୟାରୁ ସ୍ପଷ୍ଟ ହୋଇଛି। ଭାରତ ମହାକାଶ ଗବେଷଣାରେ ସୁନିତାଙ୍କ ଦକ୍ଷତାକୁ ବ୍ୟବହାର କରିବାକୁ ଚାହେଁ। ଏହି ଦୃଷ୍ଟାନ୍ତମୂଳକ ସଫଳତାକୁ ଆଖିଆଗରେ ରଖି ଭାରତକୁ ଆଗାମୀ ଦିନରେ 'ଗଗନ ଯାନ' ପ୍ରେରଣର କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାକୁ ହେବ। ମହାକାଶ ଗବେଷଣା ଓ ଜ୍ଞାନକୌଶଳ ବିନିମୟ ମାଧ୍ୟମରେ ଦ୍ରୁତ ଅଗ୍ରଗତି ହାସଲ କରିବା ସମୟର ଆହ୍ୱାନ। ତେଣୁ ଘରୋଇ ସଂସ୍ଥାର ସହଭାଗିତାକୁ ଯଥୋଚିତ ଗୁରୁତ୍ୱ ଦିଆଯିବା ଉଚିତ।

ସୁନିତା ୱିଲିୟମସ୍ ଭାରତୀୟ ବଂଶଜ। ଏବେ ବି ତାଙ୍କର ନିଜ ଜନ୍ମମାଟି ପ୍ରତି ଆକର୍ଷଣ ରହିଛି। ସେ ସମୟ ସୁବିଧା ଦେଖି ନିଜର ପୈତୃକ ଗ୍ରାମ ଗୁଜରାଟର ଝୁଲାସାନ ଆସନ୍ତି। ଆମେରିକାରେ ଜନ୍ମ ହୋଇଥିଲେ ମଧ୍ୟ ପାରିବାରିକ ସମ୍ପର୍କ ଏବେ ମଧ୍ୟ ଅତୁଟ ରହିଛି। ପାଶ୍ଚାତ୍ୟ ପରିବେଶ ଓ ଚଳଣିରେ ରହିଆସିଥିଲେ ମଧ୍ୟ ଭାରତୀୟ ସଂସ୍କୃତି ଓ ଖାଦ୍ୟରୁଚି ପ୍ରତି ତାଙ୍କର ଏବେ ମଧ୍ୟ ଭାବଗତ ସମ୍ପର୍କ ରହିଛି। ବୈବାହିକ ସମ୍ପର୍କ ଦୃଷ୍ଟିରୁ ସେ ଖ୍ରୀଷ୍ଟିଆନ ହେଲେ ମଧ୍ୟ ଗୀତାକୁ କୌଣସି ପରିସ୍ଥିତିରେ ହାତଛଡ଼ା କରିନଥା'ନ୍ତି। ତାଙ୍କ କର୍ମଜୀବନରେ ଗୀତା ହିଁ ସାହସ ଓ ପ୍ରେରଣା ଦେଇଥାଏ ବୋଲି ସେ ସ୍ୱୀକାର କରିଛନ୍ତି।

## ବିଚଳିତ ବିଶ୍ୱ, ବିଗଳିତ କରୁଣା

**ହରପ୍ରସାଦ ଦାସ**

୨୮ ଫେବୃଆରୀ ୨୦୨୫ ଦିନ ୟୁକ୍ରେନର ରାଷ୍ଟ୍ରପତି ଜେଲେନସ୍କି, ଆମେରିକାର ରାଷ୍ଟ୍ରପତି ଟ୍ରମ୍ପଙ୍କ ସହିତ ଯେଉଁ ଦ୍ୱିପାକ୍ଷିକ ଆଲୋଚନାରେ ମିଳିତ ହୋଇଥିଲେ, ତହିଁରୁ ବିଶ୍ୱ ଗୋଟିଏ ନିର୍ଣ୍ଣାୟକ ସଂକେତ ପାଇବାର ଅପେକ୍ଷାରେ ଥିଲା। ରୁଷ୍-ୟୁକ୍ରେନ ଯୁଦ୍ଧର ଆସନ୍ନ ଅବସାନର କୂଟନୈତିକ କଳ୍ପନା ବିଫଳ ହୋଇ ଚାଲିଥିବା ପରିପ୍ରେକ୍ଷୀରେ ୟୁରୋ-ଆମେରିକାନ ମଧ୍ୟସ୍ଥତା ସ୍ଥିତିକୁ ବଦଳେଇ ଦେଇପାରେ ବୋଲି ଅନୁମାନ କରାଯାଉଥିଲା। ପ୍ରକୃତରେ ସାରା ବିଶ୍ୱ ଜାଣେ ଯେ ଏ ପ୍ରାୟ ଅସମାପ୍ୟ ଯୁଦ୍ଧ ସତ୍ତା ଓ ପ୍ରମତ୍ତତାର ଯୁଦ୍ଧ। ୟୁକ୍ରେନର ବିଶ୍ୱନିୟନ୍ତା ହେବାର ନା ସ୍ୱପ୍ନ ଅଛି ନା ସାମର୍ଥ୍ୟ। ପୂର୍ବ ୟୁରୋପର ବିଭାଜନ ଓ କ୍ଷୁଦ୍ର ରୁଷ୍‌ରେ ପରିଣତ ବିଶାଳ ସୋଭିଏତ ରିପବ୍ଲିକର ଧ୍ରୁବୀୟ ପ୍ରତିଷ୍ଠା ହ୍ରାସ ହେବା ବରଂ ଗୋଟିଏ ମନସ୍ତାତ୍ତ୍ୱିକ କାରଣ, ଯାହା ରୁଷ୍‌କୁ ଉତ୍ତେଜିତ କରି ରଖିଚି। କୁହାଯାଇପାରେ ଯେ କମ୍ୟୁନିଷ୍ଟ ରୁଷ୍‌ର ଅନ୍ତଃସ୍ଥଳରେ ଗଣତନ୍ତ୍ର ଏକ ଅସହଜ ବ୍ୟଥା। ଯାକୁ ନା ସହିହେଉଚି ନା ଭୋଗିହେଉଚି। ଗ୍ଲାସନସ୍ତ ଓ ପେରେସ୍ତ୍ରୋୟିକାର ବୀଜ ପୋତିଦେଇ ଗୋର୍ବାଚେଭ ରୁଷ୍‌କୁ ଏକ ସଫଳ ବିତରଣକ୍ଷମ ଗଣତନ୍ତ୍ରରେ ବଦଳାଇବା ସହିତ ଧ୍ରୁବୀୟ ଏକୀକରଣର ଯେଉଁ ନୂଆ ସମ୍ଭାବନା ସୃଷ୍ଟି କରିଥିଲେ ତାହା ଏବେ ବିସ୍ମୃତ। ଉଭୟ ଟ୍ରମ୍ପ ଓ ପୁଟିନ ଧ୍ରୁବୀୟ ରାଷ୍ଟ୍ରନାୟକ, ବିଶ୍ୱକୁ ନେତୃତ୍ୱ ଦେବାର ଉପାଦାନ ଯାଙ୍କ ପାଖରେ ନାହିଁ। ମୋ ଦୃଷ୍ଟିରେ ୟୁକ୍ରେନ ଏକବିଶ୍ୱ ଓ ଧ୍ରୁବୀୟତା ଭିତରେ ସଂଘର୍ଷର ଯୁଦ୍ଧଭୂମି। ଉଭୟ ଟ୍ରମ୍ପ ଓ ପୁଟିନ ଶୀତଯୁଦ୍ଧର ପ୍ରତ୍ୟାବର୍ତ୍ତନ ଚାହାନ୍ତି। ମହାକାଶକୁ ବାଣ୍ଟିନେବାକୁ ଚାହାନ୍ତି। ତୃତୀୟ ବିଶ୍ୱଟିଏ ବି ଚାହାନ୍ତି। ଅନଗ୍ରସର ଦରିଦ୍ରଙ୍କ ତୃତୀୟ ବିଶ୍ୱଟିଏ ଗଢ଼ି ଉଠିଲେ ହିଁ ଧ୍ରୁବୀୟ ନେତୃତ୍ୱ ଅର୍ଥପୂର୍ଣ୍ଣ, ଅନ୍ୟଥା ନାହିଁ।

ଦ୍ୱିପାକ୍ଷିକ ଆଲୋଚନାରେ ଜେଲେନସ୍କିଙ୍କୁ ଟ୍ରମ୍ପ ଯେଭଳି ଅପମାନିତ କଲେ, ତା'ର ପଟାନ୍ତର ଆଧୁନିକ ଗଣତାନ୍ତ୍ରିକ ବିଶ୍ୱରେ ନାହିଁ। କହିଲେ: ଷ୍ଟୁପିଡ୍ ପ୍ରେସିଡେଣ୍ଟ, ଯୁଦ୍ଧ ବନ୍ଦ କର, ତମେ ବିଶ୍ୱକୁ ତୃତୀୟ ବିଶ୍ୱଯୁଦ୍ଧ ଆଡ଼କୁ ଆଗେଇ ନେଉଚ! ପୁଣି ଯାବି କହିଲେ: ଆମେରିକା ତମକୁ ଏତେ ବିଲିଅନ ଡଲାର ଦେଇଚି, ମନେ ପକାଅ! ଅପମାନିତ ଜେଲେନସ୍କି ଉଠି ଆସିଲେ ସେଇ ମୁହୂର୍ତ୍ତରେ। ଔପଚାରିକ ଆତିଥ୍ୟ ବା ପ୍ରୋଟୋକଲକୁ ଭ୍ରୂକ୍ଷେପ ନ କରି ହ୍ୱାଇଟହାଉସ ଛାଡ଼ିଲେ। ଆଉ କ'ଣ କରିଥା'ନ୍ତେ? ସେ ଜଣେ ରାଷ୍ଟ୍ରମୁଖ୍ୟ, ଜଣେ ଅପ୍ରତିଦ୍ୱନ୍ଦ୍ୱୀ ଜନନାୟକ। ତାଙ୍କୁ ଅପମାନିତ କରିବାକୁ ଟ୍ରମ୍ପ କିଏ? ଦୁଇରାଷ୍ଟ୍ର ମଧ୍ୟରେ ନ୍ୟୂନତମ ଭଦ୍ରତା ବା ସମ୍ଭ୍ରମ ରହିବ ନାହିଁ କାହିଁକି?

କଥା ଏତେ ସିଧାସଳଖ ବି ନୁହେଁ! ଆମେରିକାନ କୂଟନୀତି ଏତେ ଦେବାଳିଆ ବି ହେଇନି ଯେ ଏସବୁ ଅପମାନଜନକ ଘଟଣା ସାରାବିଶ୍ୱରେ ଘଟିଲାକ୍ଷଣି ପ୍ରସାରିତ କରିଦିଆଯିବ। ଏଇଟା ପ୍ରସାରିତ ହେଇଗଲା ଏ ବାର୍ତ୍ତା ଦେବା ପାଇଁ ଯେ ଆମେରିକା ବିଶ୍ୱରେ ଶାନ୍ତି ଚାହେଁ। ଆତ୍ମସମ୍ମାନ ପାଇଁ ୟୁକ୍ରେନ ଆଉ ଯୁଦ୍ଧ ନକରୁ, ଯୁଦ୍ଧ ଚାଲିଲେ ବିଶ୍ୱଯୁଦ୍ଧ ନିଶ୍ଚିତ! ତା' ହେଲେ କ'ଣ ୟୁକ୍ରେନ ରୁଷ୍ ଆଗରେ ଆତ୍ମସମର୍ପଣ କରିବ? ୟୁରୋପ ଓ ଆମେରିକା ନ ଚାହିଁଲେ ବିଶ୍ୱଯୁଦ୍ଧ ହେଇପାରିବ କି?

ଟ୍ରମ୍ପ ପୁରୁଣା ଆମେରିକା ଖୋଜୁଚନ୍ତି। ସତ୍ତାପ୍ରତିଷ୍ଠ ସମ୍ପନ୍ନ ଆମେରିକା! ପ୍ରମତ୍ତ ଆମେରିକା! ଚୀନ ଓ ରୁଷ୍ ଦ୍ୱିତୀୟ ବିଶ୍ୱରେ ଆଗ୍ରହୀ! ସମସ୍ତଙ୍କ ପାଇଁ ବିପଦ ହେଇ ଠିଆ ହେଇଚି ଭାରତ! ବିଶ୍ୱର ବୃହତ୍ତମ ଗଣତନ୍ତ୍ର ଭାରତ ଆପେ ତୃତୀୟ ବିଶ୍ୱର ନେତୃତ୍ୱ ନେଇଯିବ। ତୃତୀୟ ବିଶ୍ୱ ନେତୃତ୍ୱହୀନ ଥିଲା ବୋଲି ଶୀତଯୁଦ୍ଧର ଛାୟା ତଳେ ବିଶ୍ୱ ଅଧିକାରର ଖେଳ ଏକଦା ସମ୍ଭବ ଥିଲା। ଏବେ ଆଉ ନୁହେଁ। ଜେଲେନସ୍କିଙ୍କୁ ଅପମାନିତ କରିବାର ପରିଣତି ଦୁଇଦିନ ଭିତରେ ଜଣା ପଡ଼ିଲାଣି। ଆମେରିକା ବିଶ୍ୱର ରାଷ୍ଟ୍ର ସମୂହର ଘୃଣାର ପାତ୍ର ହେଲାଣି। ରିପବ୍ଲିକାନ ଏଜେଣ୍ଡା ଆଗକୁ ଆହୁରି ସମସ୍ୟା ସୃଷ୍ଟି କରିବ। ଆମେରିକା ବିଶ୍ୱର ଅଘୋଷିତ ଶତ୍ରୁ ହୋଇ ଅଛି ଏଯାଏଁ, ଯା'ପରେ ଘୋଷିତ ହେଇଯିବ। ୟୁରୋପୀୟଙ୍କ ୟୁନିଅନ ସମ୍ପୂର୍ଣ୍ଣ ହେଇଗଲେ ସେମାନେ ୟୁରୋରେ ପୁଞ୍ଜିନିବେଶ କରିବେ। ପଚାଶ ବର୍ଷ ଭିତରେ ଆମେରିକା ତା'ର ପ୍ରାଧାନ୍ୟ ହରାଇବ।

ଗଣତନ୍ତ୍ର ଏକ ସଭ୍ୟ ଲୋକବ୍ୟବସ୍ଥା ଓ ଲୋକନୀତି। ଯା'ର ବିବର୍ତ୍ତନ ଲୋକ ଚରିତ୍ରର ବିବର୍ତ୍ତନ ସହିତ ଯୋଡ଼ି ହୋଇ ରହିଚି। କହିବାରେ ଦ୍ୱିଧା ନାହିଁ ବିଶ୍ୱର ଲୋକଚରିତ୍ର ସଭ୍ୟତା ଆଡ଼କୁ ବିବର୍ତ୍ତିତ ହେଉଚି। ବିଶ୍ୱର ଦରିଦ୍ର ଓ ବଞ୍ଚିତ ଆତ୍ମସମ୍ମାନ ପାଇଁ ଲଢ଼ିବା ଶିଖିଗଲେଣି। ଅସଭ୍ୟତା କରି କେହି ବିଶ୍ୱର ନେତୃତ୍ୱ ନେଇପାରିବ ନାହିଁ। ଗଣତନ୍ତ୍ରର ଆନ୍ତର୍ଜାତିକ ପରିଚାଳନା ସଭ୍ୟତାର ଆଧାରରେ ହେବ।

ଏଇଠି ଗଣତନ୍ତ୍ରମାନଙ୍କର ଆନ୍ତର୍ଜାତିକ ପରିଚାଳନାକୁ ନେଇ କୌଣସି ନୀତି ବା ବ୍ୟବହାର ପଦ୍ଧତି ନଥିବା ବିସ୍ମୟକର। କାରଣ ବିଶ୍ୱର ରାଜନୈତିକ ସନ୍ତୁଳନ ବଜାୟ ରଖିବା ପାଇଁ ସମ୍ପ୍ରରଣ ଓ ସହାବସ୍ଥାନର ବାତାବରଣ ନିର୍ମାଣ ଜରୁରୀ। ଯେଉଁ ବହୁପାକ୍ଷିକ ଆନ୍ତଃରାଷ୍ଟ୍ରୀୟ ଗୋଷ୍ଠୀଗୁଡ଼ିକ ସାମୟିକ ଭାବରେ ସକ୍ରିୟ ହୋଇଉଠନ୍ତି ସେଗୁଡ଼ିକ ବଡ଼ ଗଣତନ୍ତ୍ରମାନଙ୍କ ଦ୍ୱାରା ପରିଚାଳିତ ହୁଅନ୍ତି। ବସ୍ତୁତଃ ନିଷ୍କର୍ଷ ଆଗରୁ ଲେଖା ସରିଥାଏ। ସହମତି ହାସଲ କରି ନିଷ୍କର୍ଷକୁ ବିଶ୍ୱର ନିଷ୍ପତ୍ତି ଭାବରେ ସର୍ବମାନ୍ୟ କରିବା ପାଇଁ କୂଟନୀତି ହିଁ ଚାଲେ। କହିବାରେ ଦ୍ୱିଧା ନାହିଁ ଯେ ଏହି ଗୋଷ୍ଠୀର ଔପଚାରିକ ବିଚାରବିମର୍ଶ ବୌଦ୍ଧିକ ନହୋଇ କୂଟନୈତିକ ହିଁ ହୁଏ। କ୍ଷୁଦ୍ର ଗଣତନ୍ତ୍ରଗୁଡ଼ିକ ଏ ଗୋଷ୍ଠୀରେ ନଥା'ନ୍ତି, ଥିଲେ ବି ତାଙ୍କର ସ୍ୱର ଶୁଭେ ନାହିଁ। ଅଥଚ ବିଶ୍ୱର ଏହି କ୍ଷୁଦ୍ର ଗଣତନ୍ତ୍ରଗୁଡ଼ିକରେ ଗଣତନ୍ତ୍ରର ନିରବଧି ନିର୍ମାଣ ଚାଲିଥାଏ। ନିର୍ମାଣ କାଳର ବିପଦମାନଙ୍କ ଭିତରୁ ସବୁଠୁ ବଡ଼ ବିପଦ ବଡ଼ ରାଷ୍ଟ୍ରମାନଙ୍କର ନ୍ୟସ୍ତ ସ୍ୱାର୍ଥ ଓ ଅନାଗ୍ରହ। ନ୍ୟସ୍ତ ସ୍ୱାର୍ଥ ବାଣିଜ୍ୟିକ, ସାମରିକ ଓ କୂଟନୈତିକ। ଅନାଗ୍ରହ କ୍ଷୁଦ୍ର ରାଷ୍ଟ୍ରର ପ୍ରଭାବହୀନତା। ଦୁର୍ଭାଗ୍ୟ କହିବାକୁ ହେବ ଯେ ଚୀନ ଓ ରୁଷ୍ ଭଳି ବଡ଼ ରାଷ୍ଟ୍ର ଗଣତାନ୍ତ୍ରିକ ମାନଦଣ୍ଡରେ ବିଫଳ। କିନ୍ତୁ ଯା'ର ପରିଣତି ସ୍ୱରୂପ ଭାରତ ବିଶ୍ୱର ଏକ ମୁଖ୍ୟ ଗଣତନ୍ତ୍ର। ଯା' ମଧ୍ୟ ଏ ଭିତରେ ପ୍ରମାଣିତ ହୋଇସାରିଲାଣି ଯେ ଭାରତ ହିଁ ଗଣତନ୍ତ୍ରର ଜନନୀ। ସ୍ୱିଡେନର ଭାନ-ଡେମ ସଂସ୍ଥା ଗଣତନ୍ତ୍ରମାନଙ୍କର ସଫଳତା ଆକଳନ କରି ଭାରତକୁ ୩୩ ପ୍ରତିଶତ ନମ୍ବର ଦେଇ ନିଜକୁ ହିଁ ହାସ୍ୟାସ୍ପଦ କରିଚନ୍ତି। ସେଇ ସ୍କେଲରେ ଆମେରିକା ତଥା ସ୍କାଣ୍ଡିନେଭିଆର କ୍ଷୁଦ୍ର ଗଣତନ୍ତ୍ରଗୁଡ଼ିକୁ ପ୍ରଥମ ଶ୍ରେଣୀକୁ ଉଠେଇ ନେଲା ବେଳେ ଭାରତର ଦେଢ଼ଶହ କୋଟି ଲୋକ, ବିଶାଳ ଆୟତନ ଓ ବିପୁଳ ବିବିଧତାର ବିଚାର ନଥିଲା ତାଙ୍କ ମୁଣ୍ଡରେ? ନଥିଲା, ରହିବ ନାହିଁ ବି! କ୍ଷୁଦ୍ର ବୁଦ୍ଧିରେ ଏମାନେ କେବଳ ଅନ୍ୟକୁ ଛୋଟକରି ନିଜକୁ ବଡ଼ କରିବାର କାରିଗରୀ ଜାଣନ୍ତି। ଧନ୍ୟ କହିବା ଭାରତୀୟଙ୍କୁ, ଭାରତର ରାଜନେତାଙ୍କୁ ଓ ବ୍ୟବସ୍ଥାକୁ। ବିଶ୍ୱର ଶ୍ରେଷ୍ଠ ଗଣତନ୍ତ୍ର, ମାତୃ-ଗଣତନ୍ତ୍ର, ବୃହତ୍ତମ ଗଣତନ୍ତ୍ର ଭାରତ।

ମାନବତା ନାଁରେ ହୃଦୟ କରୁଣା ବିଗଳିତ ହେଉଥିବ। ତେଣେ ନିଜ ନିଜର ପରାକ୍ରମ ଦେଖେଇବା ପାଇଁ ଯୁଦ୍ଧକ୍ଷେତ୍ରରେ ପରିଣତ ହେଇଥିବ ବସୁନ୍ଧରା। ଯାକୁଇ କୁହାଯାଏ ମହାଶକ୍ତି? ସୁପରପାୱାର? ଭାରତର ରାସ୍ତା ଏ ନୁହେଁ। ଭାରତ ହେବ ସୁପର ଡିମୋକ୍ରାସି, ମହାଗଣତନ୍ତ୍ର, ବିଶ୍ୱର ସବୁ ଗଣତନ୍ତ୍ରଙ୍କ ନେତୃରାଷ୍ଟ୍ର। ଆମେରିକା, ରୁଷ୍ ଓ ଚୀନ ଯା'ର ଅନ୍ତରାୟ ହୋଇ ଠିଆ ହେବେ; କିନ୍ତୁ ବିଶ୍ୱର ସାମୂହିକ ଗଣତାନ୍ତ୍ରିକ ଶକ୍ତି ହେବ ଯା'ର ପ୍ରାକୃତିକ ପ୍ରତିରୋଧ।

ସେ ତ ସମୟ କହିବ, କିନ୍ତୁ ଗଣତନ୍ତ୍ରର ଅନ୍ତସ୍ଥଳରେ ରକ୍ତକ୍ଷରା ଘାତ ଦେଖି ମୁଁ ଭାବୁଚି ଯେ ନିଜର ମହତ୍ତ୍ୱ ହ୍ରାସ ହେଇଯାଉଥିବା ଦେଖି ସବୁଠୁ ବେଶି ବିବ୍ରତ ଆମେରିକା। କଳ୍ପନା କରନ୍ତୁ ରାଷ୍ଟ୍ରପତି ଟ୍ରମ୍ପ କହୁଚନ୍ତି ସେ ଜେଲଲେନସ୍କିଙ୍କୁ 'ଷ୍ଟୁପିଡ' କହିଲା ପରେ କୁଆଡ଼େ ୟୁକ୍ରେନରେ ଜେଲେନସ୍କିଙ୍କର ଲୋକପ୍ରିୟତା ୪% କମିଯାଇଚି? ଜଣେ ରାଷ୍ଟ୍ରମୁଖ୍ୟ ଆଉଜଣେ ରାଷ୍ଟ୍ରମୁଖ୍ୟଙ୍କ ଲୋକପ୍ରିୟତା ଉପରେ ଏଭଳି ମନ୍ତବ୍ୟ ଦେବା ନିତାନ୍ତ ଆଶାଳୀନ ଓ ଅବାଂଛିତ ନୁହେଁକି? ତା'ପରେ ପୁଣି ୟୁକ୍ରେନରେ ଆମେରିକାନ ସହାୟତାରେ ସ୍ଥାପିତ ରିସର୍ଚ୍ଚ ଅନୁଷ୍ଠାନକୁ ଲଗାଇ ଜେଲେନସ୍କିଙ୍କ ଲୋକପ୍ରିୟତାକୁ ୨୭%କୁ ଖସେଇ ଆଣିଥିବା ରିପୋର୍ଟ ବିଶ୍ୱରେ ପ୍ରଚାରିତ କରିବା କେଡ଼େ ହୀନ କାର୍ଯ୍ୟ ଭାବନ୍ତୁ! ଅଥଚ ୟୁରୋପର ନିରପେକ୍ଷ ସର୍ଭେ ଏଜେନ୍ସି ଅନୁସାରେ ଜେଲେନସ୍କିଙ୍କ ଲୋକପ୍ରିୟତା ଏବେ ସର୍ବୋଚ୍ଚ ୭୨ %ରେ। ତା'ପରେ ପୁଣି ଏ ମିଥ୍ୟା ପ୍ରଚାର ବି କରାଯାଉଚି ଯେ ନିର୍ବାଚନ ହେଲେ ଜେଲେନସ୍କି ହାରିବେ। କାରଣ ଜଣେ ବା ଦୁଇଜଣ ଲୋକପ୍ରିୟ ସେନାନାୟକ ମୈଦାନକୁ ଓହ୍ଲେଇବେ। ଏ ବି ମିଛ। ଜଣେ ଲୋକପ୍ରିୟ ନେତାକୁ ସାମରିକ ଶାସନ ବେଳେ ଏଭଳି ଅପଦସ୍ତ କରିବା କେତେବଡ଼ ହୀନମନ୍ୟତା!

ଶେଷରେ ଦେଖନ୍ତୁ ଗତ ୧୧ ମାର୍ଚ୍ଚ ଦିନ ରୁଷ୍-ୟୁକ୍ରେନ ଯୁଦ୍ଧବିରତିର ଯେଉଁ ଡ୍ରାଫ୍ଟ ପ୍ରସ୍ତାବ ସାଉଦି ଆରବରେ ଚୂଡ଼ାନ୍ତ ହେଲା, ତା'ର କ'ଣ ହେଲା? ଜେଲେନସ୍କି ରାଜି। କିନ୍ତୁ ପୁଟିନ କହିଲେ ଦୀର୍ଘମିୟାଦୀ ଯୁଦ୍ଧବିରତି ପାଇଁ ସେ ରାଜି, କିନ୍ତୁ ସ୍ୱଳ୍ପକାଳୀନ ଅସ୍ତ୍ରବିରତି ପାଇଁ ନୁହେଁ। ୟୁରୋପୀୟ, ଆମେରିକାନ କୂଟନୀତିଜ୍ଞମାନେ ଲାଗିପଡ଼ି ଏ ଯେଉଁ ପ୍ରସ୍ତାବର ଖସଡ଼ା ଲେଖିଲେ, ଯା'ର ଅର୍ଥ ଅସ୍ତ୍ର ଚାଲିବନି, କିନ୍ତୁ ଯୁଦ୍ଧ ଚାଲିଥିବ। ଯା'ର ଅର୍ଥ ୟୁକ୍ରେନରେ ଲୋକପ୍ରିୟ ଶାସନ ବା ଗଣତନ୍ତ୍ର ସ୍ଥାପିତ ହେବ ନାହିଁ। ଦୀର୍ଘକାଳ ଏ ସ୍ଥିତି ରହିଲେ ଜେଲେନସ୍କି ବିତାଡ଼ିତ ହେବେ ଏବଂ ଶାସନ ରହିବ ସେନାପତିଙ୍କ ହାତରେ। ସେନାପତିଙ୍କ ସହିତ ବୁଝାମଣା ସମ୍ଭବ, ଜଣେ ଦେଶପ୍ରେମୀ ଗଣତାନ୍ତ୍ରିକ ଲୋକନାୟକ ସହିତ ନୁହେଁ। ଉଭୟ ରୁଷ୍ ଓ ୟୁକ୍ରେନ ଗଣତନ୍ତ୍ର ନ ହେଲା ଯାଏଁ ସ୍ଥିତି ବିଚଳିତ ରହିବ ଏବଂ ୟୁକ୍ରେନ ମାଧ୍ୟମରେ ରୁଷ୍ ଉପରେ ଚାପ ବଢ଼ିବ! ଏହାରି ସୁଯୋଗ ନେଇ ୟୁରୋ ଆମେରିକାନ ହେଜିମନି (ପ୍ରଭୁତ୍ୱ) ପୁନର୍ବିନ୍ୟସ୍ତ ହେବ!

ଭୁବନେଶ୍ୱର, ମୋ: ୯୪୩୭୦୩୯୮୫୮

## ସମ୍ପର୍କ ଓ ସାମାଜିକ ପରିବର୍ତ୍ତନ

**ଜଗଜିବନ ସେଠି**

ବିଶ୍ୱରେ ତିନିଗୋଟି ବିଶାଳ କ୍ରାନ୍ତି ମନୁଷ୍ୟ ସଭ୍ୟତାକୁ ଅହେତୁକ ପରିବର୍ତ୍ତନ ପାଇଁ ବାଧ କରିଛି। ସେଗୁଡ଼ିକ ହେଲା - ସଂଜ୍ଞାନାତ୍ମକ କ୍ରାନ୍ତି, କୃଷି କ୍ରାନ୍ତି ଓ ବୈଜ୍ଞାନିକ କ୍ରାନ୍ତି। 'ସଂଜ୍ଞାନାତ୍ମକ କ୍ରାନ୍ତି' ମନୁଷ୍ୟ ଭିତରେ ଜ୍ଞାନଗତ ବିପ୍ଳବ ଆଣିଲା। ପଶୁ, ପକ୍ଷୀ ଓ ଅନ୍ୟପ୍ରାଣୀଠାରୁ ମନୁଷ୍ୟ ଅଲଗା ହେବାକୁ ଲାଗିଲା। 'କୃଷି କ୍ରାନ୍ତି'ରେ ମନୁଷ୍ୟ ଯାଯାବର ଜୀବନଯାପନ ଛାଡ଼ି ଘର କରିବା ଆରମ୍ଭ କଲା, ସ୍ଥାୟୀ ଜୀବନଯାପନ ଆରମ୍ଭ କଲା। 'ବୈଜ୍ଞାନିକ କ୍ରାନ୍ତି' ଯାହା ଖୁବ୍ କମ୍ ସମୟ ମଧ୍ୟରେ ମନୁଷ୍ୟର ଯୁଗଯୁଗର ଇତିହାସକୁ ବଦଳାଇବାରେ ପାରଙ୍ଗମ ଥିଲା।

ଭୋକ ଲାଗିଲେ ଗଛରୁ ଫଳ ତୋଳି ବା ଶିକାର କରି ଖାଉଥିବା ମଣିଷ ପାଇଁ ସମୟ ସାରଣୀ ପ୍ରସ୍ତୁତ ହେଲା। ଶିଳ୍ପରେ ଲାଗିଥିବା ଘଣ୍ଟି ବାଜିବାର ୧୫ ରୁ ୩୦ ମିନିଟ ଭିତରେ ଖାଇବାକୁ ହେବ। ଭୋକ ଲାଗୁ କି ନ ଲାଗୁ ଖାଇବା ନିଷ୍ପତ୍ତି ମଣିଷ ବଦଳରେ ଘଣ୍ଟା ନେବା ଆରମ୍ଭ କରିଦେଲା। ସେହିପରି ଶୋଇବା, ଉଠିବା, ଗାଧୋଇବା ଆଦି ସବୁ କାର୍ଯ୍ୟ ଆଉ ନିଜ ହିସାବରେ ନ କରି ଏକ ନିର୍ଦ୍ଦିଷ୍ଟ ସମୟରେ ଭିତରେ କରିବାକୁ ପଡ଼ିଲା।

ମଣିଷ ଯେତେବେଳେ ପ୍ରକୃତିଠାରୁ ଅଲଗା ହୋଇ ସ୍ଥାୟୀ ବସତି ଆରମ୍ଭ କଲା, ତା' ପରେ ମଣିଷ ନିଜ ନିଜ ଭିତରେ ସମ୍ପର୍କ ଗଢ଼ିବା ଆରମ୍ଭ କଲା। କିନ୍ତୁ ଶିଳ୍ପକ୍ରାନ୍ତି ପରେ ମନୁଷ୍ୟ କେବଳ ପ୍ରକୃତି ନୁହଁ, ବରଂ ନିଜ



ପରିବାରଠାରୁ ଏମିତି କି ନିଜ ଇଚ୍ଛାଠାରୁ ବି ଦୂରେଇ ରହିବା ଆରମ୍ଭ କରିଦେଲା। ଠିକ ଏହି ସମୟରେ ନିରସ ଜୀବନରେ ସରସତା ଭରି ଦେବା ପାଇଁ ଆରମ୍ଭ ହେଲା 'ପ୍ରାକୃତ ବାଦ' ବା 'ରୋମାଣ୍ଟିସିଜିମ୍'। ଯଦି ଆମେ ଓଡ଼ିଆ ସାହିତ୍ୟ କଥା ଦେଖିବା ତେବେ ରୀତି ସାହିତ୍ୟ ମଧ୍ୟ 'ରୋମାଣ୍ଟିସିଜମ'ର ଶିକାର ହୋଇଛି। ଯେମିତି କି ଓଡ଼ିଆ ସାହିତ୍ୟର ବର୍ଣ୍ଣନା -'ସୁନ୍ଦର କନ୍ଦର୍ପ ଦର୍ପଣ ପରାଏ ଝଟକୁ ଥିଲା ତା' ମୁଖ, ଚାହିଁଲା ମାତ୍ରକେ କ୍ଷୟ ଗଲା ମୋର ଅଙ୍ଗକୁ କନ୍ଦର୍ପ ଦୁଃଖ।'

ବର୍ତ୍ତମାନ ଦେଖିବା ଏହାର ପାର୍ଶ୍ୱ ପ୍ରତିକ୍ରିୟା ବିଷୟରେ। ଏ ସବୁ ମଧ୍ୟରେ ମନୁଷ୍ୟର ସମ୍ପର୍କ ଗଢ଼ିବା ଓ ଏହି ସମ୍ପର୍କକୁ ଦୀର୍ଘସ୍ଥାୟୀ କରିବା ଶୈଳୀରେ ଅନେକ ପରିବର୍ତ୍ତନ ଆସିଲା। 'ପ୍ରାକୃତବାଦ' ଯଦି ନିଆଁ ହୁଏ 'ଡିଜିଟାଲ କ୍ରାନ୍ତି' ଘିଅ ସଦୃଶ ଅଟେ। ଅନ୍ୟଅର୍ଥରେ କହିଲେ ପ୍ରାକୃତବାଦ ଯେଉଁ ଆକର୍ଷଣ ବିକର୍ଷଣ ଉପରେ ପର୍ଯ୍ୟବସିତ, ଡିଜିଟାଲ କ୍ରାନ୍ତି ତାହାକୁ ଆହୁରି ବଳ ପ୍ରଦାନ କରୁଛି। ଏହାଫଳରେ କିଛି ସେକେଣ୍ଡର ରିଲସ୍ ଦ୍ୱାରା ବି ଆକର୍ଷଣ ହେବାର ସମ୍ଭାବନା ରହୁଛି। କ୍ଷୁଦ୍ର ଆକର୍ଷଣ ପରେ ଅଳ୍ପ ପ୍ରେମ ଓ ପରେ ପରେ ବିବାହ ଆଉ କିଛିଦିନ ପରେ ବିବାହ ବିଚ୍ଛେଦ କିମ୍ବା ମୃତ୍ୟୁର ରୂପ ଧାରଣ କରୁଛି ଏହି ଅହେତୁକ ଆକର୍ଷଣରେ ଗଢ଼ି ଉଠିଥିବା ସମ୍ପର୍କ। ସମ୍ପର୍କ ବଦଳାଇବା ପାଇଁ ଆଜିକାଲି ଅନେକ ସମ୍ଭାବନା ଉପଲବ୍ଧ ରହୁଛି। ତେଣୁ ସମ୍ପର୍କ ଯାହା ବୁଝାମଣା, ଦୟା, କ୍ଷମା, ପ୍ରେମ, ଶାନ୍ତି, ସ୍ନେହ, ଶ୍ରଦ୍ଧା ଓ ବିଶ୍ୱାସକୁ ଆଧାର କରି ଗଢ଼ି ଉଠିବା କଥା, ତାହା ବିକୃତ ହେବାରେ ଲାଗିଛି। କିନ୍ତୁ ଜାଣି ରଖନ୍ତୁ ସମ୍ପର୍କ, ଧନୁଶର ଓ ତୀର ମଧ୍ୟରେ ଥିବା ସମୀକରଣ ପରି। ଧନୁଶରର ଟାଙ୍କୁ ଯେତେ ଟାଣି ରଖିବାକୁ ଚେଷ୍ଟା କରିବ, ତୀରଟି ସେତେ ଦୂରକୁ ଚାଲିଯିବ।

ଗାଡ଼ି ଚାଳନା ଦକ୍ଷତା ନଥାଇ ବାରମ୍ବାର ଦୁର୍ଘଟଣା ଘଟାଉ ଥିବା ଚାଳକ ଯଦି ନୂଆ ଗାଡ଼ିଟିଏ ଆଣିବ ତେବେ ଏହା ବି ଦୀର୍ଘସ୍ଥାୟୀ ହୋଇପାରିବ ନାହିଁ। ଏହି ସବୁ ସମସ୍ୟା ପାଇଁ କେବଳ ଯେ ଯୁବପିଢ଼ି ଦାୟୀ ଆମେ କହିବା ସମ୍ପୂର୍ଣ୍ଣ ଠିକ୍ ନୁହଁ। ସାମାଜିକ ପରିବର୍ତ୍ତନର ପ୍ରଭାବ, ମନୁଷ୍ୟର ଜୀବନଶୈଳୀ ସହିତ ଆକର୍ଷଣ-ବିକର୍ଷଣର ପ୍ରକ୍ରିୟା ମଧ୍ୟ ଏଥିନିମନ୍ତେ ଦାୟୀ। ଯେମିତି ବିଜ୍ଞାନ କ୍ଷେତ୍ରରେ ନୂଆ ନୂଆ ଗବେଷଣା ଚାଲିଛି 'ସାମାଜିକ ପରିପର୍ତ୍ତନ ଓ ମନୁଷ୍ୟର ସମ୍ପର୍କ' ବିଷୟରେ ମଧ୍ୟ ଅନେକ ଗବେଷଣା ହେବା ଆବଶ୍ୟକ।

ମୋ: ୮୯୮୪୦୪୯୫୨୧

## ଲାମା ତାରାନାଥ ଓ ଓଡ଼ିଶାରେ ବୌଦ୍ଧଧର୍ମ

**ପ୍ରବୀର କୁମାର ପଟ୍ଟନାୟକ**

(ଗତ ୮ ତାରିଖରେ ପ୍ରକାଶିତ ଉତ୍ତାରୁ)

ଏହି ଘଟଣାର କିଛିକାଳ ପରେ ନାଳନ୍ଦାରେ ବୌଦ୍ଧ ଓ ହିନ୍ଦୁମାନଙ୍କ ମଧ୍ୟରେ ଏକ ବିରାଟ ତର୍କସଭା ଅନୁଷ୍ଠିତ ହୋଇଥିଲା। ଏହି ବିତର୍କରେ ଅଂଶଗ୍ରହଣ କରିଥିଲେ ସୁଦୁର୍ଜୟ ନାମକ ଜଣେ ବ୍ରାହ୍ମଣ। ବିତର୍କ କଳା-କୌଶଳରେ ସେ ପ୍ରବୀଣ ଥିଲେ ଓ ତାଙ୍କୁ କେହି ପରାଜିତ କରି ପାରୁନଥିଲେ। ଏଣୁ ବୌଦ୍ଧମାନେ ଓଡ଼ିଭିଶର ଭୋରାଶୈଳ ବିହାରରୁ ଆଚାର୍ଯ୍ୟ ଦିଙ୍ନାଗଙ୍କୁ ଡକାଇଲେ ଏବଂ ସେ ବିତର୍କରେ ଉପସ୍ଥିତ ସମସ୍ତଙ୍କୁ ପରାଜିତ କରିଥିଲେ। ଓଡ଼ିଭିଶ ରାଜାଙ୍କର ଭଦ୍ରପାଳିତ ନାମରେ ଜଣେ ମନ୍ତ୍ରୀ ଥିଲେ। ସେ ମନ୍ତ୍ରୀପଦ ସହ ରାଜ୍ୟର କୋଷାଧ୍ୟକ୍ଷ ଦାୟିତ୍ୱ ମଧ୍ୟ ନିର୍ବାହ କରୁଥିଲେ। ଆଚାର୍ଯ୍ୟ ଦିଙ୍ନାଗ ତାଙ୍କୁ ବୌଦ୍ଧଧର୍ମରେ ଦୀକ୍ଷିତ କରିଥିଲେ। ସେ ଷୋହଳ ଗୋଟି ବିଶାଳ ବୌଦ୍ଧବିହାର ନିର୍ମାଣ କରାଇ ସେଥିରେ ବହୁସଂଖ୍ୟକ ଭିକ୍ଷୁଙ୍କୁ ରଖାଇଥିଲେ। ଏହି ସବୁ ବିହାର ବୌଦ୍ଧଧର୍ମର ପ୍ରମୁଖ କେନ୍ଦ୍ର ଭାବେ କାର୍ଯ୍ୟ କରିଥିଲେ।

ପରବର୍ତ୍ତୀ କାଳରେ ଓଡ଼ିଭିଶର ରାଜା ମୁକୁନ୍ଦଦେବ ମଧ୍ୟଦେଶର ବହୁ ଅଞ୍ଚଳ ଅଧିକାର କରିଥିଲେ। ସେ ମଗଧରେ କୌଣସି ବୌଦ୍ଧକେନ୍ଦ୍ର ପ୍ରତିଷ୍ଠା କରିନଥିଲେ, ମାତ୍ର ନିଜ ରାଜ୍ୟ ଓଡ଼ିଭିଶରେ ସେ ଏକ ବୃହତ୍ ବୌଦ୍ଧବିହାର ନିର୍ମାଣ କରିଥିଲେ। ତାଙ୍କ ସମୟରେ ବୌଦ୍ଧଧର୍ମର ପ୍ରସାର ଘଟିଥିଲା।

ଉଡ୍ଡୀୟାନର ରାଜା ଇନ୍ଦ୍ରଭୂତି ବୌଦ୍ଧ ସିଦ୍ଧ ଲୁଇପାଙ୍କର ସମସାମୟିକ ବୋଲି ଧରାଯାଇଥାଏ। ଗୃ ହ ୟ ସ ମ । ଜ ତ ନ୍ତ୍ର ଶିକ୍ଷା ଲାଭ କରିଥିବା ନିପୁଣ ସାଧକମାନେ ଏକମତ ଯେ ବୁଦ୍ଧ ନିଜେ ଯେତେବେଳେ ଉଡ୍ଡୀୟାନରେ ପ୍ରକଟ ହୋଇ ସେଠାକାର ମହାନ୍ ରାଜା ଇନ୍ଦ୍ରଭୂତିଙ୍କୁ ଦୀକ୍ଷିତ କରିଥିଲେ, ସେତେବେଳେ ମୁନୀନ୍ଦ୍ର (ବୁଦ୍ଧ) ନିଜେ ଉଡ୍ଡୀୟାନର ରାଜା ଇନ୍ଦ୍ରଭୂତିଙ୍କ ପ୍ରାର୍ଥନା ମୁତାବକ ଗୁହ୍ୟସମାଜତନ୍ତ୍ରର ପରିପ୍ରକାଶ ତଥା ପ୍ରଚାର କରିଥିଲେ।

**ଦ୍ୱିତୀୟ-ବୁଦ୍ଧ କଥା**

ମଗଧକୁ ଯେତେବେଳେ ତୁରସ୍କମାନେ ଆକ୍ରମଣ କଲେ ସେହି ସମୟରେ ଭାରତର ଦକ୍ଷିଣ ଭାଗରେ ବିଦ୍ୟାନଗର, କୋଙ୍କଣ, ମାଲ୍ୟାରା, କଳିଙ୍ଗ ଇତ୍ୟାଦିରେ ବୌଦ୍ଧଧର୍ମର ଅତି ବୃହତ୍ ନ ହେଲେ ବି କ୍ଷୁଦ୍ର କ୍ଷୁଦ୍ର କେନ୍ଦ୍ରମାନ ସ୍ୱଚ୍ଛନ୍ଦଭାବେ କାର୍ଯ୍ୟକ୍ଷମ ରହିଥିଲେ। ଧର୍ମର ପବିତ୍ରତା ତଥା ସାଧନାରେ କୌଣସି ବାଧା ସେଠାରେ ନଥିଲା।

ସିଦ୍ଧ ବିରୂପା ହେଉଛନ୍ତି ସିଦ୍ଧ ଡୋମ୍ବୀ ହେରୁକଙ୍କର ଗୁରୁ। ସେ ଇନ୍ଦ୍ରଭୂତିଙ୍କ ଭଗିନୀ ଲକ୍ଷ୍ମୀଙ୍କରାଙ୍କ ଦ୍ୱାରା ଦୀକ୍ଷିତ ହୋଇଥିଲେ। ମହାନ୍ ସିଦ୍ଧ ଅବଧୂତିପା ଅଥବା ପିଣ୍ଡପାଟକ ହେଉଛନ୍ତି ବିରୂପାଙ୍କ ଶିଷ୍ୟ ଏବଂ ବିରୂପାଙ୍କ ଅନ୍ୟତମ ଶିଷ୍ୟା ହେଉଛନ୍ତି ଡାକିନୀ ସୁଖସିଦ୍ଧା।

ଏହିଭଳି ଭାବେ ଉଭୟ ଉଡ୍ଡୀୟାନ ଏବଂ ଓଡ଼ିଭିଶ ସମ୍ପର୍କରେ ସମାନ ଅର୍ଥରେ ଓଡ଼ିଶାକୁ ଦର୍ଶାଇ ଲାମା ତାରାନାଥ ତାଙ୍କ ଗ୍ରନ୍ଥରେ ବାରମ୍ବାର ଉଲ୍ଲେଖ କରିଛନ୍ତି। ଏହି ଗ୍ରନ୍ଥରେ ସେ ରାଜା ଇନ୍ଦ୍ରଭୂତିଙ୍କୁ ଉଡ୍ଡୀୟାନ ତଥା ଓଡ଼ିଭିଶ ଉଭୟର ରାଜାଭାବେ ଦର୍ଶାଇଛନ୍ତି। ଏଥିରୁ ସ୍ପଷ୍ଟ ଯେ ପ୍ରାଚୀନ ଉଡ୍ଡୀୟାନ ଓ ଓଡ଼ିଭିଶ ଗୋଟିଏ ତଥା ସମାନ ଅଞ୍ଚଳ ଥିଲା।

ଆଉ ମଧ୍ୟ ତାରାନାଥଙ୍କ ଗ୍ରନ୍ଥରୁ ଜଣାଯାଏ ଯେ ପ୍ରାଚୀନ ଉଡ୍ଡୀୟାନ / ଓଡ଼ିଭିଶ (ଓଡ଼ିଶା), ବଙ୍ଗ, ମଗଧ ଆଦି ପୂର୍ବଭାରତୀୟ ଅଞ୍ଚଳମାନ ମହାଯାନ ତଥା ତନ୍ତ୍ରଯାନ (ବଜ୍ରଯାନ)ର କେନ୍ଦ୍ରସ୍ଥଳ ଥିଲା। ଏସବୁ ସ୍ଥାନଗୁଡ଼ିକ ବିଷୟରେ ସେ ତାଙ୍କ ଗ୍ରନ୍ଥରେ ବହୁବାର ଉଲ୍ଲେଖ କରିଛନ୍ତି। ସେ ନିଜେ ମହାଯାନ ଶାଖାର ବଜ୍ରଯାନୀ ଆଚାର୍ଯ୍ୟ ହୋଇଥିବାରୁ ତାଙ୍କର ଏହି ଉଲ୍ଲେଖ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେ ଏ ବିଷୟରେ ଗଭୀରଭାବେ ଅନୁଧ୍ୟାନ ପୂର୍ବକ ଦର୍ଶାଇଛନ୍ତି ଯେ ପୂର୍ବ ଭାରତ ହିଁ ମହାଯାନ ଓ ବଜ୍ରଯାନର କେନ୍ଦ୍ରସ୍ଥଳ। ତାରାନାଥଙ୍କ ଏହି ଗ୍ରନ୍ଥରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଉଡ୍ଡୀୟାନ ତଥା ଓଡ଼ିଭିଶ ତାଙ୍କ ଆଲୋଚନାର ମୁଖ୍ୟ ପ୍ରସଙ୍ଗ ହୋଇଥିବାରୁ ଏହା ଜଣାପଡୁଛି ଯେ ଓଡ଼ିଶା ଅଞ୍ଚଳରେ ବୌଦ୍ଧଧର୍ମ ତଥା ବୌଦ୍ଧ ସଂସ୍କୃତି ସୁଦୃଢ଼ଭାବେ ସ୍ଥାପିତ, ପ୍ରଚାରିତ ତଥା ପ୍ରସାରିତ ହୋଇପାରିଥିଲା। ଏହା ସହ ପ୍ରାଚୀନ କାଳରେ ବୌଦ୍ଧଧର୍ମର ପ୍ରଚାର ପ୍ରସାରରେ ଓଡ଼ିଶାର ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ମହତ୍ତ୍ୱପୂର୍ଣ୍ଣ ଥିଲା। (ସମାପ୍ତ)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଲେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପାରାଦୀପ ବନ୍ଦରରେ ଗିରଫ ହେଲା ଦୁଇଟି ଜାହାଜ



ପାରାଦୀପ,୨୧।୩ (ସମିସ):ପାରାଦୀପରେ ପୁଣି ଗିରଫ ହେଲା ଦୁଇଟି ଜାହାଜ। ମେରିଟାଇମ ଚୁକ୍ତି ଓ ବ୍ୟବସାୟିକ ବିବାଦକୁ ନେଇ ଗିରଫ ହୋଇଛି ଏହି ଦୁଇ ଜାହାଜ। ହାଇକୋର୍ଟଙ୍କ ନିର୍ଦ୍ଦେଶରେ କୁଜଙ୍ଗ ସବ ଜଜଙ୍କ ଉପସ୍ଥିତିରେ ଗିରଫ କରାଯାଇଛି।୭ଟି ଟଗ ଭେସେଲର କିଛି ଖରିଦିକୁ ନେଇ ୪୨୮ କୋଟି ଟଙ୍କା ଦାବିରେ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଏନେଇ ଆଜି ଦୁଇଟି ଜାହାଜକୁ ଗିରଫ କଲେ କୁଜଙ୍ଗ ସବଜଜ। ଜାହାଜ କିଣାବିକା ବିବାଦକୁ ନେଇ ମାମଲା ହୋଇଥିବା ବେଳେ ଆଜି ବନ୍ଦର ମଧ୍ୟରେ ଓସନ ଜେଡ ଏବଂ ଓସନ ମୋର୍ଗାନାଇଟ ନାମକ ଦୁଇଟି ଜାହାଜକୁ ଆଜି ଗିରଫ କରାଯାଇଛି। ପାରାଦୀପ ବନ୍ଦରର ଏନକ୍ୟୁ-୨ ଏବଂ ଏଫବି-୨ ବର୍ଥ ରେ ଲାଗିଥିବା ଏହି ଦୁଇଟି ଜାହାଜକୁ ଆଜି ପାରାଦୀପ ପୁଲିସ, ସିଆଇଏସଏଫ, ବନ୍ଦର ଅଧିକାରୀଙ୍କ ଉପସ୍ଥିତରେ ଜାହାଜକୁ ଗିରଫ ପରୱାନା ଜାରି କରିଛନ୍ତି କୁଜଙ୍ଗ ସବକୋର୍ଟ।ଏପ୍ରିଲ ୩୦ରେ ଏହି କେସର ପରବର୍ତ୍ତୀ ଶୁଣାଣୀ ହେବ। ଶୁଣାଣୀ ପରେ ପରବର୍ତ୍ତୀ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ ଜାଗା ଛାଡି ନଯିବାକୁ ନିର୍ଦ୍ଦେଶ ଦେଇଛନ୍ତି।ଆଦେଶ ଆସିବା ପର୍ଯ୍ୟନ୍ତ ପାରାଦୀପ ବନ୍ଦରରେ ଦୁଇଟି ଜାହାଜ ଅଟକ ରହିବ ବୋଲି ସୂଚନା ମିଳିଛି ଏହା ପୂର୍ବରୁ ମଧ୍ୟ ଅନେକ ଜାହାଜ ପାରାଦୀପ ବନ୍ଦରରେ ଗିରଫ ରହିଥିବାର ନଜିର ରହିଛି।

# ଶବବାହକ ଗାଡ଼ି ଓ ଆମ୍ବୁଲାନ୍ସ ଦାବିକଲେ ବିଧାୟକ

ଜଗତସିଂହପୁର,୨୧।୩(ସମିସ): ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ୨ଟି ଶବବାହକ ଗାଡି ଏବଂ ୨ଟି ଆମ୍ବୁଲାନ୍ସ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି ଜଗତସିଂହପୁର ସଦର ବିଧାୟକ ଅମରେନ୍ଦ୍ର ଦାସ। ଦିନକୁ ଦିନ ଲୋକସଂଖ୍ୟା ବଢୁଥିବା ବେଳେ ଆବଶ୍ୟକତା ଅନୁସାରେ ଗାଡି ନଥିବାରୁ ଅନେକ ସମୟରେ ଲୋକମାନେ ଶବ ନେବା ଏବଂ ରୋଗୀଙ୍କୁ ଜରୁରୀକାଳୀନ ସମୟରେ ଡାକ୍ତରଖାନା ନେବା ପାଇଁ ଅସୁବିଧାର ସମ୍ମୁଖୀନ ହୋଇ ଆସୁଛନ୍ତି। ତେଣୁ ଜଗତସିଂହପୁର ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏ ଦିଗରେ ପଦକ୍ଷେପ ଗ୍ରହଣ କରି ଦୁଇଟି ଶବବାହକ ଗାଡି ଏବଂ ୨ଟି ଆମ୍ବୁଲାନ୍ସ ଯୋଗାଇବା ପାଇଁ ବିଧାୟକ ଶ୍ରୀ ଦାସ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

# ଜଳସେବା କେନ୍ଦ୍ର ଉଦ୍‌ଘାଟିତ



ପାରାଦୀପ,୨୧।୩ (ସମିସ): ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପାରାଦୀପ ପୌରାଞ୍ଚଳ ର ବିଭିନ୍ନ ୱାର୍ଡ ଅନ୍ତର୍ଗତ ମୁଖ୍ୟ ଛକମାନଙ୍କରେ ପଥଚାରୀଙ୍କ ତୃଷ୍ଣା ନିବାରଣ ପାଇଁ ପୌରପାଳିକା ପକ୍ଷରୁ ଜଳ ସେବା କେନ୍ଦ୍ର ଖୋଲା ଯାଉଛି। ୧୫ ନମ୍ବର ୱାର୍ଡ ବଡ଼ପଡ଼ିଆ ଥାନା ଛକ ଟ୍ୟାକ୍ସି ଷ୍ଟାଣ୍ଡ ଠାରେ ଆଜି ଏକ ଜଳସେବା କେନ୍ଦ୍ରକୁ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଉଦ୍‌ଘାଟନ କରିଛନ୍ତି।ଉଦଘାଟନୀ କାର୍ଯ୍ୟକ୍ରମରେ ୧୫ ନମ୍ବର ୱାର୍ଡର କାଉନସିଲର ସୌଦାମିନୀ ସାହୁ, ଅତିରିକ୍ତ ନିର୍ବାହୀ ଅଧିକାରିଣୀ ସ୍ମୃତି ସ୍ୱାଇଁ, ବଣିକ ସଂଘ କାର୍ଯ୍ୟକାରୀ ସଭାପତି ଗୋଲେଖ ଚନ୍ଦ୍ର ସାହୁ, ବରିଷ୍ଠ ପାରିଷଦ ଜଗନ୍ନାଥ ରାଓ ପ୍ରମୁଖ ଉପସ୍ଥିତ ଥିଲେ।ସେହିପରି ୨ ନମ୍ବର ୱାର୍ଡ ଅଠରବାଙ୍କୀ ବିଜୁ ପଟନାୟକ ପ୍ରତିମୂର୍ତ୍ତି ନିକଟସ୍ଥ ଛକରେ ଜଳସେବା କେନ୍ଦ୍ରକୁ ମଧ୍ୟ ପୌରାଧ୍ୟକ୍ଷ ଶ୍ରୀ ବିଶ୍ୱାଳ ଉଦଘାଟନ କରିଥିଲେ।

# ପିଏମ ଇଣ୍ଟର୍ଣ୍ଣସିପ୍ ସଚେତନତା କାର୍ଯ୍ୟକ୍ରମ

ପାରାଦୀପ,୨୧।୩ (ସମିସ) : ଆଜି ସନ୍ଧ୍ୟାରେ ପାରାଦୀପ ମହାବିଦ୍ୟାଳୟ ପକ୍ଷରୁ ପିଏମ ଇଣ୍ଟରନସିପ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।ଏଥିରେ ମହାବିଦ୍ୟାଳୟ ର ଅଧ୍ୟକ୍ଷା ଡଃ ଶଶ୍ମିତା ଶତପଥୀ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ବହୁ ସଂଖ୍ୟାରେ ପଞ୍ଜିକରଣ ପାଇଁ ଉପଦେଶ ଦେଇଥିଲେ।ଇଂରାଜୀ ଅଧ୍ୟାପକ ଗଣେଶ୍ୱର ପାତ୍ର ଛାତ୍ରଛାତ୍ରୀମାନଙ୍କୁ କିଭଳି ପଞ୍ଜିକରଣ କରାଯିବ ସେ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ଅଧ୍ୟାପକ ଅକ୍ଷୟ ଚନ୍ଦ୍ର ମିଶ୍ର, ସଂଗ୍ରାମ କେଶରୀ ପରିଡା ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ବୁଝାଇବା ସହ ଇଣ୍ଟରନସିପ ର ଗୁରୁତ୍ୱ ଉପରେ ନିଜ ନିଜର ମତ ରଖିଥିଲେ।ପାରାଦୀପ ଷଣ୍ଢକୁଦ ୧୮ ନମ୍ବର ୱାର୍ଡ ର କାଉନସିଲର କାମିଲା ଜଗନ୍ନାଥ ରାଓ , ୱାର୍ଡ ନମ୍ବର ୧୯ ର କାଉନସିଲର ନବ କିଶୋର ବେହେରା ଓ ୱାର୍ଡ ୧୯ ର ଗଙ୍ଗା ମନ୍ଦିରର ସଭାପତି ସନ୍ତୋଷ ମଣ୍ଡଳ ଉପସ୍ଥିତ ରହି ସହଯୋଗର ହାତ ବଢାଇଥିଲେ।ଉକ୍ତ ସଚେତନତା କାର୍ଯ୍ୟକ୍ରମ ରେ ମହାବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ ଯୋଗଦେଇଥିଲେ ଓ ସଚେତନତାର ବାର୍ତ୍ତାକୁ ସାରା ପାରାଦୀପ ସହରରେ ପ୍ରଚାର କରିବା ପାଇଁ ନିଷ୍ପତ୍ତି ନେଇଥିଲେ।ପାରାଦୀପ ମହାବିଦ୍ୟାଳୟର ବହୁ ଅଧ୍ୟାପକ ଓ ଅଧ୍ୟାପିକା ଙ୍କ ସମେତ ଆନନ୍ଦ ବେହେରା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

## ୨୭ରେ କଂଗ୍ରେସର ବିଧାନସଭା ଘେରାଉ

# ଜଗତସିଂହପୁର ଜିଲ୍ଲାରୁ ସାମିଲହେବେ ୨ ହଜାର କର୍ମୀ



ଜଗତସିଂହପୁର,୨୧।୩(ସମିସ): ରାଜ୍ୟରେ କ୍ରମାଗତ ଭାବେ ବଢିଚାଲିଛି ନାରୀ ନିର୍ଯାତନା,ଦୁଷ୍କର୍ମ ଏବଂ ହତ୍ୟାକାଣ୍ଡ ଭଳି ସମ୍ବେଦନଶୀଳ ଘଟଣା। ବିଗତ ୮ ମାସର ନୂଆ ସରକାର ଅମଳରେ ଏହିଭଳି ୫୪ଟି ଅପରାଧମୂଳକ ମାମଲା ଓଡିଶାର ବିଭିନ୍ନ ଥାନାରେ ରୁଜୁ ହୋଇଛି। ପବିତ୍ର ବିଧାନସଭାରେ ଏହି ପ୍ରସଙ୍ଗ ଉଠାଇବା ବେଳେ ଶାସକଦଳ ତରଫରୁ ଏହାକୁ ଅସାମ୍ବିଧାନିକ ଉପାୟରେ ଚପାଇଦେବା ପାଇଁ ଉଦ୍ୟମ କରାଯାଉଛି ବୋଲି ଅଭିଯୋଗ କରିଛି କଂଗ୍ରେସ। ସେହିପରି ଏହି ୮ ମାସ ମଧ୍ୟରେ ରାଜ୍ୟ ସରକାର ସବୁକ୍ଷେତ୍ରରେ ବିଫଳ ହୋଇଥିବାରୁ ଏହାର ପ୍ରତିବାଦରେ ଆସନ୍ତା ମାର୍ଚ୍ଚ ୨୭ ତାରିଖରେ କଂଗ୍ରେସ ଦଳ ତରଫରୁ ବିଧାନସଭା ଘେରାଉ କରାଯିବ। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଡାକରାରେ ରାଜ୍ୟର ସମସ୍ତ ଜିଲ୍ଲାରୁ କଂଗ୍ରେସ ନେତା ଓ କର୍ମୀ ଏହି ଘେରାଉ କାର୍ଯ୍ୟକ୍ରମରେ ସାମିଲ ହେବେ। ଏହି ପରିପ୍ରେକ୍ଷୀରେ ଜଗତସିଂହପୁର ଜିଲ୍ଲା କଂଗ୍ରେସ କମିଟି ତରଫରୁ ସ୍ଥାନୀୟ ସର୍କିଟ ହାଉସ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା।ଜିଲ୍ଲା କଂଗ୍ରେସ କମିଟି ସଭାପତି ନଟବର ବାରିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପିସିସି ପର୍ଯ୍ୟବେକ୍ଷକ ଶ୍ରୀନିବାସ ରାଉତରାୟ ଏବଂ ଗିରିବାଳା ବେହେରା ଯୋଗଦେଇ ବେଟୀ ପଢାଓ ବେଟୀ ବଚାଓ ଓ ଓଡିଆ ଅସ୍ମିତା କଥା କହୁଥିବା ସରକାର ଅମଳରେ ନାରୀମାନେ ଯେଉଁଭଳି ପାଶବିକ ଅତ୍ୟାଚାରର ଶୀକାର ହେଉଛନ୍ତି ତାହା ଅତ୍ୟନ୍ତ ଲଜ୍ୟାଜନକ ବୋଲି ମତବ୍ୟକ୍ତ କରିଥିଲେ। ସେହିପରି କୃଷକଙ୍କ ଠାରୁ ଆରମ୍ଭ କରି ସମାଜର ସବୁବର୍ଗର ଲୋକମାନେ ଏହି ସରକାର ଅମଳରେ ଅବହେଳିତ ହେଉଥିବା ପିସିସି ପର୍ଯ୍ୟବେକ୍ଷକ ପ୍ରକାଶ କରିବା ସହିତ ବିଧାନସଭା ଘେରାଉରେ ଜଗତସିଂହପୁର ଜିଲ୍ଲାରୁ ୨ ହଜାର କର୍ମୀ ଯୋଗଦେବା ପାଇଁ ଲକ୍ଷ୍ୟ ରହିଥିବା ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ନଳିନୀ କୁମାର ସ୍ୱାଇର୍,ନିରଞ୍ଜନ ନାୟକ,ପ୍ରତିମା ମଲ୍ଲିକ,ସର୍ବେଶ୍ୱର ପଣ୍ଡା,ଦେବୀପ୍ରସନ୍ନ ନାୟକଙ୍କ ସମେତ ଦଳର ଛାମୁଆଁ ନେତା ଓ କର୍ମୀମାନେ ଏହି ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇଥିଲେ।

# ଦେବେନ୍ଦ୍ର ଶର୍ମାଙ୍କ ଦେହାନ୍ତରେ ଆଳିରେ ଶୋକର ଛାୟା

ଆଳି,୨୧।୩ (ସମିସ) : ଶୁକ୍ରବାର ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ନାଥ ଶର୍ମାଙ୍କର ୬୭ବର୍ଷରେ ଭୁବନେଶ୍ୱରସ୍ଥିତ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଦେହାନ୍ତ ହୋଇଯାଇଛି। ଆଳି ନିର୍ବାଚନମଣ୍ଡଳୀର ପୂର୍ବତନ କଂଗ୍ରେସ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ଦେହାନ୍ତରେ ଆଳି ନିର୍ବାଚନମଣ୍ଡଳୀର ଆଳି, କନିକା ସହିତ ସାରା ଓଡିଶା ଶୋକ ପ୍ରକାଶ କରିଛି।ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ଓପିସିସି) ର ଜଣେ ଅଗ୍ରଣୀ ସଦସ୍ୟ ସ୍ୱର୍ଗତ ଶର୍ମା କର୍ମୀପ୍ରେମୀ, ଜନସେବକ ତଥା ତୃଣମୂଳ ସ୍ତରର ନେତୃତ୍ୱର ଛାପ ଛାଡିଯାଇଛନ୍ତି। ମାର୍ଚ୍ଚ ୧୮, ୧୯୫୯ ରେ କଟକଠାରେ ଜନ୍ମ ହୋଇଥିବା ଶର୍ମା ଏକ ରାଜନୈତିକ ପ୍ରଭାବଶାଳୀ ପରିବାରରୁ ଆସିଥିଲେ। ତାଙ୍କ ପିତା ଡକ୍ଟର ଦିବାକର ଶର୍ମା ଜଣେ ସମ୍ମାନିତ ଚିକିତ୍ସକ ତଥା ବିଧାୟକ ଥିଲେ, ବାପାଙ୍କ ନୀତି ନିୟମକୁ ସେ ଅନୁସରଣ କରିଥିଲେ। ୨୦୧୪ ରେ ଆଳିର ୧୫ତମ ବିଧାୟକ ଭାବରେ ନିର୍ବାଚିତ ହୋଇ ସେ ଓଡିଶା ବିଧାନସଭାରେ ବିରୋଧୀ ଦଳର ଜଣେ ପ୍ରମୁଖ ସଦସ୍ୟ ଥିଲେ। ଦୁଇ ଦୁଇ ଥର ଆଳି ବ୍ଲକ ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଇଛନ୍ତି। ରାଜନୀତି ସହିତ ଶିକ୍ଷା ଏବଂ କ୍ରୀଡା ପ୍ରତି ତାଙ୍କର ପ୍ରତିବଦ୍ଧତା ପାଇଁ ଜଣାଶୁଣା ଶର୍ମା କେନ୍ଦ୍ରାପଡା ଜିଲ୍ଲା କଂଗ୍ରେସ କମିଟିର ନେତୃତ୍ୱ ନେଇଥିଲେ ଏବଂ ଆଳିକୁ ମହିଳା ଫୁଟବଲର ଏନ୍ତୁଡ଼ିଶାଳ କରି ସସ୍ମିତା ମଲିକଙ୍କ ପରି ଆନ୍ତର୍ଜାତୀୟ ମହିଳା ଫୁଟବଲ ପ୍ରତିଭା ସୃଷ୍ଟି କରିପାରିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲା କ୍ରିକେଟ୍ ଆସୋସିଏସନର ସଭାପତି ଭାବରେ ସେ କାର୍ଯ୍ୟ କରିଥିଲେ।୨୦୨୪ ମସିହାରେ ଶର୍ମାଙ୍କ ଜୀବନ କର୍ମୀଙ୍କ ପ୍ରତି ଉତ୍ସର୍ଗୀକୃତ ଥିବାର ପ୍ରମାଣ ମିଳିଥିଲା, ଯେତେବେଳେ ସେ ଅସୁସ୍ଥ ଥାଇ ମଧ୍ୟ ନିଆଳ ଗ୍ରାମରେ ପୈତୃକ ସମ୍ପତ୍ତି ବିକ୍ରୟ କରି ତାଙ୍କ ଝିଅ ଦେବସ୍ମିତା ଶର୍ମାଙ୍କୁ ଆଳି ବିଧାନସଭା ନିର୍ବାଚନ ପ୍ରଚାର ପାଇଁ ଅର୍ଥ ପ୍ରଦାନ କରିଥିଲେ। ସ୍ୱଚ୍ଛ ରାଜନୀତିରେ ତାଙ୍କର ବିଶ୍ୱାସ ଓ ଭରଷାକୁ ପ୍ରମାଣିତ କରିଥିଲା।ତାଙ୍କ ଦେହାନ୍ତରେ ଆଳି, କନିକା ଓ କେନ୍ଦ୍ରାପଡାର କର୍ମୀମାନେ ମ୍ରିୟମାଣ ହୋଇ ପଡିଛନ୍ତି। ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# କେନ୍ଦ୍ରାପଡ଼ା ସାନ୍ଧ୍ୟ ମହାବିଦ୍ୟାଳୟରେ ୟୁଥ୍ ପାର୍ଲାମେଣ୍ଟ

ଡେରାବିଶ,୨୧।୩ (ସମିସ): ଡେରାବିଶ ବ୍ଲକ ଗୁଆଳସିଂ ପଞ୍ଚାୟତ ଅନ୍ତର୍ଗତ କେନ୍ଦ୍ରାପଡ଼ା ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଆଜି ଜିଲ୍ଲା ସ୍ତରୀୟ ୟୁଥ୍ ପାର୍ଲାମେଣ୍ଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଆଦ୍ୟାରଶ୍ମି ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ କେନ୍ଦ୍ରାପଡ଼ାର ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ନନ୍ଦ କିଶୋର ପରିଡ଼ା, ସମ୍ମାନିତ ଅତିଥିଭାବରେ ଜିଲ୍ଲା ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରିଣୀ ପଦ୍ମଜା କବି ଶତପଥୀ, ନେହେରୁ ଯୁବ କେନ୍ଦ୍ରର ଯୁବ ଅଧିକାରୀ ଗୋଲି ତିରୁପତି ରେଡ୍ଡି ଓ ପ୍ରାକ୍ତନ ଜିଲ୍ଲା ଏନ୍‌ଏସ୍‌ଏସ୍ ଅଧିକାରୀ ଅଧ୍ୟାପକ ଶିଶିରକାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇ ଯୁବକଙ୍କଠାରେ ପାର୍ଲାମେଣ୍ଟ ସମ୍ପର୍କରେ ଏକ ସ୍ପଷ୍ଟ ଧାରଣା ଦେବା ସହିତ ସାମାଜିକ ଘଟଣାବଳୀ ଗୁଡ଼ିକୁ ଲୋକସଭାରେ କିପରି ଉପସ୍ଥାପିତ କରାଯାଏ ସେ ବିଷୟରେ ଉଦ୍‌ବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ୨୦ଟି ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ମକ୍ ପାର୍ଲାମେଣ୍ଟରେ ବିଚାରକ ମଣ୍ଡଳୀ ଭାବରେ ବିରାଜନନ୍ଦ ପତି, ଡକ୍ଟର ମନୋରଞ୍ଜନ ରାଉତ, ବିଶ୍ୱଜିତ ସାହୁ, ଇଦ୍ରିଶ ଅଲ୍ଲି ପ୍ରମୁଖ ଦାୟିତ୍ୱ ନିର୍ବାହ କରି ୫ ଜଣ କୃତୀଛାତ୍ରଛାତ୍ରୀଙ୍କୁ ମନୋନୀତ କରିଥିଲେ। କୃତୀ ଛାତ୍ରଛାତ୍ରୀ ଆଫ୍ରିନ୍ ଜଲିଲ୍, ଅଂଶୁଜା ପାଣି, ଫରିନ୍ ଜଲିଲ୍, ଅଭିଜିତ ସାମଲ, ଶୁଭ୍ରାଂଶୁ ମହାପାତ୍ର ପ୍ରମୁଖଙ୍କୁ ପୁରସ୍କୃତ କରିବା ସହ ରାଜ୍ୟସ୍ତରକୁ ମନୋନୀତ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନା ଅଧିକାରୀ ତଥା ନୋଡାଲ ଅଫିସର ମୃତ୍ୟୁଞ୍ଜୟ ମହାନ୍ତି ସଂଯୋଜନା କରିବା ସହ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଏନ୍‌ୱାଇକେର କର୍ମକର୍ତ୍ତା ଲକ୍ଷ୍ମୀ କାନ୍ତ ଜେନା ଏବଂ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ।



# ନାବାଳିକା ନିଖୋଜ ଅଭିଯୋଗ

ପାରାଦୀପ, ୨୧।୩ (ସମିସ) : ପାରାଦୀପ ଅଠରବାଙ୍କୀ ବିଜୟଚାନ୍ଦପୁର ଅଞ୍ଚଳରୁ ଜଣେ ନାବାଳିକା ନିଖୋଜ ଥିବା ନେଇ ତାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି।ଏହି ୧୭ ବର୍ଷୀୟ ନାବାଳିକା କୌଣସି ଏକ ପୁଅ ସହିତ ଫୋନ ମାଧ୍ୟମରେ କଥାବାର୍ତ୍ତା ହେଉଥିବା ପରିବାର ପକ୍ଷରୁ କୁହାଯାଇଥିବା ବେଳେ ଆଜି ଘରେ କାହାକୁ ନଜଣାଇ ସେ କେଉଁଆଡ଼େ ପଳାଇଛି।ପୁଲିସ ସୂଚନା ମୁତାବକ ନାବାଳିକା ଜଣଙ୍କ ଗତ ୧୧ ତାରିଖରୁ ଘରୁ ପଳାଇ ଥିବା ବେଳେ ସେମାନେ ବହୁ ଖୋଜା ଖୋଜି କରିବା ପରେ କୌଣସି ସନ୍ଧାନ ନ ମିଳିବାରୁ ପରିବାର ପକ୍ଷରୁ ଆଜି ଥାନାରେ ଅଭିଯୋଗ କରାଯାଇଛି।

# ‘ଜ୍ୟେଷ୍ଠ ହିଁ ଶ୍ରେଷ୍ଠ’ ଶୀର୍ଷକ ଆଲୋଚନାଚକ୍ର

ଜଗତସିଂହପୁର,୨୧।୩ (ସମିସ): ଜଗତସିଂହପୁର ସଦର ବ୍ଲକ୍ ଅନ୍ତର୍ଗତ ପୁରୁଣାଗଡ ସ୍ଥିତ ପ୍ରଫୁଲ୍ଲ ପାଠାଗାରରେ ବରିଷ୍ଠ ନାଗରିକମାନଙ୍କ ପକ୍ଷରୁ ‘ଜ୍ୟେଷ୍ଠ ହିଁ ଶ୍ରେଷ୍ଠ’ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାଠାଗାରରଞ୍ଜସଭାପତି ରବୀନ୍ଦ୍ର ନାଥ ତ୍ରିପାଠୀ ଅଧ୍ୟକ୍ଷତା କରି ଆମ ଭାରତୀୟ ସଂସ୍କୃତିରେ ଜ୍ୟେଷ୍ଠ ହିଁ ଶ୍ରେଷ୍ଠ ବୋଲି କହିଥିଲେ। ମୁଖ୍ୟ ଆଲୋଚକ ଭାବେ ଅବସରପ୍ରାପ୍ତଶିକ୍ଷକଘନଶ୍ୟାମକାନୁନଗୋ ଯୋଗଦେଇ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ବରିଷ୍ଠ ନାଗରିକମାନେ ସମାଜର ବୋଝ ନୁହଁନ୍ତି ବରଂ ସମାଜର ଦିଗ୍‌ଦର୍ଶକ। ଅନ୍ୟତମ ଆଲୋଚକ ଭାବେ ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଆଲୋଚନାରେ ଭାଗନେଇ ସମୟ ବଦଳିବା ସହିତ ଆମ ମାନସିକତାରେ ପରିବର୍ତ୍ତନ ଘଟୁଥିବାରୁ ବରିଷ୍ଠ ନାଗରିକମାନଙ୍କୁ ସରକାରୀ ଯୋଜନା ସମ୍ପର୍କରେ ସଚେତନତା କରାଯିବା ସହ ସେମାନଙ୍କ ବିଭିନ୍ନ ସମସ୍ୟାକୁ ସରକାରଙ୍କ ପାଖରେ ପହଞ୍ଚାଇବାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ବଂଶୀଧର ଆଚାର୍ଯ୍ୟ, ସତ୍ୟବାଦୀ ଦାସ, ରାମଚନ୍ଦ୍ର ଆଚାର୍ଯ୍ୟ, ରମେଶ ସାହୁ, ଚନ୍ଦ୍ର ଶେଖର ରାୟ, ସଞ୍ଜୟ ସାମନ୍ତ ସିଂହାର, ସତ୍ୟବାଦୀ ସାହୁ, ରମାକାନ୍ତ ସାମନ୍ତରାୟ, ବଂଶୀଧର ବିଶ୍ୱାଳ ଓ ରବୀନ୍ଦ୍ର ଛୋଟରାୟ ପ୍ରମୁଖ ଉପସ୍ଥିତ ରହି ବରିଷ୍ଠ ନାଗରିକମାନଙ୍କ ସମସ୍ୟା ପ୍ରତି ସରକାର, ପରିବାର, ଆତ୍ମୀୟସ୍ୱଜନ ଓ ସମାଜର ବିଭିନ୍ନ ବର୍ଗର ଲୋକମାନେ ସମ୍ବେଦନଶୀଳ ହେବାକୁ ମତପ୍ରକାଶ କରିଥିଲେ। ଶେଷରେ ପାଠାଗାରର ସମ୍ପାଦକ ସୁରେନ୍ଦ୍ର ରାୟ ଧନ୍ୟବାଦ ଦେଇଥିଲେ।

# ବିଷ୍ଣୁପୁର ପ୍ରବେଶଦ୍ୱାର ତୋରଣ ଉଦ୍‌ଘାଟିତ



ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି,୨୧।୩(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଣ୍ଡରା ପଞ୍ଚାୟତ ବିଷ୍ଣୁପୁର ଗ୍ରାମର ନବନିର୍ମିତ ପ୍ରବେଶ ଦ୍ୱାର ତୋରଣ ଉଦ୍‌ଘାଟିତ ହୋଇଯାଇଛି। ଏହି ଉପଲକ୍ଷେ କାର୍ତ୍ତିକ ମଲ୍ଲିକଙ୍କ ପୌରହିତ୍ୟରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ମୁଖ୍ୟଅତିଥି, ପଟ୍ଟାମୁଣ୍ଡାଇ ବିଡିଓ ଅଶୋକ ମହାନ୍ତି, ଅଣ୍ଡରା ସରପଞ୍ଚ କଳ୍ପନା ଜେନା,ପୂର୍ବତନ ସରପଞ୍ଚ ବସନ୍ତ ସ୍ୱାଇଁ ସମ୍ମାନିତ ଅତିଥି ଭାବରେ ଯୋଗ ଏହି ସୁସଜ୍ଜିତ ପ୍ରବେଶ ଦ୍ୱାର ତୋରଣ ଗାଁର ଶୋଭା ବୃଦ୍ଧି କରିବା ସହିତ ସଦଭାବ ଓ ଭାଇଚାରା ବଜାୟ ରଖିବ ବୋଲି ପ୍ରକାଶ କରିଥିଲେ । କ୍ୟାପଟେନ ଦିଲ୍ଲୀପ କୁମାର ମଲ୍ଲିକ ସ୍ୱାଗତଭାଷଣ ଓ ଶିକ୍ଷାବିତ ରଞ୍ଜନ କୁମାର ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଉତ୍ସବରେ ବିପିନ ବିହାରୀ ମଲ୍ଲିକବର୍ମା, ସୁଦର୍ଶନ ମଲ୍ଲିକ, ଅଧ୍ୟାପକ ନିରଞ୍ଜନ ବାରିକ, ସିଂହଗାଁ ସମିତି ସଭ୍ୟ ଅଭୟ ସ୍ୱାଇଁ, ଆଡ଼ଭୋକେଟ ସୁମନ୍ତ ମଲ୍ଲିକ, କୈଳାସ ଚନ୍ଦ୍ର ଦାସ, ବିଜୟକୁମାର ନାୟକ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ ।ଏହି କାର୍ଯ୍ୟକ୍ରମକୁ ସଚ୍ଚିଦାନନ୍ଦ ମଲ୍ଲିକ, ଦୁର୍ଯ୍ୟୋଧନ ମଲ୍ଲିକ, ବାନାମ୍ବର ମଲ୍ଲିକ, ରତ୍ନାକର ମଲ୍ଲିକ, ନବୀନ ମଲ୍ଲିକଙ୍କ ସମେତ ବିଷ୍ଣୁପୁର ଗ୍ରାମବାସୀ ପରିଚାଳନା କରିଥିଲେ।

# ନବନିର୍ମାଣ କୃଷକ ସଂଗଠନର ବ୍ଲକ୍‌ସ୍ତରୀୟ ସମ୍ମିଳନୀ



ବାଲିକୁଦା,୨୧।୩(ସମିସ): ବାଲିକୁଦା ବ୍ଲକ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ବ୍ଲକ ସଂଯୋଜକ ରଘୁନାଥ ନାୟକଙ୍କ ସଭାପତିତ୍ୱ ରେ ଏକ ବ୍ଲକ ସ୍ତରୀୟ ସମ୍ମିଳନୀ ବାଲିକୁଦା ପଞ୍ଚାୟତ ବାଲିସାହିସ୍ଥିତ ମା’ ଥାନାପତି ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଅକ୍ଷୟ କୁମାର ସମ୍ମାନିତ ଅତିଥିଭାବେ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ,ରାଜ୍ୟ ସହ ସଂଯୋଜକ ରଶ୍ମି ରଞ୍ଜନ ସ୍ୱାଇଁ, ଜିଲ୍ଲା ସଂଯୋଜକ ଅଶୋକ ସ୍ୱାଇଁ,ସହ ସଂଯୋଜକ ଅଶୋକ ସ୍ୱାଇଁ, ପୂର୍ବତନ ସଂଯୋଜକ ଦୁର୍ଗା ଚରଣ ସ୍ୱାଇଁ,ପ୍ରମୁଖ ଯୋଗ ଦେଇ ରାଜ୍ୟ ସରକାର ପ୍ରତ୍ୟେକ ମଣ୍ଡି ଜରିଆରେ ଚାଷୀଙ୍କ ସମସ୍ତ ଧାନ କ୍ରୟ କରିବା ସହ ଏଫଏକିୟୁ ଧାନର ଉଚିତ ମୂଲ୍ୟ ପ୍ରଦାନ ସମେତ ବିନା କଟନି ଛଟନି ମାଧ୍ୟମରେ ସମସ୍ତ ଚାଷୀଙ୍କ ଧାନ କ୍ରୟ କରାନଗଲେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ ନେଇ ଚେତାବନୀ ଦେଇଥିଲେ। ଏପରିକି ଚାଷୀଙ୍କୁ ଭତ୍ତା ୫୦୦୦ ଓ ବିଧବା, ଦିବ୍ୟାଙ୍ଗ ଓ ବାର୍ଦ୍ଧକ୍ୟ ଭତ୍ତା ସର୍ବ ନିମ୍ନ ୩୦୦୦ ପ୍ରଦାନ କରିବା ପାଇଁ ଦାବି କରିଥିଲେ।ଏହି କାର୍ଯ୍ୟକ୍ରମ ରେ ନବ ନିର୍ମାଣ କୃଷକ ସଂଗଠନର ବ୍ଲକ ସ୍ତରୀୟ ଛାମୁଆ ନେତା ବ୍ରହ୍ମାନନ୍ଦ ମହାନ୍ତି, ବାବାଜୀ ଜେନା, ଗଙ୍ଗାଧର ଖଟୁଆ,ଅମୂଲ୍ୟ ମହାନ୍ତି, କୈଳାଶ ପରିଡା,ପଦ୍ମଲୋଚନ ବିଶ୍ୱାଳ, ମହେଶ୍ୱର ମହାନ୍ତି,ଦେବଦତ୍ତ ସାହୁ,ରୀନା ଓଝା,ବୃନ୍ଦାବନ ସ୍ୱାଇଁ, ମିଟୁ ଦାସ,ଜୟ ପ୍ରକାଶ ମହାନ୍ତି,ଜୟରାମ ସ୍ୱାଇଁ, ରଞ୍ଜିତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଚାଷୀଙ୍କ ସ୍ୱାର୍ଥ ପାଇଁ ସର୍ବଦା ସଂଗଠନ କାର୍ଯ୍ୟ କରିବ ବୋଲି ମତ ରଖିଥିଲେ।କାର୍ଯ୍ୟକ୍ରମ ରେ ଶତାଧିକ ସଂଖ୍ୟାରେ ଚାଷୀ ସାମିଲ ହୋଇଥିଲେ।

# ଅସ୍ତିତ୍ୱ ଖୋଜୁଛି ତରଡିପାଳ ଉଚ୍ଚ ବିଦ୍ୟାଳୟ

ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି,୨୧।୩(ସମିସ): ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ଅନ୍ୟତମ ପୁରାତନ ଶିକ୍ଷାନୁଷ୍ଠାନ ତରଡିପାଳ ଉଚ୍ଚ ବିଦ୍ୟାଳୟ ସମ୍ପ୍ରତି ରାଜନୀତି ଓ ଗୋଷ୍ଠୀ ବିବାଦରେ ଛନ୍ଦି ହୋଇ ତାର ଗୌରବ ଓ ପରିଚୟ ହରାଇବାକୁ ବସିଥିବା ବେଳେ ନିଜର ଅସ୍ତିତ୍ୱ ଖୋଜିବାରେ ଲାଗିଛି। ପଟ୍ଟାମୁଣ୍ଡାଇ ବ୍ଲକ ତଥା ଧୋୟାଞ୍ଚଳ ଅନ୍ତର୍ଗତ ତରଡିପାଳ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରାପଡ଼ା ଜିଲ୍ଲାରେ ଶିକ୍ଷା କ୍ଷେତ୍ରରେ ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବେ ପରିଚୟ ଲାଭ କରିଥିଲା। ଦୁଇଟି ପଞ୍ଚାୟତର ୬ଟି ଗ୍ରାମର ଛାତ୍ରଛାତ୍ରୀମାନେ ଏହି ବିଦ୍ୟାଳୟ ଉପରେ ପାଠ ପଢିବା ପାଇଁ ନିର୍ଭର କରିଥାନ୍ତି। ସମୟ ବଦଳିବା ସହିତ ରାଜ୍ୟ ସରକାର ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ପାଇଁ ବିଦ୍ୟାଳୟ ତଥା ଶିକ୍ଷାକ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିବା ବେଳେ ତରଡିପାଳ ଉଚ୍ଚ ବିଦ୍ୟାଳୟ ଏଥିରୁ ବାଦ ପଡ଼ିବା ଦୁର୍ଭାଗ୍ୟଜନକ ଓ ଦୁଃଖ ଦାୟକ ଘଟଣା ବୋଲି ସ୍ଥାନୀୟ ଅଧିବାସୀ ମାନେ ଅଭିଯୋଗ କରିଛନ୍ତି। ୧୯୭୩ ମସିହାରେ ଜନ୍ମ ନେଇଥିବା ଉକ୍ତ ବିଦ୍ୟାଳୟ ଉନ୍ନତି ହେବା ସ୍ଥାନରେ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ। ବିଦ୍ୟାଳୟକୁ ଅଭିଭାବକ ମାନେ ତାଙ୍କ ପିଲାମାନଙ୍କୁ ଛାଡିବା ପାଇଁ ଏବେ ବିମୁଖ ହେଉଛନ୍ତି। ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ମାତ୍ର ୨୧୮ ଛାତ୍ରଛାତ୍ରୀ ଥିବା ବେଳେ ଶିକ୍ଷା ପ୍ରଦାନ ପାଇଁ ଆବଶ୍ୟକ ଭିତ୍ତିଭୂମି ନଥିବା ଅଭିଯୋଗ ହୋଇଛି। ଗୋଟଏ ଶ୍ରେଣୀ ଗୃହରେ ଦୁଇଟି ଲେଖାଏଁ ଶ୍ରେଣୀର ପିଲାମାନେ ତଳେ ବସି ପଢୁଥିବାର ଦୃଶ୍ୟ ଦେଖିବାକୁ ମିଳୁଛି। କେଉଁଠି ଛାତରୁ ସିମେଣ୍ଟ ଖସୁଛି ତ ପୁଣି ଜରାଜୀର୍ଣ୍ଣ କୋଠାରୁ ସାପ ବାହାରିବା ଭୟ ରହୁଛି। ପିଲାମାନଙ୍କ ଶାରୀରିକ ଓ ମାନସିକ ବିକାଶ ପାଇଁ ଉପଯୁକ୍ତ ଖେଳ ପଡିଆର ଅଭାବ ରହିଛି। ବିଦ୍ୟାଳୟର ଦୁଇଟି କ୍ୟାମ୍ପସ୍ ଥିବା ହେତୁ ଶିକ୍ଷା ପ୍ରଦାନ ଓ ଛାତ୍ରଛାତ୍ରୀମାନେ ମାନଙ୍କ ଗମନାଗମନର ସମସ୍ୟା ଦେଖାଦେଇଛି।ଏଠାରେ ୧୩ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ନିଯୁକ୍ତି ପାଇଥିବା ବେଳେ ଭିତ୍ତିଭୂମି ଅଭାବ ଯୋଗୁଁ ଶିକ୍ଷା ବ୍ୟବସ୍ଥା ଯେମିତି ଭୁଶୁଡ଼ି ପଡ଼ିଛି। ଏହି ଅଞ୍ଚଳର ବୁଦ୍ଧିଜୀବୀ, ପୁରାତନ ଛାତ୍ର ତଥା ସକ୍ରିୟ ରାଜନୀତିରେ ଥିବା ନେତା ମାନେ ଯଦି ଏହି ସମସ୍ୟା ଉପରେ ଗୁରୁତ୍ୱ ନ ଦିଅନ୍ତି ଆଉ କିଛି ବର୍ଷ ପରେ ଇତିହାସ ବହିରେ ତରଡିପାଳ ଉଚ୍ଚ ବିଦ୍ୟାଳୟ ଖୋଜିବାକୁ ପଡି ପାରେ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ଅଜୟ କୁମାର ବିଶ୍ୱାଳ, ବ୍ରାହ୍ମଣୀ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ବିଶ୍ୱାଳ, ପୂର୍ବତନ ସମିତି ସଭ୍ୟ ଦେବେନ୍ଦ୍ର ବିଶ୍ୱାଳ, ନୃସିଂହ ଚରଣ ବିଶ୍ୱାଳ, ହରମୋହନ ବିଶ୍ୱାଳ, ଧନେଶ୍ୱର ପ୍ରଧାନ, ଭାଗୀରଥୀ ବିଶ୍ୱାଳ, କଳ୍ପତରୁ ବିଶ୍ୱାଳ ଓ ପ୍ରହରାଜ ବିଶ୍ୱାଳ ପ୍ରମୁଖ ଏହି ସମ୍ବେଦନଶୀଳ ଘଟଣାକୁ ନେଇ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରାଙ୍କୁ ଭେଟି ସରକାରଙ୍କ ନିକଟରେ ଦାବି ରଖି ତୁରନ୍ତ ଏହାର ସମାଧାନ କରିବା ପାଇଁ ଦାବି କରିଛନ୍ତି।








## ‘ଟଙ୍କା ଠାବ ମାମଲାରେ ଜଷ୍ଟିସ ବର୍ମାଙ୍କ ବଦଳିକୁ ଓକିଲ ସଂଘର ବିରୋଧ

# ଆହ୍ଲାବାଦ ହାଇକୋର୍ଟ ଆବର୍ଜନା କୁଣ୍ଡ ନୁହେଁ

- ଦୁର୍ନୀତିକୁ ବରଦାସ୍ତ କରିବୁନି; ବଦଳି ନିଷ୍ପତ୍ତି ପ୍ରତ୍ୟାହାର କରାଯାଉ
- ବିଚାରପତି ନିଯୁକ୍ତି ସମୟରେ ବାର୍ ଆସୋସିଏସନର ମତ ନିଆଯାଉନି
- ପଦୋନ୍ନତି ଦେବାବେଳେ ଯୋଗ୍ୟତାକୁ ସଠିକ ଭାବେ ବିଚାର କରାଯାଉନି
- ମାମଲାକୁ ଏତେ ଦିନ ଚାପି ରଖାଗଲା କାହିଁକି: ଉପ-ରାଷ୍ଟ୍ରପତି
- ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ରହୁ: କପିଳ ସିବଲ





ନୂଆଦିଲ୍ଲୀ, ୨୧।୩ (ଏଜେନ୍ସି): ସରକାରୀ ବାସଭବନରୁ ୧୫ କୋଟି ଟଙ୍କା ଠାବ ହେବା ପରେ ଦିଲ୍ଲୀ ହାଇକୋର୍ଟ ଦ୍ୱିତୀୟ ବରିଷ୍ଠ ବିଚାରପତି ଜଷ୍ଟିସ ଯଶୋବନ୍ତ ବର୍ମାଙ୍କୁ ନେଇ ହଙ୍ଗାମା ଆରମ୍ଭ ହୋଇଯାଇଛି। ଏହି ଘଟଣା ପରେ ସିଜେଆଇ ତୁରନ୍ତ କଲେଜିୟମ ବୈଠକ ଡାକି ଜଷ୍ଟିସ ବର୍ମାଙ୍କୁ ପୁଣି ଆହ୍ଲାବାଦ ହାଇକୋର୍ଟକୁ ବଦଳି ପାଇଁ ସୁପାରିସ କରିଛନ୍ତି। ତେବେ ଏହି ନିଷ୍ପତ୍ତିକୁ ଆହ୍ଲାବାଦ ହାଇକୋର୍ଟ ବାର୍ ଆସୋସିଏସନ ଦୃଢ଼ ବିରୋଧ କରିଛି। ଏ ନେଇ ବାର୍ ଆସୋସିଏସନ କଡ଼ା ଭାଷାରେ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସଞ୍ଜୀବ ଖାନ୍ନା ଏବଂ ଆହ୍ଲାବାଦ ହାଇକୋର୍ଟର ସମସ୍ତ ବିଚାରପତିଙ୍କୁ ଚିଠି ଲେଖିଛି। ଆମେ ‘ଆବର୍ଜନା କୁଣ୍ଡ ନୁହେଁ’। ଦୁର୍ନୀତିକୁ କେବେ ବି ବରଦାସ୍ତ କରାଯିବ ନାହିଁ ବୋଲି କୁହାଯାଇଛି। ଏହା ସହିତ ଜଷ୍ଟିସ ବର୍ମାଙ୍କ ବଦଳି ନିଷ୍ପତ୍ତିକୁ ପ୍ରତ୍ୟାହାର କରିବା ପାଇଁ କୁହାଯାଇଛି। ବାର୍ ସଦସ୍ୟଙ୍କୁ ପଦୋନ୍ନତି ଦେଇ ବିଚାରପତି ନିଯୁକ୍ତ କରିବାବେଳେ ଆସୋସିଏସନର ମତାମତ ନିଆଯାଉ ନାହିଁ। ଏହା ଅତ୍ୟନ୍ତ ଚିନ୍ତାର ବିଷୟ। ଏଥିରୁ ଜଣାପଡୁଛି ଯେ ବିଚାରପତି ହେବା ପାଇଁ ଯୋଗ୍ୟତାକୁ ସଠିକ ଭାବେ ବିଚାର କରାଯାଇ ନ ଥିଲା। ଏହି ପ୍ରକ୍ରିୟାରେ କିଛି ତ୍ରୁଟି ଥିବାରୁ ଦୁର୍ନୀତି କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ଏହା ନ୍ୟାୟପାଳିକା ପ୍ରତି ଥିବା ଲୋକଙ୍କ ବିଶ୍ୱାସକୁ ଗଭୀର ଭାବେ ପ୍ରଭାବିତ କରୁଛି। ଏବେ ହାଇକୋର୍ଟ ଅନେକ ଆହ୍ୱାନ ଦେଇ ଗତି କରୁଛି। ଅନେକ ପଦବୀ ଖାଲି ଥିବାରୁ ସଙ୍କଟ ସୃଷ୍ଟି ହେଉଛି। ଶୁଣାଣି ଠିକ୍ ସମୟରେ ହେଇପାରୁନି। ଏହା ଦ୍ୱାରା ଲୋକଙ୍କ ଭରସା ପ୍ରଭାବିତ ହେଉଛି। କିନ୍ତୁ ଏହାକୁ ଆଧାର କରି ଅଯୋଗ୍ୟ ବ୍ୟକ୍ତିକୁ ନିଯୁକ୍ତି ଦେଲେ କେବେ ବି ଗ୍ରହଣ କରାଯିବ ନାହିଁ।

ଅନ୍ୟପକ୍ଷରେ ଜଷ୍ଟିସ୍ ବର୍ମା ଆଜି କୋର୍ଟରେ ଶୁଣାଣି କରିନାହାନ୍ତି । ସେ ଅନୁପସ୍ଥିତ ଥିବାର ସୂଚନା ତାଙ୍କ କୋର୍ଟ ମାଷ୍ଟର ଓକିଲଙ୍କୁ ଦେଇଛନ୍ତି। ଆଜି କଂଗ୍ରେସ ସାଂସଦ ଜୟରାମ ରମେଶ ରାଜ୍ୟସଭାରେ ଏହି ପ୍ରସଙ୍ଗ ଉଠାଇ ନ୍ୟାୟିକ ଉତ୍ତରଦାୟିତ୍ୱ ଉପରେ ଚର୍ଚ୍ଚା କରିବାକୁ ଦାବି କରିଥିଲେ। ଏହି ଟଙ୍କା ଜବତ ଘଟଣା ଉଠାଇ ପୂର୍ବରୁ ଆହ୍ଲାବାଦ ହାଇକୋର୍ଟର ଜଣେ ବିଚାରପତିଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଅଣାଯାଇଥିବା ମନେ ପକାଇ ଦେଇଥିଲେ। ଏହା ଉପରେ ଏ ପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବା କହିଥିଲେ। ନ୍ୟାୟିକ ଉତ୍ତରଦାୟିତ୍ୱ ବୃଦ୍ଧି ପାଇଁ ସରକାରଙ୍କୁ ମାର୍ଗଦର୍ଶିକା ଦେବାକୁ ସେ ରାଜ୍ୟସଭା ଅଧ୍ୟକ୍ଷ ତଥା ଉପ-ରାଷ୍ଟ୍ରପତି ଜଗଦୀପ ଧନଖରଙ୍କୁ ଅନୁରୋଧ କରିଥିଲେ। ଏହା ଉପରେ ଜବାବ ଦେଇ ଅଧ୍ୟକ୍ଷ କହିଥିଲେ ଯେ ବ୍ୟବସ୍ଥାରେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ରହିବା ଜରୁରୀ। ଯଦି ଏହି ମାମଲା କୌଣସି ନେତା, ଅଧିକାରୀ କିମ୍ବା ଉଦ୍ୟୋଗପତିଙ୍କ ସମ୍ବନ୍ଧିତ ହୋଇଥାନ୍ତା ତେବେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଇଥାନ୍ତା। ଏଥିପାଇଁ ଏକ ପ୍ରଭାବୀ ଏବଂ ସ୍ୱଚ୍ଛ ବ୍ୟବସ୍ଥାର ଆବଶ୍ୟକତା ରହିଛି।

ଏହା ମଧ୍ୟରେ ଟଙ୍କା ଜବତ ଘଟଣାକୁ ନେଇ ସୁପ୍ରିମକୋର୍ଟ ବାର୍ କାଉନସିଲ ଅଧ୍ୟକ୍ଷ କପିଲ ସିବଲ କହିଛନ୍ତି ଯେ ନ୍ୟାୟପାଳିକାରେ ଦୁର୍ନୀତି ଅତ୍ୟନ୍ତ ଗୁରୁତର ପ୍ରସଙ୍ଗ ହୋଇ ରହିଛି। ଏବେ ନିଯୁକ୍ତି ପ୍ରକ୍ରିୟା କେମିତି ହେବା ଉଚିତ ତାହା ସୁପ୍ରିମକୋର୍ଟ ବିଚାର କରିବାର ସମୟ ଆସିଯାଇଛି। ଏହି ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ କରାଯିବା ଉଚିତ। ସେହିପରି ଦିଲ୍ଲୀ ହାଇକୋର୍ଟ ମୁଖ୍ୟ ବିଚାରପତି ଡିକେ ଉପାଧ୍ୟାୟ ଘଟଣାକୁ ନେି ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ଏହା ସମସ୍ତଙ୍କୁ ଯନ୍ତ୍ରଣା ଦେଇଛି ବୋଲି କହିଛନ୍ତି। ଏଭଳି ଘଟଣାର ପୁନରାବୃତ୍ତି ନ ହେବା ପାଇଁ ଏବଂ ନ୍ୟାୟ ବ୍ୟବସ୍ଥା ଅକ୍ଷୁଣ୍ଣ ରଖିବାକୁ ପଦକ୍ଷେପ ନେବା ସେ ପ୍ରଶାସନକୁ ଅନୁରୋଧ କରିଛନ୍ତି।

### କେମିତି ବରଖାସ୍ତ ହେବେ ହାଇକୋର୍ଟ ବିଚାରପତି

ସାମ୍ବିଧାନିକ କୋର୍ଟର ବିଚାରପତିଙ୍କ ବିରୋଧରେ ଆସୁଥିବା ଦୁର୍ନୀତି ଏବଂ ନ୍ୟାୟିକ ଅନିୟମିତତା ଭଳି ଅଭିଯୋଗର ବିଚାରକୁ ନେଇ ୧୯୯୯ରେ ସୁପ୍ରିମକୋର୍ଟ ମାର୍ଗଦର୍ଶିକା ଜାରି କରିଥିଲେ। ଏହା ଅନୁଯାୟୀ ଅଭିଯୋଗ ମିଳିବା ପରେ ପ୍ରଧାନ ବିଚାରପତି ପ୍ରଥମେ ଅଭିଯୁକ୍ତଙ୍କ ଠାରୁ ଜବାବ ତଲବ କରିବେ। ଜବାବରେ ସନ୍ତୁଷ୍ଟି ନ ହେଲେ କିମ୍ବା ଅଭିଯୋଗର ତଦନ୍ତ ହେବା ଆବଶ୍ୟକ ବୋଲି ଅନୁଭବ କଲେ ଆଭ୍ୟନ୍ତରୀଣ କମିଟି ଗଠନ କରିପାରିବେ। ଏହି କମିଟିରେ ଜଣେ ସୁପ୍ରିମକୋର୍ଟ ବିଚାରପତି ଓ ଦୁଇ ହାଇକୋର୍ଟର ମୁଖ୍ୟ ବିଚାରପତି ରହିବେ। ରିପୋର୍ଟ ଦାଖଲ ପରେ ଏହାକୁ ସିଜେଆଇ ସମୀକ୍ଷା କରିବେ। ଅଭିଯୋଗ ସାଂଘାତିକ ଥିଲେ ଅଭିଯୁକ୍ତଙ୍କୁ ଇସ୍ତଫା ଦେବାକୁ କହିପାରିବେ। ଯଦି ଅଭିଯୁକ୍ତ ବିଚାରପତି ନିଜ ଆଡ଼ୁ ଇସ୍ତଫା ନ ଦିଅନ୍ତି ତେବେ ସିଜେଆଇ ସରକାରଙ୍କୁ ଚିଠି ଲେଖି ସମ୍ବିଧାନର ଧାରା ୧୨୪(୪) ଅଧୀନରେ ତାଙ୍କୁ ବରଖାସ୍ତ କରିବାକୁ କହିପାରିବେ।

## ସିସୋଦିଆଙ୍କୁ ପଞ୍ଜାବ ଓ ଗୋପାଳଙ୍କୁ ଗୁଜରାଟ ଦାୟିତ୍ୱ ଦେଲା ଆପ୍

ନୂଆଦିଲ୍ଲୀ, ୨୧।୩ (ଏଜେନ୍ସି): ଦିଲ୍ଲୀ ବିଧାନସଭା ନିର୍ବାଚନରେ ପରାଜୟ ପରେ ଆମ ଆଦମୀ ପାର୍ଟି (ଆପ) ଦଳରେ ବଡ଼ ଅଦଳବଦଳ କରିଛି। ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କ ଘରେ ବସିଥିବା ରାଜନୈତିକ ବ୍ୟାପାର କମିଟି (ପିଏସି) ବୈଠକରେ ଅନେକ ବଡ଼ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ସଂଗଠନର ସାଧାରଣ ସମ୍ପାଦକ ସନ୍ଦୀପ ପାଠକ, ମନୀଷ ସିସୋଦିଆ, ଗୋପାଳ ରାୟ, ଆତିଶୀ, ଇମ୍ରାନ ହୁସେନ, ପଙ୍କଜ ଗୁପ୍ତା, ସାଂସଦ ଏନଡି ଗୁପ୍ତା ଏବଂ ରାଘବ ଚଢା ଉପସ୍ଥିତ ଥିଲେ। ଏଥିରେ ଦିଲ୍ଲୀର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କୁ ପଞ୍ଜାବ ଏବଂ ଗୋପାଳ ରାୟଙ୍କୁ ଗୁଜରାଟର ପ୍ରଭାରୀ ନିଯୁକ୍ତ କରାଯାଇଛି। ପଙ୍କଜ ଗୁପ୍ତାଙ୍କୁ ଗୋଆର ପ୍ରଭାରୀ କରିବା ସହ ସନ୍ଦୀପ ପାଠକଙ୍କୁ ଛତିଶଗଡ଼ର ପ୍ରଭାରୀ ଭାବରେ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ସୌରଭ ଭରଦ୍ୱାଜଙ୍କୁ ଦିଲ୍ଲୀର ରାଜ୍ୟ ସଭାପତି ନିଯୁକ୍ତ କରାଯାଇଛି। ମେହରାଜ ମଲିକଙ୍କୁ ଜମ୍ମୁ-କଶ୍ମୀର ଅଧ୍ୟକ୍ଷ ହୋଇଛନ୍ତି। ରାଜନୈତିକ ବିଶେଷଜ୍ଞଙ୍କ ଅନୁଯାୟୀ ଆପ୍ ପାଇଁ ପଞ୍ଜାବରେ ସମସ୍ୟା ସୃଷ୍ଟି ହେଉଛି। ଏହି କାରଣରୁ କେଜ୍ରିୱାଲ ମନୀଷ ସିସୋଦିଆଙ୍କୁ ଏହି ରାଜ୍ୟର ଦାୟିତ୍ୱ ଦେଇଛନ୍ତି।

### ପୁଣି ଚର୍ଚ୍ଚାରେ ବିହାର
## କେନ୍ଦ୍ରମନ୍ତ୍ରୀଙ୍କ ମାମୁଁଙ୍କୁ ଗୁଳି



ପାଟନା, ୨୧।୩ (ଏଜେନ୍ସି): ବିହାର ପୁଣି ଚର୍ଚ୍ଚାରେ ରହିଛି। କେନ୍ଦ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟଙ୍କ ଭଣଜାଙ୍କୁ ହତ୍ୟାର ଦିନକ ପରେ ଆଉ ଜଣେ କେନ୍ଦ୍ରମନ୍ତ୍ରୀଙ୍କ ମାମୁଁଙ୍କ ଉପରେ ଗୁଳିମାଡ଼ ହୋଇଛି। ଗୁରୁବାର ରାତିରେ ବେଗୁସରାୟର ଡେରିଆ ବରିୟାରପୁର ଥାନା ଅନ୍ତର୍ଗତ କୁମ୍ଭି ଭଗବତି ନିକଟରେ ମୁଜଫରପୁର ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଡ. ରାଜଭୂଷଣ ଚୌଧୁରୀଙ୍କ ସମ୍ପର୍କୀୟ ମାମୁଁ ମାଲିକ ସହନୀଙ୍କୁ ଗୁଳିମାଡ଼ କରାଯାଇଛି। ସହନୀଙ୍କୁ ବେଗୁସରାୟ ସଦର ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଛି। ଏସ୍‌ପି ମନୀଷ କହିଛନ୍ତି ଯେ କୁମ୍ଭୀ ଭଗବତି ଛକରେ ସହନୀଙ୍କ ଏକ ମିଠା ଦୋକାନ ଅଛି। ଦୁଇ ଦିନ ତଳେ ତାଙ୍କ ପୁଅ ବିକ୍ରମ ଦୋକାନରେ ଥିବାବେଳେ ଗାଁର କିଛି ଯୁବକ ଆସି ସାମଗ୍ରୀ ନେଇ ଯାଇଥିଲେ। କିନ୍ତୁ ସେମାନେ ଟଙ୍କା ନ ଦେବାରୁ ବିବାଦ ହୋଇଥିଲା। ଏହାକୁ ନେଇ ଗୁରୁବାର ରାତି ପ୍ରାୟ ୧୦ଟାରେ ମଲିକ ଦୋକାନ ବନ୍ଦ କରୁଥିବାବେଳେ ତିନି ଅଭିଯୁକ୍ତ ବାଇକରେ ଆସି ଅତର୍କିତ ଗୁଳିମାଡ଼ କରିଥିଲେ। ଏଥିରୁ ଗୋଟିଏ ଗୁଳି ମାଲିକଙ୍କ ଗୋଡରେ ବାଜିଥିଲା। ଅନ୍ୟ ସବୁଗୁଳି ଦୋକାନର କାଉଣ୍ଟର ଏବଂ ଫ୍ରିଜରେ ବାଜିଥିଲା। ଗୁଳି ଶବ୍ଦ ଶୁଣି ଲୋକ ଆସିବା ପରେ ଅପରାଧି ପଳାଇ ଥିଲେ। ଏହାର ସୂଚନା ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଥିଲା। ଏହି ମାମଲାରେ ପୁଲିସ ତିନି ଅଭିଯୁକ୍ତଙ୍କୁ ଗିରଫ କରିଛି। ବିରୋଧୀ ଏହି ଘଟଣାକୁ ନେଇ ସରକାରଙ୍କୁ ନିଶାଣ କରିଛନ୍ତି। ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଗଲାଣି ବୋଲି କହିଛନ୍ତି।

## ଆମେରିକା ଶିକ୍ଷା ବିଭାଗକୁ ବନ୍ଦକଲେ ଟ୍ରମ୍ପ
### ୪୫ ବର୍ଷରେ ୨୫୯ ଲକ୍ଷ କୋଟି ଖର୍ଚ୍ଚ



**ଠିକ୍‌ରେ ପଢି ପାରୁନାହାନ୍ତି ଅଷ୍ଟମ ଶ୍ରେଣୀର ୭୦% ଛାତ୍ରଛାତ୍ରୀ**

ୱାସିଂଟନ, ୨୧।୩ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ସେ ଆମେରିକା ଶିକ୍ଷା ବିଭାଗ ବନ୍ଦ କରିବା ସମ୍ବନ୍ଧିତ ଆଦେଶ ଉପରେ ଗୁରୁବାର ଦସ୍ତଖତ କରିଛନ୍ତି। ଦୀର୍ଘ ଦିନ ହେଲା ଦେଶରେ ଛାତ୍ରଛାତ୍ରୀଙ୍କୁ ଉତ୍ତମ ଶିକ୍ଷା ଦିଆଯାଉନାହିଁ ବୋଲି ଟ୍ରମ୍ପ କହିଛନ୍ତି। ଆମେରିକା ଅନ୍ୟ ଦେଶ ତୁଳନାରେ ଶିକ୍ଷା ଉପରେ ସର୍ବାଧିକ ଟଙ୍କା ଖର୍ଚ୍ଚ କରୁଛି, କିନ୍ତୁ ସଫଳତାରେ ଦେଶର ସବୁଠାରୁ ତଳେ ରହିଛି। ସୁଧାର ଆଣିବାରେ ଶିକ୍ଷା ବିଭାଗ ବିଫଳ ହୋଇଛି। ଏବେ ଏହାକୁ ସବୁଦିନ ପାଇଁ ଶେଷ କରିଦିଆଯିବ।

ହ୍ୱାଇଟହାଉସର ତଥ୍ୟ ଅନୁଯାୟୀ ଗତ ୪୫ ବର୍ଷରେ ବିପୁଳ ଅର୍ଥ ଖର୍ଚ୍ଚ ସତ୍ତ୍ୱେ ଶିକ୍ଷାରେ ସୁଧାର ଆଣିବାରେ ବିଭାଗ ବିଫଳ ହୋଇଛି। ୧୯୭୯ରୁ ଏ ପର୍ଯ୍ୟନ୍ତ ଶିକ୍ଷା ବିଭାଗ ୩ ଟ୍ରିଲିୟନ ଡଲାର (ପ୍ରାୟ ୨୫୯ ଲକ୍ଷ କୋଟି ଟଙ୍କା)ରୁ ଅଧିକ ଅର୍ଥ ଖର୍ଚ୍ଚ କରାଗଲାଣି। ଏହା ସତ୍ତ୍ୱେ ୧୩ ବର୍ଷୀୟ ଶିଶୁ ଗଣିତ ଏବଂ ପଢ଼ାରେ ରଖୁଥିବା ମାର୍କ ସବୁଠୁ କମ୍ ରହିଛି। ଚତୁର୍ଥ ଶ୍ରେଣୀର ୧୦ରୁ ୬ ଜଣ ଏବଂ ଅଷ୍ଟମ ଶ୍ରେଣୀର ତିନି ଚତୁର୍ଥାଂଶ ଛାତ୍ରଛାତ୍ରୀ ଠିକ୍‌ରେ ଗଣିତ କରିପାରୁ ନାହାନ୍ତି। ଚତୁର୍ଥ ଏବଂ ଅଷ୍ଟମ ଶ୍ରେଣୀର ୧୦ରୁ ୭ ଜଣ ଛାତ୍ରଛାତ୍ରୀ ଠିକ୍‌ରେ ପଢ଼ିପାରୁ ନାହାନ୍ତି। ଚତୁର୍ଥ ଶ୍ରେଣୀର ୪୦ ପ୍ରତିଶତ ଛାତ୍ରଛାତ୍ରୀ ସାଧାରଣ ବହି ବି ପଢିପାରୁ ନାହାନ୍ତି।

### ଇସ୍ରାଏଲ ଇତିହାସରେ ପ୍ରଥମ
## ଗୁଇନ୍ଦା ମୁଖ୍ୟ ରୋନନ୍ ବାର୍ ବରଖାସ୍ତ



- ନେତନ୍ୟାହୁ ଦେଶକୁ ଦୁର୍ବଳ କରୁଛନ୍ତି: ରୋନନ

ତେଲ ଆଭିଭି, ୨୧।୩ (ଏଜେନ୍ସି): ଗାଜା ସଂଘର୍ଷ ମଧ୍ୟରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ଶୁକ୍ରବାର ଗୁଇନ୍ଦା ଏଜେନ୍ସି ‘ସିନ୍ ବେଟ୍’ର ମୁଖ୍ୟ ରୋନନ୍ ବାର୍‌କୁ ପଦରୁ ହଟାଇ ଦେଇଛନ୍ତି। ନେତନ୍ୟାହୁଙ୍କ ଏହି ନିଷ୍ପତ୍ତିକୁ କ୍ୟାବିନେଟ ମୋହର ଦେଇଛି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ପ୍ରଥମ ଥର ପାଇଁ ଇସ୍ରାଏଲର ଗୁଇନ୍ଦା ମୁଖ୍ୟଙ୍କୁ ଏପରି ଭାବେ ପଦରୁ ହଟାଇ ଦିଆଯାଇଛି। ତେବେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ବରଖାସ୍ତ ନିଷ୍ପତ୍ତି ଉପରେ ଅସ୍ଥାୟୀ ଭାବେ କଟକଣା ଲଗାଇ ଦେଇଛନ୍ତି। ଏପ୍ରିଲ ୮ରେ ଏହି ମାମଲାର ଶୁଣାଣି ହେବ। ସେ ପର୍ଯ୍ୟନ୍ତ କଟକଣା ବଳବତ୍ତର ରହିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏପ୍ରିଲ ୧୦ରେ ରୋନ୍‌ନଙ୍କୁ ହଟାଇ ଦିଆଯିବ।

ରୋନନଙ୍କୁ ପଦରୁ ହଟାଇବା ପାଇଁ ଗୁରୁବାର ରାତିରେ କ୍ୟାବିନେଟ ବୈଠକ ବସିଥିଲା। ଏହି ବୈଠକରେ ନେତନ୍ୟାହୁ କହିଥିଲେ ଯେ ୨୦୨୩ ଅକ୍ଟୋବର ୭ରେ ହମାସ ଆକ୍ରମଣ କରିବା ପରଠାରୁ ସେ ରୋନନଙ୍କ ଉପରେ ଭରସା ହରାଇ ଦେଇଥିଲେ। ଏଜେନ୍ସିକୁ ପୁଣି ମଜବୁତ କରିବା ପାଇଁ ରୋନନ ଉପଯୁକ୍ତ ବ୍ୟକ୍ତି ନୁହଁନ୍ତି। ହମାସ ସହ ବନ୍ଦୀ ମୁକ୍ତି ଆଲୋଚନା ନେଇ ରୋନନଙ୍କ ଆଭିମୁଖ୍ୟ ନରମ ରହିଥିଲା। ସେ ଆକ୍ରାମକ ନ ଥିଲେ। ନେତନ୍ୟାହୁ ଦାବି କରିଥିଲେ ଯେ ରୋନନଙ୍କ ସ୍ଥାନରେ ଆଲୋଚନା ପାଇଁ ସିନ୍ ବେଟ୍‌କୁ ନିଯୁକ୍ତି କରିବା ପରଠାରୁ ସୂଚନା ପ୍ରଘଟ ହେବା ହ୍ରାସ ପାଇଛି। ଅନ୍ୟପକ୍ଷରେ ରୋନନ କହିଛନ୍ତି ଯେ ନେତନ୍ୟାହୁ ଦେଶକୁ ଦୁର୍ବଳ କରୁଛନ୍ତି। ସେ ସରକାର ଲଗାଇଥିବା ଅଭିଯୋଗକୁ ଆଧାରହୀନ କହିଛନ୍ତି। ବ୍ୟକ୍ତିଗତ ଏବଂ ଗୋଷ୍ଠୀଗତ ସ୍ୱାର୍ଥକୁ ନେଇ ମୁହାଁମୁହିଁ ଜାରି ରହିଛି। ଏଥିପାଇଁ ତାଙ୍କୁ ପଦରୁ ହଟାଇ ଦିଆଯାଇଛି। ଏହା ଦେଶର ସୁରକ୍ଷା ପାଇଁ ଗୁରୁତର ବିପଦ ସୃଷ୍ଟି କରିବ।

### ଲଣ୍ଡନର ହିଥ୍ରୋ ବିମାନବନ୍ଦରରେ ଅଗ୍ନିକାଣ୍ଡ
## ୧୩୦୦ ବିମାନ ଉଡ଼ାଣ ବାତିଲ; ୩ ଲକ୍ଷ ଯାତ୍ରୀ ପ୍ରଭାବିତ



ଲଣ୍ଡନ, ୨୧।୩ (ଏଜେନ୍ସି): ବ୍ରିଟେନର ରାଜଧାନୀ ଲଣ୍ଡନ ସ୍ଥିତ ହିଥ୍ରୋ ବିମାନବନ୍ଦରକୁ ଶୁକ୍ରବାର ବନ୍ଦ କରିଦିଆଯାଇଛି। ଏଥିଯୋଗୁଁ ୧୩୦୦ ବିମାନ ଉଡାଣକୁ ବାତିଲ କରିଦିଆଯାଇଛି। ଏହି ନିଷ୍ପତ୍ତି ଦ୍ୱାରା ୨ ଲକ୍ଷ ୯୧ ହଜାର ଯାତ୍ରୀ ପ୍ରଭାବିତ ହୋଇଛନ୍ତି। ସୂଚନା ଅନୁଯାୟୀ ବିମାନବନ୍ଦର ନିକଟସ୍ଥ ଇଲେକ୍‌ଟ୍ରିକାଲ ସବ୍‌ଷ୍ଟେସନରେ ଗୁରୁବାର ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟିଥିଲା। ଏଥିଯୋଗୁଁ ବିମାନବନ୍ଦରକୁ ବିଦ୍ୟୁତ ଯୋଗାଣ ବନ୍ଦ ହୋଇ ଯାଇଥିଲା। ଏହି ନିଆଁ ୱେଷ୍ଟ ଲଣ୍ଡନ ପାର୍ଶ୍ୱରେ ଲାଗିଥିଲା। ଏହି କାରଣରୁ ୫ ହଜାରରୁ ଅଧିକ ଘରର ବିଦ୍ୟୁତ ସଂଯୋଗ କଟି ଯାଇଥିଲା। ପ୍ରଭାବିତ ଅଞ୍ଚଳରୁ ଦମକଳ ବାହିନୀ ୧୫୦ ଲୋକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲା। ୭୦ଟି ଦମକଳ ଟିମ୍ ଅକ୍ଳାନ୍ତ ପରିଶ୍ରମ କରି ସକାଳ ସୁଦ୍ଧା ନିଆଁକୁ ଆୟତ୍ତ କରିଥିଲା। ତେବେ ଏହା ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ ଲିଭି ନାହିଁ। ବ୍ରିଟେନର କାଉଣ୍ଟର ଟେରରିଜିମ ପୁଲିସ ମାମଲାର ତଦନ୍ତ କରୁଛି। ନିଆଁ କେମିତି ଲାଗିଲା ତାହା ଏ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ। ଏହା ପଛରେ କାହାର ହାତ ଅଛି କି ନାହିଁ ତାହା ଜାଣିବାକୁ ପ୍ରୟାସ ଜାରି ରହିଛି।

### ଲାଞ୍ଚ ମାମଲା
## ପାୱାର ଗ୍ରୀଡର ବରିଷ୍ଠ ଜିଏମ ଉଦୟ କୁମାର ଗିରଫ

ନୂଆଦିଲ୍ଲୀ, ୨୧।୩ (ଏଜେନ୍ସି): କେଇସି ଇଣ୍ଟରନ୍ୟାସନାଲର ଜଣେ ଅଧିକାରୀଙ୍କଠାରୁ ୨.୫ ଲକ୍ଷ ଟଙ୍କା ଲାଞ୍ଚ ନେବା ମାମଲାରେ ପାୱାର ଗ୍ରୀଡ କର୍ପୋରେସନ ଅଫ ଇଣ୍ଡିଆର ବରିଷ୍ଠ ଜିଏମ୍ ଉଦୟ କୁମାର ଧରାପଡ଼ିଛନ୍ତି। ରାଜସ୍ଥାନ ଆଜମେରରେ ମୁତୟନ କୁମାରଙ୍କୁ ସିବିଆଇ ଗୁରୁବାର ସିକରରୁ ଗିରଫ କରିଛି। ଏହି ମାମଲାରେ କେଇସିର ଅଧିକାରୀ ସୁମନ ସିଂହଙ୍କୁ ମଧ୍ୟ ଗିରଫ କରାଯାଇଛି ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି। ଏହି ଏତଲାରେ ୫ ଜଣ ବ୍ୟକ୍ତି ଏବଂ କେଇସି ଇଣ୍ଟରନ୍ୟାସନାଲକୁ ଅଭିଯୁକ୍ତ କରାଯାଇଛି। କେଇସି ନର୍ଥ ଇଣ୍ଡିଆ ମୁଖ୍ୟ ଯବରାଜ ସିଂହ ମଧ୍ୟ ଅଭିଯୁକ୍ତ ଅଛନ୍ତି।

### ଜାତୀୟ ସଙ୍ଗୀତକୁ ଅସମ୍ମାନ ମାମଲା
## ମୁଖ୍ୟମନ୍ତ୍ରୀ ନୀତୀଶ ଗାଦି ଛାଡ଼ନ୍ତୁ: ରାବଡୀ ଦେବୀ

ପାଟନା, ୨୧।୩ (ଏଜେନ୍ସି): ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଜାତୀୟ ସଙ୍ଗୀତକୁ ଅସମ୍ମାନ କରି ପୁଣି ହଟହଟା ହୋଇଛନ୍ତି। ଏହାକୁ ନେଇ ବିହାର ବିଧାନସଭାରେ ଶୁକ୍ରବାର ହଙ୍ଗାମା ହୋଇଛି। ମୁଖ୍ୟମନ୍ତ୍ରୀ କ୍ଷମା ମାଗନ୍ତୁ ବୋଲି ବିରୋଧୀ ଦଳଗୁଡିକ ଦାବି କରିଛନ୍ତି। ଏହାକୁ ନେଇ ଆରଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବଙ୍କ ପତ୍ନୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ରାବଡୀ ଦେବୀ ନୀତୀଶଙ୍କୁ ନିଶାଣ କରିଛନ୍ତି। ଗୃହକାର୍ଯ୍ୟ ଚାଲିଥିବାବେଳେ ମାଇକ ବନ୍ଦ ହୋଇଯିବାରୁ ସେ ଏହାକୁ ଚାଲୁ କରିବାକୁ ଦାବି କରିଥିଲେ। ପରେ କହିଥିଲେ ଯେ ଯଦି ମୁଖ୍ୟମନ୍ତ୍ରୀଙ୍କ ମୁଣ୍ଡ ଖରାପ ହୋଇଗଲାଣି ତେବେ ସେ ଗାଦି ଛାଡ଼ି ଦିଅନ୍ତୁ। ନୀତୀଶ ନିଜ ପୁଅକୁ ମୁଖ୍ୟମନ୍ତ୍ରୀ କରନ୍ତୁ। ଯଦି ପୁଅ ମୁଖ୍ୟମନ୍ତ୍ରୀ ହେବ ନାହିଁ ତେବେ ଆଉ କାହାକୁ ଦାୟିତ୍ୱ ଦିଅନ୍ତୁ ବୋଲି ରାବଡୀ କହିଛନ୍ତି।



ସୂଚନା ଅନୁଯାୟୀ ନୀତୀଶ ଗୁରୁବାର ପାଟନାର ଏକ କାର୍ଯ୍ୟକ୍ରମରେ ସାମିଲ ହୋଇ ଜାତୀୟ ସଙ୍ଗୀତକୁ ଅସମ୍ମାନ କରିଥିଲେ। ଏଠାରେ ଜାତୀୟ ସଙ୍ଗୀତ ଆରମ୍ଭ ହେବା ପୂର୍ବରୁ ତାହାକୁ ଅଟକାଇ ଦେଇଥିଲେ। ମଞ୍ଚରୁ ସଙ୍କେତ ଦେଇ ସେ କହିଥିଲେ ଯେ ପ୍ରଥମେ ଷ୍ଟାଡିୟମ ବୁଲି ଆସିବି, ପରେ ଜାତୀୟ ସଙ୍ଗୀତ ଆରମ୍ଭ କରାଯିବ। ମୁଖ୍ୟମନ୍ତ୍ରୀଙ୍କ ସଙ୍କେତ ମିଳିବା ପରେ ମନ୍ତ୍ରୀ ବିଜୟ ଚୌଧୁରୀ ଜାତୀୟ ସଙ୍ଗୀତ ବନ୍ଦ କରି ଦେଇଥିଲେ। ନୀତୀଶ ଷ୍ଟାଡିୟମ ବୁଲି ଫେରିବା ପରେ ପୁଣି ଜାତୀୟ ସଙ୍ଗୀତ ବାଜିଥିଲା। ଏହି ସମୟରେ ନୀତୀଶ ନିରବ ରହିବା ପରିବର୍ତ୍ତେ ହାତ ହଲାଇ ଲୋକଙ୍କୁ ଅଭିବାଦନ ଜଣାଇ ଥିଲେ। ପ୍ରମୁଖ ସଚିବ ଦୀପକ କୁମାର ଏହା ଦେଖି ନୀତୀଶଙ୍କୁ ଅଟକାଇ ଥିଲେ। ତାଙ୍କୁ ସାବଧାନ ମୁଦ୍ରାରେ ରହିବାକୁ ସଙ୍କେତ ଦେଇଥିଲେ। ଏହା ସତ୍ତ୍ୱେ ନୀତୀଶ ମାନି ନ ଥିଲେ। ସାମ୍ବାଦିକଙ୍କୁ ଦେଖି ପ୍ରଣାମ କରିବାକୁ ଲାଗିଥିଲେ। ଏହି ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ମାନସିକ ଏବଂ ଶାରୀରିକ ସ୍ୱାସ୍ଥ୍ୟାବସ୍ଥା ଉପରେ ପ୍ରଶ୍ନ ଉଠିଛି।

### କର୍ଣ୍ଣାଟକ ବିଧାନସଭାରେ ସଂରକ୍ଷଣକୁ ନେଇ ହଙ୍ଗାମା
# ୧୮ ବିଜେପି ବିଧାୟକ ୬ ମାସ ପାଇଁ ନିଲମ୍ବିତ



**ବିଧାୟକଙ୍କୁ ଗୃହରୁ ବାହାର କଲେ ମାର୍ଶାଲ**

**ମୁଖ୍ୟମନ୍ତ୍ରୀଙ୍କ ସମେତ ମନ୍ତ୍ରୀ-ବିଧାୟକଙ୍କ ଦରମା ଦ୍ୱିଗୁଣିତ**

ବେଙ୍ଗାଲୁରୁ, ୨୧।୩ (ଏଜେନ୍ସି): କର୍ଣ୍ଣାଟକ ବିଧାନସଭାରେ ଶୁକ୍ରବାର ହଙ୍ଗାମା ହୋଇଛି। ଏଠାରେ ଅପ୍ରୀତିକର ଘଟଣା ଦେଖିବାକୁ ମିଳିଛି। ସରକାରୀ ଟେଣ୍ଡରରେ ମୁସଲମାନଙ୍କୁ ୪ ପ୍ରତିଶତ ସଂରକ୍ଷଣ ଦେବା ମାମଲାକୁ ନେଇ ବିଜେପି ବିଧାୟକମାନେ ପ୍ରବଳ ହଟ୍ଟଗୋଳ କରିଛନ୍ତି। ବିରୋଧୀ ଦଳ ନେତା ଆର୍.ଅଶୋକଙ୍କ ନେତୃତ୍ୱରେ ବିଜେପି ବିଧାୟକମାନେ ସଂରକ୍ଷଣ ବିଲ୍‌ର ନକଲକୁ ଚିରି ବାଚସ୍ପତିଙ୍କ ଅଭିମୁଖେ ଫୋପାଡ଼ି ଦେଇଥିଲେ। ପୋଡିୟମ ଉପରେ ଚଢ଼ି ସରକାର ବିରୋଧୀ ସ୍ଲୋଗାନ ଦେଇଥିଲେ। ଏମାନେ ବିଲ୍‌କୁ ଅସାମ୍ବିଧାନିକ କହିଥିଲେ। ଏହାପରେ ବାଚସ୍ପତି ୟୁଟି ଖାଦର ମାର୍ଶାଲଙ୍କୁ ଡକାଇ ଥିଲେ। ଏମାନେ ଗୃହରେ ହଙ୍ଗାମା କରୁଥିବା ବିଜେପି ବିଧାୟକଙ୍କୁ ଟେକି ଟେକି ବାହାରକୁ ନେଇ ଯାଇଥିଲେ। ଏହି ସମୟରେ କିଛି ବିଧାୟକ ହସୁଥିବା ଦେଖିବାକୁ ମିଳିଛି। ଏହା ସହିତ ବିଜେପିର ୧୮ ବିଧାୟକଙ୍କୁ ବିଧାନସଭାରୁ ୬ ମାସ ପାଇଁ ନିଲମ୍ବନ କରିଦିଆଯାଇଛି। ହଙ୍ଗାମା ସତ୍ତ୍ୱେ ସରକାରୀ ଟେଣ୍ଡରରେ ମୁସଲମାନଙ୍କୁ ୪ ପ୍ରତିଶତ ସଂରକ୍ଷଣ ଦେବା ବିଲ୍ ବିଧାନସଭାରେ ପାରିତ ହୋଇଯାଇଛି। କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀଙ୍କ ଦରମା ମାସକୁ ୭୫ ହଜାର ଟଙ୍କାରୁ ୧.୫ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇବ। ସେହିଭଳି ମନ୍ତ୍ରୀମାନଙ୍କ ଦରମା ୬୦ ହଜାର ଟଙ୍କାରୁ ୧.୨୫ ଲକ୍ଷ ଟଙ୍କା, ବିଧାୟକମାନଙ୍କ ୪୦ ହଜାର ଟଙ୍କାରୁ ୮୦ ହଜାର ଟଙ୍କାକୁ ବୃଦ୍ଧି ପାଇବ। ବିଧାନସଭା ଏବଂ ବିଧାନ ପରିଷଦରେ ମଧ୍ୟ ବାଚସ୍ପତିଙ୍କ ଦରମା ବୃଦ୍ଧି କରାଯାଇଛି। ତାଙ୍କର ଦରମା ଏବେ ମାସିକ ୭୫ ହଜାର ଟଙ୍କାରୁ ୧.୨୫ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି । ଏହା ବ୍ୟତୀତ ବିଲ୍‌ରେ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଏବଂ ବିଧାୟକମାନଙ୍କ ସହିତ ବିଧାନ ପରିଷଦର ଉପାଧ୍ୟକ୍ଷ, ଉପ ବାଚସ୍ପତି, ବିରୋଧୀ ଦଳ ନେତା, ଶାସକ ଦଳ ଏବଂ ବିରୋଧୀ ଦଳର ମୁଖ୍ୟ ସଚେତକଙ୍କ ଦରମା ଏବଂ ଭତ୍ତା ବୃଦ୍ଧି ପାଇଁ ବ୍ୟବସ୍ଥା ରହିଛି। ଜନପ୍ରତିନିଧିଙ୍କ ଖାଦ୍ୟ, ଘର ଏବଂ ଯାତ୍ରା ସମେତ ସମସ୍ତ ଭତ୍ତାର ପରିମାଣ ବୃଦ୍ଧି କରାଯାଇଛି।

## ବିଶ୍ୱାଳି ଗ୍ରାମରେ ଅଗ୍ନିକାଣ୍ଡ



କୁଜଙ୍ଗ,୨୧।୩(ସମିସ): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ୍‌ର ବିଶ୍ୱାଳି ଗ୍ରାମରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଉଲ୍ଲାସ ତରାଇ ଓ ମଧୁଆ ତରାଇଙ୍କ ୪ ବଖରା ଘର ପୋଡ଼ି ପାଉଁଶ ହୋଇଯାଇଛି। ଏଥିରେ ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଛି। ବିଶ୍ୱାଳି ଗ୍ରାମର ଉଲ୍ଲାସ ତରାଇ ଓ ମଧୁ ତରାଇଙ୍କ ଘରେ ନିଆଁ ଲାଗିଯିବା ଦେଖି ଘରଲୋକ ବାହାରକୁ ଦୌଡ଼ି ପଳାଇଥିଲେ। ଗ୍ରାମବାସୀ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରି ବିଫଳ ହୋଇଥିବାବେଳେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବାରେ ସଫଳ ହୋଇଥିଲା। ଉଲ୍ଲାସ ତରାଇଙ୍କ ଦୋକାନ ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଥାବାବେଳେ ମଧୁ ତରାଇଙ୍କ ବହୁ ଆସବାବପତ୍ର ପୋଡ଼ିଯାଇଛି। ୫ ଲକ୍ଷରୁ ଊର୍ଦ୍ଧ୍ୱ କ୍ଷୟକ୍ଷତି ହୋଇଥିବା ଆକଳନ କରାଯାଇଛି।

■ ରୌଦ୍ରତାପ ପାଇଁ ଜିଲ୍ଲା ପ୍ରଶାସନର ନିଷ୍ପତ୍ତି

## ପୂର୍ବାହ୍ଣ ୧୧ଟାରୁ ଅପରାହ୍ଣ ୩ଟା ଶ୍ରମିକଙ୍କ କାର୍ଯ୍ୟରେ କଟକଣା

ଜଗତସିଂହପୁର,୨୧।୩(ସମିସ):

ବିଗତ ବର୍ଷମାନଙ୍କରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଚଳିତବର୍ଷ ସମ୍ଭାବ୍ୟ ରୌଦ୍ରତାପଜନିତ ଅଂଶୁଘାତ ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ। ପ୍ରଖର ଖରାରେ କାର୍ଯ୍ୟରତ ଶ୍ରମିକ ରୌଦ୍ରତାପଜନିତ ଅଂଶୁଘାତ, ଜଳହୀନତା, ରକ୍ତରୁ ଲବଣତା ହ୍ରାସ ଓ ଜ୍ୱର ଇତ୍ୟାଦି ରୋଗର ଶିକାର ହେବା ସମ୍ଭାବନା ଯଥେଷ୍ଟ ଅଧିକ। ଏ ପରିପ୍ରେକ୍ଷୀରେ ଆସନ୍ତା ଏପ୍ରିଲରୁ ଜୁନ୍ ୧୫ ତାରିଖ ପର୍ଯ୍ୟନ୍ତ ସମସ୍ତ ବାଣିଜ୍ୟ ଓ ଶିଳ୍ପ ସଂସ୍ଥା କର୍ତ୍ତୃପକ୍ଷ, ବ୍ୟବସାୟ ପ୍ରତିଷ୍ଠାନର ମାଲିକ, ଠିକାଦାର ଓ ଅନ୍ୟାନ୍ୟ ଘରୋଇ ନିଯୁକ୍ତିଦାତା ସେମାନଙ୍କ ଅଧୀନରେ କାର୍ଯ୍ୟରତ ଶ୍ରମିକଙ୍କୁ ପ୍ରତ୍ୟେହ ପୂର୍ବାହ୍ଣ ୧୧ ଘଟିକାଠାରୁ ଅପରାହ୍ଣ ୩ ଘଟିକା ପର୍ଯ୍ୟନ୍ତ ବାହାରେ/ଖରାରେ କାର୍ଯ୍ୟରେ ଲଗାଇପାରିବେ ନାହିଁ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଆବଶ୍ୟକସ୍ଥଳେ ସେମାନେ କାର୍ଯ୍ୟ ନିର୍ଘଣ୍ଟ ସମୟ ପରିବର୍ତ୍ତନ କରିପାରିବେ। ଯଦି କୌଣସି କାର୍ଯ୍ୟ ଅତ୍ୟନ୍ତ ଜରୁରୀ ମନେହୁଏ କିମ୍ବା ଅତ୍ୟାବଶ୍ୟକ ସେବା ସହ ଜଡ଼ିତ, ଯେଉଁଥରେ କି ଶ୍ରମିକଙ୍କୁ ଉପରୋକ୍ତ ସମୟ ପାଇଁ ବିଶ୍ରାମ ଦିଆଯାଇପାରିବନାହିଁ, ତେବେ ଉପରୋକ୍ତ ନିଯୁକ୍ତିଦାତା ଶ୍ରମିକଙ୍କୁ ସମ୍ଭାବ୍ୟ ପ୍ରଚଣ୍ଡ ରୌଦ୍ରତାପରୁ ରକ୍ଷା କରିବା ନିମନ୍ତେ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବେ। ଯେପରି ଶୀତଳ ପାନୀୟଜଳର ବ୍ୟବସ୍ଥା, ଛାୟା ପ୍ରଦାନ ନିମନ୍ତ ଉପଯୁକ୍ତ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା ପାଇଁ ଡାକ୍ତରୀ ଚିକିତ୍ସାର ବ୍ୟବସ୍ଥା, ପ୍ରତ୍ୟେକ ଶ୍ରମିକଙ୍କ ପାଇଁ ଓଆରଏସ୍ ପ୍ୟାକେଟ୍‌ର ବ୍ୟବସ୍ଥା ଆଦି କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଉପରୋକ୍ତ ନିର୍ଦ୍ଦେଶାବଳୀ ସତର୍କତା ମତେ ପାଳନ କରିବାରେ କୌଣସି ନିଯୁକ୍ତିଦାତା ଖିଲାପ କଲେ, ସେମାନଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ରେଢୁଆ ଧାନମଣ୍ଡି

## ମିଲର ଗାଡ଼ି ପଠାଉନି, ବାହାରେ ପଡ଼ିଛି ଧାନ

ରଘୁନାଥପୁର,୨୧।୩(ସମିସ):

ରଘୁନାଥପୁର ବ୍ଲକ୍ ରେଢୁଆ କୃଷି ସେବା ସମବାୟ ସମିତି ଧାନମଣ୍ଡିରେ ଖୋଲା ଆକାଶ ତଳେ ପଡ଼ିରହିଛି କ୍ୱିଣ୍ଟାଲ କ୍ୱିଣ୍ଟାଲ ଚାଷୀଙ୍କ ଧାନ। ମିଲର ଗାଡ଼ି ପଠାଉ ନ ଥିବାରୁ ଗତ ୫, ୮ ଓ ୧୦ ତାରିଖ ଟୋକନପ୍ରାପ୍ତ ଚାଷୀଙ୍କ ଧାନ ଯିବା ନେଇ ଅନିଶ୍ଚିତତା ଦେଖାଦେଇଛି। ଖୋଲାରେ ଧାନ ପଡ଼ିଥିବାରୁ ଅଚାନକ ବର୍ଷା ଓ ପବନ ହେଲେ ଚାଷୀଙ୍କ ଧାନ ନଷ୍ଟ ହୋଇଯିବ। ସେଥିପାଇଁ ଚାଷୀ ଚିନ୍ତାରେ ଅଛନ୍ତି। ସରକାରଙ୍କ ପକ୍ଷରୁ ଧାନମଣ୍ଡିରେ ୧୫ ହଜାର କ୍ୱିଣ୍ଟାଲ ଧାନ କ୍ରୟ ପାଇଁ ଟାର୍ଗେଟ ଦିଆଯାଇଥିଲା। ଶୃଙ୍ଖଳାର ସହ ୭୦ ପ୍ରତିଶତ ଧାନ କ୍ରୟ ହୋଇସାରିଥିବାବେଳେ ବାକି ୪ ହଜାର କ୍ୱିଣ୍ଟାଲ ଧାନ ମଧ୍ୟରୁ ୩ ହଜାର କ୍ୱିଣ୍ଟାଲ ଧାନ କ୍ରୟ ପାଇଁ ଟାର୍ଗେଟ ରହିଛି। ଏଭଳି ହେଲେ ହଜାର କ୍ୱିଣ୍ଟାଲ ଧାନର ଟାର୍ଗେଟ ନ ଆସିଲେ ଚାଷୀ କିପରି ଧାନ ଦେବେ ବୋଲି ଚିନ୍ତାରେ ଅଛନ୍ତି।



ସମିତି ସଭାପତି ପ୍ରଦୀପ୍ତ କିଶୋର ମହାନ୍ତି ପ୍ରକାଶ କରିଛନ୍ତି, ମିଲରଙ୍କୁ ଯୋଗାଯୋଗ କଲେ ଆଜି, କାଲି ଗାଡ଼ି ପଠେଇବି କହି ଚାଷୀଙ୍କୁ ଭୁଆଁ ବୁଲାଉଛନ୍ତି। ଉପରିସ୍ଥ ଅଧିକାରୀଙ୍କୁ ଅଭିଯୋଗ କଲେ କୌଣସି ସୁଫଳ ମିଳୁନି ବୋଲି ସଭାପତି ମହାନ୍ତି କହିଛନ୍ତି। ଆସନ୍ତା ୨୬ ତାରିଖ ମଧ୍ୟରେ ଧାନ କ୍ରୟ କରା ନ ଗଲେ ଶେଷ ଟୋକନ ଲାପସ ହୋଇଯିବ ଓ ଚାଷୀ ଆଉ ଧାନ ଦେଇପାରିବେ ନାହିଁ ବୋଲି ଜଣାପଡିଛି। ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ ଟୋକନପ୍ରାପ୍ତ ସମସ୍ତ ଚାଷୀଙ୍କ ଧାନକୁ କ୍ରୟ କରି ସେମାନଙ୍କ ଆଇସ୍କାନ କରିନେବାକୁ ଦାୟୀତ୍ୱରେ ଥିବା ସମିତିର ସମ୍ପାଦକଙ୍କୁ କୁହାଯାଇଥିବା ଜଗତସିଂହପୁର ସିଏସଓ ସୁଜାତା ମିଶ୍ର ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଧାନ ନେଉଥିବା ବରଗଡ ଗଜଲକ୍ଷ୍ମୀ ମିଲ ଜାମ ଥିବା ଓ ଗାଡ଼ି ଅଭାବରୁ ମିଲର ଧାନ ଉଠାଇବାରେ ବିଳମ୍ବ ହେଉଛି ବୋଲି ସେ ପ୍ରକାଶ କରିଛନ୍ତି। ସେଥିପାଇଁ କିଏ ଦାୟୀ ରହିବ ବୋଲି ଚାଷୀ ପ୍ରଶ୍ନ କରିଛନ୍ତି। ନିର୍ଦ୍ଧାରିତ ସମୟରେ ଚାଷୀଙ୍କଠାରୁ ଧାନ କ୍ରୟ କରି ସେମାନଙ୍କ ଆଇସ୍କାନ କରିବାକୁ ସିଏସଓ ମିଶ୍ର କହିଛନ୍ତି। ଯଦି ଚାଷୀଙ୍କ ଟୋକନ ଲାପସ ହୁଏ ଏଥିପାଇଁ ସମିତି ସମ୍ପାଦକ ଦାୟୀ ରହିବେ ବୋଲି ସିଏସଓ ସୁଜାତା ମିଶ୍ର ପ୍ରକାଶ କରିଛନ୍ତି।

## ଅଂଶୁମାନଙ୍କୁ ସହାୟତା

ଜଗତସିଂହପୁର,୨୧।୩(ସମିସ): ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ ସଅଁରା ପଞ୍ଚାୟତ ସଂକେତପାଟଣା ଗ୍ରାମର ୧୨ ବର୍ଷର ଶିଶୁ ଅଂଶୁମାନ ମହାନ୍ତିଙ୍କ ମାଆ ନଳିନୀ ମହାନ୍ତି ୭ ବର୍ଷ ତଳେ ଆରପାରିକୁ ଚାଲିଯାଇଥିଲେ। ବାପା ସୁଧୀର ମହାନ୍ତି (୪୬) ମଙ୍ଗଳବାର ହଠାତ୍ ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ ଜଗତସିଂହପୁର ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ତାଙ୍କର ପରଲୋକ ହୋଇଯାଇଥିଲା। ଅଂଶୁମାନଙ୍କ ଜେଜେବାପା ବ୍ରେନ୍ ଷ୍ଟ୍ରୋକରେ ଆକ୍ରାନ୍ତ ହୋଇ ବର୍ଷ ବର୍ଷ ଧରି ଶଯ୍ୟାଶାୟୀ ହୋଇ ବିଛଣାରେ ପଡ଼ିରହିଛନ୍ତି। ଏଭଳି ପରିସ୍ଥିତିରେ ରୋଗୀଣା ଜେଜେ ଓ ନାତି ଏକପ୍ରକାର ବେସାହାରା ହୋଇପଡିଛନ୍ତି। ଦୟନୀୟ ଅବସ୍ଥାରେ ଭଙ୍ଗା ଘରେ ଜୀବନ ଅତିବାହିତ କରୁଥିବାବେଳେ ବେଳାଏ ଖାଇଲେ ବେଳାଏ ଉପବାସ ରହିବାକୁ ପଡୁଛି। ଏହି ଦୁଃଖଦ ଖବର ଜାଣିବା ପରେ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଶୀର୍ବାଦ ସେବା ସଂଗଠନର ସଭାପତି ଜଗନ୍ନାଥ ବେହେରା, ଜୟରାମ ସ୍ୱାଇଁ, ସନ୍ତୋଷ କରଣ, ନିହାର ରଞ୍ଜନ ମହାନ୍ତି,




ପ୍ରଦୀପ୍ତ ମହାରଣା, ନିର୍ଦ୍ଦେଶକ ବିକ୍ରମ ଜେନା, ନିରଞ୍ଜନ ସାହୁ, ସାମ୍ବାଦିକ ରମାକାନ୍ତ ରାହୁଳ ପ୍ରମୁଖ ଅଂଶୁମାନଙ୍କ ଘରକୁ ଯାଇ ରାସନ୍ ସାମଗ୍ରୀ ପ୍ରଦାନ କରିଛନ୍ତି। ଏଥିସହ ସରକାରୀ ସ୍ତରରେ ଆର୍ଥିକ ସହାୟତା ଯୋଗାଇଦେବାକୁ ସଂଗଠନ ସଭାପତି ଶ୍ରୀ ବେହେରା ଜିଲ୍ଲା ପ୍ରଶାସନ ନିକଟରେ ଦାବି କରିଛନ୍ତି।

## କମାଶାସନ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବିରିଡ଼ି,୨୧।୩(ସମିସ): ବିରିଡ଼ି ବ୍ଲକ କମାଶାସନ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ମନୋରଞ୍ଜନ ମିଶ୍ରଙ୍କ ଅଧ୍ୟକ୍ଷତା ଓ ପ୍ରଧାନଶିକ୍ଷୟିତ୍ରୀ ଚାରୁଲତା ଦାଶଙ୍କ ପରିଚାଳନାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଆରତୀ ଭୂୟାଁ, ମୁଖ୍ୟବକ୍ତା ଭାବେ ବିଦ୍ୟାଳୟର ପ୍ରତିଷ୍ଠାତା ତଥା କବି ବାମଦେବ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଦଳେଇଘାଇ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରେମାନନ୍ଦ ସେଠୀ, ସିଆରସିସି ଧନଞ୍ଜୟ ମିଶ୍ର, ସମିତିସଭ୍ୟ ସନ୍ତୋଷ ନାୟକ, ଶିକ୍ଷକ କେଦାରେଶ୍ୱର ରାଉତ, ବାମଦେବ ମଲ୍ଲିକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମନୋରଞ୍ଜନ ମିଶ୍ର, ଉପସଭାପତି ସସ୍ମିତା ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ସହକାରୀ ଶିକ୍ଷକ ବିଶ୍ୱରଞ୍ଜନ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ସରକାରୀ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଆୟୋଜନ କରାଯାଇ ଛାତ୍ରଛାତ୍ରୀଙ୍କ ଲୁକ୍କାୟିତ ପ୍ରତିଭା ବିକଶିତ କରିବା, ପାଇଁ ସରକାରଙ୍କ ଏହି ପ୍ରୟାସକୁ ଅତିଥିମାନେ ସାଧୁବାଦ ଜଣାଇଥିଲେ। ଏଥିରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ୱାର୍ଡ ମେମ୍ବର ଅମୀୟ ମଲ୍ଲିକ, ମଧୁସୂଦନ ରାଉତ, ଜୟଦ୍ରଥ ସ୍ୱାଇଁ, ଲକ୍ଷ୍ମଣ ମଲ୍ଲିକ, ଦୋଳଗୋବିନ୍ଦ ମଲିକ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ବିଶ୍ୱରଞ୍ଜନ ଦାଶ ଧନ୍ୟବାଦ ଦେଇଥିଲେ।

## ନୂତନ ଯୁବ ସଂଗଠନ ପାଇଁ ପ୍ରସ୍ତୁତି ବୈଠକ

ଏରସମା,୨୦।୩ (ସମିସ): ଆଜି ଏରସମା ବ୍ଲକ ଅନ୍ତର୍ଗତ ଜିରାଇଲୋ ପଞ୍ଚାୟତ ସରବାଠାରେ ଆଗାମୀ ଦିନରେ ଯୁବକମାନଙ୍କୁ ସଂଗଠିତ କରି ସମାଜ ମଙ୍ଗଳ କାର୍ଯ୍ୟ କରିବାକୁ ଏକ ଯୁବ ସଂଗଠନ କରିବା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରସ୍ତୁତି ବୈଠକରେ



ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଯୁବକମାନେ ଯୋଗ ଦେଇଥିଲେ। ସମାଜରେ ଲୋକମାନଙ୍କ ବିଭିନ୍ନ ସମସ୍ୟା, ଯୁବକମାନଙ୍କୁ ନିଯୁକ୍ତି, ଦାରିଦ୍ର୍ୟ ଦୂରୀକରଣ, ନିଶାମୁକ୍ତ ସମାଜ ଗଠନ ସଂଗଠନ ମୁଖ୍ୟ ଉଦ୍ଦେଶ୍ୟ ରହିବ ବୋଲି ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ ପାର୍ଥ ସାରଥି ରାଉତ, ନିରାକାର ସ୍ୱାଇଁ, ଲକ୍ଷ୍ମୀଧର ଓଝା, ଜ୍ଞାନ ରଞ୍ଜନ ଦାସ, ଅଭିଜିତ ସାହୁ, ମାନସ ସ୍ୱାଇଁ, ତପନ ଗଛାୟତ, ରାଜ କିଶୋର ମଲ୍ଲିକ, ବିକ୍ରମ ଦଳାଇ, ଚନ୍ଦନ ମଲ୍ଲିକ, ରାକେଶ ସ୍ୱାଇଁ, ସଞ୍ଜୀବ ରାଉତ, ନେତ୍ରାନନ୍ଦ ବେହେରା, ହେମନ୍ତ ରାଉତ, ଅନିଲ ସ୍ୱାଇଁ ପ୍ରମୁଖଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଯୁବକ ଯୋଗ ଦେଇଥିଲେ।

## ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ପାଳିତ



ଜଗତସିଂହପୁର,୨୧।୩ (ସମିସ): ଜିଲ୍ଲା ପ୍ରସାଶନ ଓ ବୈଧମାପ ବିଜ୍ଞାନ ବିଭାଗ ପକ୍ଷରୁ ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହରେ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ ଜେ. ସୋନାଲ, ମୁଖ୍ୟବକ୍ତା ଭାବେ ଜିଲ୍ଲା ଖାଉଟି ବିବାଦ ସମାଧାନ ଆୟୋଗ ସଭାପତି ପ୍ରଭାତ ପାଢ଼ୀ, ଅନ୍ୟ ସମ୍ମାନିତ ଅତିଥି ଭାବେ ଜଗତସିଂହପୁର ପୌରପାଳିକା ଅଧକ୍ଷା ଅର୍ଚ୍ଚନା ସିଂ, ଜିଲ୍ଲା ଯୋଗାଣ ଅଧିକାରୀ ସୁଜାତା ମିଶ୍ର ଓ ଜିଲ୍ଲା ଯୁଗ୍ମ ନିୟନ୍ତ୍ରକ ବୈଧମାପ ବିଜ୍ଞାନ ଗୌରାଙ୍ଗ ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ଏହି ଦିବସ ପାଳନର ଆଭିମୁଖ୍ୟ ଓ ଖାଉଟି ସଚେତନତା ବିଷୟରେ ଆଲୋଚନା କରିଥିଲେ। ଏହି ବୈଠକରେ ବୈଧମାପ ବିଜ୍ଞାନ ବିଭାଗର ଯୁଗ୍ମ ନିୟନ୍ତ୍ରକ ଶ୍ରୀ ଜେନା ତାଙ୍କ କାର୍ଯ୍ୟାଳୟର କର୍ମଚାରୀଙ୍କ ସହଯୋଗରେ ଡେମୋନଷ୍ଟ୍ରେସନ ମାଧ୍ୟମରେ ଖାଉଟି କିପରି ଠକାମିରୁ ବଞ୍ଚିତ ହୋଇପାରିବେ, ସେ ସମ୍ପର୍କରେ ସୂଚନା ଦେଇଥିଲେ। ବିଜୟଲକ୍ଷ୍ମୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

୨୨ତମ ଜାତୀୟ ନାଟକ ମହୋତ୍ସବ

## ତୃତୀୟ ସନ୍ଧ୍ୟାରେ ହିନ୍ଦୀ ନାଟକ 'ରୁଦାଲି' ମଞ୍ଚସ୍ଥ

ପାରାଦୀପ, ୨୧।୩ (ସମିସ): ବନ୍ଦରନଗରୀ ପାରାଦୀପର ଜୟଦେବ ସଦନରେ କାନମାସ ପକ୍ଷରୁ ଆୟୋଜିତ ୨୨ତମ ଜାତୀୟ ନାଟକ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ସୁମୁଖ ରଙ୍ଗ ମଣ୍ଡଳୀ, ନୂଆଦିଲ୍ଲୀର କଳାକାର ଅରବିନ୍ଦ ସିଂହଙ୍କ ନିର୍ଦ୍ଦେଶନାରେ ମଞ୍ଚସ୍ଥ କରିଥିଲେ ହିନ୍ଦୀ ନାଟକ "ରୁଦାଲି'। ରଦାଲି ଏକ ସାମାଜିକ ପ୍ରଥା, ଯାହାକି ରାଜସ୍ଥାନ ରାଜ୍ୟରେ ଆରମ୍ଭ ହୋଇଥିଲା। ରୁଦାଲି ଶବ୍ଦଟି ଜଣେ ବୃତ୍ତିଗତ ଶୋକକାରିଙ୍କୁ ବୁଝାଏ। ସାଧାରଣତଃ ଜଣେ ମହିଳା, ଯିଏକି ଶବଦାହ ଓ ଶୋକ ସମାରୋହ ସମୟରେ ଦୁଃଖପ୍ରକାଶ କରିବା ପାଇଁ ନିଯୁକ୍ତି ଦିଆଯାଏ। ଏହି କାହାଣୀର ମୁଖ୍ୟ ଚରିତ୍ର ହେଉଛି ଶାନିଚାରୀ ଯିଏ ଶନିବାର ଦିନ ଜନ୍ମ ଗ୍ରହଣ କରିଥିବାରୁ ଓ ତାଙ୍କ ସହିତ କିଛି ସାଜସଜ୍ଜା ଥିବାରୁ ଏହି ନାମ ପାଇଥିଲେ। ସମାଜ ବିଶ୍ୱାସ କରେ ଯେ ସେ ଅସଗୁନି। ତେଣୁ ତାଙ୍କ ପରିବାରରେ କେହି ବଞ୍ଚିନାହାନ୍ତି। ସମୟ ଦ୍ୱାରା ପ୍ରତ୍ୟେକ ଜଣେ ଜଣେ ପ୍ରତିଭାଶାଳୀ ହୋଇଛନ୍ତି। ରୁଦାଲି ଜଣେ ଭଡ଼ାଟିଆ ମହିଳା, ଯିଏ କଠିନ ପରିଶ୍ରମ କରି କାନ୍ଦନ୍ତି ଓ ଶୋକ କରନ୍ତି। ଚରିତ୍ର ଭାବେ ଶାନିଚାରୀ



ସେହି ଶ୍ରେଣୀର ପ୍ରତିନିଧିତ୍ୱ କରନ୍ତି, ଯାହାର ବାଛିବାର ସ୍ୱାଧୀନତା ନାହିଁ, ନିର୍ଣ୍ଣୟ ନେବାର କୌଣସି ଉପାୟ ନାହିଁ। କିନ୍ତୁ ସେ କେବେ ବି ଭାଙ୍ଗିପଡନ୍ତି ନାହିଁ। ତାଙ୍କ ଜୀବନ ସମାଜର ନିମ୍ନ ବର୍ଗର ମହିଳା ଜୀବନର ବିଡ଼ମ୍ବନାକୁ ରେଖାଙ୍କିତ କରେ। ନାଟକଟି କଳା ସ୍ତରରେ ଏକ ସମ୍ପୂର୍ଣ୍ଣ ନାଟକ। କଳାକାରଙ୍କ ଅଭିନୟ ଅନେକ ସମୟ ଧରି ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଏ ଅବସରରେ ଅତିଥି ଭାବେ ଯୋଗଦାନ କରି ବନ୍ଦରର ଅର୍ଥ ପରାମର୍ଶଦାତା ଧର୍ମେନ୍ଦ୍ରନଥ ସୋଧି, କୋଷ୍ଟଗାର୍ଡ ଡିଆଇଜି ସଞ୍ଜୟ ନେଗି ଓ ଏମଏନଏସର କାର୍ଯ୍ୟକାରୀ ନିର୍ଦ୍ଦେଶକ ସୁରେଶ ଜି ନାଟକ ଉପରେ ମତାମତ ରଖିବା ସଙ୍ଗେ ସଙ୍ଗେ କଳାକାରଙ୍କୁ ସମ୍ମାନିତ କରିଥିଲେ। ଚତୁର୍ଥ ସନ୍ଧ୍ୟାରେ ଲୋକର୍ଧର୍ମି, କେରଳର କଳାକାର ଡକ୍ଟର ଚନ୍ଦ୍ରଦାସନଙ୍କ ନିର୍ଦ୍ଦେଶନାରେ ମାଲୟାଲମ୍ ନାଟକ ଦ ବୋଟ ବୟ ଓ ଦ ଲୁ, ପଦମପୁର ଜଗନ୍ନାଥ ସେଠଙ୍କ ନିର୍ଦ୍ଦେଶନାରେ ସମ୍ବଲପୁରୀ ନାଟକ ରଙ୍ଗଭୂମି ମଞ୍ଚସ୍ଥ କରିବେ।

## ପ୍ରକୃତିର ପ୍ରକୃତ ବନ୍ଧୁ ସୁବାସ

ଏରସମା, ୨୧।୩(ସମିସ): କଥାରେ ଅଛି ବୃକ୍ଷ ହିଁ ଜୀବନ। ଆଜିର ଆଧୁନିକ ଯୁଗରେ ନିଜର ସମାଜ ପ୍ରତି କର୍ତ୍ତବ୍ୟ ଭୂଲିଯାଇ ସମସ୍ତେ ଅର୍ଥ ପଛରେ ଗୋଡାଇ ରୋଜଗାର କରିବାରେ ବ୍ୟସ୍ତ ରହିଥିବା ବେଳେ ଆମ ପୂର୍ବ ପୁରୁଷରୁ ଲଗାଯାଇଥିବା ବାପା ଅଜା ଅମଳର ବିରାଟ ଗଛ ସବୁ କାଟି, ଘର ଦ୍ୱାରା,ରାସ୍ତା ଘାଟ ବିଭିନ୍ନ କଳ କାରଖାନା



ପ୍ରତିଷ୍ଠା କରାଯାଉଛି। ଯାହା ଫଳରେ କି ଗ୍ରୀଷ୍ମ ପ୍ରବାହ ବଢ଼ିବାରେ ଲାଗିଛି ଏବଂ ଧିରେ ଧିରେ ପରିବେଷଣ ଅବକ୍ଷୟ ହେବାକୁ ବସିଲାଣି ଏହି ପରିସ୍ଥିତିରେ ମଣିଷ ଓ ବନ୍ୟଜନ୍ତୁ ମାନେ ବଞ୍ଚିରହିବା କଷ୍ଟସାଧ ହେବାକୁ ବସିଲାଣି।ଆମେ କିପରି ଆଗକୁ ବଞ୍ଚିବାର ସୁତ୍ରକୁ ଆପଣାଇଛନ୍ତି ଏରସମା ବ୍ଲକ ଅନ୍ତର୍ଗତ ବାଲିତୁଠ ପଞ୍ଚାୟତ ବିଜିପୁର ଗ୍ରାମର ସୁବାଷ ଚନ୍ଦ୍ର ତ୍ରିପାଠୀ(୫୭) । ସେ ଠାକୁରଙ୍କ ପୂଜାର୍ଚ୍ଚନା କରିବା ସହିତ ବାକି ସମୟ ତକ ପରିବେଶ କିପରି ସୁରକ୍ଷା କରାଯାଇପାରିବ ସେ ଦିଗରେ ନିଜେ ପରିଶ୍ରମ କରି ନିଜ ବିଜିପୁର ଗ୍ରାମ ଆରମ୍ଭରୁ ରାସ୍ତାରେ ଉଭୟ ପାଶ୍ୱର୍ରେ ବିଭିନ୍ନ ପ୍ରକାର ବୃକ୍ଷରୋପଣ ଆରମ୍ଭ କରିବା ସହିତ ଗ୍ରାମର କିଛି ଲୋକମାନଙ୍କ ସହଯୋଗରେ ଗଛରେ ପାଣି ଦେଇ ବହୁ କଷ୍ଟରେ ବଡ କରିଛନ୍ତି ଏବଂ ତତ୍ ସହିତ ଆମ ଅଞ୍ଚଳର ମୁଖଶାଳା ବାଲିତୁଠ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଥିବା ପଡିଆରେ ବିଭିନ୍ନ ପ୍ରକାର ରଙ୍ଗ ବେରଙ୍ଗୀ ଫୁଲ,ନଡ଼ିଆ ଗଛ,କଦଳୀ ଗଛ ସାଙ୍ଗକୁ ଅନ୍ୟାନ୍ୟ ବୃକ୍ଷ ରୋପଣ କରି ଆଦର ଯତ୍ନ କରି ସୁନ୍ଦର ବଗିଚା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି।ତାଙ୍କର ଅର୍ଥର ଅଭାବ ସତ୍ତ୍ୱେ ଏପରି ସମାଜ କଲ୍ୟାଣ କାର୍ଯ୍ୟକ୍ରମ ସାଙ୍ଗକୁ ଓଡ଼ିଶାର ଲୋପ ପାଉଥିବା କଳା ସଂସ୍କୃତିକୁ ମଧ୍ୟ ବଞ୍ଚିରହିବ କିପରି ନିଜ ଅଞ୍ଚଳର ପିଲାମାନଙ୍କୁ ମହାବୀର କଳା ବିକାଶ କେନ୍ଦ୍ର ମାଧ୍ୟମରେ ଓଡିଶୀ ନୃତ୍ୟ ,ସଂଗୀତ ,ତାବଲା ଆଦି କଳାକୁ ଉଜ୍ଜୀବିତ କରିବା ପାଇଁ କୁନିକୁନି ପିଲାମାନଙ୍କୁ ଗୁରୁମାନଙ୍କ ଦ୍ୱାରା ଶିକ୍ଷା ଯୋଗାଉଛନ୍ତି।ତାଙ୍କର ଏପରି ଇଚ୍ଛାଶକ୍ତି ଓ ଚିନ୍ତାଧାରା ସମାଜର ମାଙ୍ଗଳିକ କାର୍ଯ୍ୟକୁ ଅଞ୍ଚଳରବାସୀ ପ୍ରଂଶସା କରିବା ସହିତ ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସମ୍ମାନିତ କରାଯାଇଛି।ବାଲିତୁଠ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଗିରିଜା ଶଙ୍କର ମହାପାତ୍ର, ପ୍ରସନ୍ନ ସାମନ୍ତରାୟ, ବିଷ୍ଣୁପ୍ରିୟା ଦିଦି, ନିଳିମା ଦିଦି,କର୍ମଚାରୀ ଉମେଶ ବାରିକ,ଗୋପି ଦାସ ବିଜିପୁର ଗ୍ରାମର ନିତ୍ୟାନନ୍ଦ ଦାଶ,ଶଶିରଞ୍ଜନ ପଣ୍ଡା, କୈଳାଶ ସ୍ୱାଇଁ ପ୍ରମୁଖ ସାହାଯ୍ୟ ସହଯୋଗ ସହଯୋଗରେ ବୃକ୍ଷ ରୋପଣ ପ୍ରାୟ ୫ ହଜାର ଉଦ୍ଧ୍ୱର୍ ଅଞ୍ଚଳରେ କରିସାରିଲେଣି।ଏଥିପାଇଁ ସେ ଯଦି ସରକାରଙ୍କ ତରଫରୁ କିଛି ସାହାଯ୍ୟ ସହଯୋଗ ମିଳନ୍ତା ପଶୁ ଜନ୍ତୁଙ୍କ କପଳରୁ ରକ୍ଷା କରାଯାଇ ବୃକ୍ଷକୁ ବଢାଇବାରେ ସହଯୋଗ ହେଇପାରନ୍ତା ବେଲି ଶ୍ରୀ ତ୍ରୀପାଠି ପ୍ରକାଶ କରିଛନ୍ତି।

## ଓଡ଼ିଶା ଉପକୂଳରେ ଦ୍ୱିଦିବସୀୟ ସାଗର କବଚ ଉଦ୍‌ଯାପିତ





ପାରାଦୀପ, ୨୧।୩(ସମିସ):

ରାଜ୍ୟ ସାମୁଦ୍ରିକ ଉପକୂଳର ସୁରକ୍ଷା ବ୍ୟବସ୍ଥାପନାକୁ ପରୀକ୍ଷଣ କରିବା ପାଇଁ ୧୯ ଓ ୨୦ ତାରିଖ ଦୁଇଦିନ ଧରି ସୁରକ୍ଷା ଅଭ୍ୟାସ ସାଗର କବଚ ଶେଷ ହୋଇଛି। ଏହି ଅଭ୍ୟାସ ସମୟରେ ରାଜ୍ୟର ଉପକୂଳ ସୁରକ୍ଷା ମାନଦଣ୍ଡକୁ ବ୍ୟାପକ ଅଭ୍ୟାସ ମାଧ୍ୟମରେ ପ୍ରମାଣିତ କରାଯାଇଥିଲା। ଏହି ଅଭ୍ୟାସ ତଟରକ୍ଷକ କମାଣ୍ଡର (ଉତ୍ତର ପୂର୍ବ)ଙ୍କ ଦ୍ୱାରା କରାଯାଇଥିଲା। ଅଭ୍ୟାସର ମୂଳ କେନ୍ଦ୍ର ରାଜ୍ୟ ଉପକୂଳ ସୁରକ୍ଷା ପରିଚାଳନା କେନ୍ଦ୍ର ତଟରକ୍ଷକ ଜିଲ୍ଲା ମୁଖ୍ୟାଳୟ-୭, ପାରାଦୀପ ରହିଥିଲା। ଯେଉଁଠାରେ ବିଭିନ୍ନ ଅଭ୍ୟାସ ପରିସ୍ଥିତିକୁ ପରିଚାଳନା କରାଯାଇଥିଲା। ଯେପରି ଆତଙ୍କବାଦୀ ମାଛ ଧରା ଡଙ୍ଗା ଅପହୃତ କରିବା, ଅବୈଧ ପଦାର୍ଥ ଚୋରାଚାଲାଣ, ପଣ୍ୟବାହୀ ଜାହାଜକୁ ଅପହୃତ କରିବା, ବୋମା ବିସ୍ଫୋରଣ ଓ ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନରେ ଆକ୍ରମଣ କରିବା। ସମୁଦ୍ର ଓ ନଦୀରେ ଅଧିକାରିକ ସୁରକ୍ଷାରେ ଭାରତୀୟ ତଟରକ୍ଷକ, ଭାରତୀୟ ନୌବାହିନୀ, ସାମୁଦ୍ରିକ ପୁଲିସ୍, ରାଜ୍ୟ ପୁଲିସ୍, ବନ୍ଦର ଅଧିକାରୀ, କେନ୍ଦ୍ରୀୟ ଶିଳ୍ପ ନିରାପତ୍ତା ବାହିନୀ, ମତ୍ସ୍ୟ ବିଭାଗ, ରାଜ୍ୟ ଗୁଇନ୍ଦା ବିଭାଗ ଓ କଷ୍ଟମ୍ ବିଭାଗ ଆଦି ଅଂଶଗ୍ରହଣ କରିଥିଲେ। ଏହି ସୁରକ୍ଷା ଅଭ୍ୟାସରେ ଜିଲ୍ଲା ପୁଲିସ୍ ଓ ବନ୍ୟ ବିଭାଗ ମଧ୍ୟ ଅଂଶଗ୍ରହଣ କରିଥିଲେ।

ଅନ୍ୟପକ୍ଷରେ ମତ୍ସ୍ୟଜୀବୀଙ୍କୁ ସୁରକ୍ଷା ବଳର ଆଖି ଓ କାନ ଭାବେ ସକ୍ରିୟ କରାଯାଇଥିଲା। ମୁଖ୍ୟ ଅଭିଯାନ ମଧ୍ୟରେ କେନ୍ଦ୍ରୀୟ ଶିଳ୍ପ ନିରାପତ୍ତା ବାହିନୀ, ତଟରକ୍ଷକ ଓ ପୁଲିସ୍ କ୍ୟୁଆରଟି ବାହିନୀ ଦ୍ୱାରା ବିଶେଷ ଅଭିଯାନ ଓ ଡ୍ରୋନ୍ ଅନୁସନ୍ଧାନ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ରାଜ୍ୟର ୪୮୦ କିମି ବନ୍ଦର ଅଞ୍ଚଳରେ ୩.୬ ଲକ୍ଷ ମତ୍ସ୍ୟଜୀବୀ ଓ ୧୯,୦୦୦ଟି ମାଛଧରା ବୋଟ୍ କାର୍ଯ୍ୟରତ ଅଛି। ପାରାଦୀପ, ଧାମରା, ଗୋପାଳପୁର ବନ୍ଦର ଓ ଅନ୍ୟାନ୍ୟ ବନ୍ଦର ଅଞ୍ଚଳରେ ମୁଖ୍ୟ ସାମୁଦ୍ରିକ ସଂସ୍ଥାନ ରହିଛି। ଏହି ସଂସ୍ଥାନ ଓଡ଼ିଶାର ପ୍ରମୁଖ ନଦୀ ଓ ସାମୁଦ୍ରିକ ଉପକୂଳରେ ଅବସ୍ଥିତ ଥିବାରୁ ସୁରକ୍ଷା ବିଭାଗ ପାଇଁ ଏହାର ସୁରକ୍ଷା ଏକ ବଡ଼ ଚ୍ୟାଲେଞ୍ଜ ହୋଇଥାଏ। ଏହି ସୁରକ୍ଷା ବ୍ୟବସ୍ଥାକୁ ଶକ୍ତିଶାଳୀ କରିବା ଜରୁରୀ ଅଟେ। ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଏକାଠି ହୋଇ ଏପରି ଅଭ୍ୟାସ ଆୟୋଜନ କରି ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରିଥା'ନ୍ତି। ଏହି ଅଭ୍ୟାସ ଦ୍ୱାରା ଉତ୍କୃଷ୍ଟ ପରିଚାଳନା ଉପରେ ଉଚ୍ଚସ୍ତରରେ ଆଲୋଚନା କରାଯାଇଥିଲା। ଏହା ଆଧାରରେ ତଟ ସୁରକ୍ଷା ପ୍ରଣାଳୀ ଓ ସମନ୍ୱୟ ବ୍ୟବସ୍ଥାକୁ ଅଧିକ ମଜବୁତ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିଲା।

## ରାହାମାରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା

କୁଜଙ୍ଗ,୨୧।୩(ସମିସ): ଜିଲ୍ଲା ନିଯୋଜନ କାର୍ଯ୍ୟାଳୟ ପକ୍ଷରୁ ରାହାମା ସାଇଲୋସ୍ଥ ମିନି ଷ୍ଟାଡ଼ିୟମରେ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କୁଜଙ୍ଗ ତହସିଲଦାର ସ୍ୱରୂପ ନନ୍ଦନ ବେହେରା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ ଅଧ୍ୟକ୍ଷ ରବୀନ୍ଦ୍ର କୁମାର ସାହୁ, ରାହାମା ମହାବିଦ୍ୟାଳୟ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାୟକ ଯୋଗ ଦେଇଥିଲେ। ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ଧର୍ମାନନ୍ଦ ବେହେରା ସଭାପତିତ୍ୱ କରିଥିଲେ। ପ୍ରଥମେ ଅତିଥିମାନେ ନିଯୁକ୍ତି ମେଳାରେ ଲାଗିଥିବା ଷ୍ଟଲ ବୁଲି ନିଯୁକ୍ତିଦାତାଙ୍କ ସହ ଆଲୋଚନା କରିଥିଲେ। ଯୁବପିଢ଼ିଙ୍କୁ କୁଶଳୀ ଓ ଦକ୍ଷ ହେବାକୁ ଅତିଥିମାନେ ଉପଦେଶ ଦେଇଥିଲେ। ଜଗତସିଂହପୁର ଜିଲ୍ଲାରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ସରକାରଙ୍କୁ ଜଣାଇବେ ବୋଲି କହିଥିଲେ। ଏହି ନିଯୁକ୍ତି ମେଳାରେ ରାଜ୍ୟ ଓ ରାଜ୍ୟ ବାହାରୁ ୫୪ଟି ସଂସ୍ଥା ଉପସ୍ଥିତ ରହି ନିଯୁକ୍ତି ପାଇଁ ଯୁବପିଢିଙ୍କୁ ମନୋନୀତ କରିଥିଲେ।

ସକାଳ
THE SAKALA



www.sakalaepaper.com

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୬.୭୫ ● ପାଉଣ୍ଡ ୧୧୧.୯୮
- ୟୁରୋ ୯୩.୭୪ ● ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୮୦,୭୦୦ (ଭୁବନେଶ୍ୱର)
- ରୁପା : ୧,୦୩,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୬,୯୦୫.୦୦
- ନିଫ୍ଟି ୨୩,୩୫୦.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



# ବ୍ୟାଙ୍କ ଧର୍ମଘଟ ପ୍ରତ୍ୟାହୃତ

- କେନ୍ଦ୍ର ଶ୍ରମ କମିଶନରଙ୍କ ସହ ବୈଠକ ପରେ ନିଷ୍ପତ୍ତି

**ନୂଆଦିଲ୍ଲୀ,୨୧।୩(ଏଜେନ୍ସି):** ଶେଷରେ ପ୍ରତ୍ୟାହାର ହୋଇଛି ବ୍ୟାଙ୍କ ଧର୍ମଘଟ। ଚଳିତମାସ ମାର୍ଚ୍ଚ ୨୪ ଓ ୨୫ ତାରିଖରେ ହେବାକୁ ଥିବା ବ୍ୟାଙ୍କ ଧର୍ମଘଟ ସ୍ଥଗିତ ରହିଛି। ୟୁନାଇଟେଡ୍ ଫୋରୋମ୍ ଅଫ୍ ବ୍ୟାଙ୍କ୍ ୟୁନିୟନ ପକ୍ଷରୁ ଡାକାର ଦିଆଯାଇଥିବା ଦୁଇ ଦିନିଆ ବ୍ୟାଙ୍କ ଧର୍ମଘଟ ନିଷ୍ପତ୍ତିକୁ ପ୍ରତ୍ୟାହାର କରାଯାଇଛି। କେନ୍ଦ୍ର ଶ୍ରମ କମିଶନର ଓ ୟୁନାଇଟେଡ୍ ଫୋରୋମ୍ ଅଫ୍ ବ୍ୟାଙ୍କ୍ ୟୁନିୟନ ମଧ୍ୟରେ ହୋଇଥିବା ବୈଠକ ପରେ ଏହି ନିଷ୍ପତ୍ତି ନିଆଯାଇଛି । ଏ ସମ୍ପର୍କରେ ଏକ ସର୍କୁଲାରରେ ୟୁଏଫ୍‌ବିୟୁ କହିଛି ଯେ ଶୁକ୍ରବାର ଧର୍ମଘଟ ପ୍ରସଙ୍ଗରେ ବୈଠକ ହୋଇଥିଲା। ଏଥିରେ ପାଞ୍ଚ ଦିନିଆ ବ୍ୟାଙ୍କିଙ୍ଗ ସପ୍ତାହ ଏବଂ ନିଯୁକ୍ତି, ପିଏଲଆଇ ଉପରେ ବିସ୍ତୃତରେ ଆଲୋଚନା ହୋଇଥିଲା। ଇଣ୍ଡିଆନ୍ ବ୍ୟାଙ୍କସ ଆସୋସିଏସନ (ଆଇବିଏ) ଓ ଫାଇନାନ୍ସ ସର୍ଭିସ୍ ବିଭାଗ (ଡିଏଫଏସ)ର ପ୍ରତିନିଧି ଏହି ବୈଠକରେ ଯୋଗଦେଇଥିଲେ। ଡିଏଫଏସର ଯୁଗ୍ମ ସଚିବ ଭିଡିଓ କନଫରେନ୍ସ ଜରିଆରେ ବୈଠକରେ ଯୋଗ ଦେଇଥିଲେ। ୟୁଏଫବିୟୁ କହିଛି ଯେ, ଏହି ଆଲୋଚନା ସକାରାତ୍ମକ ଥିଲା। କେନ୍ଦ୍ର ଶ୍ରମ କମିଶନର ୫ ଦିନ କାର୍ଯ୍ୟଦିବସ ପ୍ରସ୍ତାବକୁ ବ୍ୟକ୍ତିଗତ ଭାବେ ଅନୁଧ୍ୟାନ କରିବେ ବୋଲି କହିଛନ୍ତି। ତେଣୁ ସକାରାତ୍ମକ ଆଲୋଚନା ପରେ ଆମେ ଏହି ଧର୍ମଘଟକୁ ଆସନ୍ତା ମାସେ କିମ୍ବା ଦୁଇ ମାସ ପାଇଁ ସ୍ଥଗିତ କରିବା ପାଇଁ ନିଷ୍ପତ୍ତି ନେଇଛୁ। ପରବର୍ତ୍ତୀ ଆଲୋଚନା ଏପ୍ରିଲ ତୃତୀୟ ସପ୍ତାହରେ କରାଯିବା ନେଇ ସ୍ଥିର ହୋଇଛି। ଏଠାରେ ସୂଚନାଯୋଗ୍ୟ ଯେ, ଦୁଇଦିନିଆ ବ୍ୟାଙ୍କ ଧର୍ମଘଟ ଘୋଷଣା ପରେ ସାରା ଦେଶରେ ବ୍ୟାଙ୍କି ସେବା ମାର୍ଚ୍ଚ ୨୨ ଏବଂ ୨୩ କୁ ମିଶାଇ ମୋଟ ୪ ଦିନ ପ୍ରଭାବିତ ହେବା ନେଇ ଅନୁମାନ କରାଯାଉଥିଲା। ମାର୍ଚ୍ଚ ୨୨ ଓ ୨୩ ବ୍ୟାଙ୍କ ଛୁଟି ଥିବା ବେଳେ ଧର୍ମଘଟ ୨୪ ଓ ୨୫ରେ ହେବା ନେଇ ଘୋଷଣା ହୋଇଥିଲା। ତେଣୁ ଦେଶରେ ୪ ଦିନ ଯାଏ ବ୍ୟାଙ୍କ ବନ୍ଦ ରହିଥାନ୍ତା। ଫଳରେ ନଗଦ କାରବାର, ଚେକ୍ କ୍ଲିୟରିଂ, ରେମିଟାନ୍ସ ଓ ଋଣ ପ୍ରକ୍ରିୟା ପ୍ରଭାବିତ ହୋଇଥାନ୍ତା।

# ଏପ୍ରିଲରୁ କାମ କରିବନି ବନ୍ଦ ମୋବାଇଲ୍ ନମ୍ବରରେ ୟୁପିଆଇ

**ନୂଆଦିଲ୍ଲୀ,୨୧।୩(ଏଜେନ୍ସି):**




ଯଦି ବ୍ୟାଙ୍କରେ ଲିଙ୍କ୍ ଥିବା ଆପଣଙ୍କ ମୋବାଇଲ୍ ନମ୍ବର ଦୀର୍ଘଦିନ ହେଲା ବନ୍ଦ ପଡ଼ିଛି ତେବେ ତୁରନ୍ତ ରିଚାର୍ଜ କରି ତାହାକୁ ଆକ୍ଟିଭ୍ କରିନିଅନ୍ତୁ। ନ ହେଲେ ଆପଣ ଏହି ନମ୍ବରରୁ ଆଉ ୟୁପିଆଇ କାରବାର କରିପାରିବେନାହିଁ। ଏପ୍ରିଲ ପହିଲାଠାରୁ ପେମେଣ୍ଟ ସର୍ଭିସ୍ ସହିତ ଜଡ଼ିତ ଏହି ନିୟମ ଲାଗୁ ହେବାକୁ ଯାଉଛି। ଏହି ନୂଆ ନିୟମରେ ଯଦି ଆପଣଙ୍କ ମୋବାଇଲ ନମ୍ବର ବ୍ୟାଙ୍କ ଆକାଉଣ୍ଟ ସହ ଜଡ଼ିତ, ଆଉ ଏହା ଦୀର୍ଘଦିନ ହେଲା ବନ୍ଦ ହୋଇ ପଡ଼ିଛି ତେବେ ଏହି ନମ୍ବରରୁ ୟୁପିଆଇ ସେବା ହଟାଇ ଦିଆଯିବ। ସେହିପରି ଦୀର୍ଘଦିନ ବନ୍ଦ ପଡ଼ିବା ପରେ ପୁଣି ଆକ୍ଟିଭ କରାଯାଇଥିବା ନମ୍ବରରୁ ମଧ୍ୟ ସେବା କାଢ଼ି ନିଆଯିବ। ଏହି ନୂଆ ନିୟମ ବିଶେଷ କରି ସେମାନଙ୍କୁ ପ୍ରଭାବିତ କରିବ ଯେଉଁ ଗ୍ରାହକମାନଙ୍କର ବ୍ୟାଙ୍କ ଆକାଉଣ୍ଟରେ ବନ୍ଦ ଥିବା କିମ୍ବା ଅପ୍‌ଡେଟ୍ କରାଯାଇନ ଥିବା ମୋବାଇଲ୍ ନମ୍ବର ଲିଙ୍କ୍ ହୋଇରହିଛି। ୟୁପିଆଇ କାରବାର ନିୟନ୍ତ୍ରଣ କରୁଥିବା ନ୍ୟାସନାଲ ପେମେଣ୍ଟ କର୍ପୋରେସନ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ବ୍ୟାଙ୍କ ଏବଂ ପେମେଣ୍ଟ ସେବା ପ୍ରଦାନକାରୀମାନଙ୍କୁ ଏପରି ମୋବାଇଲ୍ ନମ୍ବରଗୁଡ଼ିକୁ ଡି-ଲିଙ୍କ୍ କରିବାକୁ ନିର୍ଦ୍ଦେଶ ଦେଇଛି। ସେହିପରି ଏନ୍‌ପିସିଆଇ ଖୁବ୍ ଶୀଘ୍ର ପୁଲ୍ ଟ୍ରାଞ୍ଜାକ୍ସନ୍ ଫିଚରକୁ ମଧ୍ୟ ବନ୍ଦ କରିପାରେ ବୋଲି କୁହାଯାଉଛି।

ସାଇବର ଠକେଇ ଏବଂ ଅନଧିକୃତ କାରବାରକୁ ରୋକିବା ପାଇଁ ଏନ୍‌ପିସିଆଇ ଏହି ନିଷ୍ପତ୍ତି ନେଇଛି। ଅନେକ ସମୟରେ, ମୋବାଇଲ୍ ନମ୍ବରଗୁଡ଼ିକ ଦୀର୍ଘଦିନ ଧରି ବନ୍ଦ ରହିବା ପରେ, ଟେଲିକମ୍ କମ୍ପାନୀଗୁଡ଼ିକ ଏହାକୁ ଅନ୍ୟ କୌଣସି ଗ୍ରାହକ ପାଇଁ ଆଲଟ୍ କରିଦିଅନ୍ତି। ଏଭଳି ପରିସ୍ଥିତିରେ ପୁରୁଣା ନମ୍ବର ସହିତ ଜଡିତ ବ୍ୟାଙ୍କ ଆକାଉଣ୍ଟରେ ଠକେଇ ହେବାର ଆଶଙ୍କା ରହୁଛି। ତେଣୁ ଏହି କାରଣରୁ, ଏନ୍‌ପିସିଆଇ ବ୍ୟାଙ୍କ

- ବନ୍ଦ ହୋଇପାରେ ପୁଲ୍ ଟ୍ରାଞ୍ଜାକ୍ସନ
- ମୋବାଇଲ୍ ନମ୍ବରଗୁଡ଼ିକୁ ଡି-ଲିଙ୍କ୍ କରିବାକୁ ନିର୍ଦ୍ଦେଶ

ଏବଂ ଗୁଗୁଲ୍ ପେ', ଫୋନ୍ ପେ' କିମ୍ବା ପେଟିଏମ୍ ଭଳି ୟୁପିଆଇଆପ୍‌ଗୁଡ଼ିକୁ ପ୍ରତି ସପ୍ତାହରେ ନିଷ୍କ୍ରିୟ ମୋବାଇଲ୍ ନମ୍ବରଗୁଡ଼ିକୁ ଚିହ୍ନଟ କରି ସେମାନଙ୍କ ସିଷ୍ଟମରୁ ସେଗୁଡ଼ିକୁ ହଟାଇବା ପାଇଁ ନିର୍ଦ୍ଦେଶ ଦେଇଛି। ଏହାର ଅର୍ଥ ହେଉଛି ଯଦି ଆପଣଙ୍କର ନମ୍ବର ଦୀର୍ଘଦିନ ଧରି ଧରି ଆକ୍ଟିଭ୍ ନ ଥିବ ତେବେ ଏହା ଅଟୋମେଟିକ ଭାବେ ବ୍ୟାଙ୍କ ରେକର୍ଡରୁ ହଟିଯାଇପାରେ। ତେବେ ମୋବାଇଲ୍ ନମ୍ବର ହଟାଇବା ପୂର୍ବରୁ ଗ୍ରାହକଙ୍କୁ ପ୍ରଥମେ ଆଲର୍ଟ ମେସେଜ୍ ପଠାଯିବ। ଏହା ସତ୍ତ୍ୱେ ବି ଯଦି କୌଣସି ମୋବାଇଲ୍ ନମ୍ବର ବନ୍ଦ ରହେ ତେବେ ଏହାକୁ ୟୁପିଆଇ ସିଷ୍ଟମରୁ ହଟାଇ ଦିଆଯିବ। ୟୁପିଆଇ ମାଧ୍ୟମରେ ପୁଲ୍ ଟ୍ରାଞ୍ଜାକ୍ସନ ଯୋଗୁ ଠକେଇ ମାମଲା ବୃଦ୍ଧି ପାଉଛି। ଏପରି ପରିସ୍ଥିତିରେ, ଏନ୍‌ପିସିଆଇ ପେମେଣ୍ଟ ଆପରୁ ପୁଲ୍ ଟ୍ରାଞ୍ଜାକ୍ସନ୍ ଫିଚର ଉପରେ ଏକ ସୀମା ସ୍ଥିର କରିବାକୁ କିମ୍ବା ଏହାକୁ ବନ୍ଦ କରିବାକୁ ଯୋଜନା କରୁଛି। ଏକ ରିପୋର୍ଟ ଅନୁଯାୟୀ, ଏନ୍‌ପିସିଆଇ ପୁଲ୍ ଟ୍ରାଞ୍ଜାକ୍ସନ ବନ୍ଦ କରିବା କିମ୍ବା ସମାପ୍ତ କରିବା ପାଇଁ ଏକ ଯୋଜନା ପ୍ରସ୍ତୁତ କରିବାକୁ ବ୍ୟାଙ୍କଗୁଡ଼ିକ ସହିତ ମିଶି କାମ କରୁଛି। ତେବେ ଏହି ଯୋଜନା ବର୍ତ୍ତମାନ ପ୍ରାରମ୍ଭିକ ପର୍ଯ୍ୟାୟରେ ରହିଛି। ତେଣୁ କିପରି କାର୍ଯ୍ୟକାରୀ ହେବ ସେ ବିଷୟରେ କୌଣସି ସରକାରୀ ସୂଚନା ପ୍ରକାଶ କରାଯାଇ ନାହିଁ।

**ଉପରମୁହାଁ ଭାରତୀୟ ସେୟାର ବଜାର**

# ୪ ବର୍ଷରେ ସବୁଠୁ ବଡ଼ ସାପ୍ତାହିକ ବୃଦ୍ଧି

**ନୂଆଦିଲ୍ଲୀ,୨୧।୩(ଏଜେନ୍ସି):** ଘରୋଇ ସେୟାର ବଜାରରେ ଉତ୍ସାହ ଲାଗିରହିଛି। ଆଜିକୁ ମିଶାଇ ଲଗାତାର ୫ମ ଦିନ ପାଇଁ ବଡ଼ ବୃଦ୍ଧି ସହ ବଜାର ବନ୍ଦ ହୋଇଛି। ସପ୍ତାହର ଶେଷ କାରବାର ଦିନରେ ସେନସେକ୍ସ ୫୫୭ ପଏଣ୍ଟ ଉପରକୁ ଉଠି ବନ୍ଦ ହୋଇଛି। ଅନ୍ୟପକ୍ଷରେ ନିଫ୍‌ଟି ୨୩,୩୫୦ ପଏଣ୍ଟ ସ୍ତରରେ ପହଞ୍ଚିଛି। ଚଳିତ ସପ୍ତାହରେ ଏହି ଦୁଇ ସୂଚକାଙ୍କ ପ୍ରାୟ ୪.୩ ପ୍ରତିଶତ ବଢିଛି, ଯାହା ଦୁଇ ପ୍ରମୁଖ ସୂଚକାଙ୍କର ଗତ ଚାରି ବର୍ଷରେ ସବୁଠୁ ଭଲ ସାପ୍ତାହିକ ପ୍ରଦର୍ଶନ। ଆଜିର ଏହି ବୃଦ୍ଧି ଯୋଗୁଁ ନିବେଶକଙ୍କ ସମ୍ପତ୍ତି ୪.୭୮ ଲକ୍ଷ କୋଟି ଟଙ୍କା ବୃଦ୍ଧି ଘଟିଛି। ଆଜିର କାରବାରରେ ସ୍ମଲ୍ ଓ ମଧ୍ୟମ ଧରଣର ସେୟାରରେ ମଧ୍ୟ ଭଲ ବୃଦ୍ଧି ଦେଖିବାକୁ ମିଳିଛି। ନିଫ୍‌ଟି ମିଡ୍‌କ୍ୟାପ୍ ୧.୪ ପ୍ରତିଶତ ଓ ସ୍ମଲ୍‌କ୍ୟାପ୍ ୨ ପ୍ରତିଶତ ବଢ଼ି ବନ୍ଦ ହୋଇଛି। କାରବାର ଶେଷରେ ବିଏସ୍‌ଇ ସେନ୍‌ସେକ୍ସ ୫୫୭.୪୫ ପଏଣ୍ଟ ବା ୦.୭୩ ପ୍ରତିଶତ ବୃଦ୍ଧି ହୋଇ ୭୬,୯୦୫.୫୧ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ଅନ୍ୟପକ୍ଷରେ ଏନ୍‌ଏସ୍‌ଇର ୫୦ ସେୟାର ବିଶିଷ୍ଟ ନିଫ୍ଟି ୧୫୯.୭୫ ପଏଣ୍ଟ ବା ୦.୬୯ ପ୍ରତିଶତ ବଢ଼ି ଘଟି ୨୩,୩୫୦.୪୦ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି।

# ତନେଇରାର ଦୁଇ ବର୍ଷ ପୂର୍ତ୍ତି ଉପଲକ୍ଷେ ଆକର୍ଷଣୀୟ ଅଫର



**ଭୁବନେଶ୍ୱର,୨୧।୩(ସମିସ) :** ଟାଟା ଉତ୍ପାଦ ତନେଇରା ଏହାର ଭୁବନେଶ୍ୱର ଷ୍ଟୋରର ଦ୍ୱିତୀୟ ବାର୍ଷିକୀ ପାଳନ କରୁଛି। ଷ୍ଟେସନ ଛକରେ ଅବସ୍ଥିତ ଏ ଷ୍ଟୋର ଶାଢ଼ି ପ୍ରେମୀଙ୍କ ସ୍ୱର୍ଗ ସଦୃଶ, ଯାହା ଗୋଟିଏ ଛାତ ତଳେ ଭାରତର ସମୃଦ୍ଧ ବୟନ ଐତିହ୍ୟର ବିବିଧ ସମ୍ଭାର ପ୍ରଦାନ କରିଥାଏ। ଭୁବନେଶ୍ୱର ଷ୍ଟୋରର ଦ୍ୱିତୀୟ ବାର୍ଷିକୀ ଅବସରରେ ତନେଇରା ଆକର୍ଷଣୀୟ ଆନିଭର୍ସରୀ ଅଫର ଆଣିଛି। ଏହା ଅନ୍ତର୍ଗତ ଗ୍ରାହକ ୨୦,୦୦୦ ଟଙ୍କା କିମ୍ବା ତଦୁର୍ଦ୍ଧ ମୂଲ୍ୟର ଶାଢ଼ି କ୍ରୟ ଉପରେ ଏକ ସୁନା ମୁଦ୍ରା ପାଇପାରିବେ। ଏହି ଅଫର ୨୦୨୫ ମାର୍ଚ୍ଚ ୨୦ରୁ ୨୪ ଯାଏ ଉପଲବ୍ଧ। ଭାରତର କାଳଜୟୀ ବୟନ ପରମ୍ପରା ପ୍ରତି ସମ୍ମାନ ଜଣାଉଛି ତନେଇରା। ଏହା ଉଭୟ ହାତତିଆରୀ ଶାଢ଼ି ଏବଂ ପୋଷାକଗୁଡ଼ିକୁ ଏକତ୍ର କରିଥାଏ, ଯାହା ଦକ୍ଷ କାରିଗରଙ୍କ ଦକ୍ଷତାକୁ ପ୍ରତିଫଳିତ କରେ । ଭୁବନେଶ୍ୱର ଷ୍ଟୋରରେ ବିସ୍ତୃତ କଲେକ୍ସନ ରହିଛି, ଯାହାକି ପ୍ରତି ଅବସରର ଚାହିଦା ମେଣ୍ଟାଇଥାଏ। ଏଭ୍ରିଡେ ୱେଠାରୁ ଆରମ୍ଭ କରି ଉତ୍ସବ ତଥା ବିବାହ କଲେକ୍ସନର ଭଳିକି ଭଳି ସମ୍ଭାର ଏଠାରେ ଉପଲବ୍ଧ। ଇକତ୍, ସମ୍ବଲପୁରୀ, ଜାମଦାନି, ବନାରସୀ, ଟସର, କାଞ୍ଜିବରମ, ସାଉଥ୍ ସିଲ୍କ, ମାହେଶ୍ୱରୀ ଏବଂ ଚନ୍ଦେରି ସମେତ ବିଭିନ୍ନ ପ୍ରକାର ଶାଢ଼ି ଗୋଟିଏ ଛାତ ତଳେ ରହିଛି। ପ୍ରତ୍ୟେକ ଶାଢ଼ି ଦେଶର ବିଭିନ୍ନ ବୟନ କ୍ଲଷ୍ଟରର ଐତିହ୍ୟକୁ ପ୍ରତିନିଧିତ୍ୱ କରୁଛି। ଶାଢ଼ି ବ୍ୟତୀତ ଷ୍ଟୋରରେ ରେଡି-ଟୁ-ୱେର୍ ପୋଷାକ, ବ୍ଲାଉଜ, ଦୁର୍ଗା, ଅନ୍‌ଷ୍ଟିଚ୍ ଦୁର୍ଗା ସେଟ୍, ଲେହେଙ୍ଗା, ଷ୍ଟୋଲ୍, ଇନର୍ ସ୍କର୍ଟ ଏବଂ ଟ୍ରାଉଜର୍‌ର ଅନନ୍ୟ ସମ୍ଭାର ରହିଛି । ଶୁଦ୍ଧ ଏବଂ ପ୍ରାକୃତିକ ଫ୍ୟାବ୍ରିକ୍ସରେ ଏସବୁ ପ୍ରସ୍ତୁତ।

# ପାସେଞ୍ଜର ଏବଂ ଇଭି ରେଞ୍ଜ ପାଇଁ ଭିକି କୌଶଳଙ୍କ ସହ ଟାଟା ମୋଟର୍ସର ସହଭାଗିତା




**ମୁମ୍ବଇ, ୨୧।୩:** ଟାଟ ମୋଟର୍ସ ଏହାର ପାସେଞ୍ଜର ଏବଂ ଇଭି ରେଞ୍ଜ ପାଇଁ ବଲିଉଡ ଅଭିନେତା ଭିକି କୌଶଳଙ୍କ ସହ ସହଭାଗିତା କରିଛି। ଭିକିଙ୍କ ଯାତ୍ରା ଟାଟା ମୋଟର୍ସର ନବସୃଜନ, ଉତ୍କର୍ଷ ଏବଂ ପ୍ରଗତିର ମୂଲ୍ୟ ସହିତ ସମ୍ପୂର୍ଣ୍ଣ ଭାବରେ ସମାନ। ଭିକିଙ୍କ ଷ୍ଟାରଡମକୁ ବୃଦ୍ଧି ସ୍ଥିରତା, ପ୍ରାମାଣିକତା ଏବଂ ଚ୍ୟାଲେଞ୍ଜିଂ ଭୂମିକା ଗ୍ରହଣ କରିବାକୁ ଏକ ଇଚ୍ଛାଶକ୍ତି ଦ୍ୱାରା ପରିଚାଳିତ ହୋଇଛି,ଗୁଣଗୁଡିକ ଯାହା ଟାଟା ମୋଟର୍ସର ଗତିଶୀଳତାର ଭବିଷ୍ୟତ ଗଠନ ସହିତ ସମ୍ପୂର୍ଣ୍ଣ ରୂପେ ସମାନ। ଯେହେତୁ ଟାଟା ମୋଟର୍ସ ଅଟୋମୋବାଇଲ୍ ଡିଜାଇନ୍, କାର୍ଯ୍ୟଦକ୍ଷତା ଏବଂ ପ୍ରଯୁକ୍ତିବିଦ୍ୟାର ସୀମାକୁ ଆଗକୁ ବି ଜାରି ରହିଛି।

# ପରିବର୍ତ୍ତିତ ପାଣିପାଗ ଫସଲ ପାଇଁ କାଳ

**ରିଜର୍ଭ ବ୍ୟାଙ୍କ ବୁଲେଟିନ୍‌ରେ ଚିନ୍ତା ପ୍ରକଟ**



**ନୂଆଦିଲ୍ଲୀ, ୨୧।୩(ଏଜେନ୍ସି):** ବିଗତ କିଛି ବର୍ଷ ହେବ ଭାରତରେ ଜଳବାୟୁରେ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି। ଏଥିରୁ ଭବିଷ୍ୟତ ଅନିଶ୍ଚିତ ହୋଇପଡିଛି। ଏହାର ସବୁଠୁ ବଡ଼ ପ୍ରଭାବ ଏବେ ଫସଲ ଉତ୍ପାଦନ ଉପରେ ସ୍ପଷ୍ଟ ଦେଖାଯାଉଛି। ଏହି କ୍ଷତି ଖାଦ୍ୟଶସ୍ୟ ଉତ୍ପାଦନ ବଢ଼ାଇବା ପାଇଁ କରାଯାଉଥିବା ଉଦ୍ୟମକୁ ଏବେ ନିଷ୍ଫଳ କଲାଣି। ଏହି କଥା ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଦ୍ୱାରା ଜାରି ମାସିକ ବୁଲେଟିନ୍‌ରେ କୁହାଯାଇଛି। ଏହାକୁ ନେଇ କେନ୍ଦ୍ରୀୟ ବ୍ୟାଙ୍କ ଚିନ୍ତା ପ୍ରକଟ କରିଛି।

ଏଥିରେ ଆରବିଆଇ କ୍ଷେତ୍ର ଅନୁସାରେ ଓ ଫସଲ ଆଧାରରେ ବ୍ୟାପକ ଅଧ୍ୟୟନ ପୂର୍ବକ ଜଳସେଚନ ବ୍ୟବସ୍ଥା ନିମନ୍ତେ ସରକାର ନୂଆ ନୀତି ପ୍ରସ୍ତୁତ କରନ୍ତୁ ବୋଲି ପରାମର୍ଶ ଦେଇଛି। ଖାସ କରି ମକା, ଡାଲିଜାତୀୟ ଓ ତୈଳ ବିଜ ଉତ୍ପାଦନ ନିମନ୍ତେ ପାଣିପାଗ ଅନୁସାରେ ଅତ୍ୟଧିକ ପରିବର୍ତ୍ତନର ଆବଶ୍ୟକତା ରହିଥିବା କୁହାଯାଇଛି। ଡାଲି ଓ ତୈଳ ବିଜ ଉତ୍ପାଦନ ଦେଶର ସାଧାରଣ ମୁଦ୍ରାସ୍ଫିତି ଉପରେ ଢେର ପ୍ରଭାବ ପକାଉଛି। ଏଣୁ କେନ୍ଦ୍ରୀୟ ବ୍ୟାଙ୍କ ଫସଲ ଉତ୍ପାଦନକୁ ନେଇ ସରକାରଙ୍କ ଧ୍ୟାନ ଆକର୍ଷିତ କରିଛନ୍ତି। ଆରବିଆଇ ଗବେଷକମାନେ ଦେଶର ବିଭିନ୍ନ ଭାଗରେ ଖାଦ୍ୟଶସ୍ୟ ଉତ୍ପାଦନର ପଦ୍ଧତିକୁ ଦୀର୍ଘ ସମୟ ଧରି ଅତି ନିକଟରୁ ଅଧ୍ୟୟନ କରିବା ପରେ ଏହି ଆଲେଖ୍ୟ ପ୍ରକାଶନ କରିଛନ୍ତି। ଏଥିରେ ମୋଟାମୋଟି ଭାବେ ଏ କଥା କୁହାଯାଇଛି ଯେ ଭାରତରେ ଏବେ ବି ଅନେକ ପ୍ରକାରର ଖାଦ୍ୟଶସ୍ୟ ଉତ୍ପାଦନ ପାଣିପାଗ ଉପରେ ନିର୍ଭରଶୀଳ। ଏଥିରେ ଧାନ,ଗହମ, ଡାଲି ଓ ତୈଳବିଜ ଉତ୍ପାଦନ ସ୍ତର ଅନେକାଂଶରେ ପାଣିପାଗ ଉପରେ ନିର୍ଭରଶୀଳ। କେବେ ଆବଶ୍ୟକତାଠାରୁ ଅଧିକ ତ ଆଉ କେବେ ଆବଶ୍ୟକତାଠାରୁ କମ୍ ବର୍ଷା ଉତ୍ପାଦନର ଗଣିତକୁ ବିଗାଡି ଦେଉଛି। ଏଣୁ କ୍ଷେତ୍ର ଅନୁସାରେ ଓ ଫସଲକୁ ଦେଖି ଯଦି ଜଳ ପରିଚାଳନା କରାଯାଏ ତେବେ ପାଣିପାଗ ଅନିଶ୍ଚିତତାରୁ ରକ୍ଷା ମିଳିପାରିବ। ଉଦାହରଣ ରୂପେ ଯେଉଁ କ୍ଷେତ୍ରରେ ଆବଶ୍ୟକତାଠାରୁ ଅଧିକ ବର୍ଷା ହେଉଛି ସେଠାରେ ନିର୍ଦ୍ଧାରିତ ସମୟ ପୂର୍ବରୁ ବିଜରୋପଣ କରିବାକୁ ପରାମର୍ଶ ଦିଆଯାଇଛି। ଯଦି ମକା ଫସଲ ଲାଗି ଏପରି ପ୍ରବନ୍ଧନ କରାଯାଇପାରନ୍ତା ତେବେ ଭଲ ହୁଅନ୍ତା। ନୀତି ନିର୍ଦ୍ଧାରକମାନେ ପାଗରେ ହେଉଥିବା ପରିବର୍ତ୍ତନ ଅନୁସାରେ ଜଳ ନିଷ୍କାସନ ବ୍ୟବସ୍ଥା, ଫସଲର ବିବିଧକରଣ ଆଦି ଉପରେ ଧ୍ୟାନ ଦେବା ଦରକାର ଯାହାଦ୍ୱାରା ଉତ୍ପାଦନ ଉପରେ କମ୍ ପ୍ରଭାବ ପଡିବ। ଏହି ଆଲେଖ୍ୟରେ ୨୦୨୩ ଓ ୨୦୨୪ ବର୍ଷରେ ପାଣିପାଗ ପରିବର୍ତ୍ତନ ଓ ଖାଦ୍ୟଶସ୍ୟ ଉତ୍ପାଦନ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ଏହି ଦୁଇ ବର୍ଷରେ ମୌସୁମୀ ସ୍ୱାଭାବିକ ରହୁଥିବା ଅଞ୍ଚଳରେ କମ୍ ବର୍ଷା ରେକର୍ଡ ହୋଇଛି। ୨୦୨୩ରେ ଏପରି ୧୨୧ ଜିଲ୍ଲା ଥିଲା, ଯେଉଁଠି ମୌସୁମୀ ସ୍ୱାଭାବିକ ଥିଲା। ହେଲେ ୨୦୨୪ରେ ଏହି ଜିଲ୍ଲାଗୁଡିକରେ ମୌସୁମୀ ଅସ୍ୱାଭାବିକ ଥିଲା। ଯଦି ଏହି ଜିଲ୍ଲାମାନଙ୍କର ଖାଦ୍ୟ ଶସ୍ୟ ଉତ୍ପାଦନ ଦେଖାଯାଏ ତେବେ କେବଳ ଧାନ ଫସଲ ହିଁ ଲକ୍ଷ୍ୟପୂରଣ କରିବାରେ ସକ୍ଷମ ହୋଇଥିଲା। ଏଠାରେ ତୈଳବିଜ ଓ ଡାଲି ଜାତୀୟ ଖାଦ୍ୟଶସ୍ୟ ଉତ୍ପାଦନ ଲକ୍ଷ୍ୟ ପୂରଣ ହୋଇ ପାରି ନ ଥିଲା।

**ସହଜ ହେବ ରାଜ୍ୟଙ୍କ ମଧ୍ୟରେ ଟିକସ ଆବଣ୍ଟନ**

# ଏପ୍ରିଲ ପହିଲାରୁ ଲାଗୁହେବ ଆଇଏସ୍‌ଡି ସିଷ୍ଟମ୍

**ନୂଆଦିଲ୍ଲୀ,୨୧।୩(ଏଜେନ୍ସି):**

କେନ୍ଦ୍ର ସରକାର ଖୁବ୍ ଶୀଘ୍ର ସାମଗ୍ରୀ ଏବଂ ସେବା ଟିକସ (ଜିଏସ୍‌ଟି) ନିୟମରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିବାକୁ ଯାଉଛନ୍ତି। ଅଧୀନରେ କେନ୍ଦ୍ରୀୟ ଜିଏସ୍‌ଟି (ସିଜିଏସ୍‌ଟି) ଆଇନକୁ ସଂଶୋଧନ କରାଯାଇଛି। ଏହି ବ୍ୟବସ୍ଥା ବିଭିନ୍ନ ରାଜ୍ୟରେ କାର୍ଯ୍ୟ କରୁଥିବା ବ୍ୟବସାୟଗୁଡ଼ିକୁ ସୁବିଧା ପ୍ରଦାନ କରେ। ଏହା ଅଧୀନରେ, ବ୍ୟବସାୟଗୁଡ଼ିକ

**ଜିଏସ୍‌ଟିରେ ଖୁବ୍‌ଶୀଘ୍ର ବଡ଼ ପରିବର୍ତ୍ତନ**

ଏହା ଅଧୀନରେ, ଇନପୁଟ୍ ସେବା ବିତରକ (ଆଇଏସ୍‌ଡି) ସିଷ୍ଟମ ଆସନ୍ତା ଏପ୍ରିଲ ପହିଲାରୁ କାର୍ଯ୍ୟକାରୀ ହେବାକୁ ଯାଉଛି। ଏହି ବ୍ୟବସ୍ଥାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ରାଜ୍ୟଗୁଡ଼ିକ ମଧ୍ୟରେ ଟିକସ ରାଜସ୍ୱର ଉପଯୁକ୍ତ ବଣ୍ଟନ ସୁନିଶ୍ଚିତ କରିବା। ବିଶେଷଜ୍ଞମାନଙ୍କ ମତରେ ଏହି ପଦକ୍ଷେପ ଆଇଏସ୍‌ଡି ପ୍ରଣାଳୀ କାର୍ଯ୍ୟକାରୀ କରିବା ପାଇଁ ୨୦୨୪ର ଆର୍ଥିକ ଆଇନ (ନମ୍ବର ୧) ସେମାନଙ୍କର ଗୋଟିଏ ଶାଖା କିମ୍ବା ମୁଖ୍ୟାଳୟରେ ସାଧାରଣ ଇନପୁଟ୍ ସେବା ପାଇଁ ଇନଭଏସ୍ କେନ୍ଦ୍ରୀକୃତ କରିପାରିବେ। ଏହା ସହଭାଗୀ ସେବା ବ୍ୟବହାର କରୁଥିବା ଶାଖାଗୁଡ଼ିକ ମଧ୍ୟରେ ଇନପୁଟ୍ ଟିକସ କ୍ରେଡିଟ୍ (ଆଇଟିସି)ର ସମାନ ବଣ୍ଟନକୁ ସକ୍ଷମ କରିଥାଏ। ଇନପୁଟ୍ ଟ୍ୟାକ୍ସ କ୍ରେଡିଟ୍ ହେଉଛି ବ୍ୟବସାୟଗୁଡ଼ିକ ସେମାନଙ୍କର କ୍ରୟ ଉପରେ ଦେଉଥିବା



GST Registration under GST Law.

ଟିକସ। ଏହାକୁ ଆଉଟପୁଟ୍ ଟିକସ (ବିକ୍ରି ଉପରେ ଲାଗୁ ହେଉଥିବା ଟିକସ)ରୁ କାଟି ଦିଆଯାଇପାରିବ, ଯାହାଦ୍ୱାରା ବ୍ୟବସାୟର ସାମଗ୍ରିକ ଜିଏସ୍‌ଟି ଦାୟିତ୍ୱ ହ୍ରାସ ପାଇବ। ନୂତନ ନିୟମ ଅନୁଯାୟୀ, ଆଇଏସ୍‌ଡି ସିଷ୍ଟମର ବ୍ୟବହାର ବାଧ୍ୟତାମୂଳକ ହେବ, ଯାହାଦ୍ୱାରା ଆଇଟିସି ସଠିକ୍ ଏବଂ ସ୍ୱଚ୍ଛ ଭାବରେ ବଣ୍ଟନ କରାଯାଇପାରିବ। ଏହା ବ୍ୟବସାୟଗୁଡ଼ିକୁ ପ୍ରଭାବଶାଳୀ ଭାବରେ ସେମାନଙ୍କର ଟିକସ ଦାୟିତ୍ୱ ହ୍ରାସ କରିବାରେ ସାହାଯ୍ୟ କରିବ। ପୂର୍ବରୁ, ବ୍ୟବସାୟଗୁଡ଼ିକର ଅନ୍ୟ ଜିଏସ୍‌ଟି ପଞ୍ଜିକରଣରେ ସାଧାରଣ ଆଇଟିସି ଆବଣ୍ଟନ କରିବା ପାଇଁ ଦୁଇଟି ବିକଳ୍ପ ଥିଲା। ଏବେ ଏପ୍ରିଲ ପହିଲାଠାରୁ, ଯଦି ଆଇଏସ୍‌ଡି ବ୍ୟବହାର ନ କରାଯାଏ, ତେବେ ପ୍ରାପ୍ତକର୍ତ୍ତାଙ୍କ ସ୍ଥାନ ପାଇଁ ଆଇଟିସି ଦିଆଯିବ ନାହିଁ। ଏହି ଆଇଏସ୍‌ଡି ସିଷ୍ଟମ କେବଳ ରାଜ୍ୟଗୁଡ଼ିକ ମଧ୍ୟରେ ଟିକସ ରାଜସ୍ୱର ନ୍ୟାୟସଙ୍ଗତ ବଣ୍ଟନ କରିବ ନାହିଁ ବରଂ ବ୍ୟବସାୟଗୁଡ଼ିକୁ ସେମାନଙ୍କର ଟିକସ ଦେୟକୁ ଭଲ ଭାବରେ ପରିଚାଳନା କରିବାରେ ମଧ୍ୟ ସାହାଯ୍ୟ କରିବ। ଏହି ପଦକ୍ଷେପ ଟିକସ ଚୋରି ରୋକିବା ଏବଂ ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବାରେ ମଧ୍ୟ ସହାୟକ ହେବ।

# ଟିପିସିଓଡିଏଲ୍ ପକ୍ଷରୁ ଗ୍ରୀଷ୍ମ ମୁକାବିଲା ପ୍ରସ୍ତୁତି

**ଭୁବନେଶ୍ୱର,୨୧।୩(ସମିସ):** ୨୦୨୫ ଗ୍ରୀଷ୍ମଋତୁରେ ତାପମାତ୍ରା ବୃଦ୍ଧି ପାଉଥିବାରୁ ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ବର୍ଦ୍ଧିତ ବିଦ୍ୟୁତ ଚାହିଦାକୁ ପୂରଣ କରିବାକୁ ପ୍ରସ୍ତୁତ ରହିଛି। ୨୫୨୪ ମେଗାୱାଟ୍‌ର ସର୍ବୋଚ୍ଚ ଚାହିଦା ସହିତ ଟିପିସିଓଡିଏଲ୍ ନିରବଚ୍ଛିନ୍ନ ବିଜୁଳି ଯୋଗାଣ ସୁନିଶ୍ଚିତ କରିବା ପାଇଁ ଅନେକ ସକ୍ରିୟ ପଦକ୍ଷେପ ଗ୍ରହଣ କରିଛି। ବିଦ୍ୟୁତ୍ ବଂଟନ କ୍ଷମତାକୁ ସୁଦୃଢ଼ କରିବା ପାଇଁ ଟିପିସିଓଡିଏଲ୍ ପକ୍ଷରୁ ଭୁବନେଶ୍ୱରରେ ଏକ କେନ୍ଦ୍ରୀଭୂତ



ବିଦ୍ୟୁତ ବିତରଣ ପ୍ରଯୁକ୍ତି କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ଏହି ଉନ୍ନତ ସୁବିଧା ସୁପରଭାଇଜରୀ କଂଟ୍ରୋଲ ଆଣ୍ଡ ଡାଟା ଆକ୍ୱିଜିସନ (ଏସସିଏଡିଏ) ଏବଂ ଏକ ଉନ୍ନତ ବିତରଣ ପରିଚାଳନା ବ୍ୟବସ୍ଥା (ଏଡିଏମଏସ) ମାଧ୍ୟମରେ ନେଟୱାର୍କର ବାସ୍ତବ ସମୟ ନିରୀକ୍ଷଣକୁ ସକ୍ଷମ କରୁଛି, ଯାହା ୩୩ କେଭି ଫିଡର, ପ୍ରାଥମିକ ସବ୍‌ଷ୍ଟେସନ (ପିଏସଏସ) ଏବଂ ୧୧ କେଭି ଫିଡରର ନିରବଚ୍ଛିନ୍ନ ପରିଚାଳନା ସୁନିଶ୍ଚିତ କରୁଛି। ପାୱାର ସିଷ୍ଟମ କେଣ୍ଟ୍ରୋଲ ସେଣ୍ଟର (ପିଏସସିସି)ରେ ବ୍ୟାକଅପ୍ ପାୱାର ବ୍ୟବସ୍ଥା ଏବଂ ଉତ୍ସର୍ଗୀକୃତ ଯୋଗାଯୋଗ ଚ୍ୟାନେଲଗୁଡିକ ପରିଚାଳନାଗତ ନିରନ୍ତରତାକୁ ଆହୁରି ସୁଦୃଢ଼ କରିପାରିଛି।



# ଇଣ୍ଡିଆନ ପ୍ରିମିୟର ଲିଗ୍-୨୦୨୫



ଭାରତରେ ଖେଳାଯାଉଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ ବିଶ୍ୱରେ ସବୁଠାରୁ ଲୋକପ୍ରିୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ। ବିସିସିଆଇ (ବୋର୍ଡ ଅଫ୍ କଣ୍ଟ୍ରୋଲ ଫର କ୍ରିକେଟ ଇନ୍ ଇଣ୍ଡିଆ) ର ଏହା ଏକ ଘରୋଇ କ୍ରିକେଟ ଲିଗ୍ ହୋଇଥିଲେ ମଧ୍ୟ ଅନ୍ତର୍ଜାତୀୟ ସ୍ତରର ଖେଳ ଏହାର ମୁଖ୍ୟ ଆକର୍ଷଣ। ଏହି ଲିଗ୍‌ରେ ସଫଳତା ପାଇବା ଅର୍ଥ ରାତାରାତି ଷ୍ଟାରରେ ପରିଣତ ହେବ। ଦେଶ ବିଦେଶର ଅନେକ ଖେଳାଳି ଏପରି ସଫଳତା ହାସଲ କରି ଜିରୋରୁ ହିରୋରେ ପରିଣତ ହୋଇଛନ୍ତି। ୨୦୦୮ ରୁ ଲଳିତ ମୋଦୀଙ୍କ ପ୍ରଚେଷ୍ଟାରେ ଆରମ୍ଭ ହୋଇଥିବା ଏହି ଲିଗ୍ ଏବେ ଏକ ଆନ୍ଦୋଳନରେ ପରିଣତ ହୋଇଯାଇଛି। ଭାରତ ବାହାର ଦେଶର ଜଣେ ଖେଳାଳିଙ୍କୁ ନିଜ ଦେଶର ଦଳ ଅପେକ୍ଷା ଆଇପିଏଲ୍ ଟିମ୍‌ରେ ସ୍ଥାନ ପାଇବା କଷ୍ଟକର ହେଉଛି। ଏଭଳି ଏକ ପ୍ରତିଦ୍ୱନ୍ଦ୍ୱିତାମୂଳକ ଲିଗ୍‌ରେ ଖେଳିବା ଅନେକ ଖେଳାଳି ନିଜର ସୌଭାଗ୍ୟ ବୋଲି ବିବେଚନା କରିଥାନ୍ତି। ଏଥର ଲିଗ୍‌ରେ ୧୦ଟି ଦଳ ଅଂଶଗ୍ରହଣ କରୁଛନ୍ତି। ୨୦୨୫ ମାର୍ଚ୍ଚ ୨୨ରୁ ଏହି ଲିଗ୍ ଆରମ୍ଭ ହୋଇ ମେ' ୨୫ରେ ଶେଷ ହେବ। ଏଥିରେ ମୋଟ ୭୪ଟି ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

## ■ ଫର୍ମାଟ

ଏହି ଟୁର୍ଣ୍ଣାମେଣ୍ଟରେ ୧୦ଟି ଦଳ ଭାଗନେଇଥିବାବେଳେ ପୂର୍ବବର୍ଷ ପରି ଏଗୁଡିକୁ ୨ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ପ୍ରତ୍ୟେକ ଗ୍ରୁପ୍‌ରେ ୫ଟି ଲେଖାଏଁ ଦଳ ସ୍ଥାନ ପାଇଛନ୍ତି। ଗ୍ରୁପ୍ ପର୍ଯ୍ୟାୟରେ ପ୍ରତ୍ୟେକ ଦଳ ଅନ୍ୟ ସହ ୨ଥର ଲେଖାଏଁ ଖେଳିବେ। ସେହିପରି ଗୋଟିଏ ଗ୍ରୁପର ଗୋଟିଏ ଦଳ ଅନ୍ୟ ଗ୍ରୁପ୍‌ର ଗୋଟିଏ ଦଳ ସହ ମଧ୍ୟ ୨ଟି ମ୍ୟାଚ୍ ଖେଳିବ। ଏହା ଗ୍ରୁପ୍‌ର ସିଡିଂ ଉପରେ ଦଳ ନିର୍ଦ୍ଧାରିତ ହେବ। ମନେ କରାଯାଉ ଗ୍ରୁପ୍-ଏ'ରେ ଚେନ୍ନାଇର ସିଡ୍ ନଂ-୧ ଓ ଗ୍ରୁପ୍-ବି'ରେ ମୁମ୍ବାଇ ସିଡ ନଂ-୧ ରହିଛି। ଏହା ଫଳରେ ଚେନ୍ନାଇ ଓ ମୁମ୍ବାଇ ପରସ୍ପର ସହ ୨ଥର ମ୍ୟାଚ୍ ଖେଳିବେ। ଏହା ବ୍ୟତୀତ ଅନ୍ୟ ଗ୍ରୁପ୍‌ର ୪ଟି ଦଳ ସହ ଗୋଟିଏ ଲେଖାଏଁ ମ୍ୟାଚ୍ ଅନ୍ୟ ଗ୍ରୁପ୍‌ର ଦଳ ଖେଳିବେ। ଏସବୁକୁ ହିସାବକୁ ନେଲେ ଗୋଟିଏ ଦଳ ଲିଗ୍ ପର୍ଯ୍ୟାୟରେ ପୂର୍ବପରି ୧୪ଟି ଲେଖାଏଁ ମ୍ୟାଚ୍ ଖେଳିବ। ନିୟମ ଅନୁଯାୟୀ ଗ୍ରୁପ୍ ପର୍ଯ୍ୟାୟରେ ୪ଟି ଦଳ ସହ ୮ଟି, ଅନ୍ୟ ଗ୍ରୁପ୍‌ର ଗୋଟିଏ ଦଳ ସହ ୨ଟି ମ୍ୟାଚ୍ ଖେଳିବ। ଏହାର ଅର୍ଥ ଗୋଟିଏ ଦଳ ଅନ୍ୟ ୫ଟି ଦଳ ସହ ୨ଟି ଲେଖାଏଁ ମୋଟ ୧୦ଟି ମ୍ୟାଚ୍ ଖେଳିବ। ସେହିପରି ଅନ୍ୟ ୪ଟି ଦଳ ସହ ୪ଟି ଲେଖାଏଁ ଖେଳିଲେ ଗୋଟିଏ ଦଳ ମୋଟରେ ୧୪ଟି ମ୍ୟାଚ୍ ଖେଳିବ।

ଲିଗ୍ ପର୍ଯ୍ୟାୟ ପରେ ପଏଣ୍ଟ ତାଲିକାରେ ପ୍ରଥମ ୪ଟି ସ୍ଥାନ ହାସଲ କରିଥିବା ଦଳ ପ୍ଲେ ଅଫ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବେ। ଲହା ମଧ୍ୟରୁ ପ୍ରଥମ ଦୁଇ ଦଳ ମଧ୍ୟରେ କ୍ୱାଲିଫାୟର-୧ ଖେଳାଯିବ। ଏହି ମ୍ୟାଚ୍‌ର ବିଜେତା ସିଧାସଳଖ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ ଓ ପରାଜିତ ଦଳ କ୍ୱାଲିଫାୟର-୨ରେ ଖେଳିବ। ତୃତୀୟ ଓ ଚତୁର୍ଥ ଦଳ ମଧ୍ୟରେ ଏଲିମିନେଟର ଖେଳାଯିବ। ଏହି ମ୍ୟାଚ୍‌ରେ ପରାଜିତ ଦଳ ପ୍ରତିଯୋଗିତାରୁ ବାଦ୍ ପଡ଼ିବ ଓ ବିଜେତା ଦଳ କ୍ୱାଲିଫାୟର-୨ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ। ଉଭୟ କ୍ୱାଲିଫାୟରର ବିଜେତା ଦଳ ମଧ୍ୟରେ ଫାଇନାଲ ମୁକାବିଲା ହେବ।

## ୧୩ ଭେନ୍ୟୁରେ ୭୪ ମ୍ୟାଚ୍

ଆଇପିଏଲ୍‌ର ଅଷ୍ଟାଦଶ ସଂସ୍କରଣ ଏଥର ଦୀର୍ଘ ୬୫ ଦିନ ଧରି ଚାଲିବ। ମେ ୨୫ରେ ଗ୍ରାଣ୍ଡ ଫାଇନାଲକୁ ମିଶାଇ ୧୩ଟି ଭେନ୍ୟୁରେ ସର୍ବମୋଟ୍ ୭୪ ମ୍ୟାଚ୍ ଖେଳାଯିବ। ଏହି ଭେନ୍ୟୁଗୁଡ଼ିକ ହେଲା କୋଲକାତା (ଇଡେନ ଗାର୍ଡେନ୍ସ ଷ୍ଟାଡିୟମ), ଅହମ୍ମଦାବାଦ (ନରେନ୍ଦ୍ର ମୋଦୀ ଷ୍ଟାଡିୟମ), ବେଙ୍ଗାଲୁରୁ (ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ), ଚେନ୍ନଇ (ଏମଏ ଚିଦାମ୍ବରମ ଷ୍ଟାଡିୟମ), ଦିଲ୍ଲୀ (ଅରୁଣ ଜେଟ୍‌ଲୀ ଷ୍ଟାଡିୟମ), ଧର୍ମଶାଳା (ଏଚ୍‌ପିସିଏ କ୍ରିକେଟ୍ ଷ୍ଟାଡିୟମ), ଗୌହାଟୀ (ବର୍ସାପରା କ୍ରିକେଟ ଷ୍ଟାଡିୟମ), ହାଇଦରାବାଦ୍ (ରାଜୀବ ଗାନ୍ଧୀ ଷ୍ଟାଡିୟମ), ଜୟପୁର (ସୱାଇ ମାନସିଂ ଷ୍ଟାଡିୟମ), ଲକ୍ଷ୍ନୌ (ଏକନା କ୍ରିକେଟ ଷ୍ଟାଡିୟମ), ମୁଲାନପୁର (ମହାରାଜ ଯାଦବିନ୍ଦର ସିଂହ ଷ୍ଟାଡିୟମ), ମୁମ୍ବଇ (ୱାଙ୍ଖଡେ ଷ୍ଟାଡିୟମ) ଓ ବିଶାଖାପାଟନମ (ଏସିଏ-ଭିଡିସିଏ ଷ୍ଟାଡିୟମ)।

## ■ ୧୨ ଡବଲ୍ ହେଡର୍ ମ୍ୟାଚ୍

ମୋଟ୍ ଉପରେ ୧୩ଟି ଭେନ୍ୟୁରେ ମ୍ୟାଚ୍ ଖେଳାଯିବ। ୧୦ଟି ଦଳର ଘରୋଇ ଭେନ୍ୟୁକୁ ବାଦ୍ ଦେଲେ ୩ଟି ସବଷ୍ଟିଚ୍ୟୁଟ ଭେନ୍ୟୁ ମଧ୍ୟ ରଖାଯାଇଛି। କୋଲକାତାର ଇଡେନ ଗାର୍ଡେନ୍ସ ଓ ହାଇଦରାବାଦର ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ସର୍ବାଧିକ ୯ଟି ଲେଖାଏ ମ୍ୟାଚ୍ ଖେଳାଯିବ। ଏହି ଦୁଇଟି ଭେନ୍ୟୁରେ ୭ଟି ଘରୋଇ ମ୍ୟାଚ୍‌କୁ ବାଦ ଦେଲେ ୨ଟି ଲେଖାଏ ପ୍ଲେ-ଅଫ୍ ମୁକାବିଲା ମଧ୍ୟ ଖେଳାଯିବ। ଏଥର ଆଇପିଏଲ୍‌ରେ ୧୨ଟି ଡବଲ ହେଡର ରଖାଯାଇଛି। ଅର୍ଥାତ ୧୨ଥର ଗୋଟିଏ ଦିନରେ ଦୁଇଟି ଲେଖାଏ ମ୍ୟାଚ୍ ଖେଳାଯିବ। ସବୁ ଡବଲ ହେଡର ଶନିବାର କିମ୍ବା ରବିବାର ଖେଳାଯିବ। ଡବଲ୍ ହେଡର୍‌ର ପ୍ରଥମ ମ୍ୟାଚ୍ ଅପରାହ୍ଣ ୩ଟା ୩୦ ଓ ଦ୍ୱିତୀୟ ମ୍ୟାଚ୍ ରାତି ୭ଟା ୩୦ରେ ଆରମ୍ଭ ହେବ। ଅପରପକ୍ଷରେ ଯେଉଁଦିନ ଗୋଟିଏ ଲେଖାଏ ମ୍ୟାଚ୍ ଖେଳାଯିବ ଏହା ରାତି ୭ଟା ୩୦ରୁ ହେବ।

## ଆଇପିଏଲ୍ କାର୍ଯ୍ୟସୂଚୀ

| ନଂ | ତାରିଖ | ମ୍ୟାଚ୍ | ସମୟ | ସ୍ଥାନ |
|---|---|---|---|---|
| ୧ | ୨୨।୩ | କୋଲକାତା- ବେଙ୍ଗାଲୁରୁ | ସନ୍ଧ୍ୟା ୭.୩୦ | କୋଲକାତା |
| ୨ | ୨୩।୩ | ହାଇଦ୍ରାବାଦ- ରାଜସ୍ଥାନ | ଅପରାହ୍ଣ ୩.୩୦ | ହାଇଦରାବାଦ୍ |
| ୩ | ୨୩।୩ | ଚେନ୍ନାଇ- ମୁମ୍ବାଇ | ସନ୍ଧ୍ୟା ୭.୩୦ | ଚେନ୍ନଇ |
| ୪ | ୨୪।୩ | ଦିଲ୍ଲୀ- ଲକ୍ଷ୍ନୌ | ସନ୍ଧ୍ୟା ୭.୩୦ | ବିଶାଖାପାଟଣା |
| ୫ | ୨୫।୩ | ଗୁଜରାଟ- ପଞ୍ଜାବ | ସନ୍ଧ୍ୟା ୭.୩୦ | ଅହମ୍ମଦାବାଦ୍ |
| ୬ | ୨୬।୩ | ରାଜସ୍ଥାନ- କୋଲକାତା | ସନ୍ଧ୍ୟା ୭.୩୦ | ଗୌହାଟୀ |
| ୭ | ୨୭।୩ | ହାଇଦ୍ରାବାଦ- ଲକ୍ଷ୍ନୌ | ସନ୍ଧ୍ୟା ୭.୩୦ | ହାଇଦରାବାଦ୍ |
| ୮ | ୨୮।୩ | ଚେନ୍ନାଇ- ବେଙ୍ଗାଲୁରୁ | ସନ୍ଧ୍ୟା ୭.୩୦ | ଚେନ୍ନଇ |
| ୯ | ୨୯।୩ | ଗୁଜରାଟ- ମୁମ୍ବାଇ | ସନ୍ଧ୍ୟା ୭.୩୦ | ଅହମ୍ମଦାବାଦ୍ |
| ୧୦ | ୩୦।୩ | ଦିଲ୍ଲୀ- ହାଇଦ୍ରାବାଦ | ଅପରାହ୍ଣ ୩.୩୦ | ବିଶାଖାପାଟଣା |
| ୧୧ | ୩୦।୩ | ରାଜସ୍ଥାନ- ଚେନ୍ନାଇ | ସନ୍ଧ୍ୟା ୭.୩୦ | ଗୌହାଟୀ |
| ୧୨ | ୩୧।୩ | ମୁମ୍ବାଇ- କୋଲକାତା | ସନ୍ଧ୍ୟା ୭.୩୦ | ମୁମ୍ବଇ |
| ୧୩ | ୧।୪ | ଲକ୍ଷ୍ନୌ- ପଞ୍ଜାବ | ସନ୍ଧ୍ୟା ୭.୩୦ | ଲକ୍ଷ୍ନୌ |
| ୧୪ | ୨।୪ | ବେଙ୍ଗାଲୁରୁ-ଗୁଜରାଟ | ସନ୍ଧ୍ୟା ୭.୩୦ | ବେଙ୍ଗାଲୁରୁ |
| ୧୫ | ୩।୪ | କୋଲକାତା- ହାଇଦ୍ରାବାଦ | ସନ୍ଧ୍ୟା ୭.୩୦ | କୋଲକାତା |
| ୧୬ | ୪।୪ | ଲକ୍ଷ୍ନୌ- ମୁମ୍ବାଇ | ସନ୍ଧ୍ୟା ୭.୩୦ | ଲକ୍ଷ୍ନୌ |
| ୧୭ | ୫।୪ | ଚେନ୍ନାଇ- ଦିଲ୍ଲୀ | ଅପରାହ୍ଣ ୩.୩୦ | ଚେନ୍ନଇ |
| ୧୮ | ୫।୪ | ପଞ୍ଜାବ- ରାଜସ୍ଥାନ | ସନ୍ଧ୍ୟା ୭.୩୦ | ନ୍ୟୁ ଚଣ୍ଡିଗଡ଼ |
| ୧୯ | ୬।୪ | କୋଲକାତା- ଲକ୍ଷ୍ନୌ | ଅପରାହ୍ଣ ୩.୩୦ | ଗୌହାଟୀ |
| ୨୦ | ୬।୪ | ହାଇଦ୍ରାବାଦ- ଗୁଜରାଟ | ସନ୍ଧ୍ୟା ୭.୩୦ | ହାଇଦରାବାଦ୍ |
| ୨୧ | ୭।୪ | ମୁମ୍ବାଇ- ବେଙ୍ଗାଲୁରୁ | ସନ୍ଧ୍ୟା ୭.୩୦ | ମୁମ୍ବଇ |
| ୨୨ | ୮।୪ | ପଞ୍ଜାବ- ଚେନ୍ନାଇ | ସନ୍ଧ୍ୟା ୭.୩୦ | ନ୍ୟୁ ଚଣ୍ଡିଗଡ଼ |
| ୨୩ | ୯।୪ | ଗୁଜରାଟ- ରାଜସ୍ଥାନ | ସନ୍ଧ୍ୟା ୭.୩୦ | ଅହମ୍ମଦାବାଦ୍ |
| ୨୪ | ୧୦।୪ | ବେଙ୍ଗାଲୁରୁ- ଦିଲ୍ଲୀ | ସନ୍ଧ୍ୟା ୭.୩୦ | ବେଙ୍ଗାଲୁରୁ |
| ୨୫ | ୧୧।୪ | ଚେନ୍ନାଇ- କୋଲକାତା | ସନ୍ଧ୍ୟା ୭.୩୦ | ଚେନ୍ନଇ |
| ୨୬ | ୧୨।୪ | ଲକ୍ଷ୍ନୌ- ଗୁଜରାଟ | ଅପରାହ୍ଣ ୩.୩୦ | ଲକ୍ଷ୍ନୌ |
| ୨୭ | ୧୨।୪ | ହାଇଦ୍ରାବାଦ- ପଞ୍ଜାବ | ସନ୍ଧ୍ୟା ୭.୩୦ | ହାଇଦରାବାଦ୍ |
| ୨୮ | ୧୩।୪ | ରାଜସ୍ଥାନ- ବେଙ୍ଗାଲୁରୁ | ଅପରାହ୍ଣ ୩.୩୦ | ଜୟପୁର |
| ୨୯ | ୧୩।୪ | ଦିଲ୍ଲୀ- ମୁମ୍ବାଇ | ସନ୍ଧ୍ୟା ୭.୩୦ | ଦିଲ୍ଲୀ |
| ୩୦ | ୧୪।୪ | ଲକ୍ଷ୍ନୌ- ଚେନ୍ନାଇ | ସନ୍ଧ୍ୟା ୭.୩୦ | ଲକ୍ଷ୍ନୌ |
| ୩୧ | ୧୫।୪ | ପଞ୍ଜାବ- କୋଲକାତା | ସନ୍ଧ୍ୟା ୭.୩୦ | ନ୍ୟୁ ଚଣ୍ଡିଗଡ଼ |
| ୩୨ | ୧୬।୪ | ଦିଲ୍ଲୀ- ରାଜସ୍ଥାନ | ସନ୍ଧ୍ୟା ୭.୩୦ | ଦିଲ୍ଲୀ |
| ୩୩ | ୧୭।୪ | ମୁମ୍ବାଇ- ହାଇଦ୍ରାବାଦ | ସନ୍ଧ୍ୟା ୭.୩୦ | ମୁମ୍ବଇ |
| ୩୪ | ୧୮।୪ | ବେଙ୍ଗାଲୁରୁ- ପଞ୍ଜାବ | ସନ୍ଧ୍ୟା ୭.୩୦ | ବେଙ୍ଗାଲୁରୁ |
| ୩୫ | ୧୯।୪ | ଗୁଜରାଟ- ଦିଲ୍ଲୀ | ଅପରାହ୍ଣ ୩.୩୦ | ଅହମ୍ମଦାବଦ୍ |
| ୩୬ | ୧୯।୪ | ରାଜସ୍ଥାନ- ଲକ୍ଷ୍ନୌ | ସନ୍ଧ୍ୟା ୭.୩୦ | ଜୟପୁର |
| ୩୭ | ୨୦।୪ | ପଞ୍ଜାବ- ବେଙ୍ଗାଲୁରୁ | ଅପରାହ୍ଣ ୩.୩୦ | ନ୍ୟୁ ଚଣ୍ଡିଗଡ଼ |
| ୩୮ | ୨୦।୪ | ମୁମ୍ବାଇ- ଚେନ୍ନାଇ | ସନ୍ଧ୍ୟା ୭.୩୦ | ମୁମ୍ବଇ |
| ୩୯ | ୨୧।୪ | କୋଲକାତା- ଗୁଜରାଟ | ସନ୍ଧ୍ୟା ୭.୩୦ | କୋଲକାତା |
| ୪୦ | ୨୨।୪ | ଲକ୍ଷ୍ନୌ- ଦିଲ୍ଲୀ | ସନ୍ଧ୍ୟା ୭.୩୦ | ଲକ୍ଷ୍ନୌ |
| ୪୧ | ୨୩।୪ | ହାଇଦ୍ରାବାଦ- ମୁମ୍ବାଇ | ସନ୍ଧ୍ୟା ୭.୩୦ | ହାଇଦରାବାଦ୍ |
| ୪୨ | ୨୪।୪ | ବେଙ୍ଗାଲୁରୁ- ରାଜସ୍ଥାନ | ସନ୍ଧ୍ୟା ୭.୩୦ | ବେଙ୍ଗାଲୁରୁ |
| ୪୩ | ୨୫।୪ | ଚେନ୍ନାଇ- ହାଇଦ୍ରାବାଦ | ସନ୍ଧ୍ୟା ୭.୩୦ | ଚେନ୍ନଇ |
| ୪୪ | ୨୬।୪ | କୋଲକାତା- ପଞ୍ଜାବ | ସନ୍ଧ୍ୟା ୭.୩୦ | କୋଲକାତା |
| ୪୫ | ୨୭।୪ | ମୁମ୍ବାଇ- ଲକ୍ଷ୍ନୌ | ଅପରାହ୍ଣ ୩.୩୦ | ମୁମ୍ବଇ |
| ୪୬ | ୨୭।୪ | ଦିଲ୍ଲୀ- ବେଙ୍ଗାଲୁରୁ | ସନ୍ଧ୍ୟା ୭.୩୦ | ଦିଲ୍ଲୀ |
| ୪୭ | ୨୮।୪ | ରାଜସ୍ଥାନ- ଗୁଜରାଟ | ସନ୍ଧ୍ୟା ୭.୩୦ | ଜୟପୁର |
| ୪୮ | ୨୯।୪ | ଦିଲ୍ଲୀ- କୋଲକାତା | ସନ୍ଧ୍ୟା ୭.୩୦ | ଦିଲ୍ଲୀ |
| ୪୯ | ୩୦।୪ | ଚେନ୍ନାଇ- ପଞ୍ଜାବ | ସନ୍ଧ୍ୟା ୭.୩୦ | ଚେନ୍ନଇ |
| ୫୦ | ୧।୫ | ରାଜସ୍ଥାନ- ମୁମ୍ବାଇ | ସନ୍ଧ୍ୟା ୭.୩୦ | ଜୟପୁର |
| ୫୧ | ୨।୫ | ଗୁଜରାଟ- ହାଇଦ୍ରାବାଦ | ସନ୍ଧ୍ୟା ୭.୩୦ | ଅହମ୍ମଦାବାଦ୍ |
| ୫୨ | ୩।୫ | ବେଙ୍ଗାଲୁରୁ- ଚେନ୍ନାଇ | ସନ୍ଧ୍ୟା ୭.୩୦ | ବେଙ୍ଗାଲୁରୁ |
| ୫୩ | ୪।୫ | କୋଲକାତା- ରାଜସ୍ଥାନ | ଅପରାହ୍ଣ ୩.୩୦ | କୋଲକାତା |
| ୫୪ | ୪।୫ | ପଞ୍ଜାବ- ଲକ୍ଷ୍ନୌ | ସନ୍ଧ୍ୟା ୭.୩୦ | ଧର୍ମଶାଳା |
| ୫୫ | ୫।୫ | ହାଇଦ୍ରାବାଦ- ଦିଲ୍ଲୀ | ସନ୍ଧ୍ୟା ୭.୩୦ | ହାଇଦରାବାଦ୍ |
| ୫୬ | ୬।୫ | ମୁମ୍ବାଇ- ଗୁଜରାଟ | ସନ୍ଧ୍ୟା ୭.୩୦ | ମୁମ୍ବଇ |
| ୫୭ | ୭।୫ | କୋଲକାତା- ଚେନ୍ନାଇ | ସନ୍ଧ୍ୟା ୭.୩୦ | କୋଲକାତା |
| ୫୮ | ୮।୫ | ପଞ୍ଜାବ- ଦିଲ୍ଲୀ | ସନ୍ଧ୍ୟା ୭.୩୦ | ଧର୍ମଶାଳା |
| ୫୯ | ୯।୫ | ଲକ୍ଷ୍ନୌ- ବେଙ୍ଗାଲୁରୁ | ସନ୍ଧ୍ୟା ୭.୩୦ | ଲକ୍ଷ୍ନୌ |
| ୬୦ | ୧୦।୫ | ହାଇଦ୍ରାବାଦ- କୋଲକାତା | ସନ୍ଧ୍ୟା ୭.୩୦ | ହାଇଦରାବାଦ |
| ୬୧ | ୧୧।୫ | ପଞ୍ଜାବ- ମୁମ୍ବାଇ | ଅପରାହ୍ଣ ୩.୩୦ | ଧର୍ମଶାଳା |
| ୬୨ | ୧୧।୫ | ଦିଲ୍ଲୀ- ଗୁଜରାଟ | ସନ୍ଧ୍ୟା ୭.୩୦ | ଦିଲ୍ଲୀ |
| ୬୩ | ୧୨।୫ | ଚେନ୍ନାଇ- ରାଜସ୍ଥାନ | ସନ୍ଧ୍ୟା ୭.୩୦ | ଚେନ୍ନଇ |
| ୬୪ | ୧୩।୫ | ବେଙ୍ଗାଲୁରୁ- ହାଇଦ୍ରାବାଦ | ସନ୍ଧ୍ୟା ୭.୩୦ | ବେଙ୍ଗାଲୁରୁ |
| ୬୫ | ୧୪।୫ | ଗୁଜରାଟ- ଲକ୍ଷ୍ନୌ | ସନ୍ଧ୍ୟା ୭.୩୦ | ଅହମ୍ମଦାବାଦ୍ |
| ୬୬ | ୧୫।୫ | ମୁମ୍ବାଇ- ଦିଲ୍ଲୀ | ସନ୍ଧ୍ୟା ୭.୩୦ | ମୁମ୍ବଇ |
| ୬୭ | ୧୬।୫ | ରାଜସ୍ଥାନ- ପଞ୍ଜାବ | ସନ୍ଧ୍ୟା ୭.୩୦ | ଜୟପୁର |
| ୬୮ | ୧୭।୫ | ବେଙ୍ଗାଲୁରୁ- କୋଲକାତା | ସନ୍ଧ୍ୟା ୭.୩୦ | ବେଙ୍ଗାଲୁରୁ |
| ୬୯ | ୧୮।୫ | ଗୁଜରାଟ- ଚେନ୍ନାଇ | ଅପରାହ୍ଣ ୩.୩୦ | ଅହମ୍ମଦାବାଦ୍ |
| ୭୦ | ୧୮।୫ | ଲକ୍ଷ୍ନୌ- ହାଇଦ୍ରାବାଦ | ସନ୍ଧ୍ୟା ୭.୩୦ | ଲକ୍ଷ୍ନୌ |
| ୭୧ | ୨୦।୫ | କ୍ୱାଲିଫାୟର-୧ | ସନ୍ଧ୍ୟା ୭.୩୦ | ହାଇଦରାବାଦ୍ |
| ୭୨ | ୨୧।୫ | ଏଲିମିନେଟର | ସନ୍ଧ୍ୟା ୭.୩୦ | ହାଇଦରାବାଦ୍ |
| ୭୩ | ୨୩।୫ | କ୍ୱାଲିଫାୟର-୨ | ସନ୍ଧ୍ୟା ୭.୩୦ | କୋଲକାତା |
| ୭୪ | ୨୫।୫ | ଗ୍ରାଣ୍ଡ ଫାଇନାଲ | ସନ୍ଧ୍ୟା ୭.୩୦ | କୋଲକାତା |



## ମୁମ୍ବାଇ-୫, ଚେନ୍ନାଇ-୫

ଆଇପିଏଲ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ଓ ଚେନ୍ନାଇ ସୁପରକିଙ୍ଗ୍‌ସ ୫ଟି ଲେଖାଏ ଟାଇଟଲ ଜିତି ଯୁଗ୍ମ ଭାବେ ସଫଳତମ ଦଳ ବିବେଚିତ ହେଉଛନ୍ତି। ଗତବର୍ଷ ହାଇଦରାବାଦକୁ ୮ ୱିକେଟରେ ହରାଇ କୋଲକାତା ତୃତୀୟଥର ପାଇଁ ଚାମ୍ପିଅନ ହୋଇଥିଲା। ସେହିପରି ହାଇଦରାବାଦ, ଡେକାନ ଚାର୍ଜର୍ସ, ରାଜସ୍ଥାନ ଓ ଗୁଜରାଟ ଟାଇଟନ୍ସ ଥରେ ଲେଖାଏ ଚାମ୍ପିଅନ ହୋଇଛନ୍ତି।

## ଟିମ୍, ଗ୍ରୁପ୍, କୋଚ୍ ଓ କ୍ୟାପ୍ଟେନ

| ଟିମ୍ | ଗ୍ରୁପ୍ | କୋଚ୍ | କ୍ୟାପ୍ଟେନ |
|---|---|---|---|
| ଚେନ୍ନାଇ ସୁପର କିଙ୍ଗ୍‌ସ | ଏ | ଷ୍ଟିଫେନ୍ ଫ୍ଲେମିଂ | ଋତୁରାଜ ଗାଏକ୍ୱାଡ |
| କୋଲକାତା ନାଇଟ୍ ରାଇଡର୍ସ | ଏ | ଚନ୍ଦ୍ରକାନ୍ତ ପଣ୍ଡିତ | ଆଜିଙ୍କ୍ୟ ରାହାଣେ |
| ପଞ୍ଜାବ କିଙ୍ଗ୍‌ସ | ଏ | ରିକି ପଣ୍ଟିଂ | ଶ୍ରେୟସ ଆୟର |
| ରାଜସ୍ଥାନ ରୟାଲ୍ସ | ଏ | ରାହୁଲ ଦ୍ରାବିଡ | ସଞ୍ଜୁ ସାମସନ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ଏ | ଆଣ୍ଡି ଫ୍ଲାୱାର | ରଜତ ପଟିଦାର |
| ଦିଲ୍ଲୀ କ୍ୟାପିଟାଲ୍ସ | ବି | ହେମାଙ୍ଗ ବଦାନୀ | ଅକ୍ଷର ପଟେଲ |
| ଗୁଜରାଟ ଟାଇଟନ୍ସ | ବି | ଆଶିଷ ନେହେରା | ଶୁବମନ ଗିଲ୍ |
| ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ | ବି | ଜଷ୍ଟିନ ଲାଙ୍ଗର | ଋଷଭ ପନ୍ତ |
| ମୁମ୍ବାଇ ଇଣ୍ଡିଆନ୍ସ | ବି | ମାହେଲା ଜୟବର୍ଦ୍ଧନେ | ହାର୍ଦ୍ଦିକ ପାଣ୍ଡ୍ୟା |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ବି | ଡାନିଏଲ ଭେଟ୍ଟୋରୀ | ପ୍ୟାଟ କମିନ୍ସ |

## ■ ଚାମ୍ପିଅନ ଦଳକୁ ୨୦ କୋଟି ଟଙ୍କା ପୁରସ୍କାର

ଆଇପିଏଲ ଚାମ୍ପିଅନ ଦଳକୁ ଟ୍ରଫି ସହ ୨୦ କୋଟି ଟଙ୍କାର ପୁରସ୍କାର ରାଶି ମିଳିଥାଏ। ସେହପରି ରନର୍ସଅପ ଦଳକୁ ୧୩, ତୃତୀୟ ସ୍ଥାନରେ ଥିବା ଦଳକୁ ୭, ଚତୁର୍ଥ ସ୍ଥାନରେ ରହିଥିବା ଦଳକୁ ୬.୫୦ କୋଟି ଟଙ୍କା ପ୍ରଦାନ କରାଯାଇଥାଏ। ଏହା ବ୍ୟତୀତ ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ, ଶ୍ରେଷ୍ଠ ବ୍ୟାଟର, ଶ୍ରେଷ୍ଠ ବୋଲର, ଉଦୀୟମାନ ଖେଳାଳିଙ୍କୁ ମଧ୍ୟ ପୁରସ୍କାର ରାଶି ପ୍ରଦାନ କରାଯାଇଥାଏ।

## ■ ୫ଟି ଆଞ୍ଚଳିକ ଭାଷାରେ ସିଧା ପ୍ରସାରଣ

ଆଇପିଏଲ୍-୧୮ ରେ ଏଥର ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ ଅଫିସିଆଲ୍ ବ୍ରଡ୍‌କାଷ୍ଟର୍ ରହିଛି। ଅର୍ଥାତ୍ ଷ୍ଟାର୍ ସ୍ପୋର୍ଟ୍ସରେ ସମସ୍ତ ମ୍ୟାଚର ସିଧାପ୍ରସାରଣ ହେବ। ପୂର୍ବ ସିଜନ ଭଳି ଏଥର ମଧ୍ୟ ଆଞ୍ଚଳିକ ଭାଷାରେ ମ୍ୟାଚର ସିଧାପ୍ରସାରଣ ବ୍ୟବସ୍ଥା ହୋଇଛି। ଇଂଲିଶ ବ୍ୟତୀତ ୫ଟି ଆଞ୍ଚଳିକ ଭାଷା ହିନ୍ଦୀ, ତାମିଲ, ତେଲଗୁ, କନ୍ନଡ ଓ ବେଙ୍ଗଲୀ ଭାଷାରେ ମ୍ୟାଚ୍‌ର ପ୍ରସାରଣ ଦର୍ଶକ ଦେଖିପାରିବେ। ସେହିଭଳି ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ ବାଦ୍ ମୋବାଇଲ୍ ଆପ୍ ଜିଓ ସିନେମା ଓ ହଟ୍‌ଷ୍ଟାର୍‌ରେ ମଧ୍ୟ ମ୍ୟାଚ୍‌ଗୁଡ଼ିକର ସିଧାପ୍ରସାରଣ ବ୍ୟବସ୍ଥା ରହିଛି।

## ପରିବାର ସଦସ୍ୟଙ୍କୁ ଡ୍ରେସିଂ ରୁମ୍ ମନା

ବିଶ୍ୱର ସବୁଠୁ ବିତ୍ତଶାଳୀ କ୍ରିକେଟ୍ ଲିଗ୍ ଆଇପିଏଲର ୧୮ ତମ ସଂସ୍କରଣରେ ଏଥର ଅନେକ ନୂଆ ନିୟମ ଲାଗୁ ହୋଇଛି। ଗତ ସଂସ୍କରଣଗୁଡିକ ତୁଳାନରେ ଏଥର ବିସିସିଆଇ ଖେଳାଳିଙ୍କ ସ୍ୱାଧୀନତା ଉପରେ କିଛିଟା କଟକଣା ଲଗାଇଛି। ନୂଆ ନିୟମ ଅନୁସାରେ ପ୍ଲେୟର ଆଣ୍ଡ ମ୍ୟାଚ୍ ଅଫିସିଆଲ ଏରିଆ (ପିଏମ୍‌ଓଏ) ର ଆଖପାଖ ଅଞ୍ଚଳରେ ଖେଳାଳିମାନଙ୍କ ପରିବାର ସଦସ୍ୟଙ୍କ ଉପସ୍ଥିତିକୁ ବାରଣ କରାଯାଇଛି। ପରିବାର ସଦସ୍ୟଙ୍କୁ ମଧ୍ୟ ଡ୍ରେସିଂ ରୁମ୍‌ରେ ପ୍ରବେଶ ଉପରେ ରୋକ୍ ଲଗାଯାଇଛି। ଅଭ୍ୟାସ ଦିନମାନଙ୍କରେ ମଧ୍ୟ ପରିବାର ସଦସ୍ୟଙ୍କ ପାଇଁ ଏହି ନୟମ ଲାଗୁ କରାଯାଇଛି। ଟୁର୍ଣ୍ଣାମେଣ୍ଟ ଓ ଟୁର୍ଣ୍ଣାମେଣ୍ଟ ପୂର୍ବରୁ ଅଭ୍ୟାସ ଦିନଗୁଡିକରେ କେବଳ ଆକ୍ରିଟେଡ ଅର୍ଥାତ ମାନ୍ୟତା ପାଇଥିବା ଷ୍ଟାଫ୍ ଓ ଅଧିକରୀଙ୍କୁ ଡ୍ରେସିଂ ରୁମ୍‌ରେ ପ୍ରବେଶ କରିବାର ଅଧିକାର ମିଳିବ। ସେହିଭଳି ଖେଳାଳିମାନଙ୍କ ପରିବାର ସଦସ୍ୟମାନେ ଅଲଗା ଗାଡ଼ିରେ ଯାତ୍ରା କରି ହସ୍ପିଟାଲିଟି ଏରିଆରେ ରହି ଅଭ୍ୟାସ ଦେଖିପାରିବେ। ଏହା ବ୍ୟତୀତ ଖେଳାଳିମାନେ କେବଳ ଟିମ୍ ବସରେ ଯାତ୍ରା କରିବା ବାଧ୍ୟତାମୂଳକ କରାଯାଇଛି। ବିସିସିଆଇ ଏହି ନିୟମ ଭାରତୀୟ ଦଳ ପାଇଁ କିଛିଦିନ ପୂର୍ବରୁ ଲାଗୁ କରିଥିଲା। ଉଲ୍ଲେଖଯୋଗ୍ୟ, ଗତ କେତୋଟି ସିଜିନ୍‌ରେ ଡ୍ରେସିଂ ରୁମ୍ ଓ ପିଏମ୍‌ଓଏ୍‌ରେ ଖେଳାଳିଙ୍କ ପରିବାର ସଦସ୍ୟ ଓ ବନ୍ଧୁମାନଙ୍କ ଉପସ୍ଥିତି ନେଇ ଏକାଧିକବାର ଅଭିଯୋଗ ହୋଇଥିଲା। ଫଳରେ ଟିମ୍ ମ୍ୟାନେଜମେଣ୍ଟ ଓ ବୋର୍ଡ ଏଥର ଆଭିମୁଖ୍ୟ କଠୋର କରିବାକୁ ବାଧ୍ୟ ହୋଇଛନ୍ତି।

## ୫ଟି ଦଳର ନୂଆ ଅଧିନାୟକ

ଏଥର ମେଗା ନିଲାମି ବଳରେ ଦଳର ଖେଳାଳି, କ୍ୟାପ୍ଟେନ ଓ କୋଚ୍ ପରିବର୍ତ୍ତନ ହୋଇଛି। ୨୦୨୪ରେ କୋଲକାତାକୁ ଚାମ୍ପିଅନ୍ କରାଇଥିବା ଶ୍ରେୟସ ଆୟର ଏଥର ପଞ୍ଜାବର ନେତୃତ୍ୱ ନେବେ। ତାଙ୍କ ସ୍ଥାନରେ ଆଜିଙ୍କ୍ୟ ରାହାଣେ କୋଲକାତାର ନେତୃତ୍ୱ ନେଇଛନ୍ତି। ନିଲାମିରେ ଋଷଭ ପନ୍ତଙ୍କୁ ଦିଲ୍ଲୀ ରିଲିଜ୍ କରିବା ପରେ ଲକ୍ଷ୍ନୌ ତାଙ୍କୁ ନେତୃତ୍ୱ ଦେଇଛି। ଅକ୍ଷର ପଟେଲ ଦିଲ୍ଲୀ ଅଧିନାୟକ ହୋଇଛନ୍ତି। ସେହିପରି ରଜତ ପଟିଦାର ବେଙ୍ଗାଲୁରୁର ନେତୃତ୍ୱ ନେବେ। ବାସନ୍ଦ ଯୋଗୁ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସ୍ଥାନରେ ସୂର୍ଯ୍ୟକୁମାର ମୁମ୍ବାଇର ପ୍ରଥମ ମ୍ୟାଚ୍‌ରେ ନେତୃତ୍ୱ ନେବେ। ଆଘାତ ଜନିତ କାରଣରୁ ସଞ୍ଜୁ ସାମସନଙ୍କ ସ୍ଥାନରେ ରିୟାର ପରାଗ ପ୍ରଥମ ୩ଟି ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସର ନେତୃତ୍ୱ ନେବେ। ଏହା ମଧ୍ୟରେ ଲକ୍ଷ୍ନୌ ଅଧିନାୟକ ଲୋକେଶ ରାହୁଲ ଦିଲ୍ଲୀର, ଯୁଜବେନ୍ଦ୍ର ଚହଲ ପଞ୍ଜାବ, ଆର୍ ଅଶ୍ୱିନ ଚେନ୍ନାଇ, ସିରାଜ ଗୁଜରାଟ ପକ୍ଷରୁ ଏଥର ଖେଳିବେ। ମହେନ୍ଦ୍ର ସିଂ ଧୋନି ଜଣେ ଅନ୍‌କ୍ୟାପ୍‌ଡ ଖେଳାଳିଭାବେ ୪ କୋଟି ଟଙ୍କା ବିନିମୟରେ ଚେନ୍ନାଇର ଖେଳିବେ। ଶେଷ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାର ୫ ବର୍ଷ ପରେ ଜଣେ ଅନ୍‌କ୍ୟାପଡ଼ ଖେଳାଳିରେ ପରିଣତ ହୋଇଥାନ୍ତି।

ଦିଲ୍ଲୀର କୋଚ୍ ରିକି ପଣ୍ଟିଂ ଏଥର ପଞ୍ଜାବର, ହେମାଙ୍ଗ ବଦାନୀ ଦିଲ୍ଲୀର, ରାହୁଲ ଦ୍ରାବିଡ୍ ରାଜସ୍ଥାନ ରୟାଲ୍ସର କୋଚ୍ ନିଯୁକ୍ତ ହୋଇଛନ୍ତି। ଗମ୍ଭୀରଙ୍କ ସ୍ଥାନରେ ଡ୍ୱେନ୍ ବ୍ରାଭୋ କୋଲକାତାର ମେଣ୍ଟର, ଗତବର୍ଷ ଖେଳିଥିବା ମାଥ୍ୟୁ ୱେଡ୍ ଏବର୍ଷ ଗୁଜରାଟର ଆସିଷ୍ଟାଣ୍ଟ କୋଚ୍ ହେବେ।



**ଆଇପିଏଲ୍-୧୮ ଆଜିଠାରୁ**

# କୋଲକାତା-ବେଙ୍ଗାଲୁରୁ ଉଦ୍‌ଘାଟନୀ ଲଢ଼େଇ

**କୋଲକାତା, ୨୧।୩ (ଏଜେନ୍ସି):** ପ୍ରତିଦ୍ୱନ୍ଦ୍ୱିତା, ରୋମାଞ୍ଚ ଓ ଭରପୁର ମନୋରଞ୍ଜନ ଯୋଗାଇବାରେ ରେକର୍ଡ କରିଥିବା ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) କ୍ରିକେଟରେ ୧୮ତମ ସଂସ୍କରଣ ଆସନ୍ତାକାଲି ବା ଶନିବାର ଆରମ୍ଭ ହେବ। ଏହି ମହାସମର ପୂର୍ବରୁ କୋଲକାତାର ଇଡେନଗାର୍ଡେନ୍ସରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ, ବଲିଉଡ୍ ତାରକା ଉଦ୍‌ଘାଟନୀ ଉତ୍ସବକୁ ଅଧିକ ରୋମାଞ୍ଚ ଓ ସ୍ମରଣୀୟ କରିବାକୁ ଯୋଜନା ପ୍ରସ୍ତୁତ କରିଛନ୍ତି। କିନ୍ତୁ ଅଦିନିକିଆ ବର୍ଷା ଓ କାଳବୈଶାଖୀ ଏହି ଯୋଜନାରେ ପ୍ରତିବନ୍ଧକ ହୋଇ ଛିଡ଼ା ହୋଇଛି। ଏହାକୁ ବାଦ୍ ଦେଲେ ଆଇପିଏଲ୍‌ରେ ରୋମାଞ୍ଚକ ଖେଳ ପ୍ରଦର୍ଶନ କରି ଦର୍ଶକଙ୍କ ଲାଗି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଉଭୟ ଦଳ ଜୋରଦାର ଲଢ଼େଇରୁ ଆଇପିଏଲ୍ ମହାସମର ବିଗୁଲ ବଜାଇବେ ବୋଲି ଆଶା କରିବା ସ୍ୱାଭାବିକ୍। ଡିଫେଣ୍ଡିଂ ଚାମ୍ପିଅନ୍ କୋଲକାତାର ଅଧିନାୟକ ଆଜିଙ୍କ୍ୟ ରାହାଣେ ବେଶ ଅଭିଜ୍ଞ। ବିରାଟ କୋହଲିଙ୍କ ଉପସ୍ଥିତିରେ ବେଙ୍ଗାଲୁରୁର ନେତୃତ୍ୱ ନେଉଥିବା ରଜତ ପଟିଦାର ଦଳକୁ ଟାଇଟଲ ଜିତାଇ ଇତିହାସ ସୃଷ୍ଟି କରିବା ଲକ୍ଷ୍ୟରେ ରହିଛନ୍ତି। ଉଭୟ ଦଳରେ ଅନେକ ମ୍ୟାଚ୍ ବିଜେତା ରହିଛନ୍ତି ଓ ଦଳର ସନ୍ତୁଳନ ଠିକ୍ ରହିଛି। ଏଭଳି ସ୍ଥଳେ ଆରମ୍ଭରୁ ଆଇପିଏଲ୍ ମହାସମର ଉତ୍କଣ୍ଠାପୂର୍ଣ୍ଣ ଓ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।



ଅନ୍ୟପକ୍ଷରେ ବେଙ୍ଗାଲୁରୁ ଏହି ଟୁର୍ଣ୍ଣାମେଣ୍ଟରେ ଟାଇଟଲ ଜିତିନାହିଁ, କିନ୍ତୁ ଯେ କୌଣସି ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ଲଢ଼ୁଆ ଖେଳିବାରେ ସିଦ୍ଧହସ୍ତ। ବିରାଟ କୋହଲିଙ୍କ ଉପସ୍ଥିତି ଏହି ଦଳର ଶକ୍ତିକୁ ଦ୍ୱିଗୁଣିତ କରିଥାଏ। ଏଭଳି ସ୍ଥିତିରେ ରଜତ ପଟିଦାର ଦଳକୁ ଏକ ନୂଆ ରାସ୍ତାରେ ନେବେ ବୋଲି ଏହାର ସମର୍ଥକମାନେ ଆଶା ରଖିଛନ୍ତି। କୋଲକାତାର ପୂର୍ବତନ ଓପନର ଫିଲ ସଲ୍ଟ ଓ ବଳଶାଳୀ ଟିମ୍ ଡେଭିଡ୍ ବିସ୍ଫୋରକ ବ୍ୟାଟିଂ କରି ପ୍ରତିପକ୍ଷଙ୍କୁ ଭୟଭୀତ କରିବା କ୍ଷମତାର ଅଧିକାରୀ। ଦଳର ୩ ପେସର ଜୋଶ ହାଜ୍‌ଲେଉଡ୍, ଭୁବନେଶ୍ୱର କୁମାର ଓ ଯଶ ଦୟାଲ ଦଳର ଶକ୍ତି। ସ୍ପିନର କ୍ରୁନାଲ ପାଣ୍ଡ୍ୟା ଓ ଲିଆମ ଲିଭିଙ୍ଗଷ୍ଟୋନ୍ ଯାଦୁକର ହୋଇ ନ ଥିଲେ ମଧ୍ୟ ବେଙ୍ଗାଲୁରୁ ଲାଗି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ। ଏହି ଟୁର୍ଣ୍ଣାମେଣ୍ଟ ନୂଆ ନିୟମରେ ଖେଳାଯାଉଥିବାରୁ ଅଧିନାୟକ ଓ କୋଚ୍‌ଙ୍କ ଲାଗି ଚ୍ୟାଲେଞ୍ଜିଂ ହେବ।

ଘରୋଇ ପିଚ୍, ପରିବେଶ, ଉନ୍ନତ ରେକର୍ଡ ଓ ଡିଫେଣ୍ଡିଂ ଚାମ୍ପିଅନ୍ ଭାବେ କୋଲକାତା ନାଇଟ୍ ରାଇଡର୍ସ ଆତ୍ମବିଶ୍ୱାସ ସହ ବେଙ୍ଗାଲୁରୁ ସହ ମୁକାବିଲା କରିବ। ଅଭିଜ୍ଞ ଆଜିଙ୍କ୍ୟ ରାହାଣେଙ୍କ ନେତୃତ୍ୱରେ କୋଲକାତା ଏକ ସନ୍ତୁଳନ ଓ ଶକ୍ତିଶାଳୀ ଦଳ। କ୍ୱିଣ୍ଟନ ଡି କକ୍ ଓ ସୁନିଲ ନାରିନ୍ ଓପନିଂରେ ବିସ୍ଫୋରକ ପ୍ରଦର୍ଶନ କରିବାର ଢ଼େର ସମ୍ଭାବନା ରହିଛି। ଅଧିନାୟକ ରାହାଣେ ଓ ତାଙ୍କ ଡେପୁଟି ଭେଙ୍କଟେଶ ଆୟର ଏହା ପରେ ଦାୟିତ୍ୱ ସମ୍ଭାଳିବେ। ଡେଥ୍ ଓଭରରେ ସ୍ପେଶାଲିଷ୍ଟ ରିଙ୍କୁ ସିଂ ଓ ଆନ୍ଦ୍ରେ ରସେଲ ବିଶ୍ୱର ଯେ କୌଣସି ବୋଲରଙ୍କୁ ଧ୍ୱଂସ କରିବାର ଦକ୍ଷତା ରଖିଛନ୍ତି। ମିଷ୍ଟ୍ରି ସ୍ପିନର ନାରିନ୍ ଓ ବରୁଣ ଚକ୍ରବର୍ତ୍ତୀଙ୍କୁ ମୁକାବିଲା କରିବା ଏତେଟା ସହଜ ନୁହେଁ। ପେସ୍ ବୋଲର ହର୍ଷିତ ରାଣା, ଆନରିଜ୍ ନୋର୍ଜେ କିମ୍ବା ସ୍ପେନସର ଜନସନ ଆରମ୍ଭରୁ ବିପର୍ଯ୍ୟୟ ଘଟାଇବାରେ ଧୂରନ୍ଧର। ଏଣୁ କୋଲକାତା ପୂରା ପ୍ରସ୍ତୁତ ହୋଇ ଏହି ଟୁର୍ଣ୍ଣାମେଣ୍ଟକୁ ଓହ୍ଲାଇଛି।



## ଉଭୟ ଦଳ

**ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ**

ବିରାଟ କୋହଲି, ଫିଲିପ୍ ସଲ୍ଟ, ଦେବଦତ୍ତ ପାଡିକଲ୍, ରଜତ ପଟିଦାର(ଅଧିନାୟକ), ଜିତେଶ ଶର୍ମା (ୱିକେଟ୍‌କିପର), ଲିଆମ ଲିଭିଂଷ୍ଟୋନ, ଟିମ୍ ଡେଭିଡ୍, କ୍ରୁନାଲ ପାଣ୍ଡ୍ୟା, ଭୁବନେଶ୍ୱର କୁମାର, ଜୋଶ୍ ହାଜଲେଉଡ୍, ଯଶ ଦୟାଲ, ସ୍ୱପ୍ନିଲ ସିଂ, ଲୁନ୍‌ଗି ଏନ୍‌ଗିଡି, ରୋମାରିଓ ଶେଫର୍ଡ, ମନୋଜ ଭାନ୍ଦଗେ, ରଶିଖ ଦର୍ ସଲମ, ନୁୱାନ ଥୁସାରା, ଜାକବ ବେଥେଲ, ସୂୟାଶ ଶର୍ମା, ମୋହିତ ରାଠି, ସ୍ୱସ୍ତିକ ଚିକାରା, ଅଭିନନ୍ଦନ ସିଂ।

**କୋଲକାତା ନାଇଟ୍ ରାଇଡର୍ସ**

କ୍ୱିଣ୍ଟନ ଡି କକ୍ (ୱିକେଟ୍‌କିପର), ସୁନିଲ ନାରିନ, ଆଜିଙ୍କ୍ୟ ରାହାଣେ (ଅଧିନାୟକ), ଅଙ୍ଗକ୍ରିଶ ରଘୁବଂଶୀ, ଭେଙ୍କଟେଶ ଆୟର, ରିଙ୍କୁ ସିଂ, ଆନ୍ଦ୍ରେ ରସେଲ, ରମଣଦୀପ୍ ସିଂହ, ହର୍ଷିତ ରାଣା, ବରୁଣ ଚକ୍ରବର୍ତ୍ତୀ, ସ୍ପେନଶର ଜନସନ, ବୈଭବ ଆରୋରା, ରହମନୁଲ୍ଲା ଗୁର୍‌ବାଜ, ମନୀଷ ପାଣ୍ଡେ, ମୋଇନ ଅଲି, ଆନରିଚ ନୋର୍ଜେ, ରୋଭମାନ ପାୱେଲ, ଅନକୁଲ ରୟ, ମୟଙ୍କ ମାର୍କଣ୍ଡେ, ଚେତନ ସାକାରିୟା, ଲୁଭନିଥ ସିସୋଦିଆ।

**ମ୍ୟାଚ୍ ଆରମ୍ଭ: ରାତି ୭:୩୦**

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓ ହଟ୍‌ଷ୍ଟାର**

### ମନ ମୋହିବେ ଦିଶା, ଶ୍ରେୟା, ଅରିଜିତ

ଐତିହାସିକ ଇଡେନ ଗାର୍ଡେନ୍ସରେ ଶନିବାର ସନ୍ଧ୍ୟାରେ ଆୟୋଜନ ହେବ ଆଇପିଏଲ୍‌ର ଉଦ୍‌ଘାଟନୀ ଉତ୍ସବ। ଏହି ରଙ୍ଗାରଙ୍ଗ ଉଦ୍‌ଘାଟନୀ ଉତ୍ସବରେ ବଲିଉଡ ତାରକାମାନଙ୍କ ଚମକ ଦେଖିବାକୁ ମିଳିବ। ବଲିଉଡ ଅଭିନେତ୍ରୀ ଦିଶା ପଟାନୀ ନିଜ ପ୍ରଦର୍ଶନ ମାଧ୍ୟମରେ ଦର୍ଶକଙ୍କ ମନୋରଞ୍ଜନ କରିବେ। ଜଣାଶୁଣା ଗାୟିକା ଶ୍ରେୟା ଘୋଷାଲ ମଧ୍ୟ ନିଜ ମଧୁର କଣ୍ଠ ମାଧ୍ୟମରେ ପ୍ରଶଂସକଙ୍କ ମନମୋହିବେ। ସେହିପରି ଭାରତୀୟ ରାପର ଓ ଗାୟକ କରଣ ଅଜଲା ମଧ୍ୟ ନିଜର କଳା ପ୍ରଦର୍ଶନ କରିବେ। ଜଣାଶୁଣା ବଲିଉଡ ଗାୟକ ଅରିଜିତ ସିଂହ, ଅଭିନେତା ବରୁଣ ଧାୱନ ଓ ଆମେରିକୀୟ ପପ୍ ବ୍ୟାଣ୍ଡ ୱାନ ରିପବ୍ଲିକ ମଧ୍ୟ ନିଜର କଳାନୈପୁଣ୍ୟ ପ୍ରଦର୍ଶନ କରି କୋଲକାତାବାସୀଙ୍କ ହୃଦୟ ଜିଣିବେ। ଉଦ୍‌ଘାନଟନୀ ଉତ୍ସବରେ ବେଙ୍ଗଲର କଳା, ଐତିହ୍ୟ, ସଂସ୍କୃତି, ପରମ୍ପରା ଓ ବୈଭବର ଝଲକ ଦେଖିବାକୁ ମିଳିବ। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ଆଇସିସି ଅଧ୍ୟକ୍ଷ ଜୟ ଶାହା ଓ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଏହି ଅବସରରେ ଇଡେନ ଗାର୍ଡେନ୍ସରେ ଉପସ୍ଥିତ ରହିବେ। ତେବେ ବର୍ଷା ଆଶଙ୍କା ଥିବାରୁ ଉଦ୍‌ଘାଟନୀ ଉତ୍ସବ ବାଧାପ୍ରାପ୍ତ ହେବା ଅନୁମାନ କରାଯାଉଛି। ସ୍ଥାନୀୟ ପାଣିପାଗ ବିଭାଗ ଘଡଘଡି ସହ ବର୍ଷା ହେବ ବୋଲି ପୂର୍ବାନୁମାନ କରିଛି ଓ ୟେଲୋ ଆଲର୍ଟ ଜାରି କରିଛି।

---

**ରାଜ୍ୟ ବରିଷ୍ଠ ଭଲିବଲ୍ ଚାମ୍ପିଅନସିପ୍**

## କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଡବଲ୍ ବିଜୟ

**ଭୁବନେଶ୍ୱର, ୨୧।୩ (ସମିସ):** କିଟ୍ ବିଶ୍ୱବିଦ୍ୟାଳୟ ପରିସରସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ୭୧ତମ ରାଜ୍ୟ ବରିଷ୍ଠ ଭଲିବଲ୍ ଚାମ୍ପିଅନସିପ୍‌ର ଦ୍ୱିତୀୟ ଦିବସ ଖେଳ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଡବଲ୍ ବିଜୟ ହାସଲ କରିଛି। ପୁରୁଷ ବିଭାଗରେ କେନ୍ଦ୍ରାପଡ଼ା ୨-୦ରେ ବଲାଙ୍ଗିରକୁ ଓ ଜଗତ୍‌ସିଂହପୁର ୨-୧ରେ ଭଦ୍ରକକୁ ପରାସ୍ତ କରିଛି। ସେହିଭଳି ମହିଳାରେ କେନ୍ଦ୍ରାପଡ଼ା ୨-୦ରେ କୋରାପୁଟକୁ, ଜଗତ୍‌ସିଂହପୁର ୨-୦ରେ ଢେଙ୍କାନାଳକୁ, ଭଦ୍ରକ ୨-୦ରେ ସୁନ୍ଦରଗଡ଼କୁ ଓ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ୨-୦ରେ ଭୁବନେଶ୍ୱରକୁ ହରାଇଛି। ପୁରୁଷ ବିଭାଗରେ ଅନ୍ୟମ୍ୟାଚଗୁଡ଼ିକରେ ଆୟୋଜକ କିଟ୍ ସମେତ ସୁନ୍ଦରଗଡ଼, ଝାରସୁଗୁଡ଼ା, ଗଞ୍ଜାମ, କଟକ, କୋରାପୁଟ ଓ କଳାହାଣ୍ଡି ବିଜୟୀ ହୋଇଛନ୍ତି। ସେହିଭଳି ପୂର୍ବତଟ ରେଳବାଇ ଓ ଢେଙ୍କାନାଳ ମଧ୍ୟ ପୁରୁଷ ବିଭାଗରେ ଆଜି ୨ଟି ଲେଖାଏ ମ୍ୟାଚ୍ ଜିତିଛନ୍ତି। ଓଡ଼ିଶା ଭଲିବଲ୍ ସଂଘ (ଓଭିଏ) ଓ କିଟ୍ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ୧୦୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଛନ୍ତି।

## ୨୫ରୁ କଳିଙ୍ଗରେ ଜାତୀୟ ଟେନିକଏଟ୍ ଚାମ୍ପିଅନସିପ୍

**ଭୁବନେଶ୍ୱର, ୨୧।୩ (ସମିସ):** ଜାତୀୟ ଟେନିକଏଟ୍ ଚାମ୍ପିଅନସିପ୍‌ର ୪୮ତମ ସଂସ୍କରଣ ଆସନ୍ତା ୨୫ରୁ କଳିଙ୍ଗ ଷ୍ଟାଡିୟମ ପରିସରସ୍ଥିତ ଟେନିସ ଗ୍ରାଉଣ୍ଡରେ ଖେଳାଯିବ। ଟେନିସ ଷ୍ଟାଇଲ୍ କୋର୍ଟରେ ରିଙ୍ଗ୍ ମାଧ୍ୟମରେ ଖେଳାଯାଉଥିବା ଏହି କ୍ରୀଡ଼ାରେ ଦେଶର ୨୫ ରାଜ୍ୟରୁ ପ୍ରାୟ ୪୫୦ ପୁରୁଷ ଓ ମହିଳା ଖେଳାଳି ଏଥିରେ ଭାଗନେବେ। ପାଞ୍ଚଦିନ ଧରି ଖେଳାଯିବ ବୋଲି ଶୁକ୍ରବାର ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ଆମେଚର ଟେନିକଏଟ୍ ସଂଘର ସାଧାରଣ ସମ୍ପାଦକ ଶ୍ରୀକାନ୍ତ ସିହ୍ନା ସୂଚନା ଦେଇଛନ୍ତି। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ସଂଘର ସଭାପତି ତଥା ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ, ଚେୟାରମ୍ୟାନ ଗୋଲକ ନାୟକ, ଟୁର୍ଣ୍ଣାମେଣ୍ଟର ପରିଚାଳନା ଅଧ୍ୟକ୍ଷ ଅରିନ୍ଦମ ରାୟ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଜୁନରେ ଭୁବନେଶ୍ୱରରେ ହେବ ଏସ୍‌ଜେଏଫ୍‌ଆଇ ବୈଠକ



**ଭୁବନେଶ୍ୱର, ୨୧।୩ (ସମିସ):** ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସ୍‌ଜା)ର ପ୍ରତିଷ୍ଠା ଦିବସ ଅବସରରେ ଶୁକ୍ରବାର ସଂଘର ବାର୍ଷିକ ସାଧାରଣ ପରିଷଦ ବୈଠକ (ଏଜିଏମ୍) ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସହିଦ୍ ସ୍ପୋର୍ଟିଂ କ୍ଲବ ପରିସରରେ ଥିବା ଦିଲୀପ ତିର୍କୀ ହଲ୍‌ରେ ଅନୁଷ୍ଠିତ ଏଜିଏମ୍‌ରେ ୨୦୨୪-୨୫ ଆର୍ଥିକ ବର୍ଷରେ ସଂଗଠନର କାର୍ଯ୍ୟଧାରା ଓ ଉତ୍ସବର ସମୀକ୍ଷା ହୋଇଥିଲା। ଏଥିସହ ଆସନ୍ତା ୨୦୨୫-୨୬ ଆର୍ଥିକ ବର୍ଷରେ ହେବାକୁ ଥିବା କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା। ଏଥିରେ ଏକ ପ୍ରମୁଖ କାର୍ଯ୍ୟକ୍ରମ ଭାବେ ଆସନ୍ତା ଜୁନ ମାସରେ ଭୁବନେଶ୍ୱରରେ ଭାରତୀୟ କ୍ରୀଡ଼ା ସାମ୍ବାଦିକ ସଂଘ (ଏସ୍‌ଜେଏଫ୍‌ଆଇ)ର ଏଜିଏମ୍ ଆୟୋଜନ ହେବ। ଏହାକୁ ସଫଳତାର ସହ ଆୟୋଜନ କରିବା ନେଇ ଆଲୋଚନା ହୋଇଥିଲା। ଜୁଲାଇ ୨ରେ ବିଶ୍ୱ କ୍ରୀଡ଼ା ସାମ୍ବାଦିକ ଦିବସ ସମାରୋହ ଆଡମ୍ବର ସହ ପାଳନ କରାଯିବ ଏବଂ ଏହି ଅବସରରେ ସ୍ମରଣିକା ପ୍ରକାଶର ନିଷ୍ପତ୍ତି ହୋଇଛି। ପ୍ରତିବର୍ଷ ଭଳି ଅଗଷ୍ଟ ୧୮ରେ ସ୍ୱର୍ଗତ ଅଶୋକ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସରେ ଏଥର ଯୁବ କ୍ରୀଡ଼ା ପ୍ରତିଭାଙ୍କୁ ସମ୍ମାନିତ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏହି ଅବସରରେ ସଭାପତି ସନ୍ଦୀପ ମିଶ୍ର ନିକଟ ଅତିତରେ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଥିବା ସ୍ମାରକ ପତ୍ରର ସ୍ଥିତିକୁ ନେଇ ଏଜିଏମ୍‌ରେ ସଦସ୍ୟଙ୍କୁ ଅବଗତ କରାଇଥିଲେ।

## ସୋଆ କର୍ପୋରେଟ୍ କ୍ରିକେଟ ଲିଗ୍‌ରେ ୧୦ ଦଳ

**ଭୁବନେଶ୍ୱର,୨୧।୩(ସମିସ):** ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ସୋଆ କ୍ରିକେଟ ଗ୍ରାଉଣ୍ଡରେ ଆସନ୍ତା ୨୩ ତାରିଖରୁ ସୋଆ କର୍ପୋରେଟ୍ କ୍ରିକେଟ ଲିଗ୍ ଆରମ୍ଭ ହେବାକୁ ଯାଉଛି। ଏଥିରେ ୧୦ଟି ଫ୍ରାଞ୍ଚାଇଜ୍ ଭାଗ ନେବେ। ଚାମ୍ପିଅନ ଦଳକୁ ୭୫ ହଜାର ଓ ରନର୍ସଅପ ଦଳକୁ ୪୫ ହଜାର ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯିବ। ସବୁ ଦଳର ଅଧିନାୟକଙ୍କ ଉପସ୍ଥିତିରେ ଶୁକ୍ରବାର ଟୁର୍ଣ୍ଣାମେଣ୍ଟର ଟ୍ରଫି ଓ ଜର୍ସି ଉନ୍ମୋଚିତ କରାଯାଇଥିଲା ଓ ଏହି ଅବସରରେ ସବୁ ଦଳର ମାଲିକ ମଧ୍ୟ ଉପସ୍ଥିତ ଥିଲେ। ଖେଳାଳିଙ୍କ ସର୍ବନିମ୍ନ ବୟସ ୨୫ ବର୍ଷ ରଖାଯାଇଛି। ପ୍ରତ୍ୟେକ ଦଳରେ ଦୁଇଜଣ ୪୫ ବର୍ଷରୁ ଊର୍ଦ୍ଧ୍ୱ ଖେଳାଳିଙ୍କୁ ସାମିଲ କରାଯିବା ବାଧ୍ୟତାମୂଳକ କରାଯାଇଛି। ୧୦ଟି ଦଳକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କାରାଯାଇଛି। ଏପ୍ରିଲ ୨୩ରେ ଫାଇନାଲ ମୁକାବିଲା ଖେଳାଯିବ। ପୂର୍ବତନ ଓଡ଼ିଶା ଖେଳାଳି ସଞ୍ଜୟ ଶତପଥୀ ଏହି ଲିଗ୍‌ରେ ଖେଳିବେ।

## ଚ୍ୟାଲେଞ୍ଜର ଟ୍ରଫି ଖେଳିବେ ସୁଶ୍ରୀ



**କଟକ,୨୧।୩(ସମିସ):** ଜାତୀୟ ବରିଷ୍ଠ ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଚ୍ୟାଲେଞ୍ଜର ଟ୍ରଫି ନିମନ୍ତେ ଶୁକ୍ରବାର ବିସିସିଆଇ ପକ୍ଷରୁ ଦଳ ଘୋଷଣା ହୋଇଛି। ଏକମାତ୍ର ଓଡ଼ିଆ ଖେଳାଳି ସୁଶ୍ରୀ ଦିବ୍ୟଦର୍ଶିନୀ ଚ୍ୟାଲେଞ୍ଜର ଟ୍ରଫି ନିମନ୍ତେ ଗଠିତ ଦଳରେ ରହିଛନ୍ତି। ରାଜ୍ୟ ବରିଷ୍ଠ ଦଳରୁ ପ୍ରତିନିଧିତ୍ୱ କରୁଥିବା ଅଲରାଉଣ୍ଡର ସୁଶ୍ରୀ 'ସି' ଦଳରେ ସ୍ଥାନ ପାଇଛନ୍ତି। ଆସନ୍ତା ୨୨ରୁ ୮ ତାରିଖ ପର୍ଯ୍ୟନ୍ତ ଡେରାଡୁନ୍‌ରେ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ ସୁଶ୍ରୀଙ୍କୁ ଶୁଭେଚ୍ଛା ଜଣାଯାଇଛି।

**● ଖେଲୋ ଇଣ୍ଡିଆ ପାରା କ୍ରୀଡ଼ା**

## ଜୟନ୍ତୀଙ୍କୁ ସ୍ୱର୍ଣ୍ଣିମ ସଫଳତା



**ଭୁବନେଶ୍ୱର,୨୧।୩(ସମିସ):** ନୂଆଦିଲ୍ଲୀରେ ଚାଲିଥିବା ଖେଲୋ ଇଣ୍ଡିଆ ପାରା କ୍ରୀଡ଼ାରେ ମହିଳା ପାରା ଆଥଲେଟ ଜୟନ୍ତୀ ବେହେରା ରାଜ୍ୟ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ଟି-୪୭ ୧୦୦ମିଟର ଇଭେଣ୍ଟରେ ୧୩.୭୧ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନରେ ରହି ଏହି ସଫଳତା ପାଇଛନ୍ତି। ଆନ୍ଧ୍ରପ୍ରଦେଶର ଭବାନୀ ଭାଲାସାମଗାରୀ ୧୩.୯୬ ସେକେଣ୍ଡ ସମୟନେଇ ରୌପ୍ୟ ଓ ପଞ୍ଜାବର ନିଶୁ ୧୫.୧୪ ସେକେଣ୍ଡ ସମୟ ସହ କାଂସ୍ୟ ପଦକ ହାସଲ କରିଛନ୍ତି।

### ଜାନକୀ ଓରାମଙ୍କୁ ରୌପ୍ୟ



ଅନ୍ୟତମ ଓଡ଼ିଆ ପାରା ମହିଳା ଧାବିକା ଜାନକୀ ଓରାମ ମହିଳା ଟି-୧୨ ୧୦୦ମିଟର ଦୌଡ଼ରେ ୧୪.୭୯ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ଜିତିଛନ୍ତି। କିନ୍ତୁ ଗୋଆର ସାକ୍ଷୀ କାଲେ ୧୪.୪୭ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ଓ ଦିଲ୍ଲୀର ସୁଧା ମୁସ୍କା ୧୫.୨୦ ସେକେଣ୍ଡ ସହ କାଂସ୍ୟ ପଦକ ହାସଲ କରିଛନ୍ତି।

**● ବଦଳିଲା ଫାଓ ଲିଗ୍ ଦଳ ଗଠନ ନିୟମ**

## ପ୍ରତି ଦଳରେ ରହିବେ ୫ ବାହାର ରାଜ୍ୟ ଖେଳାଳି

**କଟକ,୨୧।୩(ସମିସ):** ଆସନ୍ତା ଜୁଲାଇ ପ୍ରଥମ ସପ୍ତାହରୁ ଫାଓ ଲିଗ୍ ଆରମ୍ଭ ହେବ। ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ପକ୍ଷରୁ ଆୟୋଜିତ ଏକ ପ୍ରସ୍ତୁତି ବୈଠକରେ ଲିଗ୍ ପରିଚାଳନା ନେଇ ଆଲୋଚନା ହୋଇଛି। ତେବେ ପ୍ରତିଯୋଗିତାରେ ଭାଗ ନେଉଥିବା କ୍ଲବମାନଙ୍କ ନିମନ୍ତେ ଏକ ନିର୍ଦ୍ଦିଷ୍ଟ ମାର୍ଗଦର୍ଶିକା ଜାରି ହୋଇଛି। ପ୍ରତ୍ୟେକ କ୍ଲବ ଅତିବେଶୀରେ ୫ଜଣ ରାଜ୍ୟ ବାହାରର ଖେଳାଳିଙ୍କୁ ଟୁର୍ଣ୍ଣାମେଣ୍ଟରେ ସାମିଲ କରିପାରିବେ। ଏମାନଙ୍କ ଭିତରୁ ୩ଜଣ ଚୂଡାନ୍ତ ଏକାଦଶରେ ସ୍ଥାନ ପାଇବେ। ସେହିପରି ୧୯ ବର୍ଷରୁ କମ୍ ବୟସ ବର୍ଗର ୪ଜଣ ଜଣ ଖେଳାଳିଙ୍କୁ ପ୍ରତ୍ୟେକ କ୍ଲବ ଦଳରେ ନେବେ। ଏମାନଙ୍କ ଭିତରୁ ୨ଜଣଙ୍କୁ ଚୂଡାନ୍ତ ଦଳରେ ସାମିଲ କରିବେ। ଏପ୍ରିଲ ପହିଲାରୁ ଖେଳାଳି ପଞ୍ଜୀକରଣ ଆରମ୍ଭ ହେବ। ସେହିପରି ଆସନ୍ତା ମେ'ରେ କଟକ ଏବଂ ଭୁବନେଶ୍ୱରରେ ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା ଫୁଟବଲ ଚାମ୍ପିଅନସିପ୍ ଖେଳାଯିବ। ପ୍ରଦର୍ଶନ ଦୃଷ୍ଟିରୁ ଫାଓ ଲିଗ୍ ନିମନ୍ତେ ଖେଳାଳି ବଛାଯିବେ। ଫାଓ ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ସମସ୍ତ ପଦାଧିକାରୀ ଉପସ୍ଥିତ ଥିଲେ।

**● ଜାତୀୟ ମହିଳା ହକି ଲିଗ୍**

## ଓଡ଼ିଶାର ପ୍ରଥମ ପରାଜୟ

**ଭୁବନେଶ୍ୱର, ୨୧।୩ (ସମିସ):** ରାଞ୍ଚିରେ ଚାଲିଥିବା ଜାତୀୟ ମହିଳା ହକି ଲିଗ୍ ଫାଇନାଲ ପର୍ଯ୍ୟାୟରେ ଓଡ଼ିଶା ପ୍ରଥମ ପରାଜୟବରଣ କରିଛି। ଶୁକ୍ରବାର ଅନୁଷ୍ଠିତ ଏକ ମ୍ୟାଚରେ ମଧ୍ୟପ୍ରଦେଶ ୧-୦ ଗୋଲରେ ଓଡ଼ିଶା ମହିଳା ଦଳକୁ ହରାଇଦେଇଛି। ମ୍ୟାଚର ୪୨ତମ ମିନିଟ୍‌ରେ ସ୍ନେହା ପଟେଲ ମଧ୍ୟପ୍ରଦେଶ ପକ୍ଷରୁ ଏହି ବିଜୟସୂଚକ ଗୋଲଟି ଦେଇଥିଲେ। ପୂର୍ବରୁ ଓଡ଼ିଶା ପ୍ରଥମ ଦୁଇ ମ୍ୟାଚରେ ଯଥାକ୍ରମେ ବେଙ୍ଗଲ ଓ ମହାରାଷ୍ଟ୍ରକୁ ୧-୦ ଗୋଲରେ ପରାସ୍ତ କରିଥିଲା। ଓଡ଼ିଶା ଏବେ ୩ ମ୍ୟାଚ୍ ଖେଳି ୬ ପଏଣ୍ଟ ସହ ୮ ଦଳୀୟ ଟେବଲ୍‌ର ୪ର୍ଥ ସ୍ଥାନରେ ରହିଛି। ସେହିଭଳି ମଧ୍ୟପ୍ରଦେଶ ସମାନ ୬ ପଏଣ୍ଟ ପାଇ ଗୋଲ୍ ବ୍ୟବଧାନ ଦୃଷ୍ଟିରୁ ୩ୟ ସ୍ଥାନକୁ ଉଠିଛି।

---

**ତୃତୀୟ ଟି-୨୦ରେ ନ୍ୟୁଜିଲାଣ୍ଡର ଶୋଚନୀୟ ପରାଜୟ**

# ନୱାଜଙ୍କ ଶତକରେ ପାକିସ୍ତାନର ରେକର୍ଡ ବିଜୟ

**ଡୁନେଦିନ, ୨୧।୩ (ଏଜେନ୍ସି):** ନବାଗତ ଓପନର ହାସନ ନୱାଜଙ୍କ ବିସ୍ଫୋରକ ଶତକୀୟ ପାଳି ବଳରେ ଶୁକ୍ରବାର ଏଠାରେ ଅନୁଷ୍ଠିତ ୩ୟ ଟି-୨୦ରେ ପାକିସ୍ତାନ ରେକର୍ଡ ୯ ୱିକେଟ୍‌ରେ ଘରୋଇ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ୨୦୫ ରନର ଲକ୍ଷ୍ୟକୁ ପାକିସ୍ତାନ ୧୬ ଓଭରରେ ହାସଲ କରି ବିଶ୍ୱରେକର୍ଡ କରିଛି। ପୂର୍ବରୁ ପ୍ରଥମ ଦୁଇଟି ମ୍ୟାଚକୁ ଯଥାକ୍ରମେ ୯ ୱିକେଟ୍ ଓ ୫ ୱିକେଟ୍‌ରେ ପରାସ୍ତ ହୋଇଥିବା ପାକିସ୍ତାନ ଏଥିସହ ସିରିଜକୁ ପ୍ରତ୍ୟାବର୍ତ୍ତନ କରିଛି। ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ସିରିଜର ୪ର୍ଥ ମ୍ୟାଚ୍ ରବିବାର ଖେଳାଯିବ।

ତୃତୀୟ ଟି-୨୦ରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ନ୍ୟୁଜିଲାଣ୍ଡ ମାର୍କ ଚାପ୍‌ମାନଙ୍କ ଅର୍ଦ୍ଧଶତକ ବଳରେ ୧୯.୫ ଓଭରରେ ୨୦୪ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଚାପ୍‌ମାନ ୪୪ ବଲରେ ୧୧ ଚୌକା ଓ ୪ ଛକା ସହାୟତାରେ ସର୍ବାଧିକ ୯୩ ରନ କରି ଆଉଟ୍ ହୋଇଥିଲେ। ପାକିସ୍ତାନ ପକ୍ଷରୁ ହାରିସ ରୌଫ ୩ ଏବଂ ଶାହିନ ଆଫ୍ରିଦୀ, ଆବାସ ଆଫ୍ରିଦୀ ଓ ଅବ୍ରାର୍ ଅହମ୍ମଦ ୨ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ପାକିସ୍ତାନ ଡାହାଣହାତୀ ଓପନର୍ ହାସାନ ନୱାଜଙ୍କ ଅପରାଜିତ ରେକର୍ଡ ଶତକ ଓ ଅଧିନାୟକ ସଲମାନ ଆଘା (୫୧ ରନ) ଅପରାଜିତ ଅର୍ଦ୍ଧଶତକ ବଳରେ ୧୬ ଓଭରରେ ମାତ୍ର ଗୋଟିଏ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ଅନ୍ତର୍ଜାତୀୟ ଟି-୨୦ରେ ୨୦୦ରୁ ଊର୍ଦ୍ଧ୍ୱ ରନର ଟାର୍ଗେଟ୍‌କୁ ୧୬ ଓଭର ମଧ୍ୟରେ ଜିତିବା ଏହା ପ୍ରଥମ ଘଟଣା ହୋଇଛି। ୧୮ ବର୍ଷ ତଳେ ୨୦୦୭ରେ ୱେଷ୍ଟଇଣ୍ଡିଜ ପକ୍ଷରୁ ଧାର୍ଯ୍ୟ ୨୦୬ ରନର ଲକ୍ଷ୍ୟକୁ ଦକ୍ଷିଣ ଆଫ୍ରିକା ୧୭.୪ ଓଭରରେ ଜିତିଥିଲା। ୨୦୦ ରନରୁ ଊର୍ଦ୍ଧ୍ୱ ଟାର୍ଗେଟ୍‌କୁ କମ୍ ଓଭରରେ ଜିତିବାରେ ଏହା ୧୮ ବର୍ଷ ହେଲା ବିଶ୍ୱରେକର୍ଡ ଥିଲା। ସେହିଭଳି ହାସାନ ୪୪ ବଲରେ ନିଜର ଶତକ ପୂରଣ କରିଥିଲେ। ସେ ମୋଟ୍ ୪୫ ବଲରେ ୧୦୫ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଯେଉଁଥିରେ ସେ ୧୦ ଚୌକା ଓ ୭ ଛକା ମାରିଥିଲେ। ପାକିସ୍ତାନ ପାଇଁ ଟି-୨୦ କ୍ରିକେଟ୍‌ରେ ଏହା ଦ୍ରୁତତମ ଶତକ ହେବାର ରେକର୍ଡ ହୋଇଛି। ୨୦୨୧ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ବାବର ଆଜାମ ୪୯ ବଲରେ ଶତକ ଅର୍ଜନ କରିଥିଲେ।



## ୨୭ରୁ କଟକରେ ଜାତୀୟ ଉପକନିଷ୍ଠ ଅସିଚାଳନା ପ୍ରତିଯୋଗିତା

**କଟକ,୨୧।୩(ସମିସ):** ସ୍ଥାନୀୟ ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ୨୬ତମ ଜାତୀୟ ଉପକନିଷ୍ଠ ଅସିଚାଳନା ଚାମ୍ପିନଅସିପ୍ ଆସନ୍ତା ୨୭ରୁ ଖେଳାଯିବ। ଓଡ଼ିଶା ରାଜ୍ୟ ଅସିଚାଳନା ସଂଘ ଏବଂ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ୪ଦିନ ଧରି ପ୍ରତିଯୋଗିତା ହେବ। ଓସିଏ ସମ୍ମିଳନୀ କକ୍ଷରେ ଶୁକ୍ରବାର ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ଏ ବାବଦରେ ସୂଚନା ଦିଆଯାଇଛି। ବିଭିନ୍ନ ରାଜ୍ୟର ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ପ୍ରତିଯୋଗିତାର ମୋଟ୍ ବଜେଟ ହେଉଛି ୩୨ଲକ୍ଷ ଟଙ୍କା। ଭାରତୀୟ ଅସିଚାଳନା ମହାସଂଘର ପଦାଧିକାରୀ ଅତିଥି ଭାବେ ଯୋଗ ଦେବେ। ରାଜ୍ୟ ଅସିଚାଳନା ସଂଘ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସାଙ୍ଗଠନିକ ସମ୍ପାଦକ ସୁମିତ କୁମାର ପୁରୋହିତ, କୋଷାଧ୍ୟକ୍ଷ ନିର୍ମଳ ବିକାଶ ମହାପାତ୍ର, ଉପସଭାପତି ରମେଶ ଚନ୍ଦ୍ର ମଲ୍ଲିକ, ଯୁଗ୍ମ ସମ୍ପାଦକ ଶୈଳେନ୍ଦ୍ର କୁମାର ସାହୁ, ସଦସ୍ୟ ଚନ୍ଦନ ଦାସ, ସହଦେବ ରାଉତ, ତପନ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


CAREER Opportunities

ନନ୍ଦିଘୋଷ

NANDIGHOSHA Network Pvt. Ltd. invites applications for the following positions.
Candidates may send their CVs specifying positions applied for;

| Sl. No. | Positions | Experience |
|---|---|---|
| 1 | WASP Graphics Designer (ONLINE) | Minimum 3 Years. |
| 2 | Scroll Copy Editor | Minimum 3 Years. |

Please apply with one passport size colour photograph and copy of all other testimonials on or before 22nd March - 2025 by email in hr@nandighoshatv.com

*Only shortlisted candidates will be called for Interview.

Contact: 9437016499

Sd/- HR Dept.

Nandighosha Network Pvt. Ltd.
Plot No. 90 & 91, Bhagabanpur I/E, Patrapara, BBSR-751019



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS